୬୫ତମ ବର୍ଷ | ୨୪ ଏପ୍ରିଲ ୨୦୨୨ | ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

21.2.68

The best way to hasten the manifestation of the Divine's Love is to collaborate for the triumph of the Truth.



୨୧.୨.୧୯୬୮

ଦିବ୍ୟପ୍ରେମର ପ୍ରକାଶକୁ ତ୍ୱରାନ୍ୱିତ କରିବାର ଶ୍ରେଷ୍ଠ ଉପାୟ ହେଲା ସତ୍ୟର ବିଜୟରେ ସହଯୋଗୀ ହେବା ।

— ଶ୍ରୀମା

୬୫ତମ ବର୍ଷ     ୨୪ ଏପ୍ରିଲ ୨୦୨୨     ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ     ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଏପ୍ରିଲ, ୨୦୨୨]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଶ୍ରୀମା'ଙ୍କ ବାଣୀ | ... | ... | ... | ୫ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ... | ୬ |
| ପୂର୍ଣ୍ଣଯୋଗର ସର୍ତ୍ତାବଳୀ | ... | ଶ୍ରୀଅରବିନ୍ଦ | ... | ୯ |
| ଆନ୍ତର ସତ୍ୟ ସହ ମିଳିତ ହେବା | ... | ଶ୍ରୀମା | ... | ୧୧ |
| ଅନ୍ୟମାନଙ୍କ ସହିତ ଆତ୍ମିକ ଏକତା | ... | ଶ୍ରୀଅରବିନ୍ଦ | ... | ୧୩ |
| ପ୍ରେମ ଦ୍ୱାରା ଦିବ୍ୟ ପ୍ରେମର ପ୍ରତିଦାନ | ... | ଶ୍ରୀମା | ... | ୧୪ |
| ଆମ୍ଭମାନଙ୍କର ଆଶା | ... | ଶ୍ରୀଅରବିନ୍ଦ | ... | ୧୫ |
| ଶ୍ରୀଅରବିନ୍ଦଙ୍କ ସହ ମୋର ପ୍ରଥମ ସାକ୍ଷାତ୍ | ... | ଟି. ଭି. କପାଳୀ ଶାସ୍ତ୍ରୀ | ... | ୧୭ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୨ |
| ସୁନାର ସନ୍ଧାନରେ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୬ |
| ରହସ୍ୟବାଦୀମାନଙ୍କ ସିଦ୍ଧାନ୍ତ | ... | ଶ୍ରୀଅରବିନ୍ଦ | ... | ୩୦ |
| ଆଧ୍ୟାତ୍ମିକ ଆହ୍ୱାନ | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୩୨ |
| ଶ୍ରୀଅରବିନ୍ଦ ଓ ଭାରତର ଆଧ୍ୟାତ୍ମିକ ପରମ୍ପରା | ... | ଶ୍ରୀ ପ୍ରପତ୍ତି | ... | ୩୬ |
| କିମାଶ୍ଚର୍ଯ୍ୟମ୍ (ଏକ ସୁଧୀ ସମାବେଶରେ ପ୍ରଶ୍ନୋତ୍ତର ଲିପି) | ... | ଶ୍ରୀ ମନୋଜ ଦାସ | ... | ୩୯ |
| ମୃତ୍ୟୁ ପରବର୍ତ୍ତୀ ଜୀବନ | ... | ମମତା ଦାଶ | ... | ୪୨ |
| ପୂଜ୍ୟ : ପ୍ରଣାମ | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୪୬ |
| ଆତ୍ମୀୟତାର ଏକ ମଧୁର ଆଲେଖ୍ୟ – ମଧୁଭାଇନା | ... | ଜୟନ୍ତୀ | ... | ୪୯ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ବୌଦ୍ଧମାର୍ଗରେ ଶ୍ୱାସ-ପ୍ରଶ୍ୱାସର ସାଧନା | ... | ... | ... | ୫୨ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ମୃତ୍ୟୁ ପରେ ? | ... | ଶ୍ରୀମା | ... | ୫୫ |

**ଶେଷ ପୃଷ୍ଠା**

| | | | | |
|---|---|---|---|---|
| ନୂଆ ଯୁଗରେ ଶାସନ | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୯ |


❖

# ଶ୍ରୀମା'ଙ୍କ ବାଣୀ

All theories, all teachings are, from the ultimate stand point, nothing but ways of seeing and saying. Even the very highest revelations are worth no more than the power of realisation that comes with them.

To live the Supreme Truth, even though for a minute, is worth more than writing or reading hundreds of books on the methods or processes by which to find it.

(Bulletin, Feb. 2010, p. 54) – The Mother

ଚୂଡ଼ାନ୍ତ ଦୃଷ୍ଟିକୋଣରୁ ଦେଖିଲେ ସମସ୍ତ ତତ୍ତ୍ୱ, ସମସ୍ତ ଶିକ୍ଷା, ଦେଖିବାର ଓ କହିବାର ବିଭିନ୍ନ ଧାରା ବ୍ୟତୀତ ଅନ୍ୟ କିଛି ନୁହେଁ । ଏପରିକି ସର୍ବୋଚ୍ଚ ପ୍ରକାଶସବୁରେ ମଧ୍ୟ ସେଗୁଡ଼ିକ ନିଜ ସଙ୍ଗରେ ନେଇ ଆସୁଥିବା ଉପଲବ୍ଧିର ଶକ୍ତି ବ୍ୟତୀତ ଅଧିକ ମୂଲ୍ୟ କିଛି ନାହିଁ ।

ପରମ ଦିବ୍ୟସତ୍ୟକୁ ନେଇ ବାସ କରିବା, ଏପରିକି ଗୋଟିଏ ମିନିଟ ପାଇଁ ମଧ୍ୟ, ତାହାକୁ ଲାଭ କରିବା ନିମନ୍ତେ ପଦ୍ଧତି ଓ ପ୍ରଣାଳୀ ଉପରେ ଶହ ଶହ ପୁସ୍ତକର ପଠନ ଓ ଲିଖନ ଅପେକ୍ଷା ଅନେକ ଅଧିକ ମୂଲ୍ୟବାନ୍ ।

– ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ବାଣୀ

Not to go on for ever repeating what man has already done is our work, but to arrive at new realisations and undreamed-of masteries. Time and soul and world are given us for our field, vision and hope and creative imagination stand for our prompters, will and thought and labour are our all-effective instruments.

(*Thoughts and Glimpses*, SABCL,Vol. 16, pp. 378-79) – Sri Aurobindo

ମଣିଷ ଯାହା କରି ସାରିଛି, ଚିରକାଳ ପାଇଁ ସେଇଗୁଡ଼ିକର ପୁନରାବୃତ୍ତି କରି ଚାଲିବା ଆମର କାମ ନୁହେଁ । କିନ୍ତୁ ଆମର କାମ ହେଉଛି ଏପରି ସବୁ ନୂତନ ସିଦ୍ଧିରେ ପହଞ୍ଚିବା ଓ ଏପରି ସବୁ ରହସ୍ୟର ଉଦ୍‌ଘାଟନ କରିବା ଯାହାକୁ କେହି ସ୍ୱପ୍ନରେ ମଧ ଦେଖି୍ ନାହାନ୍ତି । ଆମର କ୍ଷେତ୍ର ରୂପେ ଆମକୁ ଦିଆ ଯାଇଛି ସମୟ, ଆତ୍ମା ଓ ଜଗତ୍; ଦୃଷ୍ଟି, ଆଶା ଓ ସୃଜନଶୀଳ କଳ୍ପନା ଆମକୁ ଦିଅନ୍ତି ସଂଳାପର ଗୋପନ ଇଙ୍ଗିତ, ସଂକଳ୍ପ, ବିଚାର ଓ ଶ୍ରମ ହେଉଛି ଆମର ସର୍ବ ଫଳପ୍ରଦ ଯନ୍ତ୍ର ଓ ଉପାୟ ।

— ଶ୍ରୀଅରବିନ୍ଦ



# ପୂର୍ଣ୍ଣଯୋଗର ସର୍ତ୍ତାବଳୀ

## ଶ୍ରୀଅରବିନ୍ଦ

ସାଧନା-ଶୃଙ୍ଖଳାରେ ଯେଉଁ ଜିନିଷଟି ପ୍ରଥମେ ଆବଶ୍ୟକ ତାହା ହେଉଛି ଆତ୍ମସଂଯମ ।

ତହିଁରେ ପ୍ରଥମ ଉପାଦାନଟି ହେଉଛି ଯୋଗର ନିୟମ ଓ ଶୃଙ୍ଖଳା ପ୍ରତି ଆନୁଗତ୍ୟ ।

ସମସ୍ତ ବାଧାବିଘ୍ନ ଉପରେ ବିଜୟଲାଭ କରାଯାଇ ପାରେ କିନ୍ତୁ ସେଥିପାଇଁ ସର୍ତ୍ତ ହେଉଛି ଯୋଗର ମାର୍ଗ ପ୍ରତି ଐକାନ୍ତିକ ନିଷ୍ଠା ।

ଏହି ମାର୍ଗ ଗ୍ରହଣ କରିବା ପାଇଁ କାହା ଉପରେ କୌଣସି ବାଧବାଧକତା ନାହିଁ କିନ୍ତୁ ଥରେ ଏହାକୁ ଗ୍ରହଣ କଲେ ଶେଷ ପର୍ଯ୍ୟନ୍ତ ଅନୁସରଣ କରିବାକୁ ହେବ । ତା' ନ ହେଲେ କୌଣସି ଅଗ୍ରଗତି ବା ସାଫଲ୍ୟ ସମ୍ଭବପର ନୁହେଁ ।

ଯୋଗର ପଥ ଖୁବ୍ ଆୟାସସାଧ୍ୟ ଓ ବିଘ୍ନସଂକୁଳ — ଏହି ପଥ କେବଳ ବୀର ଓ ସମର୍ଥ ଆତ୍ମାମାନଙ୍କ ପାଇଁ, ଦୁର୍ବଳ ଚିତ୍ତମାନଙ୍କ ପାଇଁ ନୁହେଁ ।

ଏହି ଯୋଗର ଯଥାର୍ଥ ଭିତ୍ତିକୁ ସ୍ମରଣ ରଖ ।

ଏହା ପ୍ରଚଳିତ ଭକ୍ତିମାର୍ଗର ତୀବ୍ର ଆବେଗମୟତା ଉପରେ ପ୍ରତିଷ୍ଠିତ ନୁହେଁ — ଯଦିଓ ଏଥିରେ ଭିନ୍ନ ଏକ ଧରଣର ଭକ୍ତି ରହିଛି — କିନ୍ତୁ ଏହି ଭକ୍ତି ସମତା ଓ ଆତ୍ମସମର୍ପଣ ଉପରେ ପ୍ରତିଷ୍ଠିତ ।

ନିଜର ଇଚ୍ଛାକୁ ଜାହିର କରିବା ନୁହେଁ, ଭଗବତ୍ ସଂକଳ୍ପ ପ୍ରତି ଆଜ୍ଞାନୁବର୍ତ୍ତିତା ଏହାର ପ୍ରଥମ ମନ୍ତ୍ର ।

କୌଣସି ସମ୍ପୂର୍ଣ୍ଣ ଉତ୍ସର୍ଗ କେବେହେଲେ ସମ୍ଭବ ହେବ ନାହିଁ, ଯଦି ତୁମ ଭିତରେ କୌଣସି ବିଦ୍ରୋହର ଭାବ ବା ଉଗ୍ର ଧୈର୍ଯ୍ୟହୀନତାର ଭାବ ରହିଥାଏ ।

ବିଦ୍ରୋହ ବା ଧୈର୍ଯ୍ୟହୀନତା ସର୍ବଦା ସୂଚାଇ ଦିଏ ଯେ ତୁମ ସତ୍ତାର ଗୋଟିଏ ଅଂଶ ବା ସତ୍ତା ଭିତରେ ଏପରି କିଛି ଜିନିଷ ରହିଛି ଯାହା ଭଗବାନଙ୍କ ବଶ୍ୟତା ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ, ତାଙ୍କ ପାଖରେ ନିଜକୁ ଦେଇ ଦେଇ ନାହିଁ, ତାହା ଜିଦ୍ କରୁଛି ଭଗବାନ୍ ତାଙ୍କ ନିଜ ବାଟ ଛାଡ଼ି ତା'ର ଇଚ୍ଛାକୁ ମାନି ନିଅନ୍ତୁ ।

ସାଧାରଣ ଭକ୍ତିମାର୍ଗରେ ଏହା ବେଶ୍ ଚଳିପାରେ କିନ୍ତୁ ଅଧ୍ୟାତ୍ମ ଯୋଗରେ ଏହାର କୌଣସି ସ୍ଥାନ ନାହିଁ ।

ବିଦ୍ରୋହ ଓ ଧୈର୍ଯ୍ୟହୀନତାର ଭାବ ପ୍ରାଣ ବା ହୃଦୟରେ ଆସିପାରେ, ଯେପର୍ଯ୍ୟନ୍ତ ସତ୍ତାର ଏହି ଅଂଶଗୁଡ଼ିକ ଅପୂର୍ଣ୍ଣତା ବା ଅଶୁଦ୍ଧିର କବଳ ଓ ପ୍ରଭାବରୁ ମୁକ୍ତ ହୋଇ ନ ଥା'ନ୍ତି; କିନ୍ତୁ ସେହି କ୍ଷେତ୍ରରେ ବୁଦ୍ଧିରେ ରହିଥିବା ସଂକଳ୍ପ ଓ ବିଶ୍ୱାସ ସେଗୁଡ଼ିକୁ ଯେପରି ପ୍ରତ୍ୟାଖ୍ୟାନ କରନ୍ତି ତାହାହିଁ ପ୍ରଧାନ କଥା, ଦେଖିବାକୁ ହେବ ଯେପରି ସେଗୁଡ଼ିକୁ ଗ୍ରହଣ କରି ସେଇ ଅନୁସାରେ କାମ କରା ନ ଯାଏ ।

ଯଦି ତୁମର ଇଚ୍ଛାଶକ୍ତି ସେଗୁଡ଼ିକୁ ସମ୍ମତି ଦିଏ, ଯଦି ସେଗୁଡ଼ିକୁ ଅନୁମୋଦନ ଓ ସମର୍ଥନ କରେ ତାହାର ଅର୍ଥ ହେଉଛି ତୁମେ ତୁମ ଅନ୍ତରସ୍ଥ ଶତ୍ରୁରହିଁ ପକ୍ଷ ଗ୍ରହଣ କରୁଛ ଏବଂ ପ୍ରତ୍ୟେକଥର ଯେତେବେଳେ ଏହା ଘଟେ, ଶତ୍ରୁର ଶକ୍ତିବୃଦ୍ଧି ହୁଏ ଏବଂ ଶୁଦ୍ଧି ସ୍ଥଗିତ ହୁଏ ।

ଏହି ପାଠଟି ଶିକ୍ଷା କରିବା ଖୁବ୍ କଷ୍ଟସାଧ୍ୟ କିନ୍ତୁ ପ୍ରତ୍ୟେକ ଯୋଗୀକୁ ଏହା ଆୟତ୍ତ କରିବାକୁ ହେବ, ପୁଙ୍ଖାନୁପୁଙ୍ଖ ଭାବରେ ଶିକ୍ଷା କରିବାକୁ ହେବ ।

ଏପରିକି ଏହାର ନୀତି ବା ତତ୍ତ୍ୱଟିକୁ ମଧ୍ୟ ଯଥେଷ୍ଟ ଭଲ ଭାବରେ ଜାଣିବା ଖୁବ୍ କଠିନ, ପ୍ରକୃତରେ ଅତ୍ୟନ୍ତ କଠିନ, ଏ କ୍ଷେତ୍ରରେ ନିମ୍ନ ପ୍ରକୃତିକୁ ଆୟତ୍ତ କରିବା ଆହୁରି ଶହେଗୁଣ ଅଧିକତର କଠିନ ।

ତୁମର ଶତ୍ରୁ 'ବାସନା-କାମନା' ସଙ୍ଗେ କେବେହେଲେ ମିଳିମିଶି ଏକତ୍ର ସହଯୋଗ କର ନାହିଁ !

ଶୁଦ୍ଧିର କ୍ରିୟାରେ କେବଳ ତୁମର ଗୁରୁଙ୍କ ସହିତ ପୂର୍ଣ୍ଣ ଓ ସଚେତନ ଭାବରେ ସହଯୋଗ କର ।

ଆମ ଯୋଗର ଏହାହିଁ ହେଉଛି ଅସଲ ଚାବିକାଠି ଓ ମୂଳମନ୍ତ୍ର ।

ଯୋଗରେ ଶୁଦ୍ଧି ହେଉଛି ସବୁଠୁ କଷ୍ଟସାଧ୍ୟ ଅଂଶ; ବାକି ସବୁଥିରେ ସାଫଲ୍ୟ ପାଇଁ ଏହାହିଁ ହେଉଛି ସର୍ତ୍ତ ।

ଯଦି ଥରେ ଏ କ୍ଷେତ୍ରରେ ବିଜୟ ହାସଲ କରାଯାଏ, ତେବେ ଯଥାର୍ଥ ବିଜୟ ସମ୍ପନ୍ନ ହେଲା ବୋଲି ଜାଣିବ । ତେଣିକି ଏକ ନିର୍ଭରଯୋଗ୍ୟ ନିଶ୍ଚିତତାର ଭିତ୍ତି ଉପରେ ଯାହାକିଛି ଗଢ଼ି ତୋଳିବା ଅପେକ୍ଷାକୃତ ସହଜ ହୋଇଯାଏ, ସେଥିପାଇଁ ଦୀର୍ଘ

ସମୟ ବା ଅଳ୍ପ ସମୟ ଲାଗିପାରେ କିନ୍ତୁ ଧୀର ସ୍ଥିର ଓ ଶାନ୍ତ ଭାବରେ ଦୃଢ଼ ଓ ନିଶ୍ଚିତ ପଦକ୍ଷେପ ନେଇ ଏହା ସମ୍ପନ୍ନ କରାଯାଇପାରେ ।

ଶୁଦ୍ଧିର କାମରେ ବାଧା ଦେବା ପାଇଁ ତୁମ ଭିତରେ ଓ ତୁମ ଚତୁଃପାର୍ଶ୍ୱରେ ରହିଥିବା ନିମ୍ନପ୍ରକୃତି ତା'ର ସମସ୍ତ ଉଦ୍ୟମ ଖଟାଇବ ଓ ତା'ର ସମସ୍ତ ଶକ୍ତି ବ୍ୟୟ କରିବ ଏବଂ ଏପରିକି ଯେତେବେଳେ ଏହା ବାଧା ଦେଇପାରିବ ନାହିଁ ସେତେବେଳେ ଏହା ତୁମର ଗତିକୁ ମନ୍ଥର କରିବା ପାଇଁ, ତୁମର ସାଫଲ୍ୟକୁ ବିଳମ୍ବିତ କରିବା ପାଇଁ ଚେଷ୍ଟା କରିବ ।

ସେତେବେଳେ ଏହାର ସବୁଠୁ ଶକ୍ତିଶାଳୀ ଅସ୍ତ୍ର ହେଉଛି ଯେତେବେଳେ ତୁମେ ମନେ କରିବ ଯେ ତୁମେ ଏ ଦିଗରେ କୃତକାର୍ଯ୍ୟ ହୋଇଛ, ସେତେବେଳେ ହଠାତ୍ ଏହା ତୁମ ଉପରେ ଝାମ୍ପି ପଡ଼ିବ ଏବଂ ତୁମକୁ ବୁଝାଇ ତୁମର ହୃଦ୍‌ବୋଧ କରାଇଦେବ ଯେ ତୁମେ ପ୍ରକୃତରେ ସଫଳ ହୋଇ ନାହଁ, ଏହା ଏପର୍ଯ୍ୟନ୍ତ ତୁମଠାରୁ ବହୁ ଦୂରରେ ଅପହଞ୍ଚ ହୋଇ ରହିଛି ଏବଂ ଏହି ଭାବରେ ଏହା ତୁମ ଭିତରେ ଆଣିଦେବ ହତାଶ, ଦୁଃଖ, ଅବିଶ୍ୱାସ, ହତୋତ୍ସାହ, ବିଷାଦ ଓ ବିଦ୍ରୋହ – ବାଧାବିଘ୍ନର ଏହି ପୂରା ସୈନ୍ୟବାହିନୀ ଯେଉଁମାନେ ଅଶୁଦ୍ଧ କାମନାବାସନାର ଆଜ୍ଞା ଓ ନିର୍ଦ୍ଦେଶକୁ ଅପେକ୍ଷା କରିଥାଆନ୍ତି, ସେମାନଙ୍କ ଉନ୍ମତ୍ତ ଆକ୍ରମଣ ଆରମ୍ଭ ହୋଇଯିବ ।

ଯଦି ତୁମେ ଥରେ ନୀରବ, ନିଶ୍ଚଳତା, ମନର ପ୍ରଶାନ୍ତି, ଦୃଢ଼ ବିଶ୍ୱାସ, ସମତାର ଅନୁଭୂତି ପାଇଛ ଓ କିଛିକାଳ ପାଇଁ ସେହି ଅନୁଭୂତିରେ ବାସ କରିବାକୁ ସମର୍ଥ ହୋଇଛ, ତା'ହେଲେ କେବଳ ତୁମେ ନିଶ୍ଚିତ ହୋଇପାରିବ ଯେ ଶୁଦ୍ଧିର ଭିତ୍ତି ପ୍ରସ୍ତୁତ ହୋଇଛି । କିନ୍ତୁ ତଥାପି ତୁମେ ଭାବିବ ନାହିଁ ଯେ ତାହା ବରାବର ସେହିପରି ଅକ୍ଷୁଣ୍ଣ ରହିବ, ତହିଁରେ କିଛି ଗୋଳମାଳ ଦେଖା ଦେବ ନାହିଁ । ଯେପର୍ଯ୍ୟନ୍ତ ତୁମ ହୃଦୟ ଓ ପ୍ରାଣରେ ପୁରୁଣା ଗତିବୃତ୍ତିସବୁକୁ ସମ୍ମତି ଓ ଉତ୍ତର ଦେବାର କ୍ଷମତା ରହିଥିବ, ସେହିସବୁ ପୁରୁଣା ତାରର କମ୍ପନରେ ସ୍ପନ୍ଦିତ ହେବାର କୌଣସି ସ୍ମୃତି ବା ଅଭ୍ୟାସ ଥିବ, ସେପର୍ଯ୍ୟନ୍ତ ସେହିସବୁ ଗୋଳମାଳର ବିପଦ ବରାବର ରହିଥିବ ।

ଯେଉଁ ଗୋଟିଏ ଜିନିଷ ଆବଶ୍ୟକ ତା' ହେଉଛି, ଯେତେବେଳେ ସେହିସବୁ ପୁରୁଣା ଗୋଳମାଳ ନୂଆ ରୂପ ନେଇ ଫେରିଆସେ ସେତେବେଳେ ତୁମ ମନ ଓ ପ୍ରାଣରେ ସେସବୁଥିରୁ ଅଲଗା ହୋଇ, ପଛକୁ ହଟି ଛିଡ଼ା ହେବ । ଯେତେବେଳେ ନିମ୍ନତର ସତ୍ତାରେ ସେହି ଗତିବୃତ୍ତିଗୁଡ଼ିକ ନାନା ବିକ୍ଷୋଭ ଓ ଆଲୋଡ଼ନ ସୃଷ୍ଟି କରୁଥିବେ, ସେସବୁ ପ୍ରତି ତୁମ ଉଚ୍ଚତର ସତ୍ତାର କୌଣସି ସମ୍ମତି ଦେବାକୁ ଅସ୍ୱୀକାର କରିବ ।

ଅସ୍ୱୀକାର ବା ପ୍ରତ୍ୟାଖ୍ୟାନର ଏହି ଅଭ୍ୟାସ ଯେତେବେଳେ ନିଜକୁ ସମର୍ଥଭାବେ ଜାହିର କରିବ – ପ୍ରଥମେ ହୁଏତ ଏହା ସଫଳତାର ସହିତ କରାଯାଇ ପାରିବ ନାହିଁ, ସେହି ବିକ୍ଷୋଭ ଓ ଝଡ଼ଝଞ୍ଜାରେ ବୁଦ୍ଧି ହୁଏତ ସାମୟିକ ଭାବେ ବାଟବଣା ହୋଇ ଯାଇପାରେ – କ୍ରମଶଃ ଦେଖାଯିବ ଯେ ଅଶୁଦ୍ଧି ଯଦିଓ ପୁଣି ଫେରି ଆସୁଛି ତଥାପି ଏହାର ତୀବ୍ରତା ଓ ପ୍ରବଳତା ଅନେକ କମି ଯାଉଛି ଓ ଅଧିକରୁ ଅଧିକ ଏହା ଏକ ବାହାରର ଜିନିଷ ହୋଇଯାଉଛି, ବାହାରୁ ଆସୁଥିବା ଏକ କ୍ଷଣସ୍ଥାୟୀ ନିସ୍ତେଜ ସ୍ପର୍ଶ ଛଡ଼ା ଅଧିକ କିଛି ହୋଇ ରହୁ ନାହିଁ ଏବଂ ଶେଷରେ ଏହା ଆଦୌ ଆସିବ ନାହିଁ ।

ଏହି ଭାବରେହିଁ ଅଗ୍ରଣୀ ପଥପ୍ରଦର୍ଶକମାନେ ନିମ୍ନ ପ୍ରକୃତିର ଅରଣ୍ୟ ଭିତରେ ଜଙ୍ଗଲ କାଟି ନିଜର ମାର୍ଗ ରଚନା କରି ଯାଇଛନ୍ତି ।

ଏହି ଭାବରେହିଁ ସେମାନେ ନିଜକୁ ପ୍ରସ୍ତୁତ କରିବେ ଯେଉଁମାନେ ଗୁରୁଙ୍କର ଆଧ୍ୟାତ୍ମିକ ଭାର ଲାଘବ କରିବାକୁ ସାହସର ସହିତ ଆଗେଇ ଆସନ୍ତି ଓ ସେହି ମାର୍ଗରେ ଅନ୍ୟମାନଙ୍କୁ ନେତୃତ୍ୱ ଓ ସହାୟତା ଦେଇ ଆଗେଇ ନେବା ପାଇଁ କିଛିଟା ବଛା ହୋଇଛନ୍ତି ।

ସେମାନେ ଯେପରି ସେହି ଭାର ଗ୍ରହଣ କରିବା ପାଇଁ କୌଣସି ଭୀରୁତା ବା କୁଣ୍ଠା ପ୍ରଦର୍ଶନ କରି ପଛଘୁଞ୍ଚା ନ ଦିଅନ୍ତି ଏବଂ ସେମାନଙ୍କ ପାଇଁ ସବୁକିଛି ଶୀଘ୍ର ଓ ସହଜ କରିଦେବା ପାଇଁ ଦାବି କରି ନ ବସନ୍ତି ।

ଦିବ୍ୟଗୁରୁ ଚାହାନ୍ତି ସମର୍ଥ ମଣିଷ, ଭାବାବେଗପୂର୍ଣ୍ଣ ଅପରିଣତ ଶିଶୁମାନଙ୍କୁ ନୁହେଁ ।

ଦିବ୍ୟଗୁରୁ ଦାବି କରନ୍ତି ସହ୍ୟ କରିବାର ଶକ୍ତି, ଦୃଢ଼ତା, ବୀରତ୍ୱ – ଯଥାର୍ଥ ଆଧ୍ୟାତ୍ମିକ ବୀରତ୍ୱ – ସେ ଦାବି କରନ୍ତି ମନୁଷ୍ୟତ୍ୱ... ଓ ତତ୍‌ପରେ ଦେବଭାବାପନ୍ନ ମନୁଷ୍ୟତ୍ୱ ।

(SABCL, Vol. 17, pp. 154 - 56)

# ଆନ୍ତର ସତ୍ୟ ସହ ମିଳିତ ହେବା

## ଶ୍ରୀମା

ଆଧୁନିକ ସଭ୍ୟତାର ମଣିଷ କେବଳ ବାହ୍ୟ, ଉପରି ଭାଗରେ କାମ କରେ । ଅସ୍ତିତ୍ୱର ଉପରି ଭାଗରେ ରହିଛି ମନ, ମଣିଷମାନେ ଏହି ଉପରି ଭାଗରେହିଁ କାମ କରନ୍ତି ଏବଂ ତା' ପଛରେ ରହିଥିବା ଦିବ୍ୟ ସତ୍ୟଟିକୁ ଜାଣିବାକୁ ଚେଷ୍ଟା କରନ୍ତି ଅଧିକରୁ ଅଧିକ ଗଭୀର ଅଧ୍ୟୟନ ଦ୍ୱାରା । ଅଥଚ ପ୍ରକୃତ ପଦ୍ଧତିଟି ହେଉଛି ସିଧା ସିଧା ଆନ୍ତର ସତ୍ୟ ସହ ପ୍ରତ୍ୟକ୍ଷ ସମ୍ପର୍କ ଭିତରକୁ ପ୍ରବେଶ କରିବା ଏବଂ ତାହାର ପ୍ରେରଣାରେ, ତାହାଦ୍ୱାରା ଚାଳିତ ହୋଇ ଏକ ବାହ୍ୟଗଠନ ତିଆରି କରିବା, ଯାହା ସତ୍ୟର ସନ୍ଧାନ ନୁହେଁ, ଯାହା ହେଉଛି ଦିବ୍ୟ ସତ୍ୟର ଏକ ନିର୍ମାଣ ବା ସୃଷ୍ଟି; ଅର୍ଥାତ୍ ଏକ ଦିବ୍ୟ ସତ୍ୟଶକ୍ତି ବାହ୍ୟ ଭାବରେ ନିଜକୁ ସଂସିଦ୍ଧ କରୁଛି ମାନବୀୟ ଯନ୍ତ୍ର ଜରିଆରେ ।

ମଣିଷମାନେ ସବୁବେଳେ ଯୋଜନା କରନ୍ତି, ମାନସିକ ଗଠନସବୁ କରନ୍ତି ଏବଂ ତାହାରି ଭିତ୍ତି ଉପରେ କିଛି ସୃଷ୍ଟିକୁ ରୂପ ଦେବାକୁ ଚାହାନ୍ତି । କିନ୍ତୁ ଗୋଟିଏ ହେଲେ ମନୁଷ୍ୟସୃଷ୍ଟ ଜିନିଷ ଦ୍ୱାରା ସେମାନଙ୍କ ମାନସିକ ଗଠନର ପୂର୍ଣ୍ଣ ରୂପାୟଣ ହୋଇପାରେ ନାହିଁ । ସେମାନେ ସବୁବେଳେ ତହିଁରେ ଆଉ କିଛି ଯୋଗ କରନ୍ତି, ମିଶ୍ରଣ କରନ୍ତି କିଂବା ବରାବର ଅନ୍ୟ ଏକ ଶକ୍ତିର ହସ୍ତକ୍ଷେପ ଦ୍ୱାରା ତାହା ବଦଳି ଯାଏ, ଯାହାକୁ ସେମାନେ ବୁଝି ପାରନ୍ତି ନାହିଁ । ସେମାନେ ଭାବନ୍ତି ଏହା ଆକସ୍ମିକ ଯୋଗାଯୋଗ ହେତୁ ବା ପରିସ୍ଥିତି ବା ଭାଗ୍ୟର ବା ସେହିପରି କିଛିର ଅଦଳ ବଦଳରେ ଏପରି ହୋଇଛି । କିନ୍ତୁ ପ୍ରକୃତରେ ଏହା ଘଟିଥାଏ ସେହି ଦିବ୍ୟଶକ୍ତି ହେତୁ ଯାହା ପୃଥିବୀ ଉପରେ ପ୍ରକାଶିତ ଓ ଅଭିବ୍ୟକ୍ତ ହେବା ପାଇଁ ଚାହୁଁଛି ଓ ସେଥିପାଇଁ ଏକ ଚାପ ଦେଉଛି; ତେଣୁ ସ୍ୱାଭାବିକ ଭାବରେ ତାହା ମନ ଓ ପ୍ରାଣର ନାନା ସୃଷ୍ଟି ଓ ଗଠନସବୁକୁ ବଦଳାଇ ଦେଉଛି, ଯେଉଁଗୁଡ଼ିକ କେବଳ ବାହ୍ୟ ଉପରିଆ ଜିନିଷ ଥିଲା । 'ବୁଲେଟିନ୍'ରେ ଏ ବିଷୟରେ ଶ୍ରୀଅରବିନ୍ଦଙ୍କର ଏକ ଉଦ୍ଧୃତି ଥିଲା । ସେ କହିଥିଲେ ଆମକୁ ପ୍ରଥମେ ଜାଣିବାକୁ ହେବ ଏବଂ ତା'ପରେ କାମ କରିବାକୁ ହେବ, ଅଥଚ ମଣିଷମାନେ ପ୍ରଥମେ କାମ କରନ୍ତି ଓ ପରେ ସେମାନଙ୍କ କାମ ଭିତର ଦେଇ ଜାଣିବାକୁ ଚେଷ୍ଟା କରନ୍ତି ।

*

### ଆନ୍ତର ସତ୍ୟ ଓ ଚୈତ୍ୟସତ୍ତା

ଚୈତ୍ୟସତ୍ତା ନିଜକୁ ଆନ୍ତର ସତ୍ୟର ଚାରିପଟେ ସଙ୍ଗଠିତ କରିଥାଏ ଓ ସେହି ସତ୍ୟ ସହ ସମ୍ପର୍କ ଭିତରକୁ ପ୍ରବେଶ କରିଥାଏ । ଚୈତ୍ୟସତ୍ତା ଚାଳିତ ହୁଏ ଦିବ୍ୟ ସତ୍ୟ ଦ୍ୱାରା । ଦିବ୍ୟ ସତ୍ୟ ଏପରି ଏକ ଜିନିଷ ଯାହା ଚିରନ୍ତନ ଭାବରେ ଆତ୍ମ-ପ୍ରତିଷ୍ଠ ଏବଂ କାଳ ବା ସ୍ଥାନର କୌଣସି କିଛି ଉପରେ ଏହା ନିର୍ଭର କରେ ନାହିଁ; କିନ୍ତୁ ଚୈତ୍ୟସତ୍ତା ହେଉଛି ଏକ ସତ୍ତା ଯାହା ବୃଦ୍ଧି ପାଏ, ଆକୃତି ବା ରୂପ ଗ୍ରହଣ କରେ, ଅଗ୍ରଗତି କରେ ଏବଂ ନିଜକୁ ଅଧିକରୁ ଅଧିକ ବ୍ୟକ୍ତିରୂପ ପ୍ରଦାନ କରେ । ଏହି ଭାବରେ ସେ ଅଧିକରୁ ଅଧିକ ସେହି ଦିବ୍ୟ ସତ୍ୟକୁ ଅଭିବ୍ୟକ୍ତ କରିବା ପାଇଁ ସମର୍ଥ ହୁଏ । ଯେଉଁ ଶାଶ୍ୱତ ଦିବ୍ୟ ସତ୍ୟ ସବୁବେଳେ ଏକ ଓ ଚିରସ୍ଥାୟୀ । ଚୈତ୍ୟସତ୍ତା ହେଉଛି ଏକ କ୍ରମବିକାଶଶୀଳ ସତ୍ତା, ଯାହାର ଅର୍ଥ ହେଉଛି ଚୈତ୍ୟସତ୍ତା ଓ ଦିବ୍ୟ ସତ୍ୟ ଭିତରେ ଯେଉଁ ସମ୍ପର୍କ ତାହା ମଧ୍ୟ କ୍ରମବିକାଶଶୀଳ । ତେଣୁ ସେହି ଏକ ସମୟରେ ଆନ୍ତର ସମ୍ପର୍କରେ ସଚେତ ନ ହୋଇ ଚୈତ୍ୟସତ୍ତାଙ୍କ ସମ୍ପର୍କରେ ସଚେତ ହେବା ସମ୍ଭବ ନୁହେଁ । ଯେଉଁମାନଙ୍କର ଏହି ଅନୁଭୂତିଟି ହୋଇଛି – କେବଳ ମାନସିକ ଅନୁଭୂତି ନୁହେଁ, ଚୈତ୍ୟସତ୍ତା ସହ ସଂଯୋଗର ପୂର୍ଣ୍ଣାଙ୍ଗ ଅନୁଭୂତି ଯେଉଁମାନଙ୍କର ହୋଇଛି, ସେ ସମ୍ପର୍କରେ ସେମାନଙ୍କର ଯେଉଁ ଧାରଣା ଥାଏ କେବଳ ସେଇ ଧାରଣା ସହିତ ନୁହେଁ, ଯେଉଁମାନଙ୍କର ପ୍ରକୃତିରେ ଏକ ସୁନିର୍ଦ୍ଦିଷ୍ଟ ସଂଯୋଗ ହୋଇଥାଏ – ସମସ୍ତେ ସେହି ଗୋଟିଏ କଥା କହି ଥାଆନ୍ତି ଯେ ଯେଉଁ ମୁହୂର୍ତ୍ତରୁ ଏହି ସଂଯୋଗ ସ୍ଥାପିତ ହୁଏ ସେହି ମୁହୂର୍ତ୍ତରୁ ସେମାନେ ନିଜ ଭିତରେ ରହିଥିବା ଶାଶ୍ୱତ ଦିବ୍ୟ ସତ୍ୟ ସମ୍ପର୍କରେ ସଚେତ ହୁଅନ୍ତି ଏବଂ ଦେଖି ପାରନ୍ତି ଯେ ଏହାହିଁ ହେଉଛି ଜୀବନର ଉଦ୍ଦେଶ୍ୟ ଏବଂ ଏହାହିଁ ସଂସାରକୁ ଚାଳିତ କରୁଛି । ଗୋଟିକୁ ବାଦ୍ ଦେଇ କେହି ଅନ୍ୟଟିର ଉପଲବ୍ଧି ପାଇ ପାରିବ ନାହିଁ, ବାସ୍ତବରେ ଏହାହିଁ ତୁମ ଭିତରେ ଏହି ଉପଲବ୍ଧି ଆଣିଦିଏ ଯେ ତୁମେ ଚୈତ୍ୟସତ୍ତା ସହ ସଂଯୋଗ ସ୍ଥାପନ କରିଛ । ଏହା ହୁଏତ ଏକ ସଚେତ ସଂଯୋଗ ହୋଇ

ନ ପାରେ, କିନ୍ତୁ ଏହାହିଁ ଯେ ତୁମ ଜୀବନକୁ ପରିଚାଳିତ କରୁଛି, ଏହା ଜାଣିହୁଏ ।

କେତେକ ଲୋକ କୁହନ୍ତି ଯେ ସେମାନଙ୍କର ନିଜର ଇଚ୍ଛା ବାହାରେ ଏପରି କିଛି ରହିଛି, ଯାହା ସେମାନଙ୍କ ସମସ୍ତ ଜୀବନକୁ ସଙ୍ଗଠିତ କରୁଛି । ତାହାହିଁ ସେମାନଙ୍କୁ ଆବଶ୍ୟକ ଅବସ୍ଥା ଭିତରେ ଆଣି ରଖୁଛି, ସେମାନଙ୍କ ପାଇଁ ଅନୁକୂଳ ପରିସ୍ଥିତିକୁ ଆକର୍ଷଣ କରୁଛି, କହିବାକୁ ଗଲେ ସେମାନଙ୍କ ବାହାରେ ସେମାନଙ୍କ ପାଇଁ ସବୁକିଛିକୁ ବ୍ୟବସ୍ଥିତ କରୁଛି । ସେମାନଙ୍କ ବାହ୍ୟ ଚେତନାରେ ସେମାନେ ହୁଏତ ଆଉ କିଛି ଚାହିଁଥିଲେ ଓ ସେଥିପାଇଁ କାମ କରିଥିଲେ, କିନ୍ତୁ ଆଉ କିଛି ଆସି ପହଞ୍ଚିଲା, ଆଉ କିଛି ଘଟିଗଲା । ବାସ୍, କେତେବର୍ଷ ପରେ ସେମାନେ ଉପଲବ୍ଧି କରନ୍ତି ପ୍ରକୃତରେ ଠିକ୍ ତାହାହିଁ ଘଟିବାର ଥିଲା । ତୁମେ ତୁମ ଭିତରେ ଚୈତ୍ୟସତ୍ତାର ଉପସ୍ଥିତି ସମ୍ପର୍କରେ କିଛି ବି ଜାଣି ନ ଥାଇପାର କିନ୍ତୁ ତଥାପି ତାହାରି ଦ୍ୱାରାହିଁ ଚାଳିତ ହେଉଥିବ । କାରଣ କୌଣସି ବିଷୟରେ ସଚେତ ହେବାକୁ ହେଲେ ତୁମକୁ ପ୍ରଥମେ ଗ୍ରହଣ କରି ନେବାକୁ ହେବ ଯେ ସେହି ଜିନିଷଟି ରହିଛି । କେତେକ ଲୋକ ତାହା ମାନନ୍ତି ନାହିଁ । ମୁଁ ଏପରି ଅନେକ ଲୋକଙ୍କୁ ଜାଣେ ଯେଉଁମାନଙ୍କର ଚୈତ୍ୟସତ୍ତା ସହିତ ଯଥାର୍ଥ ସଂଯୋଗ ହୋଇଛି କିନ୍ତୁ ପ୍ରକୃତରେ ସେମାନେ ଆଦୌ ଜାଣନ୍ତି ନାହିଁ ଯେ ଜିନିଷଟି କ'ଣ, କାରଣ ତାଙ୍କ ଭିତରେ ଏପରି କିଛି ନ ଥିଲା ଯାହାକି ଏହି ସଂଯୋଗ ସମ୍ପର୍କରେ ସେମାନଙ୍କର କିଛି ଜ୍ଞାନ ଆଣି ଦେବ ।

*ପ୍ରଶ୍ନ : ନିଜ ଚୈତ୍ୟସତ୍ତା ସହିତ କୌଣସି ସଂଯୋଗ ନ ଥାଇ ଜଣେ ଶାଶ୍ୱତ ଦିବ୍ୟ ସହିତ ସଂଯୋଗ ରଖିପାରେ କି ?*

ଶ୍ରୀମା : ଚୈତ୍ୟସତ୍ତା ସହିତ ଆଦୌ କୌଣସି ସଂଯୋଗ ନ ଥାଇ ଏହି ବିଶ୍ୱରେ କେତେକ ସତ୍ତା ସିଧା ଶାଶ୍ୱତ ଦିବ୍ୟସତ୍ୟ ସହ ପ୍ରତ୍ୟକ୍ଷ ସମ୍ପର୍କ ରଖିପାରନ୍ତି, କାରଣ ସେମାନଙ୍କ ଭିତରେ କୌଣସି ଚୈତ୍ୟସତ୍ତା ନ ଥାଏ । କିନ୍ତୁ ମଣିଷ ଭିତରେ ବରାବର ଏକ ଚୈତ୍ୟସତ୍ତା ରହିଥାଏ, ଏବଂ ବରାବର ତାହାରି ମାଧ୍ୟମରେହିଁ ସେ ଶାଶ୍ୱତ ଦିବ୍ୟ ସତ୍ୟର ସମ୍ପର୍କରେ ଆସେ । ଏବଂ ଚୈତ୍ୟସତ୍ତା ସହ ତାହାର ଏହି ସଂଯୋଗ ସାଧାରଣତଃ ତା' ନିକଟରେ ଏହି ଭାବରେହିଁ ଆସିଥାଏ, କାରଣ ଏହା ନିଜ ସହିତ ନିଜର ମହିମା, ନିଜର ଐଶ୍ୱର୍ଯ୍ୟ ଓ ସୌନ୍ଦର୍ଯ୍ୟ ବହନ କରିଥାଏ । ଚୈତ୍ୟସତ୍ତା ହେଉଛି ମଣିଷର ସ୍ୱଭାବଗତ ବୈଶିଷ୍ଟ୍ୟ ଏବଂ ଜଣେ ଯଦି ବିଷୟଟିର ଗଭୀର ତଳକୁ ଯାଏ ତେବେ ଏହାହିଁ ମଣିଷକୁ ତା'ର ଶ୍ରେଷ୍ଠତ୍ୱ ପ୍ରଦାନ କରେ । ଅନେକ ପ୍ରାଚୀନ ଦର୍ଶନରେ ସତ୍ତାର ଏହି ଶ୍ରେଣୀବିନ୍ୟାସ ସମ୍ପର୍କରେ କୌଣସି ସମ୍ପୂର୍ଣ୍ଣ ଜ୍ଞାନ ନ ଥିଲା – ଚୈତ୍ୟସତ୍ତା, ଆନ୍ତର ସତ୍ୟ ଆଦି ସମ୍ପର୍କରେ ସେମାନେ ବିଶେଷ କିଛି ଜାଣି ନ ଥିଲେ । ଏହିସବୁ ସାଧନା ପଦ୍ଧତିରେ ଅତ୍ୟନ୍ତ ସରଳ ସହଜୀକୃତ ଧାରଣାଗୁଡ଼ିକୁ ସ୍ଥାନ ଦିଆଯାଇଥିଲା, ଯେପରି ବାହ୍ୟ ଓ ଆନ୍ତର ଚେତନା, ଜାଗ୍ରତ୍ ଓ ସୁଷୁପ୍ତ ଚେତନା । ମଣିଷର ମନ ଓ ଆନ୍ତର ଚେତନାର ଗଠନ ଆଦି ସମ୍ପର୍କରେ ସେମାନଙ୍କର ପୁଙ୍ଖାନୁପୁଙ୍ଖ ଜ୍ଞାନ ନ ଥିଲା, ଯଦିବା ଥିଲା ସେମାନେ ଏହା ସମସ୍ତଙ୍କୁ ପ୍ରଦାନ କରିବାଟା ବାଞ୍ଛନୀୟ ମନେକରୁ ନ ଥିଲେ । ପୂର୍ବକାଳରେ ଜ୍ଞାନ ଏମିତି ସେମିତି, ଯାହାକୁ ତାହାକୁ ପ୍ରଦାନ କରାଯାଉ ନ ଥିଲା । ନିର୍ଦ୍ଦିଷ୍ଟ କୌଣସି ଜ୍ଞାନ ସମ୍ପର୍କରେ ଶିକ୍ଷାଲାଭ କରିବାକୁ ହେଲେ ସେଥିପାଇଁ ପ୍ରାର୍ଥୀକୁ ତା'ର ଅଭୀପ୍ସାକୁ ଅତି ସ୍ପଷ୍ଟଭାବରେ ପ୍ରଦର୍ଶନ କରିବାକୁ ପଡୁଥିଲା, ସେଦିଗରେ ତା'ର ଅଧିକାର ଓ ଯୋଗ୍ୟତାକୁ ଯଥେଷ୍ଟ ଭାବରେ ପ୍ରମାଣିତ କରିବାକୁ ପଡୁଥିଲା, ସେଥିପାଇଁ ତାହାକୁ ଅନେକଟା ପ୍ରସ୍ତୁତି ଓ ବିକାଶ ସାଧନ କରିବାକୁ ପଡୁଥିଲା । କିନ୍ତୁ ବର୍ତ୍ତମାନ, ଆଧୁନିକ ଯୁଗରେ ଏହି ଜ୍ଞାନସବୁ ଛାପା ବହିରେ ପ୍ରକାଶିତ ହେଉଛି ଓ ଯେକୌଣସି ଲୋକ ବହିଟିଏ କିଣି, ସେହି ବିଷୟବସ୍ତୁସବୁକୁ ପଢ଼ିପାରେ । ତୁମେ ଏପରି ଶହ ଶହ ଲୋକଙ୍କୁ ଭେଟି ପାରିବ ଯେଉଁମାନେ ଏ ସମ୍ପର୍କରେ ଅନେକଗୁଡ଼ିଏ ବାକ୍ୟ ଓ ଶବ୍ଦ ଶିଖିଛନ୍ତି ଅଥଚ ସେଗୁଡ଼ିକର ପ୍ରକୃତ ଅର୍ଥ ସମ୍ପର୍କରେ କିଛି ବି ଜାଣି ନାହାନ୍ତି । ଏକ ସମୟରେ ଏଠାରେ ମଧ୍ୟ ଏପରି କେତେକ ବ୍ୟକ୍ତି ଥିଲେ ଯେଉଁମାନେ ଅତିମାନସ ଉପଲବ୍ଧି ପାଇଛନ୍ତି ବୋଲି ଦାବି କରୁଥିଲେ କିନ୍ତୁ ଅତିମାନସ ଜିନିଷଟି କ'ଣ, ସେ ସମ୍ପର୍କରେ ସେମାନଙ୍କର ଆଦୌ କୌଣସି ଧାରଣା ନ ଥିଲା ।

ଆଜିର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜ୍ଞାନ ଏହିପରି ସର୍ବସାଧାରଣରେ ସୁଲଭ ହୋଇ ଉଠିବା ଅବଶ୍ୟମ୍ଭାବୀ । କିନ୍ତୁ ସମ୍ଭବତଃ ଯଥାର୍ଥ ଜ୍ଞାନ ଲାଭ ଦିଗରେ ପ୍ରକୃତ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ବାଛିବାର ଅନ୍ୟାନ୍ୟ ପଦ୍ଧତିସବୁ ରହିଛି, ଯେଉଁଗୁଡ଼ିକ କି ଅଧିକ ପ୍ରଚ୍ଛନ୍ନ ବା ଗୋପନୀୟ, ବାହାରକୁ କମ୍ ସୁସ୍ପଷ୍ଟ କିନ୍ତୁ ପ୍ରକୃତରେ ଅଧିକ ଫଳପ୍ରଦ ।

(Bulletin, Aug, 1999, pp. 42, 48 - 50) ✤

# ଅନ୍ୟମାନଙ୍କ ସହିତ ଆତ୍ମିକ ଏକତା

## ଶ୍ରୀଅରବିନ୍ଦ

ଗଭୀରତାକୁ ନ ଯାଇ କେବଳ ବାହ୍ୟ ଉପରି ଭାଗରେ ବିଶ୍ୱଭାବ ପାଇଁ ଆମର ସର୍ବଶ୍ରେଷ୍ଠ ପ୍ରଚେଷ୍ଟା କେବଳ ଏକ ଦରିଦ୍ର ଓ ପଙ୍ଗୁ ପ୍ରୟାସ ମାତ୍ର – ଏହା କେବଳ ଏକ ମନର ଗଠନ, ଏକ ମନଗଢ଼ା ବିଶ୍ୱାସ, କିନ୍ତୁ ପ୍ରକୃତ ସତ୍ୟ ନୁହେଁ । କାରଣ ଆମର ବାହ୍ୟ ଉପରିଭାଗୀୟ ଚେତନାରେ ଆମେ ଅନ୍ୟମାନଙ୍କଠାରୁ ଭିନ୍ନ ଓ ପୃଥକ୍ ବୋଲି ଏକ ଚେତନା ନେଇ ରହିଥାଉ ଏବଂ ଅହଂର ବେଡ଼ି ଓ ଶୃଙ୍ଖଳ ପିନ୍ଧି ଥାଉ । ସେଠାରେ ଆମର ନିଃସ୍ୱାର୍ଥପରତାହିଁ ଅଧିକାଂଶ କ୍ଷେତ୍ରରେ ସୂକ୍ଷ୍ମ ସ୍ୱାର୍ଥପରତାରେ ପରିଣତ ହୋଇଥାଏ ଓ ଆମ ଅହଂ ଏକ ବୃହତ୍ତର ରୂପ ଗ୍ରହଣ କରିଥାଏ । ଏହା ସନ୍ତୋଷ ଲାଭ କରିଥାଏ ପରୋପକାରର ଏକ ପୋଷାକ ପିନ୍ଧି, କିନ୍ତୁ ଆମେ ଦେଖି ପାରୁନା ଯେ ଏହା ହେଉଛି ଏକ ଆବରଣ ମାତ୍ର ଯାହା ଲୁଚାଇ ରଖିଥାଏ ଅନ୍ୟମାନଙ୍କ ଉପରେ ଆମର ଅହଂର ବ୍ୟକ୍ତିତ୍ୱଟିକୁ, ଆମର ନିଜ ଧାରଣା ଓ ବିଚାରକୁ, ଆମର ମନ ଓ ପ୍ରାଣର ବ୍ୟକ୍ତିତ୍ୱଟିକୁ ଲଦି ଦେବାର ଏକ ପ୍ରଚେଷ୍ଟାକୁ । ନିଜର ଅହଂକୁ ଆହୁରି ପ୍ରସାରିତ କରିବା ଦିଗରେ ଆମର ଯେଉଁ ପ୍ରୟୋଜନ ଥାଏ ତାହାରି ବଶବର୍ତ୍ତୀ ହୋଇହିଁ ଆମେ ନିଜ ଅହଂର ପରିବ୍ୟାପ୍ତ କକ୍ଷ ଓ ପରିଧି ଭିତରେ ଅନ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଚାହୁଁ । କିନ୍ତୁ ପ୍ରକୃତରେ ଆମେ ଯେତେବେଳେ ନିଜ ପାଇଁ ନୁହେଁ କେବଳ ଅନ୍ୟମାନଙ୍କ ପାଇଁ ଜୀବନଧାରଣ କରୁଛୁ ବୋଲି ଅନୁଭବ କରୁ, ତାହା ହୋଇଥାଏ ଯଥାର୍ଥ ପ୍ରେମ ଓ କରୁଣାର ଏକ ଆନ୍ତର ଆଧ୍ୟାତ୍ମିକ ଶକ୍ତି ଦ୍ୱାରା, କିନ୍ତୁ ଏହି ଶକ୍ତିର ସାମର୍ଥ୍ୟ ଓ ଫଳପ୍ରଦତାର କ୍ଷେତ୍ର ଆମ ଭିତରେ ଖୁବ୍ ଅଳ୍ପ ପରିସରର ହୋଇଥାଏ; ଯେଉଁ ଚୈତ୍ୟ-ଗତିବୃତ୍ତି ଦ୍ୱାରା ଏହା ଉଦ୍‌ବୁଦ୍ଧ ହୋଇଥାଏ ତାହା ଅସମ୍ପୂର୍ଣ୍ଣ ହୋଇଥାଏ । ଅନେକ ସମୟରେ ଏହାର କ୍ରିୟା ମଧ୍ୟ ଅଜ୍ଞାନମୟ ହୋଇଥାଏ, କାରଣ ଅନ୍ୟମାନଙ୍କ ସହ ମନ ଓ ପ୍ରାଣର କିଛି ସଂଯୋଗ ହୋଇଥିଲେ ମଧ୍ୟ ଅନ୍ୟର ସତ୍ତାକୁ ଆମର ନିଜର ସତ୍ତା ବୋଲି ବିଚାର କରି ଆମେ କୋଳାଗ୍ରତ କରୁ ନାହିଁ । ଅନ୍ୟମାନଙ୍କ ସହ ଏକତା ସର୍ବଦା ଏକ ବାହ୍ୟ ସଂଯୋଗ ଓ ବାହ୍ୟ ଜୀବନର ଏକ ସଂଘ ବା ସମାବେଶ ହୋଇହିଁ ରହିବ ଏବଂ ତାହାର ଆନ୍ତର ପରିଣତି ଓ ଫଳାଫଳ ବିଶେଷ କିଛି ହେବ ନାହିଁ । ଏହିଭାବେ ମିଳିତ ସଂଘର ଜୀବନ ସହିତ ବା ତହିଁରେ ଭେଟୁଥିବା ବ୍ୟକ୍ତିମାନଙ୍କ ସହିତ ଆମେ ଆମ ମନ ଓ ହୃଦୟର ଗତିବୃତ୍ତିଗୁଡ଼ିକୁ ଏକତ୍ର ଛନ୍ଦି ଦେଇପାରୁ କିନ୍ତୁ ଏହାର ଭିତ୍ତି ହୋଇ ରହିବ ଏକ ମିଳିତ ବାହ୍ୟ ଜୀବନ । ତହିଁରେ ଭିତର ଆଡୁ ଗଠିତ ଯେଉଁ ଏକତା ରୂପ ନେଇଥିବ ବା ପାରସ୍ପରିକ ଅଜ୍ଞାନତା, ଅହଂର ସଂଘର୍ଷ, ସ୍ୱାର୍ଥର ସଂଘର୍ଷ, ମନ, ହୃଦୟ ଓ ପ୍ରାଣିକ ସ୍ୱଭାବ-ପ୍ରକୃତିର ସଂଘର୍ଷ ସତ୍ତ୍ୱେ ଯେତିକିଟା ଏକତାର ଭାବ ଭିତର ଆଡୁ ଗଠିତ ହୋଇଥିବ ତାହା ଅତ୍ୟନ୍ତ ଆଂଶିକ, ଅସମ୍ପୂର୍ଣ୍ଣ ହୋଇ ରହିବ ଓ ସେହି ଗଠନଟି ଆଦୌ ବିପଦ ମୁକ୍ତ ହୋଇପାରିବ ନାହିଁ ।

ଏକମାତ୍ର ଆଧ୍ୟାତ୍ମିକ ଚେତନା ଓ ଆଧ୍ୟାତ୍ମିକ ଜୀବନହିଁ ଏହି ଧରଣର ଗଠନ-ତତ୍ତ୍ୱକୁ ପୂରା ଓଲଟାଇ ଦେଇଥାଏ । ଏକ ଆନ୍ତର ଅନୁଭୂତି ଉପରେ ଭିତ୍ତି କରିହିଁ ଏହା ସାମୂହିକ ଜୀବନରେ ଅଂଶ ଗ୍ରହଣ କରିଥାଏ; ଏକ ଆନ୍ତର ବୋଧ, ଏକତ୍ୱର ଏକ ସତ୍ୟକୁ ଆଶ୍ରୟ କରିହିଁ ଅନ୍ୟମାନଙ୍କୁ ଆମେ ଆମ ନିଜ ସତ୍ତା ଭିତରେ ଗ୍ରହଣ ଓ ଅନ୍ତର୍ଭୁକ୍ତ କରିଥାଉ । ଆଧ୍ୟାତ୍ମିକ ବ୍ୟକ୍ତି ସେହି ଏକତ୍ୱ ବୋଧରୁହିଁ କାମ କରିଥାଏ, ଯାହା ଫଳରେ କି ସେ ତତ୍‌କ୍ଷଣାତ୍ ସିଧାସଳଖ ପ୍ରତ୍ୟକ୍ଷ କରିଥାଏ ଗୋଟିଏ ଆତ୍ମାର ଅନ୍ୟ ଆତ୍ମା ଉପରେ କ'ଣ ଦାବି, ଜୀବନର କ'ଣ ପ୍ରୟୋଜନୀୟତା, କେଉଁଥିରେ ସମସ୍ତଙ୍କର ଯଥାର୍ଥ ମଙ୍ଗଳ, ପ୍ରେମ ଓ ସହାନୁଭୂତି ଆଦି ଭାବ ନେଇ କିପରି ଭାବେ ଯଥାର୍ଥ କାମ କରିହେବ । ଆଧ୍ୟାତ୍ମିକ ଏକତାର ଉପଲବ୍ଧି, ସମସ୍ତ ସତ୍ତାଙ୍କ ଭିତରେ ସେହି ଏକ ଆତ୍ମା, ଏକ ସତ୍ତାର ଏକ ସକ୍ରିୟ ଅନ୍ତରଙ୍ଗ ସଚେତନତାହିଁ ନିଜର ସତ୍ୟ ଦ୍ୱାରା ଦିବ୍ୟଜୀବନର କର୍ମଗୁଡ଼ିକୁ ପ୍ରତିଷ୍ଠିତ ଓ ପରିଚାଳିତ କରିପାରେ । ❖

# ପ୍ରେମ ଦ୍ୱାରା ଦିବ୍ୟ ପ୍ରେମର ପ୍ରତିଦାନ

## ଶ୍ରୀମା

*''ପ୍ରକୃତ ସତ୍ୟ ହେଉଛି, ଏହି ପୃଥିବୀରେ ଘୃଣା ଦ୍ୱାରା ଘୃଣାର ଉପଶମ ହେବ ନାହିଁ; କେବଳ ପ୍ରେମ ଦ୍ୱାରାହିଁ ଘୃଣାର ଉପଶମ ହୋଇପାରେ । ଏହାହିଁ ହେଉଛି ଚିରନ୍ତନ ବିଧାନ ।''* (ଧମ୍ମପଦ)

ଧମ୍ମପଦର ଏହା ଏକ ଅତି ବିଖ୍ୟାତ ପଦ; ଲୋକମାନେ ବରାବର ଉଦ୍ଧାର ଓ ଆବୃତ୍ତି କରୁଥିବା ପଦମାନଙ୍କ ଭିତରୁ ଅନ୍ୟତମ । ମୁଁ ଖୁସୀ ହୋଇଥାଆନ୍ତି ଯଦି କହିପାରନ୍ତି ଯେ ଲୋକମାନେ ବରାବର ମାନି ଚଳୁଥିବା ପଦମାନଙ୍କ ଭିତରୁ ଅନ୍ୟତମ । ଦୁର୍ଭାଗ୍ୟବଶତଃ ତାହା ସତ୍ୟ ନୁହେଁ । କାରଣ ଲୋକମାନେ ଏହି ଶିକ୍ଷାଟି ସମ୍ପର୍କରେ ବହୁତ କହନ୍ତି, କିନ୍ତୁ ଏହାର ଅନୁସରଣ କରନ୍ତି ନାହିଁ ।

ତଥାପି ଏହି ସମସ୍ୟାଟିର ଆଉ ଗୋଟିଏ ବିଭାବ ରହିଛି, ଯାହା ସମ୍ପର୍କରେ କ୍ୱଚିତ୍ କୁହାଯାଇଥାଏ । କିନ୍ତୁ ତୁମେ ଯଦି ପୃଥିବୀରେ ଯଥାର୍ଥ ପରିବର୍ତ୍ତନ ଆଣିବାକୁ ଚାହୁଁ ଥାଅ, ତେବେ ସେଇ ବିଭାବଟି ବୋଧହୁଏ ଆହୁରି ଅଧିକ ଜରୁରୀ, ଅଥଚ ସେ ସମ୍ପର୍କରେ ଲୋକମାନେ ଖୁବ୍ କମ୍ ଚିନ୍ତା କରନ୍ତି । ସେହି ବିଷୟଟି ସମ୍ପର୍କରେ ମୁଁ କହିବାକୁ ଯାଉଛି, ତୁମକୁ ହୁଏତ ଏକ ନୂତନ ଆଶ୍ଚର୍ଯ୍ୟ କଥା ଶୁଣିଲା ଭଳି ଲାଗିବ । କଥାଟି ହେଉଛି ଏହା ଯେ ପୃଥିବୀର ପରିବର୍ତ୍ତନ ଆଣିବା ପାଇଁ ଯଦି ଘୃଣାର ପ୍ରତିଦାନରେ ପ୍ରେମ ଦେବାହିଁ ବାଞ୍ଛନୀୟ ହୁଏ, ତେବେ ଭଗବତ୍ ଦିବ୍ୟପ୍ରେମର ପ୍ରତିଦାନରେ ଆମର ପ୍ରେମ ପ୍ରଦାନ କ'ଣ ଆହୁରି ଅଧିକ ସ୍ୱାଭାବିକ ନୁହେଁ ?

ବର୍ତ୍ତମାନ ମଣିଷର ଜୀବନ, କର୍ମ ଓ ହୃଦୟ ଯେପରି ଅବସ୍ଥାରେ ରହିଛି ଯଦି ତାହା ବିଚାର କରାଯାଏ ତେବେ ଦେଖାଯିବ ଯେ ଯେଉଁ ଭଗବତ୍ କୃପା ପୃଥିବୀ ଉପରେ ଅହରହ ଦିବ୍ୟପ୍ରେମ ଢାଳି ଚାଲିଛି ତାହାର ପ୍ରତିଦାନରେ ସେଥିପ୍ରତି କିଭଳି ବିଦ୍ୱେଷ, ତାଚ୍ଛଲ୍ୟ ଓ ଅବଜ୍ଞା ପ୍ରଦର୍ଶନ କରାଯାଇଥାଏ, କିଭଳି ଉଦାସୀନତା ପ୍ରକାଶ କରାଯାଇଥାଏ । ଏଥିରେ ବିସ୍ମିତ ହେବା ଖୁବ୍ ସ୍ୱାଭାବିକ, କାରଣ ଏହି ଯେଉଁ ବିପୁଳ ଦିବ୍ୟପ୍ରେମ ପ୍ରତ୍ୟେକଟି ମୁହୂର୍ତ୍ତରେ ପୃଥିବୀ ଉପରେ କ୍ରିୟା କରି ଚାଲିଛି, ତାହାକୁ ଦିବ୍ୟ-ଆନନ୍ଦ ଦିଗରେ ଆଗେଇ ନେଇ ଚାଲିଛି, ସେହି ଦିବ୍ୟପ୍ରେମର ପ୍ରତ୍ୟୁତ୍ତର ପାଇଁ ମଣିଷ ନିଜ ହୃଦୟରେ କେତେ ଟିକେ ସ୍ଥାନ ରଖିଛି ? ମଣିଷ ହୃଦୟର ଦରଦ କେବଳ ଦୁଷ୍ଟ ଓ ଦୁର୍ବୃତ୍ତମାନଙ୍କ ପାଇଁ, ଅକ୍ଷମ ଅସମର୍ଥମାନଙ୍କ ପାଇଁ, ଦୁର୍ବିପାକଗ୍ରସ୍ତ ଅସଫଳ, ବ୍ୟର୍ଥ ଓ ହତାଶମାନଙ୍କ ପାଇଁ,– ପ୍ରକୃତରେ ଏହା ଯେପରି ସମସ୍ତ ମନ୍ଦ ଆଚରଣ ଓ ବ୍ୟର୍ଥତା ପାଇଁ ଏକ ଉତ୍ସାହ ପ୍ରଦାନ ।

ଯଦି ଏହି ସମସ୍ୟାଟି ସମ୍ପର୍କରେ ଆଉ ଟିକେ ଅଧିକ ଚିନ୍ତା କରାଯାଏ ତେବେ ଘୃଣାର ପ୍ରତିଦାନରେ ପ୍ରେମ ଉପରେ ଜୋର୍ ଦେବା ସେତେ ଆବଶ୍ୟକ ବୋଲି ମନେହେବ ନାହିଁ । କାରଣ ଯଦି ମଣିଷର ହୃଦୟ ସମସ୍ତ ଆନ୍ତରିକତା ନେଇ ସେହି ଦିବ୍ୟପ୍ରେମର ପ୍ରତ୍ୟୁତ୍ତର ଦିଅନ୍ତା, ତା' ଉପରେ ଅବିରତ ବର୍ଷଣ ହେଉଥିବା ସେହି ଦିବ୍ୟପ୍ରେମକୁ ଯଥାର୍ଥ ଭାବେ ବୁଝି ପାରୁଥିବା ଓ ଯଥାର୍ଥ ମୂଲ୍ୟ ଦେଉଥିବା ଏକ ପ୍ରେମର ସ୍ୱତଃସ୍ଫୂର୍ତ୍ତ କୃତଜ୍ଞତା ନେଇ ଯଦି ତାହାର ଉତ୍ତର ଦିଅନ୍ତା, ତେବେ ପୃଥିବୀର ପରିବର୍ତ୍ତନ ଅନେକ ଦ୍ରୁତତର ହୁଅନ୍ତା ।

(MCW, Vol. III, pp. 186 - 187)

# ଆମ୍ଭମାନଙ୍କର ଆଶା

## ଶ୍ରୀଅରବିନ୍ଦ

[ଏହି ପ୍ରବନ୍ଧଟି ୧୯୦୯ ଖ୍ରୀଷ୍ଟାବ୍ଦରେ 'ଧର୍ମ' ପତ୍ରିକାରେ ଶ୍ରୀଅରବିନ୍ଦ ଲେଖିଥିଲେ । ଏଥିରେ ତାଙ୍କର ତେଜୋଦୀପ୍ତ ପ୍ରେରଣାଦାୟକ ଭାଷାର ସ୍ପଷ୍ଟ ସୂଚନା ମିଳେ ଏବଂ ସେ ଦେଖାଇଛନ୍ତି ଯେ ଭାରତୀୟମାନଙ୍କ ଜୀବନର ସକଳ କ୍ଷେତ୍ରରେ କିପରି ଅଧ୍ୟାତ୍ମ ଶକ୍ତି ଓ ଭୌତିକ ଶକ୍ତି – ଏହି ଉଭୟ ମଧ୍ୟରେ ଏକ ସମନ୍ୱୟ ଆବଶ୍ୟକ ଏବଂ ଭାରତର ଭୌତିକ ଶକ୍ତିର ଜୋର୍ ନଥିଲେ ମଧ୍ୟ ଯେହେତୁ ଅଧ୍ୟାତ୍ମ ଶକ୍ତି ଏହାର ଜନ୍ମଗତ ବସ୍ତୁ, ତେଣୁ ଏହାହିଁ ବିଶେଷ ଆଶା, ଆନନ୍ଦ ଓ ଉତ୍ସାହର ବିଷୟ । କାରଣ ଅଧ୍ୟାତ୍ମ ଶକ୍ତିହିଁ ସକଳ ଭୌତିକ ଶକ୍ତିର ଭିତ୍ତି ।]

ଆମ୍ଭମାନଙ୍କର ବାହୁବଳ ନାହିଁ, ଯୁଦ୍ଧର ଉପକରଣ ନାହିଁ, ଶିକ୍ଷା ନାହିଁ, ରାଜଶକ୍ତି ନାହିଁ, ତେବେ ଆମ୍ଭମାନଙ୍କର ଆଶା କେଉଁଥିରେ ? କେଉଁଠି ସେହି ବଳ ଯାହାର ଭରସାରେ ଆମ୍ଭେମାନେ ପ୍ରବଳ ଶିକ୍ଷିତ ୟୁରୋପୀୟ ଜାତିର ଅସାଧ୍ୟ କାର୍ଯ୍ୟ ସାଧନ କରିବାକୁ ପ୍ରୟାସୀ ହେଉଛୁ ? ପଣ୍ଡିତ ଓ ବିଜ୍ଞବ୍ୟକ୍ତିଗଣ କହନ୍ତି, ଏହା ବାଳକର ଉଦ୍ଦାମ ଦୁରାଶା, ଉଚ୍ଚ ଆଦର୍ଶ ମଦରେ ଉନ୍ମତ୍ତ ଅବିବେକୀ ଲୋକର ଶୂନ୍ୟ ସ୍ୱପ୍ନ, ଯୁଦ୍ଧହିଁ ସ୍ୱାଧୀନତା ଲାଭର ଏକମାତ୍ର ପନ୍ଥା । ସ୍ୱୀକାର କରୁଛୁ, ଆମ୍ଭେମାନେ ଯୁଦ୍ଧ କରିବାକୁ ଅସମର୍ଥ । ଆମ୍ଭେମାନେ ମଧ୍ୟ ଯୁଦ୍ଧ କରିବାକୁ ପରାମର୍ଶ ଦେଉ ନାହୁଁ । କିନ୍ତୁ ଏହା କ'ଣ ସତ୍ୟ ଯେ ବାହୁବଳହିଁ ଶକ୍ତିର ଆଧାର ନା ଶକ୍ତି ଆହୁରି ଗୂଢ଼, ଗଭୀର ମୂଳରୁ ନିଃସୃତ ହୁଏ ? ସମସ୍ତେ ସ୍ୱୀକାର କରିବାକୁ ବାଧ୍ୟ ଯେ କେବଳ ମାତ୍ର ବାହୁବଳରେ କୌଣସି ବିରାଟ କାର୍ଯ୍ୟ ସାଧିତ ହୋଇପାରେ ନାହିଁ । ଯଦି ଦୁଇ ପରସ୍ପର-ବିରୋଧୀ ସମାନ ବଳଶାଳୀ ଶକ୍ତିର ସଂଘର୍ଷ ହୁଏ, ଯାହାର ନୈତିକ ଓ ମାନସିକ ବଳ ଅଧିକ, ଯାହାର ଐକ୍ୟ, ସାହସ, ଅଧ୍ୟବସାୟ, ଉତ୍ସାହ, ଦୃଢ଼ ପ୍ରତିଜ୍ଞା, ସ୍ୱାର୍ଥତ୍ୟାଗ ଉତ୍କୃଷ୍ଟ, ଯାହାର ବିଦ୍ୟାବୁଦ୍ଧି, ଚତୁରତା, ତୀକ୍ଷ୍ଣ ଦୃଷ୍ଟି, ଦୂରଦର୍ଶିତା, ଉପାୟ, ଉଦ୍ଭାବନୀ ଶକ୍ତି ବିକଶିତ – ତାହାରହିଁ ନିଶ୍ଚୟ ବିଜୟ ହେବ । ଏପରିକି ବାହୁବଳରେ, ସଂଖ୍ୟାରେ, ଉପକରଣରେ ଯେ ଅପେକ୍ଷାକୃତ ହୀନ, ସେ ମଧ୍ୟ ନୈତିକ ଓ ମାନସିକ ବଳର ଉତ୍କର୍ଷରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱୀକୁ ହଟାଇ ଦେଇପାରେ । ଏହାର ଦୃଷ୍ଟାନ୍ତ ଇତିହାସର ପ୍ରତ୍ୟେକ ପୃଷ୍ଠାରେ ଲିଖିତ ହୋଇ ରହିଛି । ତେବେ କହିପାର ଯେ ବାହୁବଳ ଅପେକ୍ଷା ନୈତିକ ଓ ମାନସିକ ବଳର ଗୁରୁତ୍ୱ ଅଧିକ ଅଛି; କିନ୍ତୁ ବାହୁବଳ ନଥିଲେ ନୈତିକ ବଳ ଓ ମାନସିକ ବଳକୁ କିଏ ରକ୍ଷା କରିବ ? ଠିକ୍ କଥା । କିନ୍ତୁ ଏହା ମଧ୍ୟ ଦେଖାଯାଇଛି ଯେ ଦୁଇ ଚିନ୍ତା ପ୍ରଣାଳୀ, ଦୁଇ ସମ୍ପ୍ରଦାୟ, ଦୁଇ ପରସ୍ପର-ବିରୋଧୀ ସଂଘର୍ଷରେ ଯେଉଁ ପକ୍ଷର ବାହୁବଳ, ରାଜଶକ୍ତି, ଯୁଦ୍ଧର ଉପକରଣ ପ୍ରଭୃତି ଉପାୟ ପୂର୍ଣ୍ଣମାତ୍ରାରେ ଥିଲା ତାହାର ପରାଜୟ ହୋଇଛି, ଆଉ ଯେଉଁ ପକ୍ଷର ଏହି ସମସ୍ତ ଆଦୌ ନଥିଲା ତାହାର ଜୟ ହୋଇଛି; ଫଳର ଏପରି ବୈପରୀତ୍ୟ ହୁଏ କାହିଁକି ? 'ଯତୋ ଧର୍ମ ସ୍ତତୋ ଜୟଃ'; କିନ୍ତୁ ଧର୍ମ ପଛରେ ଶକ୍ତି ଆବଶ୍ୟକ, ନଚେତ୍ ଅଧର୍ମର ଅଭ୍ୟୁତ୍ଥାନ, ଧର୍ମର ଗ୍ଲାନି ସ୍ଥାୟୀ ହେବ । ବିନା କାରଣରେ କାର୍ଯ୍ୟ ହୁଏ ନାହିଁ । ଜୟର କାରଣ ହେଉଛି ଶକ୍ତି । କେଉଁ ଶକ୍ତିରେ ଦୁର୍ବଳ ପକ୍ଷର ଜୟ ହୁଏ, ପ୍ରବଳ ପକ୍ଷର ଶକ୍ତି ପରାଜିତ ବା ବିନଷ୍ଟ ହୁଏ ? ଆମ୍ଭେମାନେ ଐତିହାସିକ ଦୃଷ୍ଟାନ୍ତ-ସକଳ ପରୀକ୍ଷା କଲେ ବୁଝିପାରିବା ଯେ ଆଧ୍ୟାତ୍ମିକ ଶକ୍ତି ବଳରେ ଏହି ଅଘଟନ ଘଟିଛି, ଆଧ୍ୟାତ୍ମିକ ଶକ୍ତିହିଁ ବାହୁବଳକୁ ତୁଚ୍ଛ କରି ମାନବଜାତିକୁ ଜଣାଇ ଦିଏ ଯେ ଏହି ଜଗତ୍ ଭଗବାନଙ୍କ ରାଜ୍ୟ, ଅନ୍ଧ ସ୍ଥୂଳ ପ୍ରକୃତିର ଲୀଳାକ୍ଷେତ୍ର ନୁହେଁ । ଶୁଦ୍ଧ ଆତ୍ମା ଶକ୍ତିର ଉତ୍ସ, ଯେଉଁ ଆଦ୍ୟା ପ୍ରକୃତି ଗଗନରେ ଅୟୁତ ସୂର୍ଯ୍ୟ ଘୂର୍ଣ୍ଣନ କରେ, ଅଙ୍ଗୁଳି ସ୍ପର୍ଶରେ ପୃଥିବୀ ଦୋହଲାଇ ମାନବସୃଷ୍ଟ ପୂର୍ବ ଗୌରବର ଚିହ୍ନସକଳ ଧ୍ୱଂସ କରେ, ସେହି ଆଦ୍ୟା ପ୍ରକୃତି ଶୁଦ୍ଧ ଆତ୍ମାର ଅଧୀନ । ସେହି ପ୍ରକୃତି ଅସମ୍ଭବକୁ ସମ୍ଭବ କରେ, ମୂକକୁ ବାଚାଳ କରେ, ପଙ୍ଗୁକୁ ଗିରି ଲଙ୍ଘନ କରିବାର ଶକ୍ତି ଦିଏ । ସମସ୍ତ ଜଗତ୍ ସେହି ଶକ୍ତିର ସୃଷ୍ଟି । ଯାହାର ଆଧ୍ୟାତ୍ମିକ ବଳ ବିକଶିତ, ତାହାର ଜୟର ଉପକରଣ ଆପେ ଆପେ ସୃଷ୍ଟ ହୁଏ । ବାଧାବିପତ୍ତି ଆପେ ଆପେ ଘୁଞ୍ଚିଯାଇ ଅନୁକୂଳ ଅବସ୍ଥା ଅଣାଏ, କର୍ମଶକ୍ତି ସ୍ୱତଃ ସ୍ଫୁରିତ ହୋଇ ତେଜସ୍ୱିନୀ ଓ କ୍ଷିପ୍ର ହୁଏ । ୟୁରୋପ ଆଜିକାଲି ଏହି (Soul force) ବା ଆଧ୍ୟାତ୍ମିକ ଶକ୍ତିକୁ ଆବିଷ୍କାର କରୁଛି । ବର୍ତ୍ତମାନ ସେଥିରେ ସମ୍ପୂର୍ଣ୍ଣ ବିଶ୍ୱାସ ଆସି

ନାହିଁ, ତାହାରି ଭରସାରେ କାର୍ଯ୍ୟ କରିବାକୁ ପ୍ରବୃତ୍ତ ହୋଇ ନାହିଁ । କିନ୍ତୁ ଭାରତର ଶିକ୍ଷା, ସଭ୍ୟତା, ଗୌରବ, ବଳ, ମହତ୍ତ୍ୱର ମୂଳରେ ରହିଛି ଆଧ୍ୟାତ୍ମିକ ଶକ୍ତି । ଯେତେ ବାର ଭାରତ-ଜାତିର ବିନାଶକାଳ ଆସନ୍ନ ବୋଲି ସମସ୍ତଙ୍କର ପ୍ରତୀତ ହେବାର କଥା ଥିଲା, ସେତେ ବାର ଆଧ୍ୟାତ୍ମିକ ଶକ୍ତି ଗୁପ୍ତ ଉତ୍ସରୁ ଉଗ୍ର ସ୍ରୋତରେ ପ୍ରବାହିତ ହୋଇ ମୁମୂର୍ଷୁ ଭାରତକୁ ପୁନରୁଜ୍ଜୀବିତ କରିଛି । ଆଉ ସମସ୍ତ ଉପଯୋଗୀ ଶକ୍ତି ମଧ୍ୟ ସୃଜନ କରିଛି । ବର୍ତ୍ତମାନ ମଧ୍ୟ ସେହି ଉତ୍ସ ଶୁଖିଯାଇ ନାହିଁ, ଆଜି ବି ସେହି ଅଦ୍ଭୁତ ମୃତ୍ୟୁଞ୍ଜୟ ଶକ୍ତିର କ୍ରୀଡ଼ା ଚାଲିଛି ।

କିନ୍ତୁ ସ୍ଥୂଳ ଜଗତର ସକଳ ଶକ୍ତିର ବିକାଶ ସମୟ ସାପେକ୍ଷ, ଅବସ୍ଥାର ଉପଯୁକ୍ତ କ୍ରମରେ ସମୁଦ୍ରର ଭଟ୍ଟା ଓ ଜୁଆର ସଦୃଶ ହ୍ରାସ ବୃଦ୍ଧି ପ୍ରାପ୍ତ ହୋଇ ଶେଷରେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୁଏ । ଆମ୍ଭମାନଙ୍କ ମଧ୍ୟରେ ବି ତାହାହିଁ ହେଉଛି । ବର୍ତ୍ତମାନ ସମ୍ପୂର୍ଣ୍ଣ ଭଟ୍ଟା, ଜୁଆରର ମୁହୂର୍ତ୍ତକୁ ଅପେକ୍ଷା କରି ରହିଛି । ମହାପୁରୁଷମାନଙ୍କର ତପସ୍ୟା, ସ୍ୱାର୍ଥତ୍ୟାଗୀର କଷ୍ଟ ସ୍ୱୀକାର, ସାହସୀର ଆତ୍ମ-ବିସର୍ଜନ, ଯୋଗୀର ଯୋଗଶକ୍ତି, ଜ୍ଞାନୀର ଜ୍ଞାନ-ସଞ୍ଚାର, ସାଧୁର ଶୁଦ୍ଧତାହିଁ ଅଧ୍ୟାତ୍ମିକ ବଳର ଉତ୍ସ । ଏକଦା ଏହି ନାନାବିଧ ପୁଣ୍ୟ ଭାରତକୁ ସଞ୍ଜୀବନୀ ସୁଧାରେ ଭସାଇ ମୃତ ଜାତିକୁ ଜୀବିତ, ବଳିଷ୍ଠ, ତେଜସ୍ୱୀ କରି ତୋଳି ଥିଲା; ପୁଣି ସେହି ତପୋବଳ ନିଜ ମଧ୍ୟରେ ନିରୁଦ୍ଧ ହୋଇ, ଅଦମ୍ୟ ଅଜେୟ ହୋଇ ବାହାରିବାକୁ ଉଦ୍ୟତ ହୋଇଛି । କେତେକ ବର୍ଷର ନିପୀଡ଼ନ, ଦୁର୍ବଳତା ଓ ପରାଜୟ ଫଳରେ ଭାରତବାସୀମାନେ ନିଜ ମଧ୍ୟରେ ଶକ୍ତିର ଉତ୍ସ ଅନ୍ୱେଷଣ କରିବାକୁ ଶିଖୁଛନ୍ତି । ବକ୍ତୃତାର ଉତ୍ତେଜନା ନୁହେଁ, ମ୍ଳେଚ୍ଛଦତ୍ତ ବିଦ୍ୟା ନୁହେଁ, ସଭା-ସମିତିର ଭାବ-ସଞ୍ଚାରିଣୀ ଶକ୍ତି ନୁହେଁ, ସମ୍ବାଦପତ୍ରର କ୍ଷଣସ୍ଥାୟୀ ପ୍ରେରଣା ନୁହେଁ, ନିଜ ମଧ୍ୟରେ ଆତ୍ମାର ବିଶାଳ ନୀରବତାରେ ଭଗବାନ୍ ଓ ଜୀବର ସଂଯୋଗରେ ଯେଉଁ ଗଭୀର ଅବିଚଳିତ ଅଭ୍ରାନ୍ତ ଶୁଦ୍ଧ ସୁଖଦୁଃଖଜୟୀ ପାପପୁଣ୍ୟ ବର୍ଜିତ ଶକ୍ତି ସମ୍ଭୂତ ହୁଏ, ସେହି ମହାସୃଷ୍ଟିକାରିଣୀ, ମହାପ୍ରଳୟଙ୍କରୀ, ମହାସ୍ଥିତିଶାଳିନୀ, ଜ୍ଞାନଦାୟିନୀ ମହାସରସ୍ୱତୀ, ଐଶ୍ୱର୍ଯ୍ୟଦାୟିନୀ ମହାଲକ୍ଷ୍ମୀ, ଶକ୍ତିଦାୟିନୀ ମହାକାଳୀ ସେହି ସହସ୍ର ତେଜର ସଂଯୋଜନରେ ଏକୀଭୂତା ଚଣ୍ଡୀ ପ୍ରକଟ ହୋଇ ଭାରତର କଲ୍ୟାଣରେ ଓ ଜଗତ୍ କଲ୍ୟାଣରେ କୃତୋଦ୍ୟମ ହେବେ । ଭାରତର ସ୍ୱାଧୀନତା ଗୌଣ ଉଦ୍ଦେଶ୍ୟ ମାତ୍ର । ମୁଖ୍ୟ ଉଦ୍ଦେଶ୍ୟ ଭାରତୀୟ ସଭ୍ୟତାର ଶକ୍ତିପ୍ରଦର୍ଶନ ଏବଂ ଜଗନ୍ମୟ ସେହି ସଭ୍ୟତାର ବିସ୍ତାର ଓ ଅଧିକାର । ଆମ୍ଭେମାନେ ଯଦି ପାଶ୍ଚାତ୍ୟ ସଭ୍ୟତା ବଳରେ, ସଭା-ସମିତି ବଳରେ, ବକ୍ତୃତାର ଜୋର୍‌ରେ, ବାହୁବଳରେ ସ୍ୱାଧୀନତା ବା ସ୍ୱାୟତ୍ତଶାସନ ଆଦାୟ କରି ପାରନ୍ତୁ, ତା'ହେଲେ ସେହି ମୁଖ୍ୟ ଉଦ୍ଦେଶ୍ୟ ସାଧିତ ହୁଅନ୍ତା ନାହିଁ । ଭାରତୀୟ ସଭ୍ୟତା ବଳରେ, ଆଧ୍ୟାତ୍ମିକ ଶକ୍ତିର ସୃଷ୍ଟ ସୂକ୍ଷ୍ମ ଓ ସ୍ଥୂଳ ଉପାୟରେ ସ୍ୱାଧୀନତା ଅର୍ଜନ କରିବାକୁ ହେବ । ସେଥି ନିମିତ୍ତ ଭଗବାନ୍ ଆମ୍ଭମାନଙ୍କର ପାଶ୍ଚାତ୍ୟ-ଭାବଯୁକ୍ତ ଆନ୍ଦୋଳନକୁ ଧ୍ୱଂସ କରି ବହିର୍ମୁଖୀ ଶକ୍ତିକୁ ଅନ୍ତର୍ମୁଖୀ କରିଛନ୍ତି । ବ୍ରହ୍ମବାନ୍ଧବ ଉପାଧ୍ୟାୟ ଦିବ୍ୟ ଚକ୍ଷୁରେ ଯାହା ଦେଖିଥିଲେ ଏବଂ ଦେଖି ବାରଂବାର କହୁଥିଲେ, ଶକ୍ତିକୁ ଅନ୍ତର୍ମୁଖୀ କର; କିନ୍ତୁ ସମୟଦୋଷରେ ସେତେବେଳେ ତାହା କେହି କରି ପାରି ନଥିଲେ; କିନ୍ତୁ ଭଗବାନ୍ ଆଜି ତାହା ଘଟାଇଛନ୍ତି । ଭାରତର ଶକ୍ତି ଅନ୍ତର୍ମୁଖୀ ହୋଇଛି । ଯେତେବେଳେ ପୁଣି ବହିର୍ମୁଖୀ ହେବ, ସେ ସ୍ରୋତ ଆଉ ଫେରିବ ନାହିଁ, କେହି ତା'କୁ ରୋଧ କରି ପାରିବେ ନାହିଁ । ସେହି ତ୍ରିଲୋକପାବନୀ ଗଙ୍ଗା ଭାରତ ପ୍ଲାବିତ କରି, ପୃଥିବୀ ପ୍ଲାବିତ କରି ଅମୃତ ସ୍ପର୍ଶରେ ଜଗତର ନୂତନ ଯୌବନ ଆନୟନ କରିବ ।

(ଧର୍ମ ଓ ଜାତୀୟତା)

ଏହି ଯୋଗରେ ପ୍ରଥମ ପାଠ ହେଉଛି ଏକ ଶାନ୍ତ ନୀରବ ମନ, ଏକ ଦୃଢ଼ ସାହସ ଓ ଭଗବତ୍ ଶକ୍ତି ଉପରେ ପୂର୍ଣ୍ଣ ଆସ୍ଥା ରଖି ଜୀବନ ଓ ତା'ର ପରୀକ୍ଷାସବୁର ସମ୍ମୁଖୀନ ହେବା ।

— ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦଙ୍କ ସହ ମୋର ପ୍ରଥମ ସାକ୍ଷାତ୍

## ଟି. ଭି. କପାଳୀ ଶାସ୍ତ୍ରୀ

[ଶ୍ରୀଅରବିନ୍ଦଙ୍କ ସହ ତାଙ୍କର ପ୍ରଥମ ସାକ୍ଷାତ୍ ବିଷୟରେ ଶ୍ରୀ ଟି. ଭି. କପାଳୀ ଶାସ୍ତ୍ରୀ ଅଗଷ୍ଟ ୧୯୪୯ରେ ଶ୍ରୀ ମାଧବ ପଣ୍ଡିତଙ୍କୁ ଯେପରି ବର୍ଣ୍ଣନା କରିଥିଲେ ତାହା ସେପ୍ଟେମ୍ବର, ୧୯୯୭ ''ସର୍ଭିସ୍ ଲେଟର୍''ରେ ପ୍ରକାଶିତ ହୋଇଥିଲା । ତା'ର ଓଡ଼ିଆ ଅନୁବାଦ ଏଠାରେ ପ୍ରକାଶ କରୁଛୁ ।]

ଏପ୍ରିଲ, ୧୯୧୭ ମସିହାର କଥା । ମାଡ୍ରାସରେ ଥିଲାବେଳେ ପଣ୍ଡିଚେରୀରେ ହେଉଥିବା ଶଙ୍କର-ଜୟନ୍ତୀ ଉତ୍ସବରେ ବକ୍ତୃତା ଦେବା ନିମନ୍ତେ ମୁଁ ଗୋଟିଏ ନିମନ୍ତ୍ରଣ ପାଇଥାଏ । ଏହି ନିମନ୍ତ୍ରଣ ରକ୍ଷା କରିବା ନିମନ୍ତେ କିଛି ଦ୍ୱିଧା ଭାବ ମୋ ଭିତରେ ଜାଗ୍ରତ୍ ହେଉଥାଏ, କାରଣ ସେହି ଉତ୍ସବର ଆୟୋଜନ କରୁଥିବା ଭଦ୍ରବ୍ୟକ୍ତିମାନେ ଅତ୍ୟନ୍ତ ପୁରାତନ ପନ୍ଥୀ (Orthodox sect) ଭାବରେ ବେଶ୍ ଜଣାଶୁଣା ଥିଲେ ଏବଂ ଯଦିଓ ମୋ ନିଜର ଜୀବନଶୈଳୀ ପୁରାତନ ଧାରା ଉପରେ ପର୍ଯ୍ୟବସିତ ଥିଲା ତଥାପି କଠିନ ପୁରାତନ ଧାରଣାର ବିରୋଧରେ ଯାଉଥିବା ମୋର ମତାମତ ଓ ଚିନ୍ତାଧାରା, ମୋତେ ନିମନ୍ତ୍ରଣ କରିଥିବା ବନ୍ଧୁମାନଙ୍କୁ ଭଲ ଲାଗିବ କି ନାହିଁ ସେ ବିଷୟରେ ମୁଁ ସନ୍ଦିହାନ ଥାଏ । କିନ୍ତୁ ସେମାନେ ମୋତେ ନିମନ୍ତ୍ରଣ ରକ୍ଷା କରିବାକୁ ବାଧ୍ୟ କଲେ । ଅନ୍ୟ ଏକ କାରଣ ଯାହାକି ଅଧିକ ଅନ୍ତରଙ୍ଗ ତାହାହିଁ ମୋତେ ନିମନ୍ତ୍ରଣ ରକ୍ଷା କରିବାକୁ ସିଦ୍ଧାନ୍ତ ନେବାରେ ସାହାଯ୍ୟ କଲା, ତାହା ହେଲା ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବା ନିମନ୍ତେ ବହୁଦିନରୁ ପୋଷଣ କରିଥିବା ଆଶା । ଏହା ମୋ ପାଇଁ ଏକ ଅପୂର୍ବ ସୁଯୋଗ ଯାହାକୁ କେବେ ହେଲେ ଛାଡ଼ିବାର ନୁହେଁ, ବିଶେଷତଃ 'ଶଙ୍କର ଜୟନ୍ତୀ' ଭଳି ଏକ ଧାର୍ମିକ ଉତ୍ସବର ପବିତ୍ର ଲକ୍ଷ୍ୟ ନେଇ ଯୋଗ ଦେବାକୁ ଯାଉଥିବା ଜଣେ ବ୍ୟକ୍ତି, ପୁଲିସର ମୁଣ୍ଡବ୍ୟଥାର କାରଣ ହେବ ନାହିଁ – ଏଇ କଥା ମୁଁ ଅତ୍ୟନ୍ତ ଆଗ୍ରହର ସହିତ ଚିନ୍ତା କରିବାକୁ ଲାଗିଲି । ଯାହା ହେଉ, ଘଟଣାଗୁଡ଼ିକ ଅନ୍ୟ ଦିଗରେ ଗତି କରିବାକୁ ଲାଗିଲେ; ପୁଲିସଙ୍କ ଦୃଷ୍ଟି-ଆକର୍ଷଣ କରିବା ଆବଶ୍ୟକ ହେଲା ନାହିଁ; କିନ୍ତୁ ତାହା ଆଉ ଏକ ଗଳ୍ପ ।

କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ମୁଁ ପ୍ରଥମେ ଶ୍ରୀଅରବିନ୍ଦଙ୍କ ବିଷୟରେ ଶୁଣିଥାଏ । ୧୯୦୭ ମସିହାରେ ବକ୍ତୃତା ପ୍ରଦାନ କରିବା କାର୍ଯ୍ୟକ୍ରମରେ ବିପିନ ପାଲ୍ ମାଡ୍ରାସ ସହର ଗସ୍ତ କରୁଥା'ନ୍ତି ଏବଂ ମାରୀନା ବିଚ୍(ସମୁଦ୍ର କୂଳ)ରେ ସେ ଦେଉଥିବା ବକ୍ତୃତାର ଗର୍ଜନରେ ମାଡ୍ରାସର ଗଗନପବନ ପ୍ରକମ୍ପିତ ହୋଇ ଉଠୁଥାଏ । ସହରରେ ସୃଷ୍ଟି ହୋଇଥିବା ନୂତନ ଉଦ୍ଦୀପନାର ସର୍ବସାଧାରଣ ଜଳଭଉଁରୀ ମଧ୍ୟରେ ମୁଁ ପଡ଼ି ଯାଇଥିଲି – ସେହି ବକ୍ତୃତା ଶୁଣିବାର ଲୋଭ ସମ୍ବରଣ କରିପାରି ନ ଥିଲି । ବକ୍ତୃତା ଶୁଣିସାରିଲା ପରେ ମୋର ଜଣେ ବନ୍ଧୁ ଯେ କି ଜଣେ କଲେଜ ଛାତ୍ର ଥିଲେ ଏବଂ ପରବର୍ତ୍ତୀ କାଳରେ ସ୍ଥାନୀୟ ଏକ କଲେଜର ଅଧ୍ୟକ୍ଷ ଭାବରେ ଅବସର ଗ୍ରହଣ କରିଥିଲେ, ମୋତେ ଗୋଟିଏ କଡ଼କୁ ଡାକି ନେଲେ ଏବଂ କହିଲେ, ''ଏହି ପାଲ୍ ହେଉଛନ୍ତି ଗୋଟିଏ ଲାଉଡ୍‌ସ୍ପିକର, (ଡାକବାଜି ଯନ୍ତ୍ର), ଅନୁପ୍ରେରିତ, ସେ ବକ୍ତୃତା ଦେଉଛନ୍ତି ସତ, କିନ୍ତୁ ସେ ମୁଖ୍ୟ ନେତା ନୁହନ୍ତି । ଦୃଶ୍ୟପଟର ଅନ୍ତରାଳରେ ଆଉ ଜଣେ ବ୍ୟକ୍ତି ଅଛନ୍ତି, ସବୁ ଲେଖୁଛନ୍ତି, ନିର୍ଦ୍ଦେଶନା ବି ଦେଉଛନ୍ତି । ତାଙ୍କ ନାମ ହେଉଛି ଅରବିନ୍ଦ ଘୋଷ – ଜଣେ ଋଷିପ୍ରତିମ ବ୍ୟକ୍ତି, ଶକ୍ତି ଉପାସକ ।'' ମୁଁ ଖୁବ୍ ଉତ୍ସାହିତ ହୋଇଥିଲି ଏବଂ ସେହି ବର୍ଷ ଅନ୍ୟ ଜଣେ ବନ୍ଧୁ ନାଗପୁରରୁ ଫେରି ଥାଆନ୍ତି, ଯେଉଁଠାରେ କି ସେ ଶ୍ରୀଅରବିନ୍ଦଙ୍କ ବକ୍ତୃତା ଶୁଣିଥିଲେ (ସୁରାଟ କଂଗ୍ରେସ ପରେ ବମ୍ବେରୁ କଲିକତା ଆସିବା ବାଟରେ) । ମୁଁ କାଳବିଳମ୍ବ ନ କରି ତାଙ୍କଠାରୁ ଯେତେଟା ସମ୍ଭବ ସେତେ ସୂଚନା ସଂଗ୍ରହ କଲି । ସେ ନେତାଙ୍କ ବିଷୟରେ ବର୍ଣ୍ଣନା କଲାବେଳେ ଖୁବ୍ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରୁ ଥାଆନ୍ତି । ''ସେ ଉଚ୍ଚ ସ୍ୱରରେ କହନ୍ତି ନାହିଁ । କିନ୍ତୁ ସେ ଯେତେବେଳେ ସ୍ପଷ୍ଟ ସ୍ୱରରେ ଆସ୍ତେ ଆସ୍ତେ କହିବାକୁ ଆରମ୍ଭ କରନ୍ତି ଆମେ ସମସ୍ତେ ଅନୁଭବ କରୁ ଯେପରିକି ଏକ ପ୍ରକାର ଅପୂର୍ବ ଛନ୍ଦ ଲାଳିତ୍ୟ ବିଶାଳ ଜନସମୁଦ୍ର ଉପରକୁ ମାଡ଼ି ମାଡ଼ି ଯାଉଛି ଏବଂ ଯେତେବେଳେ ବକ୍ତୃତା ଶେଷ ହୁଏ, ଆମ୍ଭେମାନେ ଇନ୍ଦ୍ରଜାଲର କୁହୁକ ଭିତରୁ ଆଖି ଖୋଲି ଉଠି ବସୁଥିଲୁ ।'' – ସେ (ମୋର ବନ୍ଧୁ) କହି ଚାଲିଥିଲେ । ପରବର୍ତ୍ତୀ ସମୟରେ ଶ୍ରୀଅରବିନ୍ଦଙ୍କ କର୍ମଧାରା (Activities) ଏବଂ ରଚନା

(Writings) – ପ୍ରଥମେ ରାଜନୈତିକ ଏବଂ ତତ୍ପରେ ଯୁଗାନ୍ତକାରୀ ''ଆର୍ଯ୍ୟ'' ସହିତ ମୋର ଯେଉଁ ପରିଚୟ ଘଟିଥିଲା ତାହାର ଗତିପଥକୁ ଅନ୍ୱେଷଣ କରିବା ଏହି ସଂକ୍ଷିପ୍ତ ବର୍ଣ୍ଣନା ପରିସରର ବାହାରେ ।

ସୁତରାଂ ପରେ ପରେ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାର ମୁଖ୍ୟ ଉଦ୍ଦେଶ୍ୟ ରଖି ମୁଁ ପଣ୍ଡିଚେରୀ ଯାତ୍ରା କରିବାକୁ ସ୍ଥିର କଲି । ପଣ୍ଡିଚେରୀରେ ପହଞ୍ଚିଲା ପରେ ପ୍ରଥମେ ମୁଁ କବି ଭାରତୀ(ସୁବ୍ରମନ୍ୟମ୍ ଭାରତୀ)ଙ୍କ ଘରକୁ ଗଲି । ସେ ସେତେବେଳେ ଈଶ୍ୱରନ୍ ଧର୍ମରାଜ କୋଭିଲ୍ ଷ୍ଟ୍ରିଟ୍‌ରେ ରହୁଥାଆନ୍ତି । ମୁଁ ଯେତେବେଳେ ମୋର ପରିଚୟ ଦେଲି ତାଙ୍କ ସାନ ଝିଅ ମୋତେ ପ୍ରଥମ ମହଲାକୁ ନେଇଗଲେ, ଯେଉଁଠାରେ ତାଙ୍କୁ ମୁଁ ସଙ୍ଗୀତ ଗାନ କରୁଥିବାର ଦେଖିଥିଲି । ସେ ଗାଉଥାଆନ୍ତି : ଯାହାର ଭାଷାନ୍ତର ହେବ,

''... ଏ ଜନ୍ମରେ ବିଜୟ ତ ଅଟେ ସୁନିଶ୍ଚିତ
ରେ ମନ !
କାହିଁ ପାଇଁ ହେଉ ଭୟଭୀତ ... ।''

ତା'ପରେ କିଛି ସମୟ ରହିଯାଇ ସେ ମାଡ୍ରାସରେ ଥିବା ତାଙ୍କର ଜଣେ ଦୁଇଜଣ ବନ୍ଧୁଙ୍କ କଥା ପଚାରିଲେ । ଏହା ପୂର୍ବରୁ ଭାରତୀଙ୍କୁ ମୁଁ ମାଇଲାପୁରରେ ଭେଟିଥିଲି, ୧୯୦୭ ମସିହାର କିଛି ଦିନ ପୂର୍ବରୁ । କିନ୍ତୁ ଏ କି ପରିବର୍ତ୍ତନ ! ପରିସ୍ଥିତିର ଷଡ଼୍‌ଯନ୍ତ୍ରରେ ଶରୀର ତାଙ୍କର ଭାଙ୍ଗି ପଡ଼ିଥିଲା ଏବଂ ପ୍ରେରଣାଦୀପ୍ତ, ତାମିଲ ଜାତୀୟ କବିଙ୍କର ସୌମ୍ୟ ଓ ଉଦ୍‌ବୁଦ୍ଧ ମୁଖମଣ୍ଡଳ ସେତେବେଳେ ସଙ୍କୁଚିତ, ରଙ୍ଗହୀନ ଓ ଅସ୍ତମିତ । ହଠାତ୍ ତାଙ୍କ ଭିତରୁ ସଙ୍ଗୀତର ସ୍ରୋତ ଉଛୁଳି ଉଠିଲା :

ଗୋପନ ଗୁହାର କୋଳେ,
ବର୍ଦ୍ଧମାନ ହେ ଆଲୋକ ଶିଖା,
ପରାତ୍ପର ପରମ-ସନ୍ତାନ ...

(In the Secret cave, O growing Flame,
Son of the Supreme.)

ମୁଁ ଜାଣିଥିଲି ଯେ ଭାରତୀଙ୍କର କିଞ୍ଚିତ ସଂସ୍କୃତ ଜ୍ଞାନ ଥିଲା ଯାହାକୁ ସେ କାଶୀରେ ଥିଲାବେଳେ ଅଧ୍ୟୟନ କରିଥିଲେ; କିନ୍ତୁ ସେଥିରେ ବେଦଗୁଡ଼ିକ ସହିତ ତାଙ୍କର ଏତେ ଗଭୀର ପରିଚୟ ହୋଇ ନ ଥିଲା, ଯାହାଫଳରେ ସେ ମନୁଷ୍ୟ ହୃଦୟ ମଧ୍ୟରେ ବର୍ଦ୍ଧନଶୀଳ ବହ୍ନିଶିଖା ପରି ବୈଦିକ ମାର୍ମିକ ଭାବକୁ ପରିପ୍ରକାଶ କରିବାକୁ ସମର୍ଥ ହେବେ । ଅଧିକନ୍ତୁ କବି (ଭାରତୀ) ଅଗ୍ନିକୁ ଗୁହା, କୁମାର, ପରମାତ୍ମାଙ୍କର ସନ୍ତାନଙ୍କ ସହିତ ତୁଳନା କରୁଛନ୍ତି । ମୁଁ ଯେତେବେଳେ ପ୍ରଶ୍ନ କଲି ସେ କିପରି ଉକ୍ତ ଧାରଣାଟିକୁ ଧରି ପାରିଲେ, ଉତ୍ତରରେ ଏକ ଚିତ୍ତାକର୍ଷକ ସମୀକ୍ଷା ପ୍ରଦାନପୂର୍ବକ ସେ କହିଲେ : ''ହଁ ମୁଁ ଦୁଇଶତ ସ୍ତୋତ୍ର ଅଧ୍ୟୟନ କରିଛି, (ମୋର ଠିକ୍ ମନେ ପଡୁ ନାହିଁ ସେ 'ସ୍ତୋତ୍ର' କହିଲେ ବା 'ସୂକ୍ତ' କହିଲେ) ଶ୍ରୀଅରବିନ୍ଦ ଘୋଷଙ୍କ ତତ୍ତ୍ୱାବଧାନରେ ।''

ଭାରତୀଙ୍କଠାରୁ ମୁଁ ଜାଣି ପାରିଲି ଯେ ସେ ଶ୍ରୀଅରବିନ୍ଦଙ୍କ ଠାରୁ ବୈଦିକ ଦେବଦେବୀ ଓ ସେମାନଙ୍କ ପ୍ରତି ବେଦରେ ଥିବା ସ୍ତୋତ୍ରଗୁଡ଼ିକ ସମ୍ବନ୍ଧରେ ପ୍ରେରଣା ଓ ସାଧାରଣ ଜ୍ଞାନ ଲାଭ କରିଥିଲେ । ପରବର୍ତ୍ତୀ କାଳରେ ସେ ଅଗ୍ନିଙ୍କ ପ୍ରତି ବେଦରେ ଥିବା କେତେକ 'ସୂକ୍ତ'କୁ ତାମିଲ ଭାଷାରେ ଅନୁବାଦ ମଧ୍ୟ କରିଥିଲେ ।

ସୁତରାଂ ଏ. ଜି.[ଶ୍ରୀଅରବିନ୍ଦ ସେତେବେଳେ A. G. (Aurobindo Ghose) ଭାବରେ ପରିଚିତ ଥିଲେ]ଙ୍କ ସଂପର୍କରେ ଆଲୋଚନାର ଶୁଭାରମ୍ଭ ହେଲା ।

– ''ସେ କେଉଁଠାରେ ବାସ କରନ୍ତି ?'' ମୁଁ ପଚାରିଲି ।

– ''ଏଇ ସେଇଠି ...;'' – ଇଉରୋପୀୟମାନଙ୍କର ବାସଗୃହ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ସେ କହିଲେ ।

– ''ମୁଁ ତାଙ୍କୁ ଦର୍ଶନ କରିବାକୁ ଇଚ୍ଛା କରେ ।''

– ''କିନ୍ତୁ ଆଜିକାଲି ଲୋକମାନଙ୍କୁ ଦର୍ଶନ ଦେବାକୁ ସେ ବହୁତ କୁଣ୍ଠିତ । ଆଗରୁ ମୁଁ ଯେପରି ତାଙ୍କୁ ଦର୍ଶନ କରୁଥିଲି, ଏବେ ଆଉ ସେପରି ନାହିଁ । ଯାହା ହେଉ ମୁଁ ପଚାରି ବୁଝିବି ।'' – କହିଲେ ଭାରତୀ ।

– '' ଦୟାକରି ତାଙ୍କୁ ଜଣାଇବେ ଯେ ମୁଁ ତାଙ୍କ ପାଖକୁ ତୀର୍ଥଯାତ୍ରାରେ ଆସିଅଛି'', – ମୁଁ ଭିତରୁ ପ୍ରେରିତ ହୋଇ କହିଲି । ପ୍ରକୃତରେ ଏହି ତୀର୍ଥଯାତ୍ରା କୌଣସି ଏକ ସ୍ଥାନରୁ ବହୁ ବର୍ଷ ପୂର୍ବରୁ ଆରମ୍ଭ ହୋଇଅଛି ।

ଭାରତୀ ଖଣ୍ଡେ କାଗଜରେ ଛୋଟିଆ ନୋଟ୍‌ଟିଏ ଲେଖିଲେ – ଚରିତ୍ରଗତ ଭାବରେ ହାସ୍ୟ ଉଦ୍ଦୀପକ ନାଗାସ୍ୱାମୀ, ଯେ କି ସେ ସମୟରେ ଶ୍ରୀଅରବିନ୍ଦଙ୍କ ଦେଖାଶୁଣା କରୁଥିଲେ – ତାଙ୍କରି ପାଖକୁ ଏବଂ ତଳେ ଦସ୍ତଖତ କଲେ – ''ଶକ୍ତି କୁମାର'' ଏବଂ ମୋ ହାତରେ ସେ ଖଣ୍ଡିକ ଦେଇ ଜଣେ ଲୋକ ସାଥିରେ ମୋତେ ଯେଉଁ ଘରେ ଶ୍ରୀଅରବିନ୍ଦ ରହୁଥିଲେ ସେଠାକୁ ପଠାଇ ଦେଲେ ।

ଆମେ ସେଠାରେ ପହଞ୍ଚିଲା ବେଳକୁ ଅପରାହ୍ଣ ତିନିଟା । ନାଗାସ୍ୱାମୀ ଅନୁରୋଧ ରକ୍ଷା କଲେ । 'ନୋଟ୍'ଟିକୁ ଗ୍ରହଣ କଲେ, ଉପରକୁ A. G. ଙ୍କ ପାଖକୁ ଗଲେ ଏବଂ ମାତ୍ର ଦୁଇ ମିନିଟ ମଧ୍ୟରେ ଫେରି ଆସିଲେ ।

— ''ସେ ଆପଣଙ୍କୁ ସନ୍ଧ୍ୟା ଛ'ଟାରେ ଦର୍ଶନ ଦେବେ,'' — କହିଲେ ନାଗାସ୍ୱାମୀ ।

ମହାଦ୍ୱନ୍ଦରେ ପଡ଼ିଲି ! ଯେଉଁ ମୁହୂର୍ତ୍ତଟିକୁ ବହୁ ଆକାଂକ୍ଷା ନେଇ ବହୁଦିନ ଆଗରୁ ଅପେକ୍ଷା କରି ରହିଥିଲି, ସେଇଟି ଆସି ଉପସ୍ଥିତ । କିନ୍ତୁ ସନ୍ଧ୍ୟା ୬ଟା ସମୟଟି ବଡ଼ ଅଡୁଆରେ ପକାଇଲା । କାରଣ ମୋଟାମୋଟି ଭାବରେ ସେହି ସନ୍ଧ୍ୟା ୬ଟାରେ ଶଙ୍କର ଜୟନ୍ତୀ ଉତ୍ସବରେ ମଧ୍ୟ ମୋର ବକ୍ତୃତା ଦେବାକୁ ସ୍ଥିର ହୋଇଥିଲା । ଦୁଇଟି ମଧ୍ୟରୁ କେଉଁଟିକୁ ବି ଛାଡ଼ି ଦେଇ ହେବ ନାହିଁ । ଯାହା ହେଲେ ବି ଦୁଇଟି ଯାକ ଏକା ବେଳକେ ମଧ୍ୟ ହୋଇ ପାରିବ ନାହିଁ । ଏହା କ'ଣ ସେହି ସର୍ବଜନବିଦିତ : ''ସତ୍ତ୍ୱ ପରୀକ୍ଷା ?'' — ମୁଁ ଆଶ୍ଚର୍ଯ୍ୟ ହେଲି । କିଛି କ୍ଷଣ ଚିନ୍ତା କଲି ଏବଂ ଉତ୍ସବ ଆୟୋଜକମାନଙ୍କ ନିକଟକୁ ସଭା କାର୍ଯ୍ୟ ନିର୍ଦ୍ଧାରିତ ସମୟଠାରୁ ଅଳ୍ପ କିଛି ଡେରିରେ ଆରମ୍ଭ କରିବାକୁ ଅନୁରୋଧ କରି ବାର୍ତ୍ତାଟିଏ ପଠାଇ ଦେଲି ।

ଠିକ୍ ଛ'ଟା ବେଳେ ମୋତେ ଉପର ମହଲାକୁ ଶ୍ରୀଅରବିନ୍ଦଙ୍କ ଗୃହକୁ ନିଆଗଲା । ଏହି ଗୃହଟି ବର୍ତ୍ତମାନ ''ଗେଷ୍ଟ ହାଉସ୍'' ନାମରେ ପରିଚିତ — ବର୍ତ୍ତମାନ ଆଶ୍ରମର ମୁଖ୍ୟ ବ୍ଲକରେ ଅବସ୍ଥିତ ଅନ୍ୟ ଏକ ଭବନକୁ ଶ୍ରୀଅରବିନ୍ଦ ଗଲା ପରେ ଏହାର ଏପରି ନାମକରଣ ହୋଇଥିଲା । ପାହାଚ ଉପରେ ପାଦ ଦେଇ ଉପର ମହଲାକୁ ଗଲି ଏବଂ ପ୍ରବେଶ ଦ୍ୱାର ସମ୍ମୁଖରେ ଠିଆ ହେଲି, ଆଗରେ ଲମ୍ବା ହଲ୍ — ହଲ୍ ମଝିରେ ଗୋଟିଏ ସାଧାରଣ ଟେବୁଲ ଓ ଦୁଇଟି ଚେୟାର । ହଲ୍‌ଟିର ଶେଷ ଭାଗରେ ଆଉ ଗୋଟିଏ ପ୍ରକୋଷ୍ଠ, ଯେଉଁ ପ୍ରକୋଷ୍ଠର ଏରୁଣ୍ଡି ବନ୍ଧ ପାଖରେ ଶ୍ରୀଅରବିନ୍ଦ ଦଣ୍ଡାୟମାନ; ଚଳନଶୀଳ ମୂର୍ତ୍ତିଟିଏ ପରି — ଏହାହିଁ ତାଙ୍କର ନୈର୍ବ୍ୟକ୍ତିତ୍ୱ ଆଧାର । ମୁଁ ମୋ ଠିଆ ହୋଇଥିବା ସ୍ଥାନରୁ ଆଗକୁ ପାଦ ବଢ଼ାଇଲି, ସେ ମଧ୍ୟ ଟେବୁଲ ପାଖକୁ ଅଗ୍ରସର ହେଲେ ଏବଂ ଆମେ ଦୁହେଁ ହଲ୍‌ର ଠିକ୍ କେନ୍ଦ୍ରସ୍ଥଳରେ ପରସ୍ପରକୁ ଭେଟିଲୁ । ଆଦି କବି ବାଲ୍ମୀକିଙ୍କ ସୃଷ୍ଟ ଆର୍ଯ୍ୟବଂଶର ମର୍ଯ୍ୟାଦା ଓ ଆଭିଜାତ୍ୟର ପ୍ରତୀକ ଲୋକାଭିରାମ ଶ୍ରୀରାମଙ୍କ ପରି ଶ୍ରୀଅରବିନ୍ଦ ପ୍ରଥମେ କହିଲେ, ''ପୂର୍ବ-ଭାଷୀ'' । ଶ୍ରୀଅରବିନ୍ଦଙ୍କ ପ୍ରତି ମୋର ଅନ୍ତରର ଶ୍ରଦ୍ଧା ସମ୍ମାନର ବିନମ୍ର ପରିପ୍ରକାଶ ସ୍ୱରୂପ ମୁଁ ମୋ ସହିତ ଗୋଟିଏ କମଳାଲେମ୍ବୁ ନେଇଥିଲି ଏବଂ ସେ ଚେୟାରରେ ବସିଲା ପରେ ତାଙ୍କ ସମ୍ମୁଖରେ ଟେବୁଲ ଉପରେ ସେଇଟି ରଖିଲି ଏବଂ କହିଲି : ''ସୁଦିନମ୍ ଆସୀତ୍ ଅଦ୍ୟ'' (ଆଜି ଗୋଟିଏ ଆନନ୍ଦର ଦିନ) ।

ଶ୍ରୀଅରବିନ୍ଦ ତାଙ୍କ ପାଖରେ ସେପର୍ଯ୍ୟନ୍ତ ଠିଆ ହୋଇଥିବା ଜନୈକ ଯୁବକଙ୍କ ଆଡ଼କୁ ଟିକିଏ ଢଳି ପଡ଼ିଲେ ଏବଂ ମୁଁ ଇଂରାଜୀ ଜାଣିଛି କି ନାହିଁ ବୋଲି ବୋଧହୁଏ ତାଙ୍କୁ ପଚାରିଲେ । ସେ ନିଶ୍ଚିତ ହେଲେ ଯେ ମୁଁ ଇଂରାଜୀ ଜାଣିଛି ଏବଂ ଏହି ଭାଷାରେ ପ୍ରାଞ୍ଜଳ ଭାବରେ କହିବାର ଦକ୍ଷତା ମୋର ଅଛି । ଆମେ କଥାବାର୍ତ୍ତା ଆରମ୍ଭ କଲୁ । ଟେବୁଲ ପାଖରେ ଶ୍ରୀଅରବିନ୍ଦ ଓ ମୁଁ ମୁହାଁମୁହିଁ ହୋଇ ଠିଆ ହୋଇଥିଲା ବେଳେ କ'ଣ ଘଟିଥିଲା ତାହା ଯଦି ମୁଁ ଏଠାରେ କହିବାକୁ ଅସମର୍ଥ ହୁଏ ତେବେ ବହୁତ କିଛି ଅକୁହା ରହିଗଲା ପରି ମନେ ହେବ ।

ଏହିପରି ଘଟଣାଗୁଡ଼ିକୁ ହେତୁବାଦୀ ଓ ସନ୍ଦେହୀ ଲୋକମାନଙ୍କର ଥଟ୍ଟା ତାମସାକୁ ଭୟ କରି ନିଜ ଭିତରେ ଅନ୍ୟମାନଙ୍କଠାରୁ ଲୁଚାଇ ରଖିବାର ଯୁଗ ଚାଲିଗଲାଣି । ପୁସ୍ତକମାନଙ୍କରେ ଲିପିବଦ୍ଧ ହୋଇଥିବା ଓ ଲାବରେଟୋରୀ-ମାନଙ୍କରେ ଆବିଷ୍କୃତ ହୋଇଥିବା ଜିନିଷମାନଙ୍କଠାରୁ ଆହୁରି ବହୁତ ଜିନିଷମାନ ଏହି ପୃଥିବୀ ଉପରେ ଓ ସ୍ୱର୍ଗ ଭିତରେ ରହିଛି ବୋଲି ମନୁଷ୍ୟ ଜାଣି ସାରିଲାଣି । ତତ୍ପରେ, ମୁଁ ଯେମିତି ତାଙ୍କୁ କିଛି ଦୂରରୁ ଦେଖି ଦେଇଛି, ସବୁ ଜିନିଷରେ ଗତିଶୀଳତା ଅନୁଭୂତ ହେଲା; ହଠାତ୍ ମୋର ମସ୍ତକଠାରୁ ପାଦ ପର୍ଯ୍ୟନ୍ତ ଏକ ତୀବ୍ର ଶିହରଣ ଖେଳିଗଲା । ଶରୀରରେ କ୍ରମାଗତ ରୋମାଞ୍ଚ ଓ ସ୍ପନ୍ଦନ ଲାଗି ରହିଲା । ମୋର ମନେ ହେଲା ମୁଁ ଯେପରି ନୂତନ, ଶକ୍ତିଶାଳୀ ଏବଂ ସର୍ବୋଚ୍ଚ ଗତିରେ ଚାଲୁଥିବା ଗୋଟିଏ ବିଦ୍ୟୁତ୍-ଉତ୍ପାଦନକାରୀ ଯନ୍ତ୍ର (Dynamo) ଉପରେ ଠିଆ ହୋଇଛି । ଏହି ଅନୁଭବ ପ୍ରାୟ ଚାରି ମିନିଟରୁ ପାଞ୍ଚ ମିନିଟ ପର୍ଯ୍ୟନ୍ତ ରହିଲା । ଏହି ପ୍ରକ୍ରିୟା ପ୍ରକୃତରେ ଆଦୌ ବନ୍ଦ ହୋଇ ନ ଥିଲା । ବସ୍ତୁତଃ ଏହା ସବୁଦିନ ପାଇଁ ଚାଲୁ ରହିଥିଲା ଏବଂ ପରବର୍ତ୍ତୀ କାଳରେ ମୁଁ ଯେତେବେଳେ ତାଙ୍କୁ ସାକ୍ଷାତ୍ କରିବାକୁ ଯାଉଥିଲି କିଂବା ସେ ନିଭୃତକୁ ଗଲାପରେ ଦର୍ଶନ କରିବାକୁ ଯାଉଥିଲି, ଏହି ଅପୂର୍ବ ଘଟଣା ଆପେ ଆପେ ଘଟୁଥିଲା ।

ଏକ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ କ୍ରମାଗତ ଭାବରେ ନିଜ ଭିତରୁ ବିଭିନ୍ନ ଆଧ୍ୟାତ୍ମିକ ବିଭୂତିମାନଙ୍କୁ ଢାଳି ଚାଲିଥା'ନ୍ତି ଏବଂ ଏହା ମନେ ହେଉଥାଏ ଯେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର ଏଥିପ୍ରତି କୌଣସି ଗୁପ୍ତ ଆକର୍ଷଣ ଥାଏ କିଂବା ଚେତନା ଭିତରେ କୌଣସି ନା କୌଣସି ସ୍ଥାନରେ ଏହି ସଂପର୍କର ଛୋଟ ବିନ୍ଦୁଟିଏ ସ୍ପନ୍ଦନର ପରିଧି ଭିତରକୁ ଆସିଯାଏ, ତେବେ ଆମ ଭିତରେ ଥିବା କୌଣସି ନା କୌଣସି ଏକ ସୂକ୍ଷ୍ମ ସ୍ଥାନଟିଏ ଏହି ଶକ୍ତି-ପ୍ରଦାନକାରୀ, ଜୀବନଦାୟିନୀ ବିକିରଣକୁ ଯେତେ ପାରେ ସେତେ ଶୋଷି ନେବା ପାଇଁ ପ୍ରଚେଷ୍ଟା କରିଥାଏ । କିନ୍ତୁ ଶରୀର ସେତେ ପରିମାଣରେ ଗ୍ରହଣଶୀଳ ହୋଇ ନ ଥିବାରୁ ଏହି ଗୁହ୍ୟ ବାଣିଜ୍ୟକୁ (occult commerce) ଅଧିକ ସମୟ ଧରି ରଖିବା ନିମନ୍ତେ ସମର୍ଥ ହୋଇ ପାରେ ନାହିଁ । ଉକ୍ତ ଶକ୍ତି-ପ୍ରବାହକୁ ଧରି ରଖିବା ପାଇଁ ଶରୀରର ଆବଶ୍ୟକ ସ୍ନାୟୁ-ଶକ୍ତିର ଅଭାବ ଥାଏ ଏବଂ ଫଳସ୍ୱରୂପ ଶାରୀରିକ ସ୍ପନ୍ଦନ ଗତିଶୀଳ ହୋଇଥାଏ । ଅବଶ୍ୟ ମୁଁ ବର୍ତ୍ତମାନ ଏହାର ସ୍ପଷ୍ଟୀକରଣ ଖୋଜି ପାଇସାରିଛି । ସେତେବେଳେ ମୁଁ ଯାହା ଜାଣୁଥିଲି ବା ଜାଣିବାର ଲୋଭ ସମ୍ବରଣ କରିପାରୁ ନ ଥିଲି, ତାହା ହେଲା : ମୁଁ ଏକ ଅସାଧାରଣ ବ୍ୟକ୍ତିତ୍ୱ ସମ୍ମୁଖରେ ଦଣ୍ଡାୟମାନ । ଏହା କ'ଣ ସେହି ସୂର୍ଯ୍ୟମୁଖୀ ଯାହା ସୂର୍ଯ୍ୟଙ୍କ ଆଡ଼କୁ ଘୁରି ବୁଲୁଥାଏ; ଅଥବା ଖଣ୍ଡିଏ ଚୁମ୍ବକ ପିଣ୍ଡ ଯାହାଙ୍କ ସମ୍ମୁଖରେ ଘର୍ଷଣରୁ ନିର୍ଗତ ଲୌହ ଅଣୁମାନେ ଥରି ଥରି ନୃତ୍ୟ କରୁଛନ୍ତି, ସେ କ'ଣ ଗୋଟିଏ ରହସ୍ୟାତ୍ମକ ଊର୍ଣ୍ଣନାଭ (spider), ସଦା ଜାଗ୍ରତ୍ – ଦରକାର ବେଳେ ବ୍ୟବହାର କରିବା ନିମନ୍ତେ ଶିକାରଟିକୁ ଜୀବନ୍ତ ଅବସ୍ଥାରେ ସଞ୍ଚୟ କରି ରଖିବାକୁ ଜାଲ ଭିତରକୁ ଟାଣି ନେଉଛନ୍ତି !

ମୋର ତିନିଗୋଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ତାଙ୍କୁ ପଚାରିବାର ଥିଲା । ସେଥି ମଧ୍ୟରୁ ଦୁଇଟିର ଆଲୋଚନା ଏଠାରେ କରିବାର ଆବଶ୍ୟକତା ନାହିଁ । ସ୍ୱଭାବତଃ ଦେଶର ଭବିଷ୍ୟତ୍ ନେଇ ପ୍ରଶ୍ନ ମୋ ମନ ଭିତରେ ସର୍ବୋଚ୍ଚ ସ୍ଥାନ ଗ୍ରହଣ କରିଥିଲା ଏବଂ ମୁଁ ଆଗ୍ରହର ସହିତ ଜାଣିବାକୁ ଚାହୁଁଥିଲି ଯେ ଶ୍ରୀଅରବିନ୍ଦ ଏ ବିଷୟରେ କ'ଣ ଚିନ୍ତା କରୁଛନ୍ତି । ଏହି ଦେଶନେତା, ଦେବଦୂତ, ଭଗବାନ୍ ଏହି ଜାତିକୁ ଦେଇଥିବା ବହୁମୂଲ୍ୟ ଉପହାରସବୁ ଠାରୁ, ଯଦି ସମ୍ଭବ ହୁଏ – ଏହି ଦେଶ ଆଗରେ ଥିବା ଭବିଷ୍ୟତ୍ ସମ୍ଭାବନା ସଂପର୍କରେ ଗୋଟିଏ ଆଶାର ଶବ୍ଦ ଶୁଣିବା ପାଇଁ ମୋ ଭିତରେ ପ୍ରବଳ ଆଗ୍ରହ ଜାତ ହୋଇଥିଲା ।

ମୁଁ ପ୍ରଶ୍ନ କଲି : ''ଖୁବ୍ ନିକଟ ଭବିଷ୍ୟତରେ ଭାରତରେ କି କି ସମ୍ଭାବନା ଅଛି ?''

– ''ସମ୍ଭାବନା କାହିଁକି ? ଏହା ତ ନିଶ୍ଚିତ ହୋଇ ଯାଇଅଛି,'' – ସେ ଜୋର୍ ଦେଇ ଉତ୍ତର ଦେଲେ ।

ତିଳକଙ୍କ (ବାଳଗଙ୍ଗାଧର ତିଳକ) ସହିତ ହୋଇଥିବା ଲକ୍ଷ୍ନୌ ସନ୍ଧି ସତ୍ତ୍ୱେ, ଅଳ୍ପ କେତେକ ରାଜନେତାମାନଙ୍କର ଚିନ୍ତାଶୀଳ ମସ୍ତିଷ୍କରେ ହିନ୍ଦୁ-ମୁସଲମାନ ସମସ୍ୟା ଉଙ୍କି ମାରୁଥିଲା । ''ଆମକୁ ମୂଳଚାଲ କରିବାକୁ ପଡ଼ିବ ଏବଂ ସେମାନଙ୍କଠାରୁ ଦେଶ-ଭକ୍ତି କ୍ରୟ କରିବାକୁ ହେବ,'' – ମୋ ପାଟିରୁ ବାହାରି ପଡ଼ିଲା । ଏହା ଏକ ସାଙ୍ଘାତିକ ପ୍ରତିବନ୍ଧକ ବୋଲି ସେ ସ୍ୱୀକାର କଲେ, କିନ୍ତୁ ଆଶା ପ୍ରକାଶ କଲେ ଯେ ସଂସ୍କାର ଆନ୍ଦୋଳନମାନ ଅନୁଷ୍ଠିତ ହେବ ଏବଂ ଏହା ସମାଜର ପ୍ରଗତିଶୀଳ ବିଭାଗମାନଙ୍କୁ ପ୍ରଭାବିତ କରିବ । ''ଏକ ବିଶାଳ, ଉଦାର ହିନ୍ଦୁଧର୍ମ ଏହି ସମସ୍ୟାର ସମାଧାନର ବାଟ ଖୋଜି ପାଇ ପାରିବ ଏବଂ ଏହା ଆବଶ୍ୟକ'' – ଏହା ଥିଲା ତାଙ୍କର ଚିନ୍ତାଶୀଳ ବକ୍ତବ୍ୟ ।

ସନ୍ଧ୍ୟା ସାତଟା, ଏହି ସମୟ ପର୍ଯ୍ୟନ୍ତ ମୋର ବକ୍ତୃତା ଦେବାର ସମୟକୁ ବାତିଲ କରାହୋଇଥିଲା, ଏବେ ତାହା ଆସି ଉପସ୍ଥିତ । ମୁଁ ବିଦାୟ ନେବାକୁ ଉଠିଲି । ବିଦାୟ ସମୟରେ ମୋର ଗୋଟିଏ ପ୍ରଶ୍ନର ଉତ୍ତର ଦେଇ ସେ କହିଲେ, ''ତୁମେ ଆସନ୍ତାକାଲି ଏଠାକୁ ଆସିପାର, କିନ୍ତୁ ଏହି ସମୟରେ ।'' ଛ'ଟା ବେଳେ ଯେଉଁ ବ୍ୟକ୍ତି ଜଣକ ମୋ ପାଖକୁ ଆସି ଦର୍ଶନ ଦେଇଥିଲେ ମୁଁ କ'ଣ କେବେ ତାଙ୍କୁ ତ୍ୟାଗ କରିପାରିବି ? ଘଟଣାଚକ୍ରରେ ପଡ଼ି ମୁଁ ସେଦିନ ବିଦାୟ ନେଇଥିଲି । କିନ୍ତୁ ବେଶୀ ଦିନ ପାଇଁ ନୁହେଁ । କାରଣ, ଶ୍ରୀଅରବିନ୍ଦଙ୍କ ସହିତ ମୋର ପ୍ରଥମ ସାକ୍ଷାତ୍କାରରେ ମୋ ଭିତରେ କ'ଣ କିଛି ଗୋଟାଏ ହୋଇ ଯାଇଥିଲା, ଯେଉଁ ବିଷୟରେ ମୁଁ ସଂପୂର୍ଣ୍ଣ ଭାବରେ ମନୋଯୋଗୀ ନ ଥିଲି କିଂବା ତା'ର ପୂର୍ଣ୍ଣ ତାତ୍ପର୍ଯ୍ୟକୁ ବୁଝିପାରି ନ ଥିଲି ।

ମୋ ଭିତରେ ଅନେକ ଘଟଣା ଘଟିବା ଆରମ୍ଭ ହୋଇ ଯାଇଥିଲା, ଯେଉଁ ଘଟଣାଗୁଡ଼ିକର ଡେଣାରେ ବସି ମୁଁ ବହୁ ଦୂରକୁ ଉଡ଼ି ଯାଉଥିଲି – ଏମିତି ହେଉଥିଲା, ଯାହା କଥାରେ ପ୍ରକାଶ କରିବା ଅସମ୍ଭବ । ଏହିପରି କେତେ ଘଟଣା ଏକ ଅପ୍ରତିହତ ତୀବ୍ରତାର ସହ ମୋ ଆଗରେ, ପଛରେ ଏବଂ ଚତୁଃପାର୍ଶ୍ୱରେ ଘୁରି ବୁଲୁଥିଲେ – ଦୀର୍ଘ ଛ' ବର୍ଷ ପରେ ମୁଁ

ତାଙ୍କ ପାଖକୁ ଫେରି ଆସିବା ପର୍ଯ୍ୟନ୍ତ (୧୯୨୩) । ଏଥରକ ସଂପୂର୍ଣ୍ଣ ଏକ ଭିନ୍ନ ଭୂମିକା, ଗୁରୁଦେବଙ୍କ ପାଦପଦ୍ମକୁ ଅନ୍ୱେଷଣ କରୁଥିବା ଏକ ଅନ୍ୱେଷୀ ଭାବରେ । କିନ୍ତୁ ଗୁରୁଦେବଙ୍କ ରୂପାକୃତିରେ ଏ କି ଚମତ୍କାର ପରିବର୍ତ୍ତନ !

''ହେ ପ୍ରଭୋ ! ଆଉ କ'ଣ ପ୍ରମାଣ ଆବଶ୍ୟକ । ସେତେବେଳେ ଶରୀରର ବର୍ଣ୍ଣ ଶ୍ୟାମଳ (Dark-brown), ବର୍ତ୍ତମାନ ଗୌର (Fair), ସ୍ୱର୍ଣ୍ଣାଭ ବର୍ଣ୍ଣଚ୍ଛଟା । ଏହି ତ ଯୋଗ-ପ୍ରକ୍ରିୟାର ଚାକ୍ଷୁଷ ପ୍ରମାଣ – ଏହାହିଁ ଆପଣଙ୍କର ନିଜସ୍ୱ ଯୋଗ ।''

(ସେପ୍ଟେମ୍ବର ୧୯୯୭, Service Letter ରୁ)

ଅନୁବାଦ : ମହେନ୍ଦ୍ର ନାଥ ସ୍ୱାଇଁ

*''...ଭାଗବତୀ ଶକ୍ତି ତୁମ ପାଇଁ ସମର୍ପଣ ବି କରିଦେବେ, ଏହି ମିଥ୍ୟା ଏବଂ ତାମସିକ ପ୍ରତ୍ୟାଶା ଦୂର କର । ଭଗବାନ୍ ଚାହାନ୍ତି ଭାଗବତୀ ଶକ୍ତିଙ୍କ ନିକଟରେ ତୁମର ସମର୍ପଣ, କିନ୍ତୁ ସେଥିଲାଗି ତୁମକୁ ସେ କେବେ ଜୋର୍ କରନ୍ତି ନାହିଁ । ଯେପର୍ଯ୍ୟନ୍ତ ତୁମର ସ୍ଥାୟୀ ଅପରିବର୍ତ୍ତନୀୟ ରୂପାନ୍ତର ନ ଆସିଛି ସେପର୍ଯ୍ୟନ୍ତ ପ୍ରତି ମୁହୂର୍ତ୍ତରେ ଭଗବାନଙ୍କୁ ଅସ୍ୱୀକାର ଓ ପ୍ରତ୍ୟାଖ୍ୟାନ କରିବା ଲାଗି କିଂବା ତୁମ ଆତ୍ମ-ଦାନକୁ ଫେରାଇ ଆଣିବା ଲାଗି ତୁମେ ମୁକ୍ତ ଯଦି ତୁମେ ଏହାର ଆଧ୍ୟାତ୍ମିକ ପରିଣାମ ଭୋଗ କରିବାକୁ ପ୍ରସ୍ତୁତ ଥାଅ ।''*

– ଶ୍ରୀଅରବିନ୍ଦ ('ମା' ପୁସ୍ତକ, ପୃଷ୍ଠା - ୬)

*ପ୍ରଶ୍ନ : 'ଏକ ସ୍ଥାୟୀ ଅପରିବର୍ତ୍ତନୀୟ' ରୂପାନ୍ତରର ଅର୍ଥ କ'ଣ ?*

**ଶ୍ରୀମା** : ସେହି ରୂପାନ୍ତରକୁ 'ସ୍ଥାୟୀ ଅପରିବର୍ତ୍ତନୀୟ' ରୂପାନ୍ତର ବୋଲି କୁହାଯିବ ଯେତେବେଳେ ତୁମର ଚେତନା ଏଭଳି ଭାବରେ ରୂପାନ୍ତରିତ ହେବ ଯେ ତୁମେ ଆଉ କେବେ ତୁମର ପୁରୁଣା ସ୍ଥିତିକୁ ଫେରିଯାଇ ପାରିବ ନାହିଁ । ଏହିପରି ଏକ ମୁହୂର୍ତ୍ତ ଆସେ ଯେତେବେଳେ ପରିବର୍ତ୍ତନଟି ଏତେ ପରିପୂର୍ଣ୍ଣ ଭାବରେ ସଂଘଟିତ ହୋଇଥାଏ ଯେ ତୁମେ ଆଗରୁ ଯାହା ଥିଲ ସେପରି ହେବା ସଂପୂର୍ଣ୍ଣ ଅସମ୍ଭବ ହୋଇପଡ଼େ ।

*ପ୍ରଶ୍ନ : ପରମା ଦିବ୍ୟଶକ୍ତି (divine Shakti) ଓ ପରମ ଦିବ୍ୟ ସାମର୍ଥ୍ୟ (divine Power) ମଧ୍ୟରେ କି ପାର୍ଥକ୍ୟ ରହିଛି ?*

**ଶ୍ରୀମା** : ପରମ ଦିବ୍ୟ ସାମର୍ଥ୍ୟ ହେଉଛି ପରମା ଦିବ୍ୟ ଶକ୍ତିର କେବଳ ଏକ ଅଂଶ, ପରମ ଦିବ୍ୟ ସାମର୍ଥ୍ୟ ହେଉଛି ପରମା ଦିବ୍ୟଶକ୍ତିର ଏକ ବିଭାବ । ଶ୍ରୀଅରବିନ୍ଦ ପରମା ଦିବ୍ୟଶକ୍ତି ଶବ୍ଦଟିକୁ ଏଠାରେ ଚିତ୍-ତପସ୍ ଅର୍ଥରେ ସେହି ସୃଷ୍ଟିକାରିଣୀ ଶକ୍ତି ବା ସୃଷ୍ଟିକାରିଣୀ ଚେତନାର ଅର୍ଥରେ ବ୍ୟବହାର କରିଛନ୍ତି । ତେଣୁ ପରମ ଦିବ୍ୟ ସାମର୍ଥ୍ୟକୁ ପରମା ଦିବ୍ୟ ଶକ୍ତିଙ୍କର ଏକ ଅଂଶରୂପେ ବୁଝିବାକୁ ହେବ ।

('ମା' ବହି ପ୍ରସଙ୍ଗରେ, ପୃଷ୍ଠା : ୧ - ୨)

## ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଅଧ୍ୟାଦେଶର କିପରି ମୁକାବିଲା କରାଯିବ

ମନଧ୍ୟାନ ଦେଇ ଦେଖିଲେ ଭାରତବର୍ଷରେ ବ୍ରିଟିଶ ସରକାରଙ୍କର ଅଭିନବ ନୀତି ହେଉଛି ଦେଶ ପାଇଁ ସତରେ ଗୋଟିଏ ଆଶୀର୍ବାଦ । ଏଇ ପ୍ରସଙ୍ଗରେ ଆଙ୍ଗ୍ଲୋ-ଭାରତୀୟ ପ୍ରେସ ସହିତ ଏକ ଅପ୍ରତ୍ୟାଶିତ ରାଜିନାମା ଭିତରେ ଆମେ ନିଜକୁ ଦେଖୁଛୁ । ପୂର୍ବ ପ୍ରତିଷ୍ଠିତ ନୀତିଠାରୁ ଏ ବ୍ୟତିକ୍ରମଗୁଡ଼ିକରେ ଆଙ୍ଗ୍ଲୋ-ଭାରତୀୟ ପ୍ରେସର ମନ କାହିଁରେ କ'ଣ କୁଣ୍ଢେମୋଟ ଆଉ ଅନେକ ତନ୍ତ୍ରୀରେ ସୁର ବାନ୍ଧିଲେ ବି ସେଇ ଗୋଟିଏ ତାନର ସମବେତ ଧ୍ୱନି ପରି ''ଏକଂ ବହୁଧା'' ନ୍ୟାୟରେ ସେ ବିଧିବଦ୍ଧ ଭାବରେ ଘୋଷଣା କରିଛି ଯେ ସେଇ ଗୋଟିକହିଁ ହେଉଛି ସବୁଠୁ ନିହାତି ଉତ୍ତମ କାର୍ଯ୍ୟ ଯାହାକୁ ଶାସନତନ୍ତ୍ର ତା' ନିଜ ନିରବଚ୍ଛିନ୍ନ ଆଧିପତ୍ୟର ସ୍ୱାର୍ଥକୁ ଆଖି ଆଗରେ ରଖି ସମ୍ପନ୍ନ କରିପାରି ଥାଆନ୍ତା । ଏଭଳି ଗୋଟିଏ ପ୍ରସଙ୍ଗକୁ ନେଇ ସେମାନଙ୍କ କ୍ଷମତା ସମ୍ପର୍କରେ ଆମେ ତ ପ୍ରଶ୍ନ ଉଠେଇବୁ ନାହିଁ ଯେଉଁଥିରେ ସେମାନେହିଁ କେବଳ ଆଗ୍ରହୀ କିନ୍ତୁ ଆମେ ନିଃସନ୍ଦେହରେ ଅଧିକ ଆହୁରି ଯୋଡ଼ି କହିପାରିବା ଯେ ସେଇ ଗୋଟିକ ହେଉଛି ସବୁଠାରୁ ଉତ୍ତମ କାର୍ଯ୍ୟ ଯାହାକୁ ପ୍ରଶାସନ ଦେଶର ସ୍ୱାର୍ଥ ଦୃଷ୍ଟିରୁ ସମ୍ପନ୍ନ କରି ପାରି ଥାଆନ୍ତା । ଲର୍ଡ଼ ମିଣ୍ଟୋ ଯଥାର୍ଥରେ ତେଣୁ ଜଣେ ସୁଖୀ ମାନବ ବୋଲି ବିବେଚିତ ହେବେ, କାରଣ ପ୍ରତ୍ୟେକ ଲୋକକୁ ତା'ର କାର୍ଯ୍ୟ ସକାଶେ ଭାଗ୍ୟ ଏମିତି ଧନ୍ୟ କରି ଗଢ଼ି ନଥାଏ ଯେମିତିକି ଇଂଲିଶ ମ୍ୟାନ୍ ଏବଂ ବନ୍ଦେ ମାତରମ୍ ଏହି ଉଭୟଙ୍କ ପାଖରୁ ସେ ସମାନ ଅନୁପାତର ସମର୍ଥନ ଦାବୀ କରିବା ପାଇଁ ସମର୍ଥ ହେବ ।

ଆପାତଦୃଷ୍ଟିରୁ ଏହି ସମର୍ଥନ ପଛରେ ଆମର ବିଚାରଗୁଡ଼ିକ ଅତି ସ୍ୱଷ୍ଟ । ଲର୍ଡ କର୍ଜନଙ୍କର ଶାସନ ପୂର୍ବରୁ ବ୍ରିଟିଶ ଏକଛତ୍ରବାଦର ବିରାଟ ଶକ୍ତି ଥିଲା ତା'ର ପରୋକ୍ଷ ନୀତି । ଆନନ୍ଦଦାୟକ ଏକ ଅନନ୍ୟ ନୀତି ବଳରେ ସେ ପରାଧୀନ ରାଷ୍ଟ୍ରଗୁଡ଼ିକ ଉପରେ ଦାସତ୍ୱର କଦର୍ଯ୍ୟ ନୈତିକ ଏବଂ ବସ୍ତୁତାନ୍ତ୍ରିକ ପରିଣାମସବୁ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲା ଯେତେବେଳେ ସେ ସେମାନଙ୍କୁ କ୍ରୀତଦାସ ବୋଲି ଅନୁଭବ କରିବାକୁ ସୁଯୋଗ ନଦେଇ ବରଂ ସେମାନଙ୍କ ଭିତରେ ଏହି ଭ୍ରାନ୍ତ ଧାରଣାର ପ୍ରଶ୍ରୟ ଦେବାକୁ ଲାଗିଲା ଯେ ମୋଟାମୋଟି ଭାବେ ସେମାନେ ଏକ ବିଜ୍ଞ ଏବଂ ଉଦାରଚେତା ଜାତି ଦ୍ୱାରା ଅତି ଉତ୍ତମ ରୀତିରେ ଶାସିତ ହେଉଛନ୍ତି । ଆମେ ଆଉ ଦିନେ ସୂଚନା ଦେଇଥିଲୁ ଯେ ଏହି ଅନ୍ଧବିଶ୍ୱାସର ଧ୍ୱଂସାବଶେଷ ଏମିତିକି ନୂତନ ବିଚାରଧାରାକୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁସରଣ କରୁଥିବା ଜାତୀୟତାବାଦୀମାନଙ୍କ ମନ ଭିତରେ ତଥାପି ଲାଖି ରହି ଯାଇଥିଲା । ଅମଲାତାନ୍ତ୍ରିକ ସରକାର ଯେ ଗୋଟିଏ ଉତ୍ତମ ସରକାର ଥିଲା କିଂବା ବ୍ରିଟିଶ ଜନସାଧାରଣ ସେମାନଙ୍କ ରାଜନୀତି ଭିତରେ ବିଜ୍ଞତା ଓ ମାନବ ପ୍ରେମ ଦ୍ୱାରା ଯେ ମାର୍ଗ ଦର୍ଶନ ପାଉଥିଲେ ଏକଥା ଆମେ ପ୍ରକୃତରେ ବିଶ୍ୱାସ କରି ନ ଥିଲୁ, କିନ୍ତୁ ଆମ ମଧ୍ୟରୁ ଅନେକ ବିଶ୍ୱାସ କରୁଥିଲେ ଯେ ଏକଛତ୍ରବାଦର ମାତ୍ରା କେତେକ କ୍ଷେତ୍ରରେ ଅଧିକ ପରିଲକ୍ଷିତ ହୋଇଥିଲା ଯାହା ସେମାନଙ୍କ ନିୟନ୍ତ୍ରଣର ବହିର୍ଭୂତ ଥିଲା ଏବଂ ସବୁଠୁ କଦର୍ଯ୍ୟ ବ୍ରିଟିଶର କୌଣସି ପ୍ରଶାସନ ଏମିତି ସହଜସାଧ୍ୟ ଭାବେ ତା'ର ଋଷୀୟ (Russian) ଆତ୍ମୀୟ ସହିତ ଥିବା ନୈତିକ ସାମଞ୍ଜସ୍ୟର ପ୍ରତୀୟମାନ ଲକ୍ଷଣଗୁଡ଼ିକ ବାହାରେ ଆଦୌ ପ୍ରକାଶ କରିବ ନାହିଁ । ସବୁଠୁ ଖରାପ ପରିସ୍ଥିତି ପାଇଁ ଯଦିବା ଆମେ ପ୍ରସ୍ତୁତ ରହିଥିଲୁ ଏବଂ ଖୁବ୍ ମନଯୋଗ ଦେଇ ଲୋକମାନଙ୍କୁ ଚେତାବନୀ ଦେଇଥିଲୁ ଯେ ନିହାତି ଖରାପ କିଛି ଶୀଘ୍ର ଆସିପାରେ, ସେତେବେଳେ ଆମେମାନେ ଭାବୁଥିଲୁ ଯେ ଏହି ନିର୍ଲଜ୍ଜ ଅଧୋଗାମୀ ଋଷୀୟବାଦ (Russianism)ର ସପକ୍ଷରେ ଆଉ ବିପକ୍ଷରେ ନାନାବିଧ ସମ୍ଭାବନାଗୁଡ଼ିକର ଏକ ସୁନ୍ଦର ଭାରସାମ୍ୟ ରହିଛି । ପୁରାତନ ସଂସ୍କାରଗୁଡ଼ିକର ଏ ପ୍ରକାର ଅନ୍ତିମ ଅବଶିଷ୍ଟାଂଶ ପାଇଁ ଏ ପ୍ରକାରର ଅତ୍ୟୁଦାର କଳ୍ପନାଜଳ୍ପନା ପାଇଁ ଆଉ କୌଣସି ଅବକାଶ ଏଣିକି ନାହିଁ । ସର୍ଦାର ଅଜିତ୍ ସିଂ ଏବଂ ପଞ୍ଜାବ ଜାତୀୟବାଦୀମାନଙ୍କ ଭାରତମାତା ଗୋଷ୍ଠୀ (Bharat Mata Section) ନିକଟରେ ସମଗ୍ର ରାଷ୍ଟ୍ର ଆଜି କୃତଜ୍ଞତାର ଋଣଭାରରେ ଅବନତ । କାରଣ ସେମାନେ ପ୍ରଶାସନର ସହଯୋଗୀମାନଙ୍କୁ ଜୋର୍ ଜବରଦସ୍ତି କରି ସେମାନଙ୍କୁ ବାଧ୍ୟ କରିଥିଲେ ନିଧାର୍ଯ୍ୟଭାବେ ଅତ୍ୟାଚାରର ଏହି ପରୋକ୍ଷ ପନ୍ଥାକୁ ସିଧାସଳଖ ପନ୍ଥାରେ ବଦଳେଇ ଦେବାକୁ । ଏହା ବାତାବରଣକୁ ପରିଷ୍କାର କରି ଦେଇଛି । ଏହା

ଦ୍ୱାରା ନାନା ପ୍ରକାର ଭ୍ରମ ଦୂରୀଭୂତ ହୋଇଛି । ଏହା ଆମକୁ ବଳପୂର୍ବକ ବାଧ୍ୟ କରିଛି ଏକ ନିଦାରୁଣ, ଅପରିହାର୍ଯ୍ୟ ସ୍ଥିତି ଆଡ଼କୁ ନିର୍ନିମେଷ ନୟନରେ ଚାହିଁ ରହିବାକୁ ।

ତା'ହେଲେ ପ୍ରଶ୍ନ ପଚରା ଯାଇପାରେ ଯେ ସେଠାରେ ଶାନ୍ତିପୂର୍ଣ୍ଣ ପ୍ରତିରୋଧ ପାଇଁ ଅବସର ଆଉ ରହିଲା କେଉଁଠି ? ଲାଲା ହଂସରାଜ ଓ ତାଙ୍କ ବନ୍ଧୁମାନେ ଗିରଫ ହୋଇଗଲା ପରେ ଓ ପଞ୍ଜାବ କର୍ତ୍ତୃପକ୍ଷମାନଙ୍କଠାରେ ପ୍ରତିହିଂସାଜନିତ ପ୍ରଥମ ଉନ୍ମତ୍ତ ଭାବ ପ୍ରକଟ ହେଲା ପରେ ପଞ୍ଜାବର ଜଣେ ରାଜନୀତିଜ୍ଞ କହୁଥିବାର ଲକ୍ଷ୍ୟ କରାଯାଇଛି, ''ଜନସାଧାରଣ ଖୋଲାଖୋଲି ଭାବେ ଆନ୍ଦୋଳନ କରିବାର କାରଣ ତ ମୁଁ ଆଉ ଦେଖୁନି ।'' କିନ୍ତୁ ଆମମାନଙ୍କ ମତରେ ଶାନ୍ତିପୂର୍ଣ୍ଣ ପ୍ରତିରୋଧ ପାଇଁ ଏବେ ବି ଅବସର ରହିଛି, ଅନ୍ତତଃ ଆଉ କିଛି କାରଣ ପାଇଁ ନହେଲେ ମଧ୍ୟ ପ୍ରଶାସନ ଉପରେ ଚାପ ପ୍ରୟୋଗ କରିବା ପାଇଁ ଯେପରିକି ସେ ତା'ର ଗୋପନ ଅଭିପ୍ରାୟଗୁଡ଼ିକ ଆମ ସମ୍ମୁଖରେ ଖୋଲାଖୋଲି ଭାବେ ଉପସ୍ଥାପନ କରେ; ଏହି ଅତ୍ୟାଚାରର ପୂର୍ଣ୍ଣଚ୍ଛେଦ ଟାଣିବାକୁ ପଡ଼ିବ ନହେଲେ ତାକୁ ବଢ଼ିବାକୁ ସୁଯୋଗ ଦିଆଯାଇ ଏକ କଠୋର ସଂକଳ୍ପ ଦ୍ୱାରା ଏ ରାଷ୍ଟ୍ରର ଅନ୍ତରାତ୍ମାକୁ ଭେଦ କରିବ ଆହୁରି ଗଭୀରତର ଭାବେ । ଦୃଶ୍ୟପଟରେ ବୀର ପୁରୁଷ ଠିକ୍ ଆବିର୍ଭୂତ ହେବା ପୂର୍ବରୁ, ସହିଦର ମାନ୍ୟତା ପାଇବା ପାଇଁ ଢେର୍ କାର୍ଯ୍ୟ ପରେ କାର୍ଯ୍ୟ ସମ୍ପାଦନ କରିବାକୁ ରହିଛି । ଉଦାହରଣସ୍ୱରୂପ ଜାର୍ ଶାସିତ ଋଷିଆର ଦମନମୂଳକ ଅନୁଶାସନ (Coercion Ukase) କଥା ଧରାଯାଉ, ଅର୍ଥାତ୍ କାର୍ଯ୍ୟକାରିଣୀର ମହୁଲି ଇଚ୍ଛାରେ ସର୍ବସାଧାରଣଙ୍କ ସଭାର ଅଧିକାରକୁ ସଙ୍କୁଚିତ କରିବା ପାଇଁ ନୂତନ ଅଧ୍ୟାଦେଶର କଥା ପ୍ରସଙ୍ଗଟି ଯେଉଁଠି ବର୍ତ୍ତମାନ ଅଟକି ରହିଛି ସେଠାରେ ଯେ ତାକୁ ଆଉ ରହିବାକୁ ଦିଆଯିବ ନାହିଁ ଏକଥା ସ୍ପଷ୍ଟ । ନେତାମାନଙ୍କୁ ଆମେ ପରାମର୍ଶ ଛଳରେ କହିବୁ ଅଧ୍ୟାଦେଶର ଅସ୍ତିତ୍ୱକୁ ଅବଜ୍ଞା କରିବାରେହିଁ ଉପଯୁକ୍ତ ନୀତିର ଅୟମାରମ୍ଭ ହେବ । ଆମେ ଯେତେଦୂର ବୁଝିଛୁ ଶିଲଂର ଉପରାଜ୍ୟପାଳ (Lieutenant-Governor)ଙ୍କୁ କ୍ଷମତା ପ୍ରଦାନ କରାଯାଇଛି ଯେକୌଣସି ଇଲାକାକୁ ତାଙ୍କ ଶାସନର ପରିସରଭୁକ୍ତ ବୋଲି ଘୋଷଣା କରିବା ପାଇଁ । କିନ୍ତୁ ଏପର୍ଯ୍ୟନ୍ତ କୌଣସି ଇଲାକାକୁ ଘୋଷିତ କରାଯାଇ ନାହିଁ । ନେତାମାନଙ୍କ ପାଇଁ ଏଇଟାହିଁ ଠିକଣା ସମୟ ପୂର୍ବବଙ୍ଗକୁ ଯାଇ ପ୍ରତିଟି ଜିଲ୍ଲାରେ ସଭାମାନ ଅନୁଷ୍ଠିତ କରିବାକୁ; ଆଉ ଯେଉଁ ନେତାମାନେ ସେଠାକୁ ଯିବେ ସେମାନେ ଏମିତି ସେମିତି ଲୋକ ହେଲେ ଚଳିବ ନାହିଁ, କିନ୍ତୁ ବଙ୍ଗଳାରେ ଥିବା ଦୁଇଟି ପାର୍ଟିର ନେତା ସେମାନେ ନିଜେ ହୋଇଥିବା ଦରକାର । ଏଇ ଘଡ଼ିସନ୍ଧି ମୁହୂର୍ତ୍ତରେ ଶ୍ରୀଯୁକ୍ତ ବିପିନ ଚନ୍ଦ୍ର ପାଲ୍‌ଙ୍କୁ ମାଡ୍ରାସରୁ ପୁଣି ଡକେଇ ଆଣିବାଟା ଏକ ଭୁଲ୍ ବୋଲି ଭାବିବାକୁ ଆମର ମନ ବଳୁଛି । କିନ୍ତୁ ଯେହେତୁ ତାଙ୍କୁ ଫେରେଇ ଅଣାଯାଇଛି, ତେଣୁ ପୂର୍ବ ବଙ୍ଗରେ ଦମନ ନୀତି ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନ ପାଇଁ ଏ ସୁଯୋଗଟି ଅବଶ୍ୟ ନେବା ଉଚିତ । ପ୍ରଶାସନ ଯଦି ଦବିଯାଏ, ତା'ହେଲେ ତ ଭଲ, ଅତି ଉତ୍ତମ; ଏହା ହେବ ଜନସାଧାରଣଙ୍କର ଏକ ନୈତିକ ବିଜୟ । କିନ୍ତୁ ଯେଉଁ ମୁହୂର୍ତ୍ତରେ କୌଣସି ନିର୍ଦ୍ଦିଷ୍ଟ ଇଲାକାକୁ ଉପରାଜ୍ୟପାଳଙ୍କର ପରିସରଭୁକ୍ତ ବୋଲି ଘୋଷଣା କରାଯିବ, ନେତାମାନେ ତତ୍‌କ୍ଷଣାତ୍ ସେଠାକୁ ଯାଇ ନିଷେଧ କରାଯାଇଥିବା ସଭାଗୁଡ଼ିକ ଅନୁଷ୍ଠିତ କରାଇବେ ଦମନମୂଳକ ଆଇନର ବୈଧତା (Validity) ବିରୁଦ୍ଧରେ ଏକ ଆହ୍ୱାନ ରୂପେ, ପୋଲିସ କିଂବା ସାମରିକ ବଳପ୍ରୟୋଗ ବ୍ୟତିରେକେ ଛତ୍ରଭଙ୍ଗ ଦେବାକୁ ରାଜି ନ ହୋଇ । ପ୍ରଶାସନକୁ ତା'ହେଲେ ଦୁଇଟି ପନ୍ଥାରୁ ଯେକୌଣସି ଗୋଟିକୁ ବାଛିବାକୁ ପଡ଼ିବ, ସେ ହୁଏତ ଅଧ୍ୟାଦେଶକୁ ଏକ ଅଚଳ ଚିଠି (Dead letter) ବୋଲି ଗଣ୍ୟ କରି ସେମିତି ଛାଡ଼ି ଦେବ କିଂବା ଲୋକମାନଙ୍କୁ ନେଇ କାରାରୁଦ୍ଧ ଅବା ଦ୍ୱୀପାନ୍ତରିତ କରିବ । ସେମାନଙ୍କ ନିର୍ଯାତନାରେ ସାରା ଦେଶରେ ବିପ୍ଳବର ବହ୍ନି ପ୍ରଜ୍ୱଳିତ ହୋଇ ଉଠିବ ପ୍ରଶାସନକୁ ଅକାମି କରିଦେବା ପାଇଁ କିଂବା ଜୋର୍ ଜବରଦସ୍ତ ସଭାସମିତିମାନ ଅନୁଷ୍ଠିତ କରିବା ପାଇଁ । ଯଦି ପ୍ରଶାସକବର୍ଗ ତୃତୀୟ ବିକଳ୍ପକୁ ବାଛନ୍ତି, ତା'ହେଲେ ନେତାମାନେ ଲୋକମାନଙ୍କୁ ସଂଗ୍ରହ କରି ତଥା ବ୍ୟକ୍ତିବିଶେଷଙ୍କୁ ଘର ଓ ହତାଗୁଡ଼ିକରେ ଠୁଳ କରି ଅଞ୍ଚଳକୁ ଅଞ୍ଚଳ, ଘରକୁ ଘର ପରିକ୍ରମା କରିବେ ଠିକ୍ ରାଜନୈତିକ ଶଙ୍କରାଚାର୍ଯ୍ୟ (Political Sankaracharyas)ମାନଙ୍କ ପରି ସେମାନଙ୍କ ଫାଟକ ପାଖରେ ଠିଆ ହୋଇ ସେମାନଙ୍କୁ ଉପଦେଶ ଦେବେ, ସମ୍ବୋଧିତ କରିବେ, ସଙ୍ଗଠିତ କରିବେ । ଏହି ଉପାୟରେ ଜାତୀୟତାବାଦର ବହ୍ନି ଦେଶର କୋଣ ଅନୁକୋଣରେ ସଞ୍ଚାରିତ ହେବ ଆଉ ବଡ଼ ବଡ଼ ଆକାରର ସଭାମାନ ଯାହାକୁ ହୁଏତ ସୃଷ୍ଟି କରିପାରେ ତା' ଅପେକ୍ଷା ଆହୁରି ବିରାଟ ବିରାଟ ଆକାରର ଶକ୍ତି ଜନ୍ମ ଲାଭ କରିବ । ଏହିଭଳି ଏକ ପ୍ରଚାରବାଦର ମାର୍ଗକୁ ପ୍ରଶାସନ କଳ କିଭଳି ଭାବେ ବରଦାସ୍ତ କରିବ ? ଆମ ନିଜର

ହତାଗୁଡ଼ିକରେ ଆମେ ନିଜେ ସମବେତ ହେବା ପାଇଁ କ'ଣ ସେମାନେ ଆମକୁ ବାରଣ କରିବେ ? ସେମାନଙ୍କର ପୁଲିସ କ'ଣ ଆମମାନଙ୍କର ଘରେ ଢୁକି ଜୋର୍‌ଜବରଦସ୍ତ କରିବେ ଫାଟକ ବନ୍ଦ ରଖିବାକୁ ତଥା ଅତିଥି ଅଭ୍ୟାଗତ ଦର୍ଶନାର୍ଥୀମାନଙ୍କୁ ଭିତରକୁ ଛାଡ଼ି ନଦେବା ପାଇଁ ? ସେମାନେ ଯାହାକିଛି କରି ବସିବେ, ଲାଭ ହେବ ଦେଶର । ଶାସନତାନ୍ତ୍ରିକ ପଦ୍ଧତିଗୁଡ଼ିକ ଭିତର ଦେଇ ପ୍ରତିଟି ଦୃଷ୍ଟାନ୍ତମୂଳକ ଶିକ୍ଷା ହୋଇ ଉଠିବ କଠୋର ସଂକଳ୍ପର ଏକ ସଦ୍ୟ ଉନ୍ମାଦନା, – ସ୍ୱରାଜକୁ ହାସଲ କରିବା ପାଇଁ ଆଉ ପରାଧୀନତାରୂପକ ଅଭିସମ୍ପାତରୁ ପରିତ୍ରାଣ ଲଭିବା ପାଇଁ । ପରିସ୍ଥିତିର ମୁକାବିଲା କରିବା ପାଇଁ ଯାହାକିଛିର ଆବଶ୍ୟକତା ଅନୁଭୂତ ହେଉଛି, ଆମ ନେତାମାନଙ୍କଠାରୁ ଆମେ ଯାହାସବୁ ଆଶା କରି ଆସୁଛୁ, ତାହା ହେଲା ଏକ ସ୍ଥିର, ନିଶ୍ଚଳ, ପ୍ରକୃତିସ୍ଥ ଭାବ, ଅଦମ୍ୟ ସାହସ, ଯାହାକୁ ମୁହୂର୍ତ୍ତକ ପାଇଁ ସୁଦ୍ଧା କିଛି ହେଲେ ବିବ୍ରତ କରିପାରିବ ନାହିଁ, ନା କାରାବାସର ଭୟ ନା ନିର୍ବାସନର ଆତଙ୍କ ନା ନିର୍ବାସନ ଅପେକ୍ଷା ଆହୁରି କଦର୍ଯ୍ୟ ସମ୍ଭାବନା ଯାହା ଲୁଚି ରହିଥାଏ ପ୍ରକାରାନ୍ତରେ ।

## ମୋର୍ଲେ ନୀତିର ସାମ୍ପ୍ରତିକ ପର୍ଯ୍ୟାୟ

ମି. ମୋର୍ଲେ ଯେ ସମ୍ପୂର୍ଣ୍ଣ ରୂପେ ତାଙ୍କର ଛଦ୍ମ ମୁଖାଟିକୁ ଖୋଲି ଫିଙ୍ଗି ଦେବେ ଏବଂ ଅନୌପଚାରିକ ଭାବେ ଜାତୀୟବାଦୀ ଆକାଂକ୍ଷା ପ୍ରତି ତାଙ୍କର ଅସଲ ଆଭିମୁଖ୍ୟକୁ ଘୋଷଣା କରିବେ, ଏକଥା ଅଧିକାଂଶ ଲୋକେ ତାଙ୍କଠାରୁ ଯାହା ଆଶା କରିଥିଲେ ତା'ଠାରୁ ଅଧିକ ଥିଲା । ଏତେ କଠୋର ଏବଂ ଅନାବଶ୍ୟକଭାବେ ଖୋଲାଖୋଲି ହେବାଟା ରାଜନୀତିଜ୍ଞମାନଙ୍କ ପାଇଁ ପ୍ରଥାନୁମୋଦିତ ନୁହେଁ । ଏତଦ୍ ବ୍ୟତୀତ, ଏଭଳି ସ୍ପଷ୍ଟବାଦିତା ସେମାନଙ୍କର କଲ୍ୟାଣକାରୀ ପେସା ପ୍ରତି ରହିଥିବା ବିଶ୍ୱାସକୁ ଦୋହଲେଇ ଦେବା ପାଇଁ ବେଶ୍ ସୁପରିକଳ୍ପିତ ଯେଉଁ ପେସା ଉପରେ ବ୍ରିଟିଶ କ୍ଷମତାର ନିରାପତ୍ତା ନିର୍ଭର କରୁଛି । କଥାରେ ଆମକୁ ସବୁବେଳେ ପ୍ରବଞ୍ଚିତ କରାଯାଇଛି । ଜନସାଧାରଣଙ୍କ ଅନୁଭୂତି ଉପରେ କ୍ରମାନ୍ୱୟରେ ଅନେକ ଅତ୍ୟାଚାରଜନିତ ପଦକ୍ଷେପଗୁଡ଼ିକର ପରିଣାମଟା ହଠାତ୍ ବଡଲାଟ କିଂବା ରାଜ୍ୟ ସଚିବଙ୍କ ମୁହଁରୁ ଗୋଟିଏ ଅନୁକମ୍ପାମୂଳକ କଥାରେ ବ୍ୟର୍ଥ ହୋଇ ପଡ଼ିଛି । ତୁଚ୍ଛା ଚାଟୁ ଭାଷାର ପ୍ରତିଶ୍ରୁତିଗୁଡ଼ିକ ଏପର୍ଯ୍ୟନ୍ତ ଆମର ପ୍ରଭୁଭକ୍ତିକୁ ହାସଲ କରିବା ଓ ଧରି ରଖିବା ପାଇଁ ଯେ ଯଥେଷ୍ଟ ଥିଲା ତାହା ତ ପ୍ରତିପାଦିତ ହୋଇ ସାରିଛି । ଆମର ପ୍ରଶାସକବର୍ଗ ସେମାନଙ୍କ ଅସଲ ଅଭିପ୍ରାୟକୁ ନାନା ଛଳନାପୂର୍ଣ୍ଣ ଉକ୍ତିଗୁଡ଼ିକର ଅନ୍ତରାଳରେ ଗୋପନ ରଖିବା ନୀତିରୁ କାହିଁକି ଯେ ବିଚ୍ୟୁତ ହୋଇ ଏତେ ଦୂର ଚାଲି ଆସିଲେ ଆଉ ସମ୍ପ୍ରତି ଜାତୀୟତାବାଦକୁ ଦମନ କରିବା ପାଇଁ ଏକ ଔଦ୍ଧତ୍ୟପୂର୍ଣ୍ଣ ଢଙ୍ଗରେ ସେମାନଙ୍କ କଠୋର ନିଷ୍ପତ୍ତିକୁ ଲୁଚେଇ ପାରିଲେ ନାହିଁ, ତାକୁ ସେଇମାନେହିଁ ସହଜରେ ହୃଦୟଙ୍ଗମ କରିପାରିବେ ଯେଉଁମାନେ ବିଗତ ଦୁଇବର୍ଷ ଧରି ଘଟଣାବଳୀର ବିକାଶକୁ ଲକ୍ଷ୍ୟ କରି ଆସିଛନ୍ତି । ଗୋଟିଏ ଜାତୀୟବାଦୀ ଦଳର ସହସା ଆବିର୍ଭାବ ଏବଂ ସେମାନେ ପ୍ରଚାର କରି ଚାଲିଥିବା ଅପ୍ରିୟ ସତ୍ୟଗୁଡ଼ିକ ଶାସନ କଳ ପାଇଁ ଅସଲ ମୁଣ୍ଡବ୍ୟଥାର କାରଣ ହୋଇଛି । ଯଦି ଏହି ଦଳ ପ୍ରତି ଜନସାଧାରଣ କାନ ଦିଅନ୍ତି ଯାହାର ଦେଶାତ୍ମବୋଧକ ଉଦ୍ଦୀପନାଗୁଡ଼ିକୁ ସାମୟିକ ଉଦ୍ଦେଶ୍ୟସାଧନ କିଂବା ନିଜ ଆସନ୍ନ ସ୍ୱାର୍ଥର ବିବେଚନା ଦ୍ୱାରା ପ୍ରତିହତ କରି ହୁଏନି ତା'ହେଲେ ଏହିଭଳି ଏକ ଜନପ୍ରିୟ ପୁନର୍ଜାଗରଣ ଯେ ବିଦେଶୀ ଆଧିପତ୍ୟର ଠିକ୍ ମୂଳରେ ଯାଇ ଆଘାତ କରିବ । ତେଣୁ ଜନସାଧାରଣ ଏବଂ ସେମାନଙ୍କର ପ୍ରକୃତ ନେତା ଓ ଶୁଭଚିନ୍ତକମାନଙ୍କ ମଧ୍ୟରେ ରହିଥିବା ଯୋଗାଯୋଗଗୁଡ଼ିକର ପଥ ଅବରୋଧ କରିବାଟା ଅନିବାର୍ଯ୍ୟବଶତଃ ଜରୁରି ହୋଇ ପଡ଼ିଛି । ଏଇ କାରଣ ପାଇଁହିଁ ଏସବୁ ଖୋଲାଖୋଲି ସ୍ୱେଚ୍ଛାଚାରୀ ପନ୍ଥାଗୁଡ଼ିକ ଗ୍ରହଣ କରାଯାଉଛି ଜାତୀୟତାବାଦୀମାନଙ୍କର ଆତ୍ମପ୍ରତ୍ୟୟକୁ ଦୁର୍ବଳ କରିବା ପାଇଁ । ଅନ୍ୟ ଖେଳଟି ହେଲା ନରମପନ୍ଥୀମାନଙ୍କର ଚକ୍ଷୁ ସମ୍ମୁଖରେ ପ୍ରଶାସନିକ ସଂସ୍କାରର ଥୋପକୁ ଦୋଳାୟିତ ଅବସ୍ଥାରେ ରଖି ପ୍ରଲୋଭିତ କରିବା, ଦେଶକୁ ପ୍ରତାରିତ କରିବା ପାଇଁ । ଦେଶ ପାଇଁ ପ୍ରତିଟି ଦିଗରୁ ଏହା ଏକ ମସ୍ତବଡ଼ ସଙ୍କଟ ସୃଷ୍ଟି କରିବ ଏବଂ ଏହି ମୁହୂର୍ତ୍ତରେ ପ୍ରତ୍ୟେକ ମଣିଷକୁ ତା' ଆଚରଣ ଦେଖି ବିଚାର କରାଯିବ । ଉତ୍ପୀଡ଼ନ ଆଉ ପ୍ରଲୋଭନ ଏ ଦୁଇଟି ଉପାୟ ସ୍ୱୟଂ ଭଗବାନ୍ ସୃଷ୍ଟି କରିଛନ୍ତି ଚକଚକିଆ ଖାଦକୁ ଅସଲି ସ୍ୱର୍ଣ୍ଣଠାରୁ ଅଲଗା କରିଦେବା ପାଇଁ ।

## ପୁରୁଣା କଥାର ନିର୍ବୋଧ ପୁନରାବୃତ୍ତି

''ହିନ୍ଦୁ ଦେଶପ୍ରେମୀ''(Hindu Patriot)

ବୟସାଧିକ୍ୟ ହେତୁ ବିଜ୍ଞ ହୋଇଗଲାଣି ବୋଲି ଜାହିର କରୁଛି ଆଉ ଆମ ସହିତ ଗୋଡିପ୍ରଥା ସମ୍ପର୍କରେ ଯୁକ୍ତି କରିବା ପାଇଁ ଅଣ୍ଟା ଭିଡୁଛି । ଭାରି ଖୁସିରେ ସେ ପାଶୋରି ଦେଇଛି ତା'ର ସେଇ ପିଲାବେଳର ଦିନଗୁଡ଼ିକ ଯେତେବେଳେ ବାର୍ଦ୍ଧକ୍ୟଜନିତ ପରିଣାମଦର୍ଶୀତାରେ ସେ ଉଦ୍‌ବୁଦ୍ଧ ହୋଇ ନଥିଲା ନିଜକୁ ବିଦେଶୀ ଅଧୀଶ୍ୱରମାନଙ୍କ ପାଖରେ ବିକ୍ରି କରିଦେବା ପାଇଁ; ସେ ବର୍ତ୍ତମାନ ଆଗେଇ ଆସିଛି ତା'ର ସ୍ୱଧର୍ମ ବିଚ୍ୟୁତିର ଯଥାର୍ଥତାକୁ ପ୍ରତିପାଦିତ କରିବା ପାଇଁ ଆଉ ସ୍ୱରାଜବାଦୀ-ମାନଙ୍କ ପ୍ରତି ନିରର୍ଥକ ଗୁଡ଼ିଏ ଆଘାତର ଲକ୍ଷ୍ୟ ରଖି । ଏହା ହେଉଛି ତା'ର ସମୀକ୍ଷା ବର୍ତ୍ତମାନର ପରିସ୍ଥିତିକୁ ନେଇ : –

ଆମ ପରିପୋଷଣ ନିମନ୍ତେ ଆମେ ଆବଶ୍ୟକ କରୁଛୁ ଖାଦ୍ୟର; ଆମେ ଶିକ୍ଷା ଆବଶ୍ୟକ କରୁଛୁ; ଆମ ସନ୍ତାନମାନଙ୍କ ନିଯୁକ୍ତି ପାଇଁ ଆମେ ନୂଆ ନୂଆ ଉପାୟମାନ ଖୋଜୁଛୁ । କିନ୍ତୁ ସେମାନେ ତ ଆମକୁ ଏସବୁ କିଛି ଦେଉ ନାହାନ୍ତି । ଏମିତିକି ସେମାନେ ସଙ୍ଗୀନ୍ ମୁନରେ ଆମକୁ ସ୍ୱୟଂ ଶାସନର ତିକ୍ତ ବଟିକାଟିକୁ ଗିଳିବା ପାଇଁ ଦେବେ ଏବଂ ''ସ୍ୱରାଜ''ର ବେଦବାଣୀକୁ ପ୍ରଚାର କରିବେ । ଏଇତକହିଁ ଆମର ଖାଦ୍ୟ, ଆମର ପରିଚ୍ଛଦ ଏବଂ ଆମର ସମସ୍ତ ଅମଙ୍ଗଳର ନିଦାନ । ଆଉ ବାକୀ ସବୁକିଛି ସେମାନେ ଜାହାଜରୁ ନେଇ ସମୁଦ୍ର ଭିତରକୁ ନିକ୍ଷେପ କରି ଦେବେ ।

ଏପରିକି ବର୍ତ୍ତମାନ ତଥାକଥିତ ଶିକ୍ଷିତ ସମାଜର ଏକ କ୍ଷୁଦ୍ର ଗୋଷ୍ଠୀ ଉପରୋକ୍ତ ଦୃଷ୍ଟିଭଙ୍ଗୀରେ ଯଦି ଅଂଶ ଗ୍ରହଣ କରି ନଥା'ନ୍ତେ ତା'ହେଲେ ଏହା କଦବା କ୍ୱଚିତ୍ ଦୃଷ୍ଟି ଆକର୍ଷଣ କରିଥା'ନ୍ତା । ଗୋଟିଏ ଶତାବ୍ଦୀର ଶେଷ ଚତୁର୍ଥାଂଶ ସମୟ ମଧ୍ୟରେ ଆମ ଅଭିଜ୍ଞତା ଦ୍ୱାରା ଯାହା ଭୁଲ୍ ବୋଲି ପ୍ରମାଣିତ ହୋଇ ସାରିଛି ତାକୁ ପ୍ରତିପାଦିତ କରିବା ପାଇଁ 'ପାଟ୍ରିୟଟ୍' ଚେଷ୍ଟା କରି ସେଥିରେ ଲାଗି ରହିଛି । ଆମେ ତାଳିପକା କାର୍ଯ୍ୟ ଓ ଅଧାପନ୍ତରିଆ ପଦପେକ୍ଷଗୁଡ଼ିକ ପାଇଁ ଚେଷ୍ଟା କରି ଆସିଥିଲୁ – ତା'ର ଯେ କି ପ୍ରଭାବ ପଡ଼ିଛି ସେକଥା 'ଦେଶପ୍ରେମୀ'ଙ୍କୁ ଜଣା ଅଛି ଆଉ ଆମେମାନେ ମଧ୍ୟ ଜାଣିଛୁ । ଯେତେବେଳେ ଆମେ ଦେଖିବାକୁ ପାଇଲୁ ଯେ ଭୁଲ୍ ଦିଗରୁ ଆମେ କାମଟି ଆରମ୍ଭ କରି ଦେଇଛୁ, ଦେଶ ଉପରେ ଯେଉଁ ଆର୍ଥିକ ଶୋଷଣ, ମହାମାରୀ ଓ ଦୁର୍ଭିକ୍ଷ ପରି ଅପରିହାର୍ଯ୍ୟ ସାଥୀ, ସହଚରମାନଙ୍କୁ ଧରି କ୍ରମେ ବଢ଼ି ବଢ଼ି ଚାଲିଛି ତା'ର ପୂର୍ଣ୍ଣଚ୍ଛେଦ ଆଉ ପଡ଼ିବାର ନାହିଁ ଯେତେଦିନ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ବିଦେଶୀ ଅଧୀଶ୍ୱର ପାଖରେ ଛାଡ଼ି ଦିଆ ଯାଉଥିବ ସମ୍ବେଦନାଭରା ଅନୁକମ୍ପାର ପାତ୍ର ହୋଇ ରହିବା ପାଇଁ, ସେଇ ସମୟରୁ 'ସ୍ୱରାଜ'ର ପ୍ରଚାର ଆଗକୁ ଆଗକୁ ମାଡ଼ି ଚାଲିଲା ଏବଂ ଲୋକମାନେ ରାଜନୀତିକୁ ଆଦରି ନେଲେ ଗମ୍ଭୀରତା ସହକାରେ ପୂର୍ବାପେକ୍ଷା । ସଠିକ୍ ଭାବେ ଦେଖିଲେ ଯେତେଦିନ ପର୍ଯ୍ୟନ୍ତ ଆମେ ଆମର ଏଇ ଅନାଦରଣୀୟ ଅଭ୍ୟାଗତମାନଙ୍କ ଉପରେ ଭରସା କରି ପଡ଼ିଥିବା – ସେତିକିଦିନ ଯେହେତୁ ଆମେ ପୁଷ୍ଟିସାଧନ ପାଇଁ ଖାଦ୍ୟ କିଂବା ଉପଯୁକ୍ତ ଶିକ୍ଷା ଅବା ''ଆମର ସନ୍ତାନମାନଙ୍କ ପାଇଁ ନିଯୁକ୍ତି'', – ଏଗୁଡ଼ିକ କିଛି ହେଲେ ପାଇ ପାରିବା ପାଇଁ, ତେଣୁ ଆମ ନିଜ ଘରକୁ ନିଜେ ସମ୍ଭାଳିବାର ଚିନ୍ତା କରିବା ଆରମ୍ଭ କରି ଦେଇଛୁ ଆଉ ଯଦି ଆମେ ନିଜର ଅଭିଜ୍ଞତାକୁ ଅବଜ୍ଞା କରି ବସୁ ଓ ସେଇ ରାଜନୈତିକ ପାଲା ପ୍ରହସନର ପୁନରାବୃତ୍ତି କରୁ ତା'ହେଲେ ନିଃସନ୍ଦେହରେ ତଦ୍ୱାରା କିଛି ଉପକାର ସାଧିତ ହୋଇପାରିବ ନାହିଁ । ଇଂରେଜ ଲୋକେ କ'ଣ ଏଠି ରହିଛନ୍ତି ଆମକୁ ଖାଦ୍ୟ ଓ ଶିକ୍ଷା ପ୍ରଦାନ କରିବା ପାଇଁ ଏବଂ ଆମ ନିଜର ପିଲାମାନଙ୍କୁ ମୋଟା ଅଙ୍କର ପଦବିଗୁଡ଼ିଏ ଯୋଗେଇ ଦେବା ପାଇଁ ? ସମୁଦାୟ ରାଜନୈତିକ ପରିସ୍ଥିତିକୁ ଆମେ ଭୁଲ୍ ବୁଝିଛୁ ଏବଂ ପ୍ରାକ୍ କଥନଗୁଡ଼ିକ ନିହାତି ଯେଉଁଠି ଭୁଲ୍ ହୋଇଯାଇଛି ସେଠି ତର୍କବିତର୍କ କେବଳ ବିଭ୍ରାନ୍ତ କରିପାରେ ।

[ବନ୍ଦେ ମାତରମ୍, ମେ ୧୫,୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✤

ଚରମ ପରିଣତିରେ ଅନ୍ତରସ୍ଥ ବିଶ୍ୱାସ ରଖି ଦିବ୍ୟ ଶକ୍ତିକୁ ନିଜ କାର୍ଯ୍ୟ କରିବାକୁ ସମୟ ଦିଅ ।

– ଶ୍ରୀଅରବିନ୍ଦ

# ସୁନାର ସନ୍ଧାନରେ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ସେଦିନ ଆମେସବୁ ବିଦ୍ୟାଳୟ ପ୍ରାଙ୍ଗଣରେ ନାଟକଟିଏ ଦେଖିଥିଲୁ– ସତ୍‌ପ୍ରେମଙ୍କର ଲିଖିତ କାହାଣୀ; ଆଶ୍ରମର ଇଉରୋପୀୟ ସାଙ୍ଗସାଥୀଗଣ ଅଭିନୟ କରିଥିଲେ । କ'ଣ ପାଇଁ ପାଶ୍ଚାତ୍ୟ ବିଶେଷଣଟି ଉଲ୍ଲେଖ କଲି, ପରେ ତାହା ବୁଝିବ ।

ନାଟକର ବିଷୟବସ୍ତୁ 'ସୁନା ଖୋଜିବା ପଛରେ ଚୋରାକାରବାରୀ ଦଳଙ୍କ କାହାଣୀ' । ଅବଶ୍ୟ କାହାଣୀର ଏହା ବାହ୍ୟରୂପ, ପ୍ରକୃତରେ ଏଇ ସୁନା ଆନ୍ତର-ଚେତନାର ସୁବର୍ଣ୍ଣ । ଦୃଶ୍ୟତଃ ଏଇ ଅନ୍ୱେଷୁମାନେ ସୁନା ଅନୁସନ୍ଧାନରେ ଦେଶ-ବିଦେଶ ଘୂରି ବୁଲିଛନ୍ତି, ତେବେ ଏଇଟି ହେଉଛି ସେଇ ଅଭିଯାନର ପ୍ରତୀକ ଯାହାର ଲକ୍ଷ୍ୟ ଜ୍ଞାନାଲୋକ ପରମ ସତ୍ୟ – ସବୁ ଦେଶ, ସବୁ ମଣିଷ ଯାହା ଆକାଙ୍‌କ୍ଷା କରୁଛନ୍ତି କୌଣସି ନା କୌଣସି ପ୍ରକାରରେ, ଯାହାକୁ ନ ପାଇଲେ ଚିରସୁଖ, ପରମାର୍ଥ ଲାଭ ହୁଏ ନାହିଁ ।

ନାଟକରେ ଦେଖାଇ ଦିଆଯାଇଛି ସ୍ୱର୍ଣ୍ଣଲୋଭୀ-ମାନଙ୍କର ଜୀବନ; ସେମାନଙ୍କର ସ୍ଥୂଳଜୀବନ କେତେ ବିପଦପୂର୍ଣ୍ଣ, ଶାରୀରିକ ତଥା ସ୍ୱାସ୍ଥ୍ୟଗତ କେତେ ଅସୁବିଧା, ଦୁଃଖକଷ୍ଟର ଭିତର ଦେଇ ସେମାନଙ୍କୁ କିପରି ଚାଲିବାକୁ ହୁଏ । କେବଳ ଯେ ଅଶନ-ବସନ-ବାସନର ଅଭାବ ସେତିକି ନୁହେଁ, ଦେଶ-ସମାଜର ଏପରି କଠୋର ନିୟମକାନୁନ ବାହାରିଛି ଯାହା ଶାନ୍ତିଶୃଙ୍ଖଳାର ନାମ ଦେଇ ମଣିଷକୁ ନିପୀଡ଼ିତ କରୁଛି । ପୋଲିସ, ପାସପୋର୍ଟ-ଭିସା କେତେ କ'ଣ ଜିନିଷ ପ୍ରତିପଦରେ ମନୁଷ୍ୟକୁ ଅଟକାଇ ରଖିଛି, ନାନା ବିଭୀଷିକା ସୃଷ୍ଟି କରିଛି; ତେବେ ଆନ୍ତର ଜୀବନକୁ ପ୍ରବେଶ କରିବାକୁ ଯାଇ ଯେଉଁସବୁ ଦୁରୂହ ଦୁର୍ଜୟ ଶତ୍ରୁମାନଙ୍କୁ ସାକ୍ଷାତ୍ କରିବାକୁ ହୋଇଥାଏ, ସେମାନଙ୍କ ତୁଳନାରେ ଏଗୁଡ଼ିକ ସେପରି କିଛି ନୁହନ୍ତି । କିନ୍ତୁ ଏ ମଣିଷମାନେ ଚାହାନ୍ତି କ'ଣ ? ଲକ୍ଷ୍ୟ ଏମାନଙ୍କର କ'ଣ ? ଏମାନେ କ'ଣ ଆଲୋକ ଚାହାନ୍ତି ? ମୁକ୍ତି ଚାହାନ୍ତି ? ଭଗବାନଙ୍କୁ ଚାହାନ୍ତି ? ସାଧାରଣତଃ ପାଶ୍ଚାତ୍ୟ ଜଗତରେ ଏସବୁ ଜିନିଷ ରହିଛି ନାମକୁ ମାତ୍ର, ଖାଲି ଶୁଣାଶୁଣିର କଥା – ଆଲୋକ ଅଛି, ଆନନ୍ଦ ଅଛି, ଭଗବାନ୍ ଅଛନ୍ତି – ସତରେ ଅଛନ୍ତି କି ? କେଉଁଠିକୁ ଗଲେ, କି ଉପାୟରେ ଏସବୁ ଜିନିଷର ସନ୍ଧାନ ମିଳିପାରିବ ? ଦେଶକୁ, ସମାଜକୁ, ଆତ୍ମୀୟ-ସ୍ୱଜନ-ପରିଜନଙ୍କୁ ବିସର୍ଜନ କରି, ନାନା ଆକର୍ଷଣକୁ ଜଳାଞ୍ଜଳି ଦେଇ ଦୂରକୁ, ବହୁଦୂରକୁ ଯାତ୍ରା କରିବାକୁ ହେବ – ଏହାହିଁ ସର୍ବାରମ୍ଭ ସଂଘର୍ଷ– ଦୁଃଖାଭିଘାତ । ଅନ୍ତରରେ ଗୋଟାଏ ପ୍ରକାର ଅଗ୍ନିର ଜ୍ୱାଳା ନେଇ ଏମାନେ ଚାଲିଛନ୍ତି, ଏକ ଧରଣର ତୀବ୍ର ଆକାଂକ୍ଷା ଧରି; ଏବଂ ଏସବୁ ସହିତ ନିଦାରୁଣ ଏକ ଅନିଶ୍ଚୟତା ବି ରହିଛି ଏମାନଙ୍କ ସଙ୍ଗରେ – ହୃତ ବସ୍ତୁର ଉଦ୍ଦେଶ୍ୟରେ, ଏକ ମରୀଚିକାର ପଶ୍ଚାତରେ ଛୁଟିଛନ୍ତି କି ଏମାନେ ?

ଆଧାତ୍ମିକ ଯାତ୍ରା, ଭାଗବତ ସାଧନାର ଏଇ ଯେ ଦୁର୍ଗମ ପଥ ତାହା ଅତି ପରିଚିତ; ଯେମିତି କୁହାଯାଏ ଶାଣିତ କ୍ଷୁରଧାର, ମାତ୍ର ଏଥି ସହିତ ଆହୁରି ଯେଉଁ ନିବିଡ଼ତର କଷ୍ଟର ଉପକରଣ ଯୋଡ଼ି ଦିଆଯାଇଛି, ସେଇଟି ହେଉଛି ଏକ କୁଟିଳ ଆତ୍ମ-ସମୀକ୍ଷା, ଇଚ୍ଛାକୃତ ଆତ୍ମପୀଡ଼ନ । ଅନେକ ସମୟରେ ମନେ ହୋଇଥାଏ ଏଇ ଆତ୍ମ-ପୀଡ଼ନହିଁ ଯେପରି ପଥ ଚାଲିବା – ଆଗେଇ ଚାଲିବା; କ'ଣ ଅଛି, କ'ଣ ନାହିଁ, କିଛି ଯେତେବେଳେ ନିଶ୍ଚିତ ନୁହେଁ ଅଥଚ ପ୍ରେରଣା ରହିଛି ଆଗକୁ ଯିବା ଲାଗି, ସେତେବେଳେ ଦିଆଲ ପାଚେରିରେ ମୁଣ୍ଡ ବାଡ଼େଇ ଆପଣା ଅସ୍ତିତ୍ୱକୁ ଜଗାଇ ରଖିବାର ପ୍ରେରଣାଟି ଖାଲି ପ୍ରଲୋଭନ ଭଳି ହୋଇଯାଏ । ଏଇପରି ଧାରାଟିକୁ ପାଶ୍ଚାତ୍ୟରେ କହନ୍ତି 'dark night of the soul' – ଅନ୍ତରାତ୍ମାର ଅନ୍ଧକାର ରାତି ।

ହୁଏତ ତୁମମାନଙ୍କ ମଧ୍ୟରୁ ଅନେକଙ୍କର ଶ୍ରୀମା'ଙ୍କର ଏ ପ୍ରସଙ୍ଗରେ ଗୋଟିଏ କହିଥିବା କଥା ମନେ ପଡ଼ିଯାଇଥିବ । ଥରେ ଶ୍ରୀମା ଏଇ ଖେଳପଡ଼ିଆରେ ସମସ୍ତଙ୍କର ମେଳରେ କହିଥିଲେ ଯେ ଆମେ ଭାରତବାସୀମାନେ କେବେ କଳ୍ପନା କରିପାରିବା ନାହିଁ ଯେ ୟୁରୋପୀୟ ଦେଶରେ ଅଧ୍ୟାତ୍ମର ସଂଯୋଗ ପାଇବା କେଡ଼େ କଠିନ – ଏଇ ବସ୍ତୁଟିର ସାମାନ୍ୟ ଚିହ୍ନବର୍ଣ୍ଣ ଠିକଣାଦିର ସନ୍ଧାନ ଆଦୌ ଅସମ୍ଭବ; ସଚରାଚର ସାଧାରଣ ଜୀବନରେ ଏ ଧରଣର ମଣିଷ ମିଳିବା ବି କଷ୍ଟସାଧ, ଏ ସମ୍ବନ୍ଧୀୟ ପୋଥିପୁସ୍ତକ ବି ସୁଦୁର୍ଲଭ – ବିଶେଷ କରି ସେ

ଯୁଗରେ ତ ଜମାରୁହିଁ ମିଳିବା ସମ୍ଭବ ନ ଥିଲା । ତୁମ୍ଭେମାନେ ଏ ଧରଣର ଜୀବନ୍ତ ବାୟୁମଣ୍ଡଳ ମଧ୍ୟରେ ରହିଛ, ଗ୍ରନ୍ଥର ଅଭାବ ନାହିଁ, ମୌଳିକ ଉପଦେଶର ଅଭାବ ନାହିଁ, ସାଥୀ-ସଙ୍ଗୀ ଓ ପଥ-ପ୍ରଦର୍ଶକ ବି ମିଳି ଯାଆନ୍ତି ଏଠି । ଏ ଜାଗାରେ ଆଖି ଖୋଲିବା ମାତ୍ରେ, ହାତ ବଢ଼ାଇବା ମାତ୍ରେ ତାହା ମିଳିଯାଏ । ୟୁରୋପୀୟ ଦେଶମାନଙ୍କରେ ଏ ଜଗତର କଥା ଖୁବ୍ କମ୍ ଲୋକହିଁ ବୁଝନ୍ତି, ବେଶୀଭାଗ ଲୋକ କିଛିମାତ୍ର ବୁଝି ପାରନ୍ତି ନାହିଁ, ଅଥବା ମନେକରି ବସନ୍ତି ତୁମେ ଉଦ୍ଦାମ ପାଗଳ ହୋଇଯାଇଛ । ଶ୍ରୀମା ନିଜେ ମଧ୍ୟ ଜିଜ୍ଞାସାର ଦିଗରୁ ବାହ୍ୟତଃ ଅନେକ ଚେଷ୍ଟା କରିଥିଲେ, ବହୁ ପରେ ଯେତେବେଳେ ଗୀତାର କଥା ଶୁଣିଲେ ସେତେବେଳେ ଗୀତା-ପୁସ୍ତକଟିର ସନ୍ଧାନ କଲେ, ସେ ଚେଷ୍ଟା ଦୁରୂହ କଷ୍ଟସାଧ୍ୟ – ଆଉ ଯେବେ ସେଇଟି ସଂଗ୍ରହ କଲେ, ତାହା ହେଉଛି ଅନୁବାଦର ଅନୁବାଦ । ଆଉ ସେ ବି କି ଅନୁବାଦ ! ତେବେ ମା'ଙ୍କୁ ଜଣେ ଭାରତୀୟ ସାଧକ-ପଣ୍ଡିତଙ୍କୁ ଭେଟି ତାଙ୍କ ପରିଚୟ ପାଇବାର ସୁଯୋଗ ମିଳିଥିଲା । ସେ ବ୍ୟକ୍ତି ଜଣେ ଖାଣ୍ଟିଲୋକ ଥିଲେ ଏବଂ ତାଙ୍କ ପାଖରୁ ଶ୍ରୀମା ବେଶ୍ କିଛି ସାହାଯ୍ୟ ପାଇଥିଲେ ।

ୟୁରୋପୀୟ ମନର ଧାରା ଚାଲିଥାଏ ଏକାନ୍ତ ବିଚାର-ବୁଦ୍ଧିର ସାହାଯ୍ୟ ନେଇ । ଏ ପଥରେ ଯେଉଁ ବିପଦ ରହିଛି, ସେ ବିଷୟରେ ଆଉ କିଛି କହୁଛି । ଊର୍ଦ୍ଧ୍ୱରେ ରହିଛି ଗୋଟିଏ ଉଚ୍ଚତର ବିଚାର ବା ବିବେକବୁଦ୍ଧି, ତା' ଭିତରେ କିଛି ପରିମାଣରେ ଯଥାର୍ଥ ଆଲୋକ ସହଜରେହିଁ ଆଗରୁ ରହିଥାଏ ବା ପ୍ରବେଶ କରିପାରେ; ନିମ୍ନରେ ରହିଛି ପ୍ରାଣର ସହଜ ପ୍ରେରଣା, ତା' ଭିତରେ ବି ସ୍ୱତଃ ଅସ୍ୱାଭାବିକ କିଛି ଦେଖାଯାଏ ନାହିଁ, ଯେପରି ପଶୁମାନଙ୍କ କ୍ଷେତ୍ରରେ । ଏ ଦୁଇଟିର ମଝିରେ ରହିଛି ଏକାନ୍ତ ମାନୁଷୀ ବୃତ୍ତି, ଏକ ଜଡ଼ ମନ, ସ୍ଥୂଳ ଇନ୍ଦ୍ରିୟଗତ କୌତୂହଳ; ଏଇସବୁ ଜିନିଷହିଁ ଗୋଳମାଳ ସୃଷ୍ଟିକରେ – ଅନାବଶ୍ୟକ ପ୍ରଶ୍ନପରାୟଣ, ବିଶ୍ଳେଷଣ-ବିଳାସୀ ଏଇ ସ୍ଥୂଳ ମସ୍ତିଷ୍କଗତ ମନ ପ୍ରକୃତିର ସହଜଗତି ଭିତରକୁ ନେଇ ଆସେ ବିକୃତି ଓ ଅସ୍ୱାସ୍ଥ୍ୟ । ଏହାର ପ୍ରଭାବରେ ଊର୍ଦ୍ଧ୍ୱର ବୁଦ୍ଧି ମଧ୍ୟ ବିଚଳିତ ହୁଏ, ଆତ୍ମ-ବିଶ୍ୱାସ ହରାଏ ଆଉ ତାହା ନିମ୍ନର ପ୍ରାଣ-ବୃତ୍ତିର ସହଜ ସରଳତା ଭିତରେ ଆବିଳତା, କୁଟିଳତା ଓ ଏକ ସଂଶୟମୁଖୀ ଚେତନା ଆଣି ଭର୍ତ୍ତି କରିଦିଏ ଏବଂ ତା' ସହିତ ନିରପେକ୍ଷତାକୁ ନ ଆଣି ପ୍ରାୟଶଃ ଜବରଦସ୍ତ-ଅସ୍ୱୀକାର, ଅନ୍ତତଃ ଅସ୍ୱୀକୃତି ଦିଗରେ ଏକ ପ୍ରବଣତା, ଏକ ଝୁଙ୍କ ଆଣି ଯୋଡ଼ି ଦିଏ ।

ଇଉରୋପର, ଆଧୁନିକ ଇଉରୋପର ମାନବ ମାନସ-ଲୋକକୁ ପତ୍ତନ କରିଛନ୍ତି, ତା'ର ଭିତ୍ତି ଦେଇଛନ୍ତି ଦେକାର୍ତ୍; ସେ ଆରମ୍ଭ କରିଛନ୍ତି ଏଇ କଥା କହି ଯେ ସମସ୍ତ ଜ୍ଞାନ, ସମସ୍ତ ଉପଲବ୍ଧିର ମୂଳଟି ରହିଛି ସଂଶୟରେ । ବିଶ୍ୱାସ କରି କିଛି ମାନି ନେବ ନାହିଁ, ସଂଶୟର ଆଖିରେ ସବୁକିଛିକୁ ନିରୀକ୍ଷଣ କରିବ । ତେବେ ଏଇ ସନ୍ଦେହଟା କରେ କିଏ ? ସେ ବ୍ୟକ୍ତି ତ ମୁଁ ସ୍ୱୟଂ । ସୁତରାଂ ''ମୁଁ ହେଉଛି ପ୍ରଥମ, ଆଦି ଅକୃତ୍ରିମ ସ୍ଥିର ସତ୍ୟ ।'' ମାତ୍ର ଦେକାର୍ତ୍ଙ୍କର ଅନୁଗାମୀ ଦଳ ଏଇଠାରେ ଅଟକି ଯାଇ ନାହାନ୍ତି, ସେମାନେ ପୁଣି ଏଇ ସ୍ଥିର ତଥା ଆଦି ସତ୍ୟଟିକୁ ବିଶ୍ଳେଷଣ କରି ଅନିଶ୍ଚିତର ପର୍ଯ୍ୟାୟକୁ ନେଇ ଯାଇଛନ୍ତି – ମରୀଚିକାର ମତିଭ୍ରମର ପର୍ଯ୍ୟାୟରେ ପହଞ୍ଚି ତାକୁ ଘୁଞ୍ଚାଇ ରଖି ଦେଇଛନ୍ତି । ମନ ଭିତରେ ଏଇ ଯେଉଁ ସନ୍ଦେହର ଅନ୍ଧାର ଘନାଇ ଆସିଛି, ତା' ସାଙ୍ଗରେ ପ୍ରାଣର ବାସନା, ଆସକ୍ତି, ବିରୋଧ, ବିଦ୍ରୋହ ମିଶ୍ରିତ ହେବା ଫଳରେ ଗୋଟିଏ ନାରକୀୟ ଲୋକ ଆସି ପହଞ୍ଚି ଯାଇଛି ଭୂମଣ୍ଡଳରେ ।

ଭାରତୀୟ ଆଧ୍ୟାତ୍ମିକ ଅଭିଯାନ ସଂଶୟରୁ ଆରମ୍ଭ ହୋଇ ନାହିଁ, ତାହା ଆରମ୍ଭ ହୋଇଛି ବିଶ୍ୱାସ ଦେଇ, ଶ୍ରଦ୍ଧା ଦେଇ । ଆରମ୍ଭରେ ଜିଜ୍ଞାସାର ଉଲ୍ଲେଖ ରହିଛି ଅବଶ୍ୟ, ମାତ୍ର ସେଇ ଜିଜ୍ଞାସାର ଅର୍ଥ ପ୍ରଶ୍ନ ନୁହେଁ, ତାହାର ଅସଲ ଉଦ୍ଦେଶ୍ୟ ଆକୂତି । ଭାରତୀୟ ମନରେ ବ୍ରହ୍ମ ବା ଭଗବାନ୍ ସ୍ୱତଃସିଦ୍ଧ ସତ୍ୟ, ଏଇ ସତ୍ୟକୁ ମାନି ନେଇ ସାରିବା ପରେ, ଗ୍ରହଣ କରି ନେବା ପରେ ଯାଇ ଯାତ୍ରା ଆରମ୍ଭ କରିଥାଏ ସିଏ । ଭଗବାନ୍ ବା ବ୍ରହ୍ମ ନାହାନ୍ତି, ତାହାର ପ୍ରମାଣ ଆବିଷ୍କାର କରିବାକୁ ପଡ଼ିବ, ପ୍ରତି ପଦରେ ପରୀକ୍ଷା କରି ଦେଖି ନେବାକୁ ହେବ ଏଇ ବସ୍ତୁଟି ସତରେ କେଉଁଠି ଅଛି କି ନାହିଁ – ଏଇ ପାଶ୍ଚାତ୍ୟ ପଥଟି ସାଧନାର ସୂର୍ଯ୍ୟସ୍ନାତ ପଥ ନୁହେଁ – ଏହା ସୂର୍ଯ୍ୟଯାନ, ହିରଣ୍ମୟ ବର୍ମ ନୁହେଁ । ଭଗବାନ୍ ଅଛନ୍ତି, ଆତ୍ମା ରହିଛି, ତାହାକୁ ସାକ୍ଷାତ୍ କରିବାକୁ ହେବ, ଅଧିଗତ କରିବାକୁ ହେବ – ଏହାହିଁ ସାଧକର ସାଧନା । ନଚିକେତା ସେତିକିବେଳେ ତାଙ୍କର ଆଧ୍ୟାତ୍ମିକ ଯାତ୍ରା ଆରମ୍ଭ କରିଥିଲେ ଯେତେବେଳେ ଶ୍ରଦ୍ଧା ତାଙ୍କଠାରେ ଅନୁପ୍ରବେଶ କରିଥିଲା, ତାଙ୍କୁ ଅଧିକାର କରିଥିଲା । ତେଣୁ ଏଇ ଶ୍ରଦ୍ଧାର ତଥା ବିଶ୍ୱାସର ବଳରେହିଁ ଯମର ଦୁଆରରେ ଯାଇ ସେ ପହଞ୍ଚି ଗଲେ ଏବଂ ତାଙ୍କର ପରମ କାମ୍ୟବସ୍ତୁଟିକୁ ଆଦାୟ କଲେ ।

ଯେଉଁ ପଥରେ ଯାବତୀୟ ବାଧାବିପତ୍ତି ଦୂର ହୋଇ ଯାଇଛି, ପଥଟି ସହଜ କୁସୁମାକୀର୍ଣ୍ଣ ହୋଇ ଯାଇଛି – ତାହାହିଁ ଯେ ସୂର୍ଯ୍ୟାଲୋକିତ ପଥ ଏହା ନୁହେଁ, ତେବେ ସେ ପଥରେ ବାଧାବିପତ୍ତି ଆମ ଅନ୍ତରକୁ ସ୍ପର୍ଶ କରେ ନାହିଁ, ଆମକୁ ବିଚଳିତ କରିପାରେ ନାହିଁ, ସେଗୁଡ଼ିକର ଭିତରେ ପଶି ଆମେ ଆଗେଇ ଚାଲୁ – ଆଘାତ ସତ୍ତ୍ୱେ ବି ଅକ୍ଷତ ରହି । ଆମେ ଦେଖିବାକୁ ପାଉ ଆମ ସମ୍ମୁଖରେ ସ୍ଥିର, ଅବିକମ୍ପ, ଅବିଚଳ ଏକ ଆଲୋକ-ବର୍ତ୍ତିକା ଜଳି ଚାଲିଛି; ଆମରି ଆଗେ ଆଗେ ତାହା ପଥଟିକୁ ପରିଷ୍କାର ଦେଖାଇ ଦେଇ, ଆଶ୍ୱାସ ଖେଳାଇ ଦେଇ ଆମ ପ୍ରତି ଅଙ୍ଗରେ ଗୋଟିଏ ଶାନ୍ତିର ପ୍ରଲେପ ଲେପି ଆମକୁ ଆଗେଇ ନେଇ ଚାଲିଛି ।

Dark Night – ଅନ୍ଧାର ରାତ୍ରି – ଅନ୍ୟ ଧରଣର ବସ୍ତୁ । ତା'ର ପଥ ଏକାନ୍ତ କଣ୍ଟକାକୀର୍ଣ୍ଣ; ଏତେ ଜଟିଳ ଓ କୁଟିଳ ସେ ପଥ ଯେ – ପ୍ରତିପଦରେ ପଥଭ୍ରଷ୍ଟ ହେବାର ସମ୍ଭାବନା ଅଧିକ ଅଥବା ସେ ପଥଟି ଯେମିତି ବିପୁଳ ସାଗର ବକ୍ଷରେ ପାଲ-ଆହୁଲାବିହୀନ ନିଃସଙ୍ଗ ଗୋଟାଏ ନୌକା, ଯେଉଁଥିରେ ଦିକ୍‌ନିର୍ଣ୍ଣୟ ଭାଗ୍ୟର ଦୟା ମାତ୍ର ବୋଲି କୁହାଯାଇ ପାରେ; ସହଯାତ୍ରୀ ସେଥିରେ ଅକସ୍ମାତ୍ ଉପସ୍ଥିତ ଅସହାୟ କଣ୍ଢେଇଟିଏ ଭଳି । କେଉଁଠି କେଉଁଠି ଏଇ ଅମା ରଜନୀଟିକୁ ଶ୍ରୀରାଧାଙ୍କର ବିରହ ସହିତ ତୁଳନା କରାଯାଇଛି, ମାତ୍ର ଏଥିରେ ଏକ ବଡ଼ ଧରଣର ତଥା ମୌଳିକ ପାର୍ଥକ୍ୟ ରହିଯାଏ – କାରଣ, ସେ କ୍ଷେତ୍ରରେ ଶ୍ରୀରାଧାଙ୍କ ନିକଟରେ ଶ୍ରୀକୃଷ୍ଣ ଅବଶ୍ୟ ଅନୁପସ୍ଥିତ, ତେବେ ଅନସ୍ତି ନୁହନ୍ତି ବା ସନ୍ଦେହର ବିଷୟ ବି ନୁହନ୍ତି । ସେଇ ବିରହର ଭିତରେ ବି ରହିଛି ଶ୍ରୀରାଧାଙ୍କର ନିବିଡ଼ ଏକାଗ୍ର ଶ୍ରଦ୍ଧା, ଅନ୍ତରାତ୍ମାର ଚିରମିଳନ । ତେଣୁ ତାଙ୍କର ସେ ବିରହ ପରମାନନ୍ଦର ବିପରୀତ ଦିଗ, ରୂପାନ୍ତର ଅବା ନାମାନ୍ତର ।

ଅଚେତନା ହେତୁହିଁ ଚେତନାର ଭିତରେ ଅନ୍ଧକାର ଓହ୍ଲାଇ ଆସେ; ମଣିଷ ଭିତରେ ଅଚେତନାର ଉତ୍ସ ହେଉଛି ସନ୍ଦେହ । ସଂଶୟ ଭଳି ଦ୍ୱିତୀୟ ଶତ୍ରୁ ମନୁଷ୍ୟର ଆଉ କେହି ନାହିଁ – ସଂଶୟାତ୍ମା ବିନଶ୍ୟତି । ମଣିଷଠାରେ ଅନେକ ଦୁର୍ବଳତା ରହିଛି, ବାସନା-କାମନାର ସମସ୍ତ ରାଜ୍ୟହିଁ ତା'ର ବାଟମାଡ଼ି ଠିଆ ହୋଇଛି, ପୁଣି ଯାବତୀୟ ଆସକ୍ତି, ଲୋଭ-ମୋହ, ଶରୀରର ଅକ୍ଷମତା ଆଦି, ଏସବୁ ଛଡ଼ା ତା'ର ଅହଂକାର ଓ ଅହଂବୋଧ ବି ଅଛି; ତେବେ ମୂଳ ବାଧାର ବିଷୟ ହେଉଛି ସଂଶୟ । ମନୁଷ୍ୟର ସ୍ଥୂଳ ମନରୁହିଁ ସଂଶୟର ଉତ୍ପତ୍ତି । ସ୍ଥୂଳ ମନଟିହିଁ ତାହାର ନିଜସ୍ୱ ନୀଡ଼, ସ୍ୱଗୃହ । ସ୍ଥୂଳ ମନର କାମ ହେଉଛି ସ୍ଥୂଳରେ ରୂପ ଦେବା, ଆକାର ଦେବା, ପ୍ରକାଶ କରି ଧରିବା ଜଡ଼ ଦେହ ଦେଇ; ଭୌତିକ ରୂପ ଦେବାର ଭାରଟି ରହିଛି ତା' ଉପରେ । ସୁତରାଂ ତାକୁ ଦେଖିବାକୁ ହୋଇଥାଏ କେଉଁ ବସ୍ତୁଟିକୁ ସେ ରୂପଦାନ କରିବାକୁ ଯାଉଛି; ଏହାରି ମଧ୍ୟରୁହିଁ ଉଦ୍ଭବ ହୋଇଛି ସନ୍ଦେହର, ସଂଶୟର – ଅର୍ଥାତ୍, ଯାହା ସେ ଗଠନ କରିବାକୁ ଯାଉଛି, ସେଇଟି ଠିକ୍ ତ ? ସେଇଟି କ'ଣ ଯଥାଯୋଗ୍ୟ, ଆଉ କରଣୀୟ ? ଏବଂ ଜଡ଼ ମନର ଭୁଲ୍‌ଟି ଏଇଠାରେ ନିହିତ । ଏଇ ପ୍ରଶ୍ନ ପଚାରିବାର ଅଧିକାର ତା'ର ସତରେ ନାହିଁ । ଯାହା ତାକୁ ଦିଆ ହୋଇଛି, ସେଇ ଜିନିଷଟିକୁ ରୂପାୟିତ କରିବା – ସେଇ ଯନ୍ତ୍ରର କାମ; ମାତ୍ର ପ୍ରଶ୍ନ ହେଉଛି କାହାର ଯନ୍ତ୍ର ସିଏ, ତା'ର ବ୍ୟବହାରର ବସ୍ତୁଟିକୁ କିଏ ଆଣି ତାକୁ ଦେବ ? ଯିଏ ନେଇ ଆସି ତା' ପାଖରେ ବସ୍ତୁଟିକୁ ପହଞ୍ଚାଇ ଦେବ, ଯାହାର ଯନ୍ତ୍ର ସେ ହେବାର କଥା, ତାହାର ନାମ ହେଉଛି ଶ୍ରଦ୍ଧା, ବିଶ୍ୱାସ । କାରଣ ବିଶ୍ୱାସ ବା ଶ୍ରଦ୍ଧାହିଁ ହେଉଛି ଅନ୍ତରାତ୍ମାର ଇଙ୍ଗିତ, ଦିବ୍ୟ ଆଲୋକ ଓ ଭାଗବତ ନିର୍ଦ୍ଦେଶ । ଏପରିକି ପାଶ୍ଚାତ୍ୟର ଜଣେ ଅଧ୍ୟାତ୍ମ୍ୟ-ଦିଗ୍‌ଦର୍ଶକ ବି କହିଯାଇଛନ୍ତି : ''Faith is the testimony of things unseen.''। ଆମର ଋଷିମାନେ ବି କହିଛନ୍ତି, ''ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍'' । ଯାହା ପାଖରେ ଏଇ ଦିବ୍ୟ ଅଂଶଟି ଅନୁପସ୍ଥିତ ତାହାର ନାମ କବନ୍ଧ । ଯେଉଁମାନେ କେବଳ ମସ୍ତିଷ୍କର ସହାୟତା ନେଇ ବିଚାର-ବୁଦ୍ଧିର ଆଶ୍ରୟରେ 'ଦେକାର୍ତୀୟ' ପନ୍ଥା ଅବଲମ୍ବନ କରି ଆଗେଇବାକୁ ପ୍ରୟାସ କରନ୍ତି, ସେମାନେ ଅନ୍ଧକାରର ଗଭୀରରୁ ଆହୁରି ଅଧିକତର ଗଭୀର ଅନ୍ଧକାର ମଧ୍ୟକୁ ପ୍ରବେଶ କରିବେ । ସାଧାରଣତଃ ଏଇଭଳି ଘଟିଥାଏ – ଯଦି ସେବା କ୍ଷେତ୍ରରେ ସେଇ ଅନ୍ଧକାରକୁ ପରାଭୂତ କରି ପାରିବା ଭଳି ତୀବ୍ର ଏକାନ୍ତ ଆକୂତିଟି ତା' ମଧ୍ୟରେ ପ୍ରଜ୍ୱଳିତ ନ ହୁଏ ।

କିନ୍ତୁ ପଚରା ଯାଉଛି ଯେ ବିଶ୍ୱାସ ସମୂହ ମଧ୍ୟରେ ସେ ବିଶ୍ୱାସଟି କେମିତି ଅଥବା କ'ଣ ? ଭୁଲ୍ ବିଶ୍ୱାସ ବି ତ ରହିଛି । ସତରେ ଦେଖିଲେ – ଭୁଲ୍ ବିଶ୍ୱାସ ବୋଲି କିଛି ନାହିଁ, ହୁଏତ ତାହା କୁ-ବିଶ୍ୱାସ ହୋଇଥିବ, ନ ହେଲେ ସୁ-ବିଶ୍ୱାସ । ତୁମର ବିଶ୍ୱାସ ହୁଏତ ଅନ୍ଧାର ଉପରେ ଥିବ କିଂବା ହୁଏତ ଆଲୋକ ଉପରେ ରହିଥିବ । ଅନ୍ଧକାର ଉପରେ ଯେଉଁ

ବିଶ୍ୱାସ, ତାହାର ନାମ ମୋହ, ଆଲୋକ ଉପରେ ଯେଉଁ ବିଶ୍ୱାସ ତାହାର ନାମ ଶ୍ରଦ୍ଧା (ଉପନିଷଦ୍‌ରେ ଯାହାର ଉଲ୍ଲେଖ ରହିଛି); ଏପରି ବି ହୋଇପାରେ ଯେ ତୁମର ଆଲୋକ ଉପରେ ପୂର୍ଣ୍ଣ ବିଶ୍ୱାସ ନାହିଁ, ଅନ୍ଧାର ଉପରେ ବି ପୂରା ବିଶ୍ୱାସ ନାହିଁ । ତୁମର ଆଖିଟି ଥରେ ଗୋଟିକ ଉପରେ, ଆଉ ଥରେ ଅନ୍ୟଟି ଉପରେ — ଦ୍ୱିଧାଗ୍ରସ୍ତ, ଟଳମଳ ଅସ୍ଥିର ବୃତ୍ତି; ତୁମର ସ୍ଥିତି ସେତେବେଳେ ପୃଥିବୀରେ ନାହିଁ କି ସ୍ୱର୍ଗରେ ବି ନାହିଁ; ତୁମେ ଝୁଲି ରହିଥିବ ମଧ୍ୟ ପଥରେ — ଅନ୍ତରୀକ୍ଷରେ ତ୍ରିଶଙ୍କୁ ଭଳି ନିରର୍ଥକ ହୋଇ । ଗୀତାର ଉକ୍ତି ଆମେ ସ୍ମରଣ କରିପାରୁ :

''ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ...
...ଉଭୟବିଭ୍ରଷ୍ଟଃ ଛିନ୍ନାଭ୍ରମିବ ନଶ୍ୟତି ॥''

ଅନ୍ଧବିଶ୍ୱାସର କଥା କୁହାଯାଇଥାଏ, ମାତ୍ର ଅନ୍ଧ ବିଶ୍ୱାସ କାହାକୁ କହନ୍ତି ? ଅନ୍ଧକାରକୁ ଯାହା ବିଶ୍ୱାସ କରେ, ସତରେ ତାହାହିଁ ଅନ୍ଧବିଶ୍ୱାସ; ଆଉ ଯେଉଁ ବିଶ୍ୱାସ ଆଲୋକ ଉପରେ ଆସ୍ଥାବାନ୍, ସେ ବିଶ୍ୱାସ ଚକ୍ଷୁଷ୍ମାନ୍,— ହୁଏତ ଲୋକେ କହିବେ ଅନ୍ଧ, କିନ୍ତୁ ସେଠି ତା'ର ଚକ୍ଷୁ ଘୂରିଯାଇ ଅନ୍ୟ ଦିଗକୁ ମୁଖ କରି ଚାହିଁଥାଏ (ଜଣେ ଫରାସୀ କବି ଯେପରି କହିଛନ୍ତି), ତେଣୁ ବାହାରିଆ ଭାବରେ ସେ ଅନ୍ଧ ।

ସେ ଯାହା ହେଉ, ବିଚାର ବୁଦ୍ଧିର ଏଇ ଅଣ୍ଡାଳି ଅଣ୍ଡାଳି ଚାଲିବାର ବାଟରେ ଯାହାକୁ ମୋଟାମୋଟି ଆତ୍ମାର ଅନ୍ଧାରୀ ରଜନୀ କୁହାଯାଏ, ସେଥିରେ ଯଦି ଯଥାର୍ଥ ଆନ୍ତରିକତା ଥାଏ, ରହିଥାଏ ଏକାନ୍ତ ଆକୁତି, ତେବେ ପରିଣାମରେ ସୁଡ଼ଙ୍ଗର ଅନ୍ତ ହେଲେ ଶେଷରେ ତା'ର ଆଲୋକ-ଦର୍ଶନ ଘଟିଥାଏ । ତେବେ ଏଇ ଦର୍ଶନ ହେଉଛି ତଟସ୍ଥ ବ୍ରହ୍ମର ଦର୍ଶନ, ସୂର୍ଯ୍ୟାଲୋକର ସ୍ପର୍ଶମାତ୍ର — ଦୂରରୁ ଭୋରବେଳାରେ ଆମର ସ୍ୱର୍ଣ୍ଣଲୋଭୀମାନଙ୍କର ଯେମିତି ପ୍ରଭାତ-ଦର୍ଶନ ହୋଇଥିଲା । କିନ୍ତୁ ସୂର୍ଯ୍ୟମଣ୍ଡଳ ମଧ୍ୟରେ ପ୍ରବେଶ କରିବା ଲାଗି, ସେଠାରେ ଅବଗାହନ କରିବା ପାଇଁ — ଜ୍ୟୋକ୍ ଚ ସୂର୍ଯ୍ୟଂ ଦୃଶେ — ଋଷିମାନେ ଯେଭଳି କହିଯାଇଛନ୍ତି, ସେଇ ବସ୍ତୁଟି ଅନ୍ୟ ପ୍ରକାରର, ସେଥିସକାଶେ ପ୍ରୟୋଜନ ଏକ ଆମୂଳ ପରିବର୍ତ୍ତନ — ଦରକାର ଚିତ୍ତର ତଥା ମନର ଭିତରେ, ଏପରିକି ଶାରୀରିକ କୋଷରେ ବି ଆଲୋକର ସ୍ପନ୍ଦନ, ଅର୍ଥାତ୍ ଏପାରିର ଆକୁତି ଭିତରେ ସେପାରିର ପ୍ରକୃତିର ଆବେଶ; ଦରକାର ଏଧରଣର ସୂର୍ଯ୍ୟସ୍ନାନ ।

ବେଦର ଋଷି ତାଙ୍କର ଏକ ମନ୍ତ୍ରରେ ଏ ପ୍ରସଙ୍ଗରେ ସୁନ୍ଦର ଗୋଟିଏ ଚିତ୍ର ଦେଇଛନ୍ତି । ସେ କହୁଛନ୍ତି — ଚର୍ମକାର ଯେମିତି ପଶୁର ଚମଡ଼ା ଛଡ଼ାଇ ସିଧା ଭାଙ୍ଗ କରି ଧରିଥାଏ, ବରୁଣଦେବ ସେମିତି ପୃଥିବୀକୁ ପ୍ରସାରିତ କରି ସୂର୍ଯ୍ୟାଲୋକ ଆଗରେ ଖୋଲି ଧରନ୍ତି :

''ବି ୟଃ ଜଘାନ ଶମିତା ଇବ
ଚର୍ମ ଉପ ସ୍ତିରେ ପୃଥିବୀମ୍ ସୂର୍ଯ୍ୟାୟ ।''

ଅନ୍ୟ ଭାବରେ କହିଲେ, ଆମେ ଯେପରି ଉଲ୍ଲେଖ କରିଛୁ, ପୃଥିବୀକୁ ଅର୍ଥାତ୍ ଏକାନ୍ତ ଜଡ଼ ସତ୍ତା ଓ ଚେତନାକୁ ସୂର୍ଯ୍ୟସ୍ନାତ କରିବାକୁ ହେବ ଏବଂ ଏଇ କାମଟି କରନ୍ତି ବରୁଣଦେବ; ଯିଏ ବୃହତ୍ତର ସତ୍ତା, ବୃହତ୍ତର ଚେତନା, ତାଙ୍କଠାରେ ଅହଂର ବିଲୁପ୍ତି, ନିଃଶେଷ ଅବଲୁପ୍ତି; ଆଉ ବରୁଣଦେବଙ୍କର ଅନୁଗ୍ରହ ଲାଭ କରିବାକୁ ହେଲେ ହେବାକୁ ପଡ଼ିବ ଶ୍ରଦ୍ଧାଶୀଳ, ଶ୍ରଦ୍ଧାବନତ ।

ଅନୁବାଦ : କୃଷ୍ଣା ଦେବୀ ✤

ଶ୍ରୀମା ଶ୍ରୀଅରବିନ୍ଦଙ୍କ ପ୍ରଭାବକୁ ଗ୍ରହଣ କରିବା ଲାଗି ବିଶ୍ୱାସ, ଆଧ୍ୟାତ୍ମିକ ସାଧନାର ପଥ ଅନୁସରଣ କରିବା ଦିଗରେ ଏକ ପରିପୂର୍ଣ୍ଣ ଏକନିଷ୍ଠଭାବ ଏବଂ ଏହି ପ୍ରଭାବ ପ୍ରତି ନିଜକୁ ଉନ୍ମୁକ୍ତ ରଖିବା ନିମନ୍ତେ ଏକ ସଂକଳ୍ପ ତଥା ସାମର୍ଥ୍ୟ ଛଡ଼ା ଅନ୍ୟ କୌଣସି ପନ୍ଥା ନାହିଁ; କିନ୍ତୁ ଏହି ସାମର୍ଥ୍ୟ ସାଧାରଣତଃ ଏକନିଷ୍ଠତା ଓ ବିଶ୍ୱାସର ପରିଣାମ ରୂପେହିଁ ଆସିଥାଏ ।

— ଶ୍ରୀଅରବିନ୍ଦ

**ବେଦରହସ୍ୟ - (ତୃତୀୟ ଭାଗ), ଅତ୍ରିଋଷିଗଣଙ୍କ ସୂକ୍ତମାଳା**

# ରହସ୍ୟବାଦୀମାନଙ୍କ ସିଦ୍ଧାନ୍ତ

## ଶ୍ରୀଅରବିନ୍ଦ

**ପୂର୍ବସଂଖ୍ୟାର ଅନୁକ୍ରମେ :**

ପ୍ରତ୍ୟେକ ତତ୍ତ୍ୱକୁ ତା' ନିଜ ମଧ୍ୟରେ ବହନ କରୁଥିବା ଅନ୍ୟାନ୍ୟ ତତ୍ତ୍ୱର ଉପାଙ୍ଗ ଅଭିବ୍ୟକ୍ତି ଦ୍ୱାରା ଯେପରି ରୂପାନ୍ତରିତ ବା ପରିବର୍ତ୍ତିତ କରାଯାଇପାରେ ସେହିପରି ପ୍ରତ୍ୟେକ 'ଲୋକ'କୁ ତା'ର ଚିତ୍‌ଗତ ସୃଜନଶୀଳ ଆଲୋକର ବିଭିନ୍ନ ବିନ୍ୟାସ ତଥା ବ୍ୟକ୍ତିଗତ କ୍ରମକୁ ନାନା ଉପଲୋକରେ ବିଭାଜିତ କରାଯାଇପାରେ । ତେଣୁ ଏହି ମୂଳ ଯୋଜନା ମଧ୍ୟରେ ମୁନିଋଷିମାନଙ୍କର ସୂକ୍ଷ୍ମଦୃଷ୍ଟି ତଥା ଉର୍ବର ରୂପକର ସକଳ ବହ୍ୱାଶ୍ରୟତାକୁ ସେହି ଶତନଗରୀ ପର୍ଯ୍ୟନ୍ତ ସ୍ଥାନ ଦେବାକୁ ପଡ଼ିବ ଯାହାକୁ ବର୍ତ୍ତମାନ ଅଧିକାର କରିଛନ୍ତି ବିଭାଜନ ତଥା ଅମଙ୍ଗଳର ସ୍ୱାମୀ ବିରୋଧୀ ରାଜାମାନେ । କିନ୍ତୁ ଦେବଗଣ ସେହି ନଗରୀଗୁଡ଼ିକର ଅବରୁଦ୍ଧ ଦ୍ୱାରକୁ ଉନ୍ମୋଚିତ କରିଦେଇ 'ଆର୍ଯ୍ୟ' ଉପାସକମାନଙ୍କ ଅଧିକାର ମଧ୍ୟକୁ ଆଣିବେ !

କିନ୍ତୁ ଏହି ଜଗତଗୁଡ଼ିକ କେଉଁଠି ଓ ସେମାନେ ସୃଷ୍ଟି ହେଲେ କେବେ ? ଏଠାରେ ଆମେ ବୈଦିକ ମୁନିଋଷିଗଣଙ୍କ ଗଭୀରତମ ବିଚାରଗୁଡ଼ିକ ମଧ୍ୟରୁ ଗୋଟିକୁ ଉଦ୍ଧାର କରୁଛୁ । ମନୁଷ୍ୟ ଧରିତ୍ରୀ-ମାତାର କ୍ରୋଡ଼ରେ ନିବାସ କରୁଛି ଏବଂ ଏହି ମରଣଧର୍ମୀ ଜଗତଟି ସମ୍ପର୍କରେ ସେ ସଚେତନ; କିନ୍ତୁ ଏହାର ବହୁ ଊର୍ଦ୍ଧ୍ୱରେ ଏକ ଅତିଚେତନା ବିଦ୍ୟମାନ, ଏକ ଦୀପ୍ତିମନ୍ତ ଗୂଢ଼ତା ମଧ୍ୟରେ ଦିବ୍ୟ ଲୋକଗୁଡ଼ିକ ଅବସ୍ଥାନ କରୁଛନ୍ତି; ମନୁଷ୍ୟର ବାହ୍ୟ ଜାଗ୍ରତ୍ ପ୍ରତୀତିଗୁଡ଼ିକର ନିମ୍ନରେ ଅବଚେତନା ବା ଅଚେତନା ବିଦ୍ୟମାନ ଏବଂ ତା'ର ଦେଖିବା ଅନୁସାରେ ଗର୍ଭିଣୀ 'ରାତ୍ରି'ଠାରୁ ଜଗତଗୁଡ଼ିକ ଜନ୍ମଲାଭ କରୁଛନ୍ତି । ଆଉ ସେହି ଦୀପ୍ତ ଊର୍ଦ୍ଧ୍ୱ ଚେତନା ତଥା ନିମ୍ନସ୍ଥ ଅନ୍ଧକାର-ମହାସାଗର ମଧ୍ୟବର୍ତ୍ତୀ ଏହି ଅନ୍ୟ ଜଗତଗୁଡ଼ିକ ବିଷୟରେ ତାହା ହେଲେ କ'ଣ ? ସେଗୁଡ଼ିକ ଏହିଠାରେ ଅଛନ୍ତି । ପ୍ରାଣ-ଜଗତରୁ ମନୁଷ୍ୟ ନିଜର ପ୍ରାଣିକ ସତ୍ତାକୁ ତଥା ମାନସ-ଲୋକରୁ ତା'ର ମାନସିକ ତତ୍ତ୍ୱକୁ ଆହରଣ କରିଥାଏ; ସେହି ଜଗତଗୁଡ଼ିକ ସହିତ ତା'ର ଗୂଢ଼ ସମ୍ବନ୍ଧ ରହିଛି; ସଚେତନଭାବେ ସେ ସେଗୁଡ଼ିକ ମଧ୍ୟରେ ପ୍ରବେଶ କରିପାରେ, ଯଦି ସେ ଇଚ୍ଛା କରେ, ତାହାରି ମଧ୍ୟରେ ଜନ୍ମଲାଭ କରିପାରେ । ଏପରିକି 'ସତ୍ୟ' ସ୍ୱରୂପ ସୌରଜଗତ୍ ପର୍ଯ୍ୟନ୍ତ ବି ସେ ଉତ୍ତୋଳିତ ହୋଇ ଯାଇପାରେ, 'ଅତିଚେତନା'ର ତୋରଣଗୁଡ଼ିକୁ ସେ ପ୍ରବେଶ କରିପାରେ, ପରମ ପୁରୁଷଙ୍କ ଦେହଳି ଦ୍ୱାରକୁ ବି ଅତିକ୍ରମ କରିପାରେ । ତା'ର ବୃଦ୍ଧିଶୀଳ ଆତ୍ମା ଆଗରେ ଦିବ୍ୟ ଦ୍ୱାରଗୁଡ଼ିକ ଆପେ ଖୋଲି ହୋଇଯିବେ ।

ଏହି ମାନବ-ଉତ୍ତରଣ ସମ୍ଭବ, କାରଣ ବାହ୍ୟଦୃଷ୍ଟି ଯାହା ବାହ୍ୟ ବସ୍ତୁରୂପେ ଅବଲୋକନ କରୁଥାଏ ତାହାକୁ ସେ ନିଜ ମଧ୍ୟରେ ଧାରଣ କରୁଥାଏ । ଆମ ଭିତରେ ଗୁପ୍ତ ହୋଇ ରହିଥିବା ଆଶୟଗତ ସାମର୍ଥ୍ୟଗୁଡ଼ିକ ବିଷୟଗତ ଜାଗତିକ ବ୍ୟବସ୍ଥାର ସମସ୍ତ ଶ୍ରେଣୀ ଓ ସ୍ତରର ଅନୁରୂପ ତଥା ଏହିମାନେ ହିଁ ଆମର ସମ୍ଭାବ୍ୟ ଜୀବନର ବହୁ ବହୁ ସ୍ତର ଆମ ନିମନ୍ତେ ରଚନା କରିଛନ୍ତି । ଏହି ବସ୍ତୁପ୍ରଧାନ ଜୀବନ ଏବଂ ଭୌତିକ ଜଗତର ସଂକୀର୍ଣ୍ଣ ଭାବେ ସୀମାରେ ଆବଦ୍ଧ ଆମ ଚେତନା ଏହି ଉଭୟହିଁ ମନୁଷ୍ୟକୁ ଦିଆଯାଇଥିବା ଆତ୍ମାନୁଭୂତିର ସ୍ତରଠାରୁ ବହୁତ ନିମ୍ନରେ – ସହସ୍ରଗୁଣମାନ ସଂଯୁକ୍ତ ହୋଇ 'ଧରଣୀ ମାତାର ସନ୍ତାନ' ହୋଇଥା'ନ୍ତୁ ପଛେ । ମୃଣ୍ମୟୀ 'ଧରା' ଯଦି ମନୁଷ୍ୟକୁ ଗର୍ଭରେ ଧାରଣ କରିଥିଲା ଏବଂ ଏବେ ତାକୁ ନିଜ ବାହୁଗୁଡ଼ିକରେ ସ୍ଥାନ ଦେଇଛି, ତଥାପି 'ଦ୍ୟୌଃ' ମଧ୍ୟ ତା'ର ଜନ୍ମଦ-ଦମ୍ପତିଙ୍କ ଭିତରୁ ଜଣେ ଏବଂ ତା' ସତ୍ତା ଉପରେ ଏହାର ଏକ ଦାବି ରହିଛି । ଗଭୀରରୁ ଗଭୀରତର ଓ ଉଚ୍ଚରୁ ଉଚ୍ଚତର ଲୋକ ପ୍ରତି ଜାଗ୍ରତ ହେବା ପାଇଁ ମନୁଷ୍ୟ ମଧ୍ୟରେ ମାର୍ଗ ମୁକ୍ତ ହୋଇ ରହିଛି ଏବଂ ଏହିପରି ଜାଗରଣ ହେଉଛି ତା'ର ଅଭିପ୍ରେତ ପ୍ରଗତି । ଆହୁରି ମଧ୍ୟ, ସେ ନିଜ ମଧ୍ୟରେ ଏହି ଭାବେ ଯେତେ ଯେତେ ଊର୍ଦ୍ଧ୍ୱସ୍ତରକୁ ଆରୋହଣ କରୁଥାଏ, ତା' ଜୀବନ ଓ ଦୃଷ୍ଟିରେ ନୂତନ ଜଗତଗୁଡ଼ିକ ସେତେ ସେତେ ଉନ୍ମୋଚିତ ହୋଇ ଯାଉଥା'ନ୍ତି ତଥା ସେହିଗୁଡ଼ିକହିଁ ହୁଅନ୍ତି ତା' ଅନୁଭୂତିର କ୍ଷେତ୍ର ଏବଂ ଆତ୍ମାର ଆବାସସ୍ଥଳୀ । ସେହି ଲୋକଗୁଡ଼ିକର ଶକ୍ତିରାଜି ତଥା ଅଧିଦେବଗଣଙ୍କ ସହିତ ସମ୍ପର୍କିତ ଓ ମିଳିତ ହୋଇ ସେ ଜୀବନ ଧାରଣ କରୁଥାଏ ତଥା ସେହିମାନଙ୍କ ସ୍ୱରୂପ ଅନୁସାରେ ସେ ନିଜ ଜୀବନକୁ ପୁନର୍ଗଠନ କରୁଥାଏ । ଏହି ଦୃଷ୍ଟିରୁ ପ୍ରତ୍ୟେକ

ଆରୋହଣ ହେଉଛି ଆତ୍ମାର ଏକ ନବଜନ୍ମ, ଏବଂ ବେଦ ଏହି ଲୋକଗୁଡ଼ିକୁ କହେ ''ଜନ୍ମଗୁଡ଼ିକ'' ବୋଲି ତଥା ଆସନଗୁଡ଼ିକ ଓ ବାସସ୍ଥାନମାନ ବୋଲି ।

କାରଣ, ଦେବଗଣ ଏହି ଜାଗତିକ ଲୋକଗୁଡ଼ିକୁ ଯେପରି ରଚନା କରିଛନ୍ତି ଠିକ୍ ସେହିପରି ମନୁଷ୍ୟର ଚେତନାରେ କ୍ରମବଦ୍ଧ ସ୍ତରଗୁଡ଼ିକର ପର୍ଯ୍ୟାୟକୁ ତଥା ଉତ୍ତରଣର ପରିମାପଗୁଡ଼ିକୁ, ମର୍ତ୍ତ୍ୟ ଅବସ୍ଥାରୁ ଅମୃତତ୍ୱର ଶିଖର ପର୍ଯ୍ୟନ୍ତ, ରଚନା କରିବାର ଶ୍ରମ କରି ଚାଲିଛନ୍ତି । ମନୁଷ୍ୟର ଯେଉଁ ସୀମିତ ବସ୍ତୁନିଷ୍ଠ ଜୀବନ ସ୍ତର ରହିଛି, ଯାହା ହେଉଛି ତା'ର ନିମ୍ନତମ ମାନବତ୍ୱ, ବିଭାଜନର ପ୍ରଭୁମାନଙ୍କ ଶାସନ ଯେଉଁଠି ଚାଲିଛି ତାହାରି ମଧ୍ୟରେ ଯେପରି ସେ ପରିତୃପ୍ତ ହୋଇ ନିବାସ କରୁଛି, ସେଥିରୁ ଦେବଗଣ ତାକୁ ଉତ୍ତୋଳିତ କରନ୍ତି, ତାକୁ ସମୃଦ୍ଧି ଓ ପ୍ରାଚୁର୍ଯ୍ୟରେ ଭରା ଏକ ଜୀବନ ପ୍ରଦାନ କରନ୍ତି, ଯାହା ସହିତ ଥାଏ ଅନେକ ତଥା କ୍ଷିପ୍ର ଆଘାତ, ଗତିଶୀଳ 'ପ୍ରାଣ' ଓ 'କାମନା' ଲୋକଗୁଡ଼ିକର ଆବେଗ ପ୍ରବେଶ ରହିଥାଏ, ଯେଉଁଠି ଦେବଗଣ ଅସୁରଗଣଙ୍କ ସହିତ ଯୁଦ୍ଧରତ ଥାଆନ୍ତି, ଏହି ବିକ୍ଷୁବ୍ଧତାରେ ସେ କ୍ଷିପ୍ରତା ତଥା ପ୍ରଗାଢ଼ତା ମଧ୍ୟରୁ ଉଚ୍ଚତର ମାନସିକ ଜୀବନ ମଧ୍ୟକୁ ତାକୁ ଉତ୍ତୋଳିତ କରନ୍ତି ଯାହାର ସ୍ୱଭାବ ହେଲା ଧୀରସ୍ଥିର ଶୁଦ୍ଧତା ଓ ସ୍ୱଚ୍ଛତା । କାରଣ ବିଶୁଦ୍ଧ ଚିନ୍ତା ଓ ଭାବ ହେଉଛି ମନୁଷ୍ୟର ଅନ୍ତରୀକ୍ଷ, ତା'ର ସ୍ୱର୍ଗ (ସ୍ୱର୍); ଭାବାବେଗ, ବାସନା, ସ୍ନେହ ପ୍ରଭୃତିରେ ଗଠିତ ଏହି ସମଗ୍ର ପ୍ରାଣପ୍ରବଣ ଜୀବନ, କାମନା ହେଉଛି ଯାହାର ଅଶ୍ୱ, ଏହା ତା' ପାଇଁ ଗଠନ କରିଥାଏ ଏକ ମଧ୍ୟସ୍ତରୀୟ ଲୋକ (ଭୁବଃ); ଶରୀର ଓ ବସ୍ତୁ-ଆଶ୍ରୟୀ ଜୀବନ ହେଉଛି ଭୂମି (ଭୂଃ) ।

କିନ୍ତୁ ବିଶୁଦ୍ଧ ଚିନ୍ତା ଓ ବିଶୁଦ୍ଧ ଚୈତ୍ୟିକ ସ୍ଥିତି ମାନବ-ଉତ୍ତରଣର ଉଚ୍ଚତମ ଶିଖର ନୁହେଁ । 'ଦେବ'ଗଣଙ୍କର ସଦନ ହେଉଛି ପରମ 'ସତ୍ୟ' ଯାହା ମାନସ ସ୍ତରର ଉର୍ଦ୍ଧ୍ୱସ୍ଥ ସୌର ମହିମୋଜ୍ଜ୍ୱଳତା ମଧ୍ୟରେ ବିଦ୍ୟମାନ । ସେଠାକୁ ଆରୋହଣ-ପ୍ରୟାସୀ ଜଣେ ମାନବ ସେତେବେଳେ ଜଣେ ମନସ୍ୱୀ ରୂପେ ସଂଘର୍ଷ କରୁ ନଥାଏ ପରନ୍ତୁ ସେ ହୋଇଯାଏ ଜଣେ ବିଜୟୀ ଦ୍ରଷ୍ଟା; ସେତେବେଳେ ସେ ଆଉ ଜଣେ ମନଃପ୍ରଧାନ ପ୍ରାଣୀ ନୁହେଁ ପରନ୍ତୁ ଦିବ୍ୟବ୍ୟକ୍ତି । ତାହାର ସଂକଳ୍ପ ପ୍ରାଣ, ଚିନ୍ତା, ଭାବାବେଗ, ଇନ୍ଦ୍ରିୟାନୁଭୂତି, କର୍ମ ପ୍ରଭୃତି ସବୁକିଛି ସେତେବେଳକୁ ସର୍ବଶକ୍ତିମାନ୍ 'ସତ୍ୟ'ର ମୂଲ୍ୟଗୁଡ଼ିକ ଦ୍ୱାରା ରୂପାନ୍ତରିତ ହୋଇ ଯାଇଥାଏ ତଥା ମିଶ୍ରିତ ସତ୍ୟ ଓ ମିଥ୍ୟାର ପରିକ୍ଳିଷ୍ଟ ବା ଅସହାୟ ଜଟିଳ ଗ୍ରନ୍ଥିଟିଏ ହୋଇ ସେତେବେଳେ ରହେ ନାହିଁ । ସେ ଆଉ ଆମର ସଂକୀର୍ଣ୍ଣ ତଥା ଦ୍ୱେଷ ବିଦ୍ୱେଷପୂର୍ଣ୍ଣ ପରିସୀମା ମଧ୍ୟରେ ଛୋଟେଇ ଚାଲେ ନାହିଁ, ପରନ୍ତୁ ଅବାଧ 'ବୃହତ୍' ମଧ୍ୟରେ ବିଚରଣ କରୁଥାଏ; ଏହି ସମସ୍ତ କୁଟିଳତା ମଧ୍ୟରେ ସେ ଧନ୍ଦି ହୁଏ ନାହିଁ କି ଏଣେ ତେଣେ ଭ୍ରମି ହୁଏ ନାହିଁ ବରଂ କ୍ଷିପ୍ରଗମ୍ୟ ତଥା ଜୟପ୍ରଦ ଋଜୁପନ୍ଥାରେ ସେ ଗତି କରୁଥାଏ; ସେ ଏବେ ଆଉ ଭଙ୍ଗାରୁଜା ଜିନିଷକୁ ଖାଇ ବଞ୍ଚେ ନାହିଁ, ପରନ୍ତୁ 'ଅନନ୍ତ'ର ଚୁଚୁକରୁ ସ୍ତନ୍ୟପାନ କରେ । ସେହି କାରଣରୁ ଭୂଃ ଓ ସ୍ୱର୍‌ର ମଧ୍ୟବର୍ତ୍ତୀ ଏହି ସମସ୍ତ ଲୋକକୁ ଭେଦ କରି ତାକୁ ବାହାରି ଯିବାକୁ ହେବ; ସୌର-ଜଗତଗୁଡ଼ିକରେ ଦୃଢ଼ ସ୍ଥିତିକୁ ହାସଲ କରି, ତା' ଆତ୍ମିକ ଉଚ୍ଚତାର ଉଚ୍ଚତମ ଶୃଙ୍ଗକୁ ପ୍ରବେଶ କରି ତାକୁ ଶିକ୍ଷା କରିବାକୁ ହେବ 'ଅମୃତତ୍ୱ'ର ତ୍ରି-ତତ୍ତ୍ୱ ମଧ୍ୟରେ କିପରି ବାସ କରିବାକୁ ହୁଏ ।

ମରଣଧର୍ମ, ଯାହା ମଧ୍ୟରେ ଆମେ ଏବେ ରହିଛୁ ଏବଂ ଅମରତ୍ୱର ଅବସ୍ଥା, ଯାହା ପ୍ରତି ଆମେ ଅଭୀପ୍ସା କରି ପାରୁଛୁ ଏହି ଉଭୟ ମଧ୍ୟରେ ଯେଉଁ ବୈଷମ୍ୟ ରହିଛି ଏହାହିଁ ବୈଦିକ ବିଚାର ଓ ସାଧନାର କୁଞ୍ଚି । ମାନବର ଅମୃତତ୍ୱ କଥା କହୁଥିବା ବଚନାମୃତଗୁଡ଼ିକ ମଧ୍ୟରେ ବେଦ ସର୍ବପୁରାତନ ଏବଂ ଏହାର ପଂକ୍ତିଗୁଡ଼ିକ ନିଜର ସେହି ଅନ୍ତଃପ୍ରେରିତ ଆବିଷ୍କର୍ତ୍ତାମାନଙ୍କର ଆଦି ସାଧନା-ଶୃଙ୍ଖଳାକୁ ନିଜ ମଧ୍ୟରେ ନିଗୂଢ଼ କରି ଧରି ରଖିଛନ୍ତି ।

(କ୍ରମଶଃ)

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda*', Part - III, (***Hymns of the Atris, The Doctrine of the Mystics***), pp. 373 - 375 ]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର ❖

# ଆଧ୍ୟାତ୍ମିକ ଆହ୍ୱାନ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

### ଚେତନା ଓ ଜୀବନ ଭିତରେ ସଙ୍ଗତି :

ଜଣେ ଆଧ୍ୟାତ୍ମିକ ଗୁରୁ ତାଙ୍କର ଶିଷ୍ୟଙ୍କୁ ଲେଖିଥିଲେ, ''If you want to come to us, you must leave your world and come into ours.''

– ''ତୁମେ ଯଦି ଆମ ନିକଟକୁ ଆସିବାକୁ ଚାହଁ, ତେବେ ତୁମର ଜଗତକୁ ପରିତ୍ୟାଗ କରି ଦେଇ ଆମର ଜଗତ୍ ଭିତରକୁ ଆସିବାକୁ ହେବ ।''

ଜାଣିବାକୁ ଆଗ୍ରହ ହୁଏ, ଆଧ୍ୟାତ୍ମିକ ଗୁରୁ ଏହି ଯେଉଁ ଦୁଇଟି ଜଗତ୍ 'ତୁମର ଜଗତ୍' ଓ 'ଆମର ଜଗତ୍' କଥା କହିଲେ, ଏ ଦୁଇଟିର ପ୍ରକୃତ ପାର୍ଥକ୍ୟଟି କେଉଁଠି ? ପୂର୍ବକାଳରେ ଆଧ୍ୟାତ୍ମିକ ଜୀବନର ଆହ୍ୱାନ ପାଇ ସାଧକମାନେ ବଣ-ଜଙ୍ଗଲ ଓ ଗିରିଗୁହାରେ ଅବସ୍ଥିତ ଗୁରୁମାନଙ୍କ ଆଶ୍ରମରେ ରହୁଥିଲେ । ସଂସାର ଓ ଜନ-ଜୀବନ ଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ଏହି ଆଶ୍ରମଗୁଡ଼ିକରେ ଆସନ, ପ୍ରାଣାୟାମ, ଧ୍ୟାନ ଧାରଣା ଓ ଜପତପରେ ମଗ୍ନ ରହୁଥିଲେ । ଜୀବନ ନିର୍ବାହ ପାଇଁ ଫଳମୂଳ ସଂଗ୍ରହ, ଭିକ୍ଷା ଓ ଅନୁଦାନ ଉପରେ ନିର୍ଭର କରୁଥିଲେ । କର୍ମର କୌଣସି ଚାପ ନଥିଲା । ଏମାନଙ୍କ ଜୀବନ ଥିଲା ମୁଖ୍ୟତଃ ସଂସାର ଓ କର୍ମ ବିମୁଖ । କିନ୍ତୁ ଆଜି ଆଧ୍ୟାତ୍ମିକ ଜୀବନ ପାଇଁ ଉଦ୍ଦିଷ୍ଟ ଶ୍ରୀଅରବିନ୍ଦ ଆଶ୍ରମ ପରି ଅନେକ ପ୍ରତିଷ୍ଠିତ ଆଶ୍ରମରେ ଦେଖୁ ସେଠିକାର ଜୀବନ ବିପୁଳ ଭାବରେ କର୍ମମୁଖର, ବାହ୍ୟ ଜୀବନ ଓ ସଂସାରର ପ୍ରାୟ ସମସ୍ତ କର୍ମଗୁଡ଼ିକୁ ଗ୍ରହଣ କରାଯାଇଛି – ଶିଳ୍ପ, ଶିକ୍ଷା, ବ୍ୟବସାୟ, ବିଜ୍ଞାନ, କାରିଗରି କୌଶଳ, କୃଷି, ଉଦ୍ୟାନ କର୍ମ ଓ ପଶୁପାଳନଠାରୁ ଆରମ୍ଭ କରି ନୃତ୍ୟ, ସଂଗୀତ, କ୍ରୀଡ଼ା-କସରତ ଆଦି କିଛିକୁ ବାଦ୍ ଦିଆଯାଇ ନାହିଁ । ଅନେକ କ୍ଷେତ୍ରରେ ଏସବୁଥିରେ ବାହାର ଦୁନିଆ ସଙ୍ଗେ ସମାନ ତାଳ ରଖି ନାନା କୃତିତ୍ୱ ଓ ସାଫଲ୍ୟ ମଧ୍ୟ ଅର୍ଜନ କରାଯାଇ ପାରିଛି ।

ବାହ୍ୟ ଦୃଷ୍ଟିରୁ ଦେଖିଲେ ସାଂସାରିକ ଜୀବନର ସମସ୍ତ କର୍ମକୁ ଆଶ୍ରମ ଜୀବନରେ ମଧ୍ୟ ଗ୍ରହଣ କରାଯାଇଛି । ତା' ହେଲେ ପୂର୍ବୋକ୍ତ ଗୁରୁ ଯାହା କହିଲେ, ''ତୁମର ଜଗତକୁ ଛାଡ଼ିଦେଇ ଆମର ଜଗତ୍ ଭିତରକୁ ଆସ'', ତାହାର ପ୍ରକୃତ ମର୍ମ କ'ଣ ? ପ୍ରକୃତରେ ଏହି ଦୁଇ ଦିଗ ଭିତରେ ପାର୍ଥକ୍ୟଟି ହେଉଛି କେବଳ ଚେତନାଗତ । ସଂସାର ଜୀବନ ସାଂସାରିକ ଲକ୍ଷ୍ୟ ଉପରେ ଆଧାରିତ । ଆଶ୍ରମ ଜୀବନ ଆଧ୍ୟାତ୍ମିକ ଲକ୍ଷ୍ୟ ଉପରେ ଆଧାରିତ; ଧନ, ସମ୍ପଦ, ନାମ, ଯଶ, ପ୍ରତିଷ୍ଠା, କ୍ଷମତା ଆଦି ସଂସାରର ନାନା କ୍ଷେତ୍ରରେ ସାଫଲ୍ୟ ଅର୍ଜନକୁ ଲକ୍ଷ୍ୟ ଓ ଭିତ୍ତି ରୂପେ ଗ୍ରହଣ କରି ତା' ଉପରେ ଯେଉଁ ଜୀବନ ଓ ଜଗତ୍ ଗଠନ କରାଯାଇଥାଏ ଓ ଚେତନାରେ ଆଧ୍ୟାତ୍ମିକ ଲକ୍ଷ୍ୟକୁ ଗ୍ରହଣ କରି ତାହା ସହିତ ସଙ୍ଗତି ରଖି ଯେଉଁ ଜୀବନ ଓ ଜଗତ୍ ଗଠନ କରାଯାଇ ଥାଏ,– ଏ ଦୁଇଟି ଭିତରେ ଚେତନାଗତ ପାର୍ଥକ୍ୟ ଓ ବ୍ୟବଧାନ ଅନେକ । ଦୁଇଟି ଜଗତ୍ ଚେତନାଗତ ଭାବେ ପରସ୍ପର ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହି ଭିନ୍ନତାକୁ ସୂଚିତ କରିହିଁ ଆଧ୍ୟାତ୍ମିକ ଗୁରୁ ଜଣକ କହିଛନ୍ତି 'ତୁମର ଜଗତ୍', 'ଆମର ଜଗତ୍' ।

ବର୍ତ୍ତମାନ ଦେଖିବା କେଉଁମାନେ ଆଧ୍ୟାତ୍ମିକ ଜୀବନର ଲକ୍ଷ୍ୟ ଗ୍ରହଣ କରିବାକୁ ଆଗେଇ ଆସନ୍ତି । ଯେଉଁମାନେ ନିଜ ଭିତରେ ଆଧ୍ୟାତ୍ମିକ ଆହ୍ୱାନ ପାଇଥାଆନ୍ତି କେବଳ ସେଇମାନେହିଁ ଏହି ଲକ୍ଷ୍ୟ ଗ୍ରହଣ କରନ୍ତି । ଆମ ଭିତରେ ଯେଉଁ ଆଧ୍ୟାତ୍ମିକ ସତ୍ୟ ବରାବର ନିହିତ ହୋଇ ରହିଥିଲା, ଚେତନା ବିକାଶର ଗୋଟିଏ ସ୍ତରରେ ପହଞ୍ଚିବା ପରେ ଆମେ ଯେତେବେଳେ ସେହି ସତ୍ୟ ପ୍ରତି ଜାଗ୍ରତ୍ ଓ ଉନ୍ମୁଖ ହୋଇଉଠୁ ସେତେବେଳେ ଆମେ ଭିତରେ ଏହି ଆହ୍ୱାନ ପାଉ । ସେତେବେଳେ ବାହାରର କାମନା-ବାସନାମୟ ଜୀବନ ପ୍ରତି ଆଉ କୌଣସି ଆକର୍ଷଣ ରହେ ନାହିଁ । ବାହ୍ୟ ଜୀବନର ସମସ୍ତ ଉଚ୍ଚାଭିଳାଷ ଓ ତହିଁରେ ସାଫଲ୍ୟ ତୁମକୁ ଅତି ନୀରସ, ଶୁଷ୍କ, ଅର୍ଥହୀନ ଓ ଅବାନ୍ତର ଲାଗେ । ପୃଥିବୀରେ ସର୍ବଶ୍ରେଷ୍ଠ ପଦପଦବୀ, ଧନସମ୍ପତ୍ତି ଓ କ୍ଷମତାର ଅଧିକାରୀ ହେବାକୁ ମଧ୍ୟ ତୁମକୁ ଅତି ତୁଚ୍ଛ ମନେ ହୁଏ । ଭିତରେ କ'ଣ କିଛିର ଗୋଟାଏ ଅଭାବ ରହିଯାଇଛି ଓ ତାହା କୌଣସି ସାଂସାରିକ ସାଫଲ୍ୟ ପୂରଣ କରିପାରିବ ନାହିଁ ବୋଲି ସ୍ପଷ୍ଟ ଅନୁଭୂତ ହୁଏ । ଭିତରର ସେହି ଅଭାବ ଓ ଶୂନ୍ୟତାର ପୂରଣ ପାଇଁ ତୁମେ ଏପରି ଏକ ପୂର୍ଣ୍ଣତା ଖୋଜ ଯାହା ଅକ୍ଷୟ, ଅବିନାଶୀ, ଚିରନ୍ତନ ଓ ଶାଶ୍ୱତ ।

କିନ୍ତୁ ଏହି ଆଧ୍ୟାତ୍ମିକ ଆହ୍ୱାନ ଜୋର୍ କରି କେହି କାହା ଉପରେ ଲଦି ଦେଇ ପାରିବ ନାହିଁ; ଆଧ୍ୟାତ୍ମିକ ଜୀବନଯାପନ କରୁଥିବା ଆଉ କାହାକୁ ଅନୁକରଣ କରିବା ଦ୍ୱାରା ବା ବହୁ ଆଧ୍ୟାତ୍ମିକ ଶାସ୍ତ୍ର ଅଧ୍ୟୟନ ଦ୍ୱାରା ବା ଯାନ୍ତ୍ରିକ ଓ କୃତ୍ରିମ କୌଣସି ଉପାୟ ଅବଲମ୍ବନ କରିବା ଦ୍ୱାରା ବା କୌଣସି ଆଶ୍ରମରେ ନାମ ଲେଖାଇ ତାଲିକାଭୁକ୍ତ ହୋଇଗଲେ ଏହି ଆହ୍ୱାନ ଆସେ ନାହିଁ । ଆମ ଭିତରେ ଭଗବତ୍ ସତ୍ୟ ସହ ନିତ୍ୟ ନିରନ୍ତର ସମ୍ପର୍କ ରଖୁଥିବା ଚୈତ୍ୟସତ୍ତା ବିକାଶର ଗୋଟିଏ ସ୍ତରରେ ଆସି ପହଞ୍ଚିଲେ ସେହି ଚୈତ୍ୟ-ଚେତନାର ପ୍ରଭାବ ଯେତେବେଳେ ଆମର ମନ, ପ୍ରାଣ, ଦେହର ଚେତନା ଉପରେ ପଡ଼େ ସେତେବେଳେ ଆମେ ଏହି ଆହ୍ୱାନ ଅନୁଭବ କରୁ । ଏକ ବିକଶିତ ସତ୍ୟାଭିମୁଖୀ ଆନ୍ତର ଚେତନା ବାହ୍ୟ ଚେତନାକୁ ପ୍ରଭାବିତ କରିବା ଫଳରେହିଁ ଏହି ଆଧ୍ୟାତ୍ମିକ ଆହ୍ୱାନ ଆସେ ।

ଏହି ଆହ୍ୱାନ ଥରେ ପାଇଲେ ସେଥି ପ୍ରତି ବିଶ୍ୱସ୍ତ ରହି ଶେଷ ଲକ୍ଷ୍ୟରେ ପହଞ୍ଚିବା ପର୍ଯ୍ୟନ୍ତ ଆଗେଇ ଚାଲିବାହିଁ ପ୍ରଧାନ କଥା । କିନ୍ତୁ ପଥ ମଧ୍ୟରେ ନାନା ବାଧାବିଘ୍ନ ଓ ପ୍ରଲୋଭନ ଆସି ଆମକୁ ଅଧାବାଟରେ ଅଟକାଇ ଦେବାର ବିପଦ ମଧ୍ୟ ରହିଥାଏ । ଆମର ମନ, ପ୍ରାଣ, ଦେହ-ଆଶ୍ରିତ ବାହ୍ୟ ଚେତନାରେ ଚୈତ୍ୟ ସତ୍ତାର ଏକ ଶକ୍ତିଶାଳୀ ହସ୍ତକ୍ଷେପ ପରେ ସେହି ଚୈତ୍ୟସତ୍ତା ପୁଣି ପଛକୁ ଅପସରି ଯାଏ ବାହ୍ୟ ଚେତନାକୁ ସ୍ୱାଧୀନ ଭାବରେ ଏହି ଆଧ୍ୟାତ୍ମିକ ଆହ୍ୱାନକୁ ଅନୁସରଣ କରିବାର ସୁଯୋଗ ଦେବା ପାଇଁ । କାରଣ ଭଗବାନ୍ କେବେ ବଳ ପ୍ରୟୋଗ କରନ୍ତି ନାହିଁ । ସେ ଅପେକ୍ଷା କରନ୍ତି ସାଧକ ସ୍ୱାଧୀନ ଭାବରେ ଏହି ଆଧ୍ୟାତ୍ମିକ ଲକ୍ଷ୍ୟ ଓ ପଥ ବାଛିନେଇ ତହିଁରେ ଆଗେଇବା ପାଇଁ । ତା' ନହେଲେ ଭଗବାନ୍ ଯଦି ବଳ ପ୍ରୟୋଗ କରନ୍ତେ ତେବେ ଆମ ଭିତରେ ସ୍ୱାଧୀନତା ପରି ଦିବ୍ୟ ଭଗବତ୍ ଗୁଣର ବିକାଶ ହୁଅନ୍ତା କିପରି ? ତେଣୁ ଯଦିଓ ଭଗବାନଙ୍କର କୃପା ଓ ଶକ୍ତି ଆମକୁ ପଦେ ପଦେ ସୁରକ୍ଷିତ କରି ଆମ ସଙ୍ଗେ ସଙ୍ଗେ ରହିଥାଏ ତେବେ ଆଗେଇବାର ସଂକଳ୍ପ ଓ ପ୍ରଯତ୍ନଟି ପୂରା ଆମ ସ୍ୱାଧୀନ ନିଷ୍ପତ୍ତି ଉପରେ ନିର୍ଭର କରେ । ଯଦି କୁହାଯାଏ ସମର୍ପଣ ଦ୍ୱାରା ଆମେ ଏଥିପାଇଁ ଭଗବତ୍ ଶକ୍ତିକୁ ଆବାହନ କରିବୁ ତଥାପି ମଧ୍ୟ ସେହି ଶକ୍ତିର କ୍ରିୟା ପାଇଁ ଆମକୁ ସମ୍ମତି ଦେବାକୁ ତ ହେବ ।

ଯେତେବେଳେ ଭିତରେ ଏହି ଆଧ୍ୟାତ୍ମିକ ଆହ୍ୱାନ ଆସିଥାଏ, ସେହି ଚେତନା ପାଇଁ ବାହ୍ୟ ସାଂସାରିକ ଜୀବନ ସହ ସଂଗତି ରଖି ଚଳିବା ଏକ ସମସ୍ୟା ହୋଇଥାଏ । ଆଧ୍ୟାତ୍ମିକ ଆହ୍ୱାନ ପାଇଥିବା ବ୍ୟକ୍ତିର ମନୋଭାବ ଓ ଆଚରଣକୁ ସାଧାରଣ ସଂସାର ଜୀବନରେ ରହିଥିବା ଲୋକମାନେ ଠିକ୍ ବୁଝି ପାରନ୍ତି ନାହିଁ । ସେହି ସମସ୍ୟାର ସମ୍ମୁଖୀନ ହୋଇ ସେ ଏପରି ଏକ ପରିବେଶ ଖୋଜେ ଯେଉଁଠି ସେ ନିଜ ଚେତନା ସହ ସଙ୍ଗତି ରଖି ଜୀବନଯାପନ କରି ପାରିବ । ଆଧ୍ୟାତ୍ମିକ ଆଶ୍ରମଗୁଡ଼ିକରେ ଏଇ ଧରଣର ଏକ ସାମୂହିକ ଜୀବନ ସଂଗଠିତ ହୋଇଥାଏ ଯେଉଁଠି ସମସ୍ତ କର୍ମ ଓ ଆଚରଣର ମୂଳ କେନ୍ଦ୍ର ଓ ଭିତ୍ତି ହେଲା ଆଧ୍ୟାତ୍ମିକତା । ଯଥାର୍ଥ ଆଶ୍ରମ ଜୀବନରେହିଁ ଆଧ୍ୟାତ୍ମିକ ଆହ୍ୱାନ ପାଇଥିବା ବ୍ୟକ୍ତି ପାଏ ତା'ର ଚେତନା ଓ ଜୀବନ ଭିତରେ ସଂଗତି ସ୍ଥାପନର ସୁଯୋଗ । ଏହି ଉଦ୍ଦେଶ୍ୟରେହିଁ ସାଧକମାନେ ଆଧ୍ୟାତ୍ମିକ ଗୁରୁଙ୍କ ନିର୍ଦ୍ଦେଶରେ ପରିଚାଳିତ ଆଶ୍ରମମାନଙ୍କରେ ଯୋଗ ଦିଅନ୍ତି ।

କିନ୍ତୁ ସେହି ଆଶ୍ରମ ଜୀବନ କ୍ଷେତ୍ରରେ ମଧ୍ୟ ଚେତନା ଓ ଜୀବନ ଭିତରେ ସଂଗତି ସ୍ଥାପନ କାର୍ଯ୍ୟଟି ସହଜ ହୋଇ ନଥାଏ । କାରଣ ଆନ୍ତର ଚେତନାରେ ଆଧ୍ୟାତ୍ମିକ ଆହ୍ୱାନ ପାଇଥିଲେ ମଧ୍ୟ ଆମର ବାହ୍ୟ ଚେତନାରେ ପୁରୁଣା ଗତାନୁଗତିକ ନାନା ଅଭ୍ୟାସ, ଧାରଣା ଓ ସଂସ୍କାର ସେମାନଙ୍କର ଆସ୍ଥାନ ଜମାଇ ରହିଥାଆନ୍ତି । ଆମେ ଆଗରୁ ଯେଉଁ ପରିବେଶରେ, ଯେଉଁ ସାମାଜିକ ଓ ପାରିବାରିକ ଆଚାର, ଚଳଣି ଓ ରୀତି ନୀତିରେ ବଢ଼ି ଥାଉ ସେଇ ଅନୁସାରେହିଁ ଆମର ନାନା ସଂସ୍କାର ଓ ଆଚରଣର ଅଭ୍ୟାସ ଗଠିତ ହୋଇଥାଏ । ତେଣୁ ଅନେକ ସମୟରେ ଆଶ୍ରମ ଜୀବନରେ ମଧ୍ୟ ସେହି ପୁରୁଣା ଅଭ୍ୟାସ ଓ ଆଚରଣସବୁ ମୁଣ୍ଡ ଟେକନ୍ତି ଓ ସେତେବେଳେ ଆନ୍ତର ଚେତନା ସହ ସଙ୍ଗତି ରଖି ଅନୁରୂପ ଆଚରଣ କରିବା କଷ୍ଟସାଧ୍ୟ ହୋଇ ଉଠେ, ବିଶେଷ କରି ଯେଉଁଠି ଆଶ୍ରମ ଜୀବନରେ ବହୁମୁଖୀ ନାନା କର୍ମକୁ ଗ୍ରହଣ କରାଯାଇଛି । ପୂର୍ଣ୍ଣଯୋଗର ଲକ୍ଷ୍ୟ ଗ୍ରହଣ କରିଥିବା ଆଶ୍ରମରେ ଆନ୍ତର ଓ ବାହ୍ୟ ସମସ୍ତ ଚେତନା ଓ ଜୀବନକୁ ତ ଭଗବତ୍ ଅଭିମୁଖୀ କରି ଗଢ଼ି ତୋଳିବାର ଅଭିଳାଷ ପୋଷଣ କରାଯାଇଥାଏ । ତେଣୁ ସେଠାରେ ସାଧକକୁ ପଦେ ପଦେ ସଂସାର ଓ ଜୀବନର, ବାହ୍ୟ ସାଧାରଣ ଚେତନାର ସମସ୍ତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । କାରଣ ସଂସାର କର୍ମରୁ ସନ୍ନ୍ୟାସ ଗ୍ରହଣ ନୁହେଁ, ଜୀବନ ଓ କର୍ମର ଆଧ୍ୟାତ୍ମିକ ରୂପାନ୍ତରହିଁ ଲକ୍ଷ୍ୟ ।

ଯେଉଁମାନେ ସଂସାର, ଜୀବନ ଓ କର୍ମକୁ ନିଜ

ଚେତନାରୁ ସମ୍ପୂର୍ଣ୍ଣ କାଟି ବାଦ୍ କରି ଦେଇ କେବଳ ଆନ୍ତର ଚେତନାର ଗଭୀରତାରେ ବୁଡ଼ି ରହି ଭଗବତ୍ ସତ୍ୟ ସହ ମିଳିତ ହେବାର ସାଧନା କରନ୍ତି ସେମାନଙ୍କ କଥା ଅଲଗା । ପାରମ୍ପରିକ ଶାସ୍ତ୍ରରେ ପରମହଂସମାନଙ୍କ ଆଚରଣ ସମ୍ପର୍କରେ ଯାହା କୁହାଯାଇଛି ସେମାନେ ଯଦି ସେହିପରି ବାଳବତ୍, ଜଡ଼ବତ୍, ଉନ୍ମାଦବତ୍ ବା ପିଶାଚବତ୍ ଆଚରଣ କରନ୍ତି ତେବେ ତହିଁରେ କିଛି ଯାଏ ଆସେ ନାହିଁ । କିନ୍ତୁ ଯେଉଁ ସାଧନାରେ ଆନ୍ତର ଓ ବାହ୍ୟ ସମସ୍ତ ଜୀବନ, ଚେତନା ଓ କର୍ମକୁ ଭଗବତ୍ ଅଭିମୁଖୀ କରି ଆଧ୍ୟାତ୍ମିକ ଲକ୍ଷ୍ୟର ଭିତ୍ତି ଉପରେ ସେଗୁଡ଼ିକୁ ସଂଗଠିତ କରିବାର ଅଭିଳାଷ ପୋଷଣ କରାଯାଇଛି, ସେଠାରେ ଚେତନା ଓ ଜୀବନ ଭିତରେ ସଂଗତି ସାଧନ ନିଶ୍ଚୟ କଷ୍ଟସାଧ୍ୟ । କିନ୍ତୁ କଷ୍ଟସାଧ୍ୟ ହେଲେ ମଧ୍ୟ ତାହା ଅପରିହାର୍ଯ୍ୟ । ଯଦି ସାଧକ ନିଜ ଆତ୍ମାର ସତ୍ୟରେ ବାସ କରୁ ଥାଆନ୍ତେ ଓ ଚୈତ୍ୟସତ୍ତାର ପ୍ରେରଣା ଅନୁସାରେ ନିଜର କର୍ମ ଓ ଆଚରଣକୁ ରୂପ ଦିଅନ୍ତେ ତା'ହେଲେ ତ ସମସ୍ୟା ରହି ନ'ଥାନ୍ତା । କିନ୍ତୁ ସାଧନା ଆରମ୍ଭରେ ବେଶ୍ ଦୀର୍ଘକାଳ ପରେ ମଧ୍ୟ ସାଧକ ଏହି ଅବସ୍ଥାରେ ପହଞ୍ଚି ନଥା'ନ୍ତି । ତା'ହେଲେ ଆଧ୍ୟାତ୍ମିକ ଲକ୍ଷ୍ୟ ସାଙ୍ଗକୁ ଚେତନା ଓ ଜୀବନ ଭିତରେ ସଙ୍ଗତି ରଖି ଆଗେଇବାର ବାଟ କ'ଣ ?

ମା'ଙ୍କ କହିବାନୁସାରେ ସମର୍ପଣ ଓ ଆନ୍ତରିକତାହିଁ ଆମର ପ୍ରଧାନ ଅବଲମ୍ବନ । ଆନ୍ତରିକର ଅର୍ଥ ହେଉଛି ଯେତେବେଳେ ତୁମର ସମଗ୍ର ସତ୍ତା ଗୋଟିଏ ଲକ୍ଷ୍ୟ ଉପରେ ଏକାଗ୍ର ଓ ଏକନିଷ୍ଠ ହୁଏ ଏବଂ ତୁମର ସମସ୍ତ କର୍ମ ଓ ଆଚରଣ ସେହି ଏକନିଷ୍ଠତାରୁ ଉତ୍ସାରିତ ହୁଏ । ଯେତେବେଳେ ଯେଉଁ କାମଟି କର ସମଗ୍ର ସତ୍ତା ଦେଇ ତାହା କରିବାହିଁ ଆନ୍ତରିକତା । ଏହି ଆନ୍ତରିକତାର ଖିଅ ଧରି ଧରି ହିଁ ଜଣେ ନିଜ ଅନ୍ତରାତ୍ମାର ଗଭୀରତମ ଚେତନାରେ ପହଞ୍ଚି ଯାଇପାରେ । ଆମ ପାଖରେ ଆରମ୍ଭରୁହିଁ ଆତ୍ମା ବା ଚୈତ୍ୟସତ୍ତାର ଆଲୋକ ନଥାଏ । କିନ୍ତୁ ଆମର ବିଚାର ଓ ବିବେକ ବୁଦ୍ଧିରେ ଯେଉଁଟିକୁ ଆମ ଚେତନାରେ ସର୍ବତୋଭାବେ ଉଚିତ ବୋଲି ମନେ କରୁ, ଆମକୁ ମିଳିଥିବା ମନ ଓ ପ୍ରାଣର ସର୍ବୋଚ୍ଚ ଆଲୋକର ପ୍ରେରଣାକୁ ଅନୁସରଣ କରି କାମଟି କରିବା ପାଇଁ ଏକନିଷ୍ଠ ଭାବରେ ଆଗେଇ ଯାଉ, ତା'ହେଲେ ପ୍ରତ୍ୟକ୍ଷ ଭାବେ ଆତ୍ମାର ପ୍ରେରଣାକୁ ଜାଣି ନପାରିଲେ ମଧ୍ୟ ଆମର ସମର୍ପଣ ଓ ଆନ୍ତରିକତା ଆମକୁ ଠିକ୍ ବାଟରେ ଚଳାଇ ନେବ । ଆମ ଅଲକ୍ଷ୍ୟରେ ଭଗବତ୍ କୃପା ଓ ଶକ୍ତି ଆମକୁ ସାହାଯ୍ୟ କରିବେ । ଆନ୍ତରିକତା ଦ୍ୱାରାହିଁ ଆମ ଭିତରେ ସେଥିପାଇଁ ଏକ ଦୃଢ଼ ବିଶ୍ୱାସ ମଧ୍ୟ ସଞ୍ଚାରିତ ହୁଏ ।

ଏହି ଆନ୍ତରିକତାର ପ୍ରଶ୍ନଟି ଚେତନାର ଗଭୀରତାର ପ୍ରଶ୍ନ ସହିତ ଜଡ଼ିତ । ଆମ ଚେତନାରେ ଗଭୀରତାର ନାନା ସ୍ତର ରହିଛି । ଚେତନାର ଯେତେ ଗଭୀରକୁ ଆମେ ଯାଇ ପାରିବୁ ବା ଚେତନାର ଯେତେ ଗଭୀରରୁ ଆମର ପ୍ରେରଣାସବୁ ଆସିଥାଏ ତାହା ଭିତରେ ଆନ୍ତରିକତାର ସେତିକି ଅଧିକ ସ୍ପର୍ଶ ରହିଥାଏ । ସାଧାରଣତଃ ଆମ ସତ୍ତାର ଉପରି ଭାଗରେ ରହିଥିବା ବାହ୍ୟ ଚେତନାରେ ନାନା ସ୍ଥୂଳ କାମନା-ବାସନାର ପ୍ରାଣାବେଗ ଓ ଇନ୍ଦ୍ରିୟାନୁଭୂତିର ଖେଳ ଚାଲିଥାଏ । ଏହାର ନାନା କ୍ରିୟା ପ୍ରତିକ୍ରିୟା ଅନବରତ ଚାଲିଥାଏ । ତାହା ସଙ୍ଗେ ସଙ୍ଗେ ଆମେ ଯେତେବେଳେ ଅନ୍ୟମାନଙ୍କ ବାହ୍ୟ ଚେତନାର ସଂସ୍ପର୍ଶରେ ଆସୁ ସେତେବେଳେ ଆମ ନିଜର ଚେତନା ବହୁ ଦିଗରୁ ଓ ବହୁ ବ୍ୟକ୍ତିଙ୍କଠାରୁ ଆସୁଥିବା ଚିନ୍ତା ଓ ଭାବର ନାନା ତରଙ୍ଗ ଦ୍ୱାରା ମିଶ୍ରିତ ହୋଇଯାଏ । ତେଣୁ ଯେତେବେଳେ ଭିତରୁ କୌଣସି ଯଥାର୍ଥ ପ୍ରେରଣାଟିଏ ଆସେ, ଯେତେବେଳେ ତାହା ଚେତନାର ବାହ୍ୟ ବ୍ୟାବହାରିକ ସ୍ତରରେ ଆସି ପହଞ୍ଚେ ସେତେବେଳେ ତାହା ବାହ୍ୟ ଚେତନାର ନାନା ଅପମିଶ୍ରଣ ଦ୍ୱାରା ନିଜର ଶୁଦ୍ଧତା ହରାଏ । ଆମେ ତାହାର ପ୍ରକୃତ ସ୍ୱରୂପର ପରିଚୟ ମଧ୍ୟ ପାଉନା । ଏପରିକି ଗଭୀରତର ଓ ଉଚ୍ଚତର ପ୍ରେରଣାଗୁଡ଼ିକୁ ମଧ୍ୟ ବାହ୍ୟ ଚେତନାର ମାନସିକ, ପ୍ରାଣିକ ନାନା ବାସନା-କାମନା କବଳିତ ଓ ଗ୍ରାସ କରି ନିଜ ସ୍ୱାର୍ଥରେ ବ୍ୟବହାର କରିବାକୁ ତତ୍ପର ହୋଇ ଉଠନ୍ତି ।

ତେଣୁ ଆମ ଆଗରେ ବାଟ ହେଉଛି ମନ ଓ ପ୍ରାଣକୁ ଯଥାସମ୍ଭବ ନୀରବ ଓ ନିଶ୍ଚଳ କରି ଦେଇ ଏକାଗ୍ର ଭାବରେ ନିଜର ଗଭୀରତା ମଧ୍ୟରୁ ଆସୁଥିବା ପ୍ରେରଣାଗୁଡ଼ିକୁ ଅନୁଧ୍ୟାନ କରିବା । ସେଗୁଡ଼ିକର ଶୁଦ୍ଧ ଓ ଅବିମିଶ୍ର ପରିଚୟ ପାଇବାକୁ ଚେଷ୍ଟା କରିବା । ଆମ ଭିତରେ ନିଷ୍ଠା ଓ ଆନ୍ତରିକତା ଥିଲେ — ତାହାହିଁ ବୁଝାଇ ଦେବ ଏଗୁଡ଼ିକ କେତେ ଅବିକୃତ ରୂପରେ ରହିଛି ବା ତହିଁରେ କେତେ ଅପମିଶ୍ରଣ ହୋଇଛି । ଅନ୍ୟାନ୍ୟ ସମସ୍ତ କର୍ମ ପ୍ରେରଣା ସମ୍ପର୍କରେ ମଧ୍ୟ ଆମ ନିଜର ଆନ୍ତରିକତାର ଆଲୋକ ବୁଝାଇ ଦେବ ସେଗୁଡ଼ିକ ଆମ ଆଧ୍ୟାତ୍ମିକ ଲକ୍ଷ୍ୟର କେତେଦୂର ଅନୁକୂଳ ବା ପ୍ରତିକୂଳ । ଅନୁଚିତ ଭୁଲ୍ କର୍ମ-ପ୍ରେରଣାଗୁଡ଼ିକ ଆମ ଭିତରେ ଏକ ପ୍ରକାର ଦ୍ୱନ୍ଦ୍ୱ, ଅଶ୍ୱସ୍ତି ଓ ଅଶାନ୍ତିର ଭାବ ଆଣି ଦିଏ ଓ ଉଚିତ କର୍ମ-ପ୍ରେରଣାଗୁଡ଼ିକ

ଏକ ପ୍ରକାର ଶାନ୍ତି, ସ୍ୱଚ୍ଛତା ଓ ସନ୍ତୋଷର ଭାବ ଆଣି ଦେଇଥାଏ । ଆନ୍ତରିକତାର ସହ ଚେଷ୍ଟା କଲେ ଆମେ ଏହି ଭାବର ପାର୍ଥକ୍ୟଟି ବୁଝିପାରିବୁ ଓ ସେଇ ଅନୁସାରେ ଚେତନାରେ ଆସୁଥିବା ବିଭିନ୍ନ କର୍ମ ପ୍ରେରଣାକୁ ଚିହ୍ନି ପାରି ବର୍ଜନ ବା ଗ୍ରହଣ କରିବୁ ।

ଏହି ଭାବରେ ଆଗେଇଲେ ଦେଖିବୁ ଆମର ବୁଦ୍ଧିବିଚାର ଓ ଆବେଗ ଅନୁଭୂତି କ୍ଷେତ୍ରରେ ଆମକୁ ଯେତିକିଟା ଆଲୋକ ମିଳିଛି ସେଇ ଅନୁସାରେ ଆମେ କାମ କରିଛୁ । ଆମ ତରଫରୁ ଯେତିକିଟା ଯାହା କରିବା ସମ୍ଭବ ଆମେ ତାହା କରିଛୁ । ତାହା ଛଡ଼ା ଅଧିକା କିଛି କରିପାରି ନଥା'ନ୍ତୁ, କାରଣ ଏଯାଏ ଆତ୍ମାର ପ୍ରତ୍ୟକ୍ଷ ଆଲୋକ ଆମର ଦୃଷ୍ଟିପଥାରୂଢ଼ ହୋଇ ନାହିଁ, ତାହା ତଥାପି ଆଢୁଆଳରେହିଁ ରହିଛି । ଆମେ କେବଳ ଆନ୍ତରିକତା ସହିତ ଚେଷ୍ଟା କରିଛୁ; ମା'ଙ୍କ କଥାରେ :

''"...to unite as perfectly as possible with the highest and purest light that one can conceive,..."

(MCW, Vol. 1, P. 106)

''ଯେତେଦୂର ଉଚ୍ଚତମ ଓ ଶୁଦ୍ଧତମ ଆଲୋକର ଧାରଣା କରାଯାଇପାରେ ତାହା ସହିତ ଯେତେଦୂର ସମ୍ଭବ ପୂର୍ଣ୍ଣତର ଭାବରେ ଯୁକ୍ତ ଓ ମିଳିତ ହୋଇପାରିବା''– ଏହାହିଁ ଆମ ଆଗରେ ଏକମାତ୍ର ବାଟ । ଏହି ଭାବରେ ଅଗ୍ରସର ହେଉ ହେଉ ମା'ଙ୍କ କହିବାନୁସାରେ :

"There comes a time when one deliberately calls the deep inner inspiration and surrenders to it, when it can enter almost completely pure and make you act in accordance with the Divine Will."

(MCW, Vol. 8, P. 193)

''ଗୋଟିଏ ସମୟ ଆସେ ଯେତେବେଳେ ଆମେ ଇଚ୍ଛାକୃତ ଭାବରେ ଗଭୀର ଆନ୍ତର ପ୍ରେରଣାକୁ ଆବାହନ କରୁ ଓ ତାହା ପାଖରେ ନିଜକୁ ସମର୍ପଣ କରୁ ଏବଂ ସେତେବେଳେ ତାହା ପ୍ରାୟ ସମ୍ପୂର୍ଣ୍ଣ ଶୁଦ୍ଧି ସ୍ୱରୂପରେ ଆସେ ଏବଂ ଆମକୁ ଭଗବାନଙ୍କ ଇଚ୍ଛାନୁବର୍ତ୍ତୀ କରାଇ କର୍ମରେ ନିଯୁକ୍ତ କରେ ।'' ✤

Lord, give us true happiness, the happiness that depends on Thee alone.
(CWM Vol. 15, p. 216) – The Mother

*With best compliments from* :

**AUM SWASTIK FOODS**

**MAITAPUR, BALASORE, ODISHA**

# ଶ୍ରୀଅରବିନ୍ଦ ଓ ଭାରତର ଆଧ୍ୟାତ୍ମିକ ପରମ୍ପରା

**ଶ୍ରୀ ପ୍ରପତ୍ତି**

''ମୁଁ କହିପାରେ ଯେ ଭବିଷ୍ୟତରେ ମାନବ ସମାଜ ପାଇଁ କୌଣସି ନୂତନ ବା ପୁରାତନ ଧର୍ମ ପ୍ରତିଷ୍ଠା କରିବା ମୋ ଉଦ୍ଦେଶ୍ୟଠାରୁ ବହୁ ଦୂରରେ । ଏ ବିଷୟରେ ମୋର ଉଦ୍ଦେଶ୍ୟ ହେଲା କୌଣସି ନୂତନ ଧର୍ମ ପ୍ରଚାର ନୁହେଁ, ଏ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିବା ଏକ ମାର୍ଗର ଉନ୍ମୋଚନ କରିବାହିଁ ପ୍ରଧାନ କଥା ।''

— ଶ୍ରୀଅରବିନ୍ଦ

*

''ମୁଁ ପୃଥିବୀ ବିଷୟରେହିଁ ସମ୍ପୃକ୍ତ,— ଉର୍ଦ୍ଧ୍ୱସ୍ଥ ଅନ୍ୟାନ୍ୟ ଜଗତ୍ ବିଷୟରେ କେବଳ ସେମାନଙ୍କ ନିଜ ସକାଶେ ମୋର କୌଣସି ଆଗ୍ରହ ନାହିଁ, ମୁଁ ଏକ ପାର୍ଥିବ ଉପଲବ୍ଧି ଚାହୁଁଛି । ସୁଦୂର ଶିଖରକୁ ଉଠିଯିବା ମୋର ଲକ୍ଷ୍ୟ ନୁହେଁ । ଅନ୍ୟ ସମସ୍ତ ଯୋଗ ଏହି ପାର୍ଥିବ ଜୀବନକୁ ଏକ ଭ୍ରମ ବା ଏକ କ୍ଷଣସ୍ଥାୟୀ ବିଷୟ ବୋଲି ଭାବିଥିଲେ, ଏକମାତ୍ର ଅତିମାନସ ଯୋଗହିଁ ଏହାକୁ କ୍ରମବିକାଶଶୀଳ ଅଭିବ୍ୟକ୍ତି ନିମନ୍ତେ ଭଗବାନଙ୍କ ଦ୍ୱାରା ସୃଷ୍ଟ ବୋଲି ବିଚାର କରେ ଏବଂ ଜୀବନ ଓ ଶରୀରର ପୂର୍ଣ୍ଣତାକୁ ନିଜର ଲକ୍ଷ୍ୟ ବୋଲି ଗ୍ରହଣ କରେ ।''

— ଶ୍ରୀଅରବିନ୍ଦ

*

''ମୋ ଯୋଗରେ ଆଧ୍ୟାତ୍ମିକ ଜଗତ୍ ଓ ଜଡ଼ ଜଗତ୍ ଉଭୟକୁ ମୋ ଲକ୍ଷ୍ୟର ଅନ୍ତର୍ଭୁକ୍ତ କରିଛି ଏବଂ ମଣିଷର ହୃଦୟରେ ଓ ସଂସାର ଜୀବନରେ ଦିବ୍ୟଚେତନା ଓ ଦିବ୍ୟଶକ୍ତିକୁ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିଛି — ନିଜର ବ୍ୟକ୍ତିଗତ ମୁକ୍ତି ପାଇଁ ନୁହେଁ, କିନ୍ତୁ ଏଠାରେ ଦିବ୍ୟଜୀବନ ସ୍ଥାପନା ପାଇଁ ।''

— ଶ୍ରୀଅରବିନ୍ଦ

*

ଭାରତର ଆଧ୍ୟାତ୍ମିକ ପରମ୍ପରା ବହୁ ପ୍ରାଚୀନ, ତାହାର ସାଧନା ଓ ଉପଲବ୍ଧି ବିଶ୍ୱ-ବିଶ୍ରୁତ । ଆଧ୍ୟାତ୍ମିକ ପ୍ରତିଭା, ତପୋବଳ, ଐଶ୍ୱର୍ଯ୍ୟ ଓ ସିଦ୍ଧି ଭାରତୀୟ ସଂସ୍କୃତି ଓ ସଭ୍ୟତାର ଅନ୍ତର୍ନିହିତ ମୂଳ ସତ୍ୟ । ବେଦ, ଉପନିଷଦ୍, ତନ୍ତ୍ର, ପୁରାଣ, ମହାକାବ୍ୟ ଓ ଯୋଗ-ଶାସ୍ତ୍ରମାନଙ୍କରେ ବହୁ ଯୋଗୀ, ଋଷି, ସନ୍ଥ, ସାଧୁ ପୁରୁଷ, ବିଭୂତି ଓ ଅବତାରମାନଙ୍କ ଉପଲବ୍ଧି ଓ କାବ୍ୟ-ଦର୍ଶନର ବିଷୟ ଉଲ୍ଲେଖ ଅଛି । ବହୁ ଗଭୀର ତତ୍ତ୍ୱ ଓ ସତ୍ୟର ଅନୁଭୂତି ବହୁ ବିଭିନ୍ନ ଦିଗରୁ ସାକ୍ଷାତ୍କାର କରାଯାଇଛି । ଋଷିଗଣ ଦ୍ରଷ୍ଟା ଥିଲେ, ସେମାନେ ଦୃଶ୍ୟମାନ ବସ୍ତୁର ଅନ୍ତରାଳସ୍ଥ ପରମ ରହସ୍ୟକୁ ଉଦ୍‌ଘାଟନ କରି ପାରିଥିଲେ । ବିଶ୍ୱସୃଷ୍ଟି ପଶ୍ଚାତରେ ନିହିତ ନିଗୂଢ଼ ସତ୍ୟ ସେମାନେ ଆବିଷ୍କାର କରିଥିଲେ । ବେଦାନ୍ତ ଦର୍ଶନରେ ଆଧ୍ୟାତ୍ମିକତାର ଅର୍ଥ ହେଲା ଏହିପରି : ଏହି ପରିଦୃଶ୍ୟମାନ ଜଗତର ଅନ୍ତରାଳରେ (୧) ଏକ ପରମ ସଦ୍‌ବସ୍ତୁ (୨) ଏକ ମହତୀ ଚିତ୍-ତପସ୍ ବା ଦିବ୍ୟ ଶକ୍ତି ଏବଂ (୩) ଏକ ଅକ୍ଷୟ ଅବିନାଶୀ ଆନନ୍ଦ ନିହିତ ଅଛି । ଏହାହିଁ ହେଲେ 'ସଚ୍ଚିଦାନନ୍ଦ' । ଏହି ସଦ୍‌ବସ୍ତୁ, ପରମାଶକ୍ତି ଓ ଅଖଣ୍ଡ ଆନନ୍ଦହିଁ ସୃଷ୍ଟିର ପରିଚାଳକ, ନିୟାମକ ଓ ବିଧାୟକ । ଏହାଙ୍କ ନିର୍ଦ୍ଦେଶ ଓ ଚାଳନାହିଁ ବିଶ୍ୱର ଚାଳନା ଓ ନିର୍ଦ୍ଦେଶ । ଆମ ଜୀବନର ଲକ୍ଷ୍ୟ ହେଲା ଏହି ପରମତତ୍ତ୍ୱ ଓ ପରମସତ୍ୟକୁ ପ୍ରାପ୍ତ ହେବା ଏବଂ ଜୀବନକୁ ସାର୍ଥକ ଓ ସଫଳ କରିବା । ଏହି ସତ୍ୟର ସାକ୍ଷାତ୍କାର ବା ତତ୍ତ୍ୱଦର୍ଶନହିଁ ମୁକ୍ତି ବା ମୋକ୍ଷ ନାମରେ ଅଭିହିତ ହୋଇଛି । ଏହି ଆଧ୍ୟାତ୍ମିକ ସାଧନାର ଧାରା ନାନା ଭାବରେ, ଅସଂଖ୍ୟ ଧାରାରେ ଭାରତୀୟ ଚିନ୍ତା ମଧ୍ୟରେ ପ୍ରବେଶ କରିଛି । ତେବେ ଏହି ପ୍ରାଚୀନ, ଆଧ୍ୟାତ୍ମିକ ସାଧନା, ସିଦ୍ଧି ଓ ଉପଲବ୍ଧିର ଲକ୍ଷ୍ୟ କ'ଣ ଥିଲା ଏବଂ ଶ୍ରୀଅରବିନ୍ଦଙ୍କ ସାଧନାର ଲକ୍ଷ୍ୟ କ'ଣ ଏବଂ ଶେଷୋକ୍ତ ସାଧନାରେ ନୂତନତ୍ୱ କ'ଣ — ଏହି ବିଷୟରେ ଏହି ପ୍ରବନ୍ଧରେ ସଂକ୍ଷେପରେ ଆଲୋଚନା କରିବା ।

ସକଳ ଆଧ୍ୟାତ୍ମିକ ସାଧନା ଓ ସିଦ୍ଧିର ଲକ୍ଷ୍ୟ ଅତୀତରେ ଥିଲା ମୁକ୍ତି ବା ନିର୍ବାଣ । ବହୁ ବିଭିନ୍ନ ଭାବରେ ଏହି ବିଷୟ ବ୍ୟାଖ୍ୟାତ ହୋଇଛି । ଆମ୍ଭେମାନେ ଭାରତର ସକଳ ଆଧ୍ୟାତ୍ମିକ ସାଧନାର ଧାରାକୁ ମୁଖ୍ୟତଃ ଦୁଇଟି ପ୍ରଧାନ ଭାଗରେ ବିଭକ୍ତ କରିପାରିବା । ଗୋଟିଏ ହେଲା ନିରାକାର, ନିର୍ବିଶେଷ, ନିରଞ୍ଜନ ବ୍ରହ୍ମଙ୍କର ଉପଲବ୍ଧି; ସଂସାର, କର୍ମ ଓ ଜୀବନରୁ ପଳାୟନ

ଏବଂ ସେହି ନିର୍ବିଶେଷ ତତ୍ତ୍ୱରେ ବିଲୟ । ଏହି ଧାରାର ପଥ ପ୍ରଦର୍ଶକ ହେଲେ ବୁଦ୍ଧ ଓ ଶଙ୍କର । ବୁଦ୍ଧଙ୍କର ନିର୍ବାଣ ସିଦ୍ଧି ଓ ଉପଲବ୍ଧିରେ ବ୍ୟକ୍ତି ସତ୍ତାର ସଂସାରରୁ ପଳାୟନ ଏବଂ ମହାଶୂନ୍ୟରେ ବିଲୁପ୍ତି ଘଟେ । ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତ ସିଦ୍ଧିରେ ମଧ୍ୟ ସେହି ପରାତ୍ପର, ଅକ୍ଷୟ, ଅବ୍ୟୟ, ଶାଶ୍ୱତ, ନିରଞ୍ଜନ ବ୍ରହ୍ମରେ ବିଲୀନ ହୋଇଯିବା । ବୁଦ୍ଧଦେବ ସଂସାରର ପ୍ରହେଳିକାକୁ ଦୁଃଖର ଭୂମି ବୋଲି ବର୍ଣ୍ଣନା କରିଛନ୍ତି, ଶଙ୍କର ଏହାକୁ ମାୟା ବୋଲି ବର୍ଜନ କରିଛନ୍ତି । ଫଳାଫଳ ହୋଇଛି ଏକ – ଉଭୟେ ସଂସାର କ୍ଷେତ୍ରରୁ ପଳାୟନ କରିଛନ୍ତି । ଏ ବିଶ୍ୱର ମୂଳସତ୍ୟ ଉଦ୍‌ଘାଟିତ ହୋଇ ନାହିଁ । ଦୁଃଖ, ଅନ୍ଧକାର, ମୃତ୍ୟୁ ଓ ଶୋକ ମଧ୍ୟରେ ପୃଥିବୀ ରହିଯାଇଛି । ଅନ୍ୟ ପକ୍ଷରେ ଯେଉଁମାନେ ନିର୍ବାଣ ବା ନିର୍ବିଶେଷ ବ୍ରହ୍ମରେ ଲୀନ ହୋଇଛନ୍ତି ସେମାନେ ଦୁଃଖ, କଷ୍ଟ ଓ ଜନ୍ମ-ମୃତ୍ୟୁର ବନ୍ଧନରୁ ମୁକ୍ତ ହୋଇଛନ୍ତି । ଏହାହିଁ ପ୍ରାଚୀନ ଆଧ୍ୟାତ୍ମିକ ସାଧନାର ଗୋଟିଏ ଧାରା ।

ଅନ୍ୟ ଗୋଟିଏ ମୁଖ୍ୟ ଆଧ୍ୟାତ୍ମିକ ଧାରା ହେଲା ବୈଷ୍ଣବ ଓ ତାନ୍ତ୍ରିକମାନଙ୍କର । ବୈଷ୍ଣବମାନେ, ଦ୍ୱୈତବାଦୀମାନେ, ବିଶିଷ୍ଟାଦ୍ୱୈତବାଦୀମାନେ ଏ ସଂସାର ଜୀବନ ଓ ବିଶ୍ୱକୁ ଭଗବାନଙ୍କର ଲୀଳା ବୋଲି ସ୍ୱୀକାର କରିଛନ୍ତି ଏବଂ ଏଠାରେ ସେହି ପରାତ୍ପର ଦିବ୍ୟତତ୍ତ୍ୱ ପ୍ରକାଶିତ ହୋଇଛନ୍ତି ବୋଲି ସ୍ୱୀକାର କରିଛନ୍ତି ଏବଂ ସମଗ୍ର ବିଶ୍ୱ ମଧ୍ୟରେ ସେହିଁ ବିଦ୍ୟମାନ; କିନ୍ତୁ ଏହି ଇହ ସଂସାରରେ ନୁହେଁ, ଏହି ଜୀବନରେ ନୁହେଁ ବରଂ ବୈକୁଣ୍ଠ, ଗୋଲୋକ ବା ସାକେତରେ ବ୍ୟକ୍ତିର ମୁକ୍ତି ସମ୍ଭବ ଏବଂ ଭଗବାନଙ୍କ ସହ ପୂର୍ଣ୍ଣ ବା ନିତ୍ୟ ଲୀଳା ସମ୍ଭବ । ଏହି ମୁକ୍ତିର ନାମ ସାଲୋକ୍ୟ ବା ସାମୀପ୍ୟ । ଅତଏବ ଏହି ଜୀବନର ସ୍ଥୂଳ ପରିଧି ମଧ୍ୟରେ ଭଗବାନଙ୍କୁ ପରିସ୍ଫୁଟ କରିବା ସମ୍ଭବ ନୁହେଁ । ତାନ୍ତ୍ରିକଗଣ ଭଗବାନଙ୍କର ଶକ୍ତିର ରୂପକୁ ଗ୍ରହଣ କରି ପ୍ରେମର ଦିଗକୁ ଗୌଣ କରି ଦେଇଛନ୍ତି । ଏହି ମହାଶକ୍ତି ବା ଆଦ୍ୟାଶକ୍ତିଙ୍କର ସାମର୍ଥ୍ୟ ବଳରେ ପୃଥିବୀରେ କର୍ତ୍ତୃତ୍ୱ ସ୍ଥାପନାର ବିଷୟ କଳ୍ପନା କରିଛନ୍ତି । ଅନ୍ଧକାର ଓ ଅବିଦ୍ୟାର ଉପରେ ବିଜୟ ହାସଲ କରିଛନ୍ତି; କିନ୍ତୁ ଏଠାରେ ମଧ୍ୟ ସେହି ପରମା ଦିବ୍ୟଶକ୍ତିଙ୍କଠାରେ ଲୀନ ହୋଇଯିବା ଜୀବନର ଶ୍ରେଷ୍ଠ ଲକ୍ଷ୍ୟ ବୋଲି ନିର୍ଦ୍ଧାରିତ ହୋଇଛି । ଏହି ସଂସାରରେ ଭାଗବତୀ ଶକ୍ତିର ବିଜୟ କଥା ତନ୍ତ୍ର ଉଲ୍ଲେଖ କରିଛି; ମାତ୍ର କାର୍ଯ୍ୟତଃ ଏହି ଅଦିବ୍ୟ ସଂସାରକୁ ଛାଡ଼ି ଦେଇଛି । ବୈଷ୍ଣବଗଣ ଭଗବାନଙ୍କର ଲୀଳା, ପ୍ରେମ, ଆନନ୍ଦ, ଭାବ ଓ ରସର ଦିଗକୁ ନେଉଛନ୍ତି; କିନ୍ତୁ ଶକ୍ତି, ତେଜ, ସାମର୍ଥ୍ୟ, ବଳ ଓ ବୀର୍ଯ୍ୟର ଦିଗକୁ ଛାଡ଼ି ଦେଇଛନ୍ତି । ତାନ୍ତ୍ରିକଗଣ ଭଗବାନଙ୍କର ଶକ୍ତି, ବଳ, ତେଜ ଓ ସାମର୍ଥ୍ୟର ଦିଗକୁ ନେଇଛନ୍ତି; କ୍ରିୟାତ୍ମିକା ଶକ୍ତିର ପ୍ରକାଶକୁ ଗ୍ରହଣ କରିଛନ୍ତି; ମାତ୍ର ପ୍ରେମ, ଲୀଳା, ଆନନ୍ଦ ଓ ଆବେଶର ଦିଗକୁ ଛାଡ଼ି ଦେଇଛନ୍ତି । କିନ୍ତୁ ଭଗବାନ୍ ଅନନ୍ତ ଗୁଣସମ୍ପନ୍ନ; – ସେ ଏକାଧାରରେ ଯେପରି ପରମ ଆନନ୍ଦ, ପରମ ପ୍ରେମ, ସେହିପରି ପରମା ଶକ୍ତି ଓ ଅମିତବୀର୍ଯ୍ୟ ଓ ସାମର୍ଥ୍ୟ । କିନ୍ତୁ ଉଭୟ ବୈଷ୍ଣବ ଓ ତାନ୍ତ୍ରିକଗଣ ବ୍ରହ୍ମର ସାକାର ଓ ସକ୍ରିୟ ଦିଗକୁ ନେଇଥିଲେ ମଧ୍ୟ ସଂସାର ଜୀବନରୁ ମୁକ୍ତିକୁ ସାରକଥା ବୋଲି ସାବ୍ୟସ୍ତ କରିଛନ୍ତି । ବୌଦ୍ଧ ଓ ଅଦ୍ୱୈତବାଦୀଗଣ ବ୍ରହ୍ମର ନିଷ୍କ୍ରିୟ ଓ ନିରାକାର ଦିଗକୁ ଗ୍ରହଣ କରି ସେହି ମୁକ୍ତି ବା ନିର୍ବାଣହିଁ ଶେଷ କଥା ବୋଲି ପ୍ରତିପାଦିତ କରିଛନ୍ତି । ଅବଶ୍ୟ ଏହି ମୁକ୍ତିର ଗୁଣ ଧର୍ମରେ ପ୍ରଚୁର ପାର୍ଥକ୍ୟ ଓ ବିଭେଦ ରହିଛି ।

ତେବେ, ସର୍ବତ୍ର ଏକଥା ସ୍ପଷ୍ଟ ହୋଇଉଠିବ ଯେ ଆଧ୍ୟାତ୍ମିକ ସାଧନା ଓ ସିଦ୍ଧିର ଲକ୍ଷ୍ୟ ହେଲା ଏହି ଅନ୍ଧକାରମୟ, ପ୍ରପଞ୍ଚ ସଂସାର ମଧ୍ୟରୁ ବିଦାୟ ନେଇ ଭଗବାନଙ୍କଠାରେ ମିଳିତ ହେବା । ତଦ୍ଦ୍ୱାରାହିଁ ଜୀବନର ସାର୍ଥକତା । ଅବଶ୍ୟ ଭଗବଦ୍ ଗୀତାରେ ସଂସାର ଜୀବନରେ ରହି ମଧ୍ୟ ଭାଗବତ ସଂକଳ୍ପ ଦ୍ୱାରା ପରିଚାଳିତ ହୋଇ, କର୍ମ ସମ୍ପାଦନ କରି ମୁକ୍ତି ସମ୍ଭବ ହୋଇଛି; ମାତ୍ର ଇହ ଜୀବନରେ ଭାଗବତ ରାଜ୍ୟ ପ୍ରତିଷ୍ଠିତ ହୋଇ ନାହିଁ । ଗୀତା ପୁରୁଷୋତ୍ତମତତ୍ତ୍ୱ ଉପରେ ଜୋର୍ ଦେଇଛି, କର୍ମରେ ସମର୍ପଣ, କର୍ମ ମଧ୍ୟରେ ମୁକ୍ତିର ବିଷୟ ବର୍ଣ୍ଣନା କରିଛି; ମାତ୍ର ପରାତ୍ପରା ଦିବ୍ୟଶକ୍ତି ଦ୍ୱାରା ସଂସାର ଓ ଜୀବନର ରୂପାନ୍ତର କଥା ଉଲ୍ଲେଖ କରି ନାହିଁ । ସେ ଯାହାହେଉ ଏହି ସକଳ ଆଧ୍ୟାତ୍ମିକ ଧାରାକୁ ଆମ୍ଭେମାନେ ସ୍ଥିତିଶୀଳ (Static) ଆଧ୍ୟାତ୍ମିକତା ବୋଲି ନାମ ଦେଇପାରୁ । ଏହାଠାରୁ ଭିନ୍ନ ଅନ୍ୟ ଏକ ଅଧ୍ୟାତ୍ମବାଦ ଅଛି ଯାହାକୁ ଆମ୍ଭେମାନେ ଗତିଶୀଳ (Dynamic) ଆଧ୍ୟାତ୍ମିକତା ବୋଲି କହିପାରୁ । ଏହି ଶେଷୋକ୍ତ ଧାରାହିଁ ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମ-ଧାରା ।

ଏକଥା ହୁଏତ ସମସ୍ତଙ୍କୁ ଜଣା ଯେ ଶ୍ରୀଅରବିନ୍ଦ ପଣ୍ଡିଚେରୀକୁ ୧୯୧୦ ମସିହାରେ ଆସିବା ପୂର୍ବରୁ ଭାରତର ପାରମ୍ପରିକ ସାଧନାର ଯେଉଁ ଦୁଇଟି ମହାନ୍ ସିଦ୍ଧି ଓ ଉପଲବ୍ଧି – ତାହା ସେ ପ୍ରାପ୍ତ କରି ସାରିଥିଲେ । ୧୯୦୪ ମସିହାରେ ସେ ବରୋଦାରେ ଥିବା ସମୟରେ ବୁଦ୍ଧଙ୍କର ନିର୍ବାଣର ସିଦ୍ଧି ବା

ଶଙ୍କରଙ୍କର ନିର୍ବିଶେଷ, ନିରାକାର, ନିରଞ୍ଜନ ବ୍ରହ୍ମଙ୍କର ସିଦ୍ଧିଲାଭ କରିଥିଲେ । ଏହାଛଡ଼ା ପଣ୍ଡିଚେରୀକୁ ଆସିବା ପୂର୍ବରୁ ତାଙ୍କର ବହୁ ଆଧ୍ୟାତ୍ମିକ ଉପଲବ୍ଧି ହୋଇଥିଲା । ଅତଏବ ଶ୍ରୀଅରବିନ୍ଦ ଯେତେବେଳେ ପଣ୍ଡିଚେରୀରେ ଗଭୀର ଅଧ୍ୟାତ୍ମ ସାଧନାରେ ରତ ହେଲେ, ସେ ସେହି ପ୍ରାଚୀନ ଉପଲବ୍ଧି ଓ ସିଦ୍ଧିକୁ ଅପେକ୍ଷା କରି ନଥିଲେ । ପୂର୍ବରୁ ସେ ସେହିସବୁ ସିଦ୍ଧିକୁ ହାସଲ କରି ତାହାର ଊର୍ଦ୍ଧ୍ୱତନ ଏକ ମହାନ୍ ଦିବ୍ୟ-ଭାଗବତୀ ଶକ୍ତିର ସାକ୍ଷାତ୍କାର କରିବାକୁ ଅଗ୍ରସର ହେଲେ । ସେ ଏହି ଶକ୍ତିର ଅବତରଣ କରାଇ ପୃଥିବୀରେ ଏକ ନୂତନ ସୃଷ୍ଟି ସମ୍ଭବ କରାଇବେ ବୋଲି ନିଶ୍ଚିତ ଭାବେ ଘୋଷଣା କରିଛନ୍ତି । ଏହି ଅତିମାନସ ଶକ୍ତି ହେଲା ବେଦୋକ୍ତ 'ଋତ୍-ଚିତ୍' ବା ଉପନିଷଦ୍‌ରେ କଥିତ ବିଜ୍ଞାନ ଭୂମି । ଏହାହିଁ ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଶକ୍ତି, ପୂର୍ଣ୍ଣ-ଆନନ୍ଦର ଭୂମି । ଏଠାରେ 'ଏକ' ସଙ୍ଗେ 'ବହୁ'ର ମିଳନ ଘଟେ । ସାକାର ଓ ନିରାକାର ଉଭୟ ତତ୍ତ୍ୱକୁ ଏକ ସଙ୍ଗେ ଉପଲବ୍ଧି କରି ହୁଏ । ଏହି ସତ୍ୟର ପ୍ରତିଷ୍ଠା ଫଳରେ ପୃଥିବୀ ଓ ଭଗବାନଙ୍କ ମଧ୍ୟରେ ସେତୁ ନିର୍ମିତ ହୁଏ ଏବଂ ପୃଥିବୀରେ ଦିବ୍ୟ ରୂପାନ୍ତରକାରିଣୀ ଶକ୍ତି କ୍ରିୟାଶୀଳ ହୁଏ । ଏହା ଦ୍ୱାରା ବ୍ୟକ୍ତି ଓ ସମଷ୍ଟି ଉଭୟର ରୂପାନ୍ତର ସାଧିତ ହୁଏ । ଯେପରି ମାନସ ଶକ୍ତିର ପ୍ରତିଷ୍ଠା ଫଳରେ ମାନବଜାତି ହେଲା ସେହିପରି ଅତିମାନସ ଶକ୍ତିର ଅବତରଣ ଫଳରେ ଅତିମାନବ-ଜାତିର ପ୍ରତିଷ୍ଠା ହେବ । ସୁତରାଂ ଅତିମାନସ ତତ୍ତ୍ୱରେ ସକଳ ଆଧ୍ୟାତ୍ମିକ ସତ୍ୟର ଯଥାର୍ଥତା ପ୍ରାପ୍ତି ଓ ତାହା ସଙ୍ଗେ ସଙ୍ଗେ ତାହାର ଊର୍ଦ୍ଧ୍ୱ-ଗମନ ।

ଶ୍ରୀଅରବିନ୍ଦ ତାଙ୍କର ସାଧନାର ବୈଶିଷ୍ଟ୍ୟ ଓ ନୂତନତ୍ୱ କ'ଣ ସେ ସମ୍ବନ୍ଧରେ ନିଜେ ଉଲ୍ଲେଖ କରି କହୁଛନ୍ତି –

(୧) ପୁରାତନ ଯୋଗଗୁଡ଼ିକ ତୁଳନାରେ ଏହି ଯୋଗ ନୂତନ, କାରଣ ଏହା ଜୀବନ ବା ସଂସାର ପରିତ୍ୟାଗ କରି କୌଣସି ସ୍ୱର୍ଗ ବା ନିର୍ବାଣ ମଧ୍ୟରେ ଚାଲିଯିବାକୁ ଚାହେଁ ନାହିଁ । ଏହା ଚାହେଁ ଜୀବନ ଓ ଅସ୍ତିତ୍ୱର ପରିବର୍ତ୍ତନ । କୌଣସି ଆନୁଷଙ୍ଗିକ ଲକ୍ଷ୍ୟ ରୂପେ ନୁହେଁ ବରଂ ତାହାହିଁ ହେଉଛି ଏହାର ସ୍ପଷ୍ଟ ଓ ପ୍ରଧାନ ଲକ୍ଷ୍ୟ । ପୁରାତନ ଯୋଗରେ ଆରୋହଣ ଶେଷ କଥା କିନ୍ତୁ ଏହି ଯୋଗରେ ଏହା ଏକ ସୋପାନ ଏବଂ ଅବତରଣ ପାଇଁ ଏହା ଏକ ଉପାୟ । ଆରୋହଣ ଦ୍ୱାରା କରାଯାଇଥିବା ନୂତନ ଚେତନାର ଅବତରଣହିଁ ହେଉଛି ଏହି ସାଧନାର ଚିହ୍ନ – ସିଲ୍ ମୋହର ।

(୨) ଏହି ଯୋଗ ନୂତନ, କାରଣ ଏଠାରେ ଯେଉଁ ଲକ୍ଷ୍ୟ ଗ୍ରହଣ କରାଯାଇଛି ତାହା କେବଳ ବ୍ୟକ୍ତିଗତ ସିଦ୍ଧି ନୁହେଁ ବରଂ ଏହି ସିଦ୍ଧି ସମଗ୍ର ପୃଥିବୀ ଚେତନା ପାଇଁ । ତେଣୁ ଜଗତର ଊର୍ଦ୍ଧ୍ୱରେ କେବଳ ଅତିଲୌକିକ ସିଦ୍ଧି ନୁହେଁ, ଇହଲୋକରେ ଜାଗତିକ ସିଦ୍ଧି ହେଉଛି ଏହାର ଲକ୍ଷ୍ୟ ।

(୩) ଏହାର ଲକ୍ଷ୍ୟ ଯେପରି ଭିନ୍ନ, ଏହି ଯୋଗର ପଦ୍ଧତି ମଧ୍ୟ ଭିନ୍ନ । ଏହାର ଲକ୍ଷ୍ୟ-ତୁଲ୍ୟ ପଦ୍ଧତି ମଧ୍ୟ ସାମଗ୍ରିକ ଏବଂ ସର୍ବାଙ୍ଗୀନ । ଏଥିରେ ପୁରାତନ ପଦ୍ଧତି ଆଂଶିକ ସହାୟକ ହୋଇପାରେ । ଏହି ଆଧ୍ୟାତ୍ମିକ ସାଧନା ଏକ ଦୁଃସାହସିକ ଅଭିଯାନ । ଏହା ଚାଲେ ଅଭୀପ୍ସା, ସମର୍ପଣ ଓ ପ୍ରତ୍ୟାଖ୍ୟାନ ଦ୍ୱାରା; କୌଣସି ପାରମ୍ପରିକ ରୀତି, ନୀତି ବା ଶିକ୍ଷା ଦ୍ୱାରା ନୁହେଁ । ଏହାଛଡ଼ା ଶ୍ରୀଅରବିନ୍ଦ ସ୍ପଷ୍ଟଭାବେ ଘୋଷଣା କରିଛନ୍ତି ଯେ ଏଠାରେ ଯେଉଁ ରୂପାନ୍ତର ସଂଘଟିତ ହେବ ତାହା ଗୋଟାଏ ସଂସ୍କାର ବା ଶୁଦ୍ଧିକରଣ ନୁହେଁ – ଏହା ଏକ ମୂଳଗତ ପରିବର୍ତ୍ତନ । ନୂତନ ସତ୍ୟ-ଚେତନାର ଭୂମିରେ ଏହି ରୂପାନ୍ତର ସଂଘଟିତ ହେବ ।

ଏହି ଅତିମାନସ ସତ୍ୟ, ତାହାର ଅବତରଣ ଓ ଧରାପୃଷ୍ଠରେ ତାହାର କ୍ରିୟା ସମ୍ବନ୍ଧରେ ଶ୍ରୀଅରବିନ୍ଦ ଏକବାରେ ସ୍ପଷ୍ଟ ଥିଲେ ଏବଂ ଏହି ସତ୍ୟ ତାଙ୍କର ବ୍ୟକ୍ତିଗତ ଶରୀରରେ ୧୯୫୦ ମସିହାରେ ଅବତରଣ କଲା । ୧୯୫୬ ସାଲରେ ଏହି ସତ୍ୟ ସାର୍ବଜନୀନ କ୍ଷେତ୍ରରେ ପୃଥିବୀପୃଷ୍ଠରେ ବ୍ୟକ୍ତ ହେଲା ବୋଲି ଶ୍ରୀମା ଘୋଷଣା କଲେ ଏବଂ ଧୀରେ ଧୀରେ ସମସ୍ତ ପୃଥିବୀରେ ଏହାର ପ୍ରଭାବ ଅନୁଭୂତ ହେବାକୁ ଆରମ୍ଭ କରିଛି । ଶ୍ରୀଅରବିନ୍ଦ ଆଧ୍ୟାତ୍ମିକ ପରମ୍ପରା ଓ ସିଦ୍ଧିର ବହୁ ଊର୍ଦ୍ଧ୍ୱକୁ ଉଠି ଏକ ଅନାଗତ ଭବିଷ୍ୟତର ପଥପ୍ରଦର୍ଶକ, ନୂତନ ଜଗତର ସ୍ରଷ୍ଟା ରୂପେ ଆବିର୍ଭୂତ ହୋଇଛନ୍ତି । ଆଜି ତାଙ୍କର ଜନ୍ମ ଶତବାର୍ଷିକୀରେ* ତାଙ୍କର ନୂତନ ସତ୍ୟ ଓ ଚେତନା ଯେ ଅଧିକ ବଳବତ୍ତର ହେବ ଏବଂ ପୃଥିବୀରେ ଅଭୂତପୂର୍ବ ପରିବର୍ତ୍ତନ ଘଟାଇବ ଏଥିରେ ସନ୍ଦେହ ନାହିଁ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ଦ୍ୱିତୀୟ ଖଣ୍ଡରୁ ସଂଗୃହୀତ) ❖

* ପ୍ରବନ୍ଧଟି ୧୯୭୨ ମସିହାରେ ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ରଚିତ ।

# କିମାଶ୍ଚର୍ଯ୍ୟମ୍
## (ଏକ ସୁଧୀ ସମାବେଶରେ ପ୍ରଶ୍ନୋତ୍ତର ଲିପି)
## ଶ୍ରୀ ମନୋଜ ଦାସ

***ପ୍ରଶ୍ନ*** *: ପ୍ରଶ୍ନଟି ମୋର ତାତ୍ତ୍ୱିକ ନୁହେଁ, ଅତି ସାଧାରଣ । ମୃତ୍ୟୁ ଅନିବାର୍ଯ୍ୟ, ମଣିଷ ଏକଥା ମନେରଖିଲେ ଦୁଷ୍କର୍ମରୁ ବିରତ ହୁଅନ୍ତା । ସେ କାହିଁକି ତାହା ମନେ-ରଖେନା ? ଆଚ୍ଛା, ମୃତ୍ୟୁଭୟରୁ ମୁକ୍ତ ରହିବାର ଉପାୟ କ'ଣ ?*

ମୃତ୍ୟୁ ଅନିବାର୍ଯ୍ୟ, ଯଦି ମଣିଷ ଏତିକି ମନେରଖି ଦୁଷ୍କର୍ମରୁ ବିରତ ରହନ୍ତା, ତେବେ ମନ୍ଦ ହୁଅନ୍ତା ନାହିଁ । କିନ୍ତୁ ତା'ହେଲେ ସେ କର୍ମରୁ ମଧ୍ୟ ବିରତ ରହିବାକୁ ସ୍ଥିର କରିପାରେ । ଅନିବାର୍ଯ୍ୟ ମୃତ୍ୟୁ ଯେକୌଣସି ମୁହୂର୍ତ୍ତରେ ତାକୁ ଚିରସ୍ତବ୍ଧ କରିଦେବ, ଏ ଚିନ୍ତା ତାକୁ ସତ୍ କର୍ମ ପ୍ରତି ମଧ୍ୟ ଉଦାସୀନ କରି ଦେଇପାରେ ।

କିନ୍ତୁ କର୍ମହିଁ ଏ ଜୀବନର ପ୍ରମାଣ; ସୃଷ୍ଟି ବିଧାତାର କର୍ମ-ବିଶେଷ । ସମଗ୍ର ପୃଥିବୀ ଅବିରତ କର୍ମରତ । ପୃଥିବୀ ସୂର୍ଯ୍ୟ-ପ୍ରଦକ୍ଷିଣରୁ ବିରତ ହୁଏନା; ଉଦ୍ଦାମ ଲହରୀ ଖେଳାଇ ସମୁଦ୍ର ତା'ର ସ୍ଥିତି ସାବ୍ୟସ୍ତ କରୁଥାଏ । ଋତୁ ସମାହାର, ବାରିପାତ, ଭୂମିରୁ ଆମ ପ୍ରାଣର ଆଧାର ଫସଲର ଉଦ୍‌ଭବ — ନିୟତ କର୍ମରତ ବିଶ୍ୱ ତଥା ମହାଜାଗତିକ ସୃଷ୍ଟିର ଏସବୁ ଏକ ଏକ ଦିଗ ।

ଏହି କର୍ମ ମାଧ୍ୟମରେ ହୁଏ ଆମ ଚେତନାର ଅଗ୍ରଗତି । ଏହାର ଅର୍ଥ ନୁହେଁ ଯେ କର୍ମ-ବିରତ ଏକାଗ୍ରତା, ଧ୍ୟାନ, ନିଦ୍ରା, ଏସବୁର ଭୂମିକା ଆମ ଚେତନାର ଅଗ୍ରଗତି ଦିଗରେ ଗୌଣ । ଟିକିଏ ପର୍ଯ୍ୟାଲୋଚନା କଲେ ଆମେ ଦେଖିବା ସେଭଳି କର୍ମବିରତ ଅବସ୍ଥା ମଧ୍ୟ କର୍ମ । ଏକାଗ୍ରତା ବା ଧ୍ୟାନ ସକାଶେ ପ୍ରଯତ୍ନ କରିବାକୁ ହୁଏ । ତେବେ ସେ ପ୍ରସଙ୍ଗ ଥାଉ । ସବୁ ସାଧାରଣ ମଣିଷଙ୍କୁ ସାଧାରଣ କର୍ମ କରିବାକୁ ହୋଇଥାଏ । ସେସବୁ କର୍ମ ସମାହିତ ହେବା ଭିତରେ ଅଥବା ପରିଣତିରେ ଆଣିଥାଏ ସଫଳତା-ବିଫଳତା, ଜୟ-ପରାଜୟ, ସୁଖ-ଦୁଃଖ, ଗୌରବ-ଗ୍ଳାନି, ଏଭଳି ନାନାଦି ଅଭିଜ୍ଞତା । ଏହି ଅଭିଜ୍ଞତାର କ୍ରମାଗତ ସଞ୍ଚୟ ଆମ ଚେତନାର ପରିପକ୍ୱତା ଦିଗରେ ସହାୟକ । ମୃତ୍ୟୁ ଭୟ ଯୋଗୁଁ ଆମେ ନିଷ୍କର୍ମ ହୋଇଗଲେ ଏହି ଜନ୍ମଜନ୍ମାନ୍ତର-ନିର୍ଭର ପ୍ରଗତି ବାଧାପ୍ରାପ୍ତ ହେବ ।

ଯିଏ ଆତ୍ମା-ସଚେତନ ସିଏ ନିଜକୁ ଅମର ବୋଲି ଜାଣେ । ସେ ମୃତ୍ୟୁ-ସଚେତନ ମଧ୍ୟ । କିନ୍ତୁ ମୃତ୍ୟୁର ସଂଜ୍ଞା ତା' ପାଇଁ ଭିନ୍ନ । ନିୟତ ମୃତ୍ୟୁ-ସଚେତନ ରହିଥିଲେ ମଧ୍ୟ ତା'ର କର୍ମଧାରାରେ କୌଣସି ବୈଷମ୍ୟ ବା ବ୍ୟତିକ୍ରମ ଦେଖା ଦିଏନା । କିନ୍ତୁ ଅଜ୍ଞାନ କ୍ଷେତ୍ରରେ ମୃତ୍ୟୁ-ସଚେତନତା ସାଧାରଣତଃ ଦୁଇ ବିଡ଼ମ୍ବନା ରୂପେ ଦେଖାଦିଏ : ଭୟ ଏବଂ ଉଦାସୀନତା ବା କର୍ମବୀତସ୍ପୃହତା । ଏହା ନିଶ୍ଚୟ କୌଣସି ମଣିଷର ଜୀବନଯାତ୍ରା ପାଇଁ ଶୁଭଙ୍କର ନୁହେଁ ।

ତେଣୁ ପ୍ରକୃତି ଏମିତି କୌଶଳ କରିଛି, ଜଣେ ଅହରହ ନିଜ ଚତୁର୍ଦ୍ଦିଗରେ ମୃତ୍ୟୁର କରାମତିର ସାକ୍ଷୀ ହେବା ସତ୍ତ୍ୱେ ନିଜ ଅନିବାର୍ଯ୍ୟ ଅନ୍ତ ସମ୍ପର୍କରେ ଚିନ୍ତା କରେ ନାହିଁ । ସେଇଟା ସତେ ଅବା ସୁଦୂର ଭବିଷ୍ୟତରେ କେବେ ଘଟିଲେ ଘଟିପାରେ ! 'ମହାଭାରତ'ରେ ଯକ୍ଷ ପ୍ରଶ୍ନର ଉତ୍ତର ଦେଇ ଯୁଧିଷ୍ଠିର ଏହାକୁ ''କିମାଶ୍ଚର୍ଯ୍ୟମତଃପର'' ବୋଲି କହିବାର ହଜାର ହଜାର ବର୍ଷ ପରେ ମଧ୍ୟ ପୁରୁଷ-ପୁରୁଷ ଧରି ଆମେ ଏହା ପଢ଼ିବା ଅଥବା ଶୁଣିବା ସତ୍ତ୍ୱେ ବ୍ୟାପାରଟି ଅଦ୍ୟାବିଧି 'କିମାଶ୍ଚର୍ଯ୍ୟମ୍' ହୋଇ ରହିଛି ।

କେତେବର୍ଷ ତଳେ କୌଣସି ଏକ ନିବନ୍ଧରେ ଏହି ମାନସିକତାର ଗୋଟାଏ ସାଂପ୍ରତିକ ଦୃଷ୍ଟାନ୍ତ ଦେଇଥିଲି ବୋଲି ମନେ ପଡ଼ୁଛି । ବିଂଶ ଶତାବ୍ଦୀର ଜଣେ ଦୀର୍ଘସ୍ଥାୟୀ ଡିକ୍‌ଟେଟର୍ ଅବଶେଷରେ, ଅତ୍ୟନ୍ତ ପରିଣତ ବୟସରେ, ମୃତ୍ୟୁ ଶଯ୍ୟାରେ ଶାୟିତ । ଡାକ୍ତର ଘୋଷଣା କରି ସାରିଲେଣି, ଯେକୌଣସି ମୁହୂର୍ତ୍ତରେ ସେ ଚିରବିଦାୟ ନେବେ ।

ଡିକ୍‌ଟେଟର୍ ମହୋଦୟଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟଗଣ ପାର୍ଶ୍ୱବର୍ତ୍ତୀ କୋଠରିରେ ସମବେତ ହୋଇ ଅପେକ୍ଷା କରିଛନ୍ତି । ଡିକ୍‌ଟେଟର୍ ସଂଜ୍ଞାହତ ଅବସ୍ଥାରେ । ତେବେ ମଧ୍ୟେ ମଧ୍ୟେ ଚେତା ଫେରି ଆସେ ମୁହୂର୍ତ୍ତକ ପାଇଁ ।

ସେମିତି ଥରେ ଚେତା ଫେରି ଆସିଥିବା ବେଳେ ସେ

ତାଙ୍କ ଡାକ୍ତରଙ୍କୁ ପ୍ରଶ୍ନ କଲେ, ''ପାଖ କୋଠରିରେ ଗୁଡ଼ାଏ ମଣିଷ ଗପସପ ହେଉ ଥିବାର ଶୁଣିପାରୁଛି । କିଏ ସେମାନେ ?''

''ଆଜ୍ଞା, ସେମାନେ ଆପଣଙ୍କ ମନ୍ତ୍ରିବୃନ୍ଦ ।'' ଡାକ୍ତର ଜଣାଇଲେ ।

''ମନ୍ତ୍ରିବୃନ୍ଦ ? ସେମାନେ ସେଠି ବସି କ'ଣ କରୁଛନ୍ତି ?''

ଟିକିଏ ଦୋଦୋପାଞ୍ଚ ହୋଇ, ସତ୍ୟ ବରଂ ଜଣାଇ ଦେବା ଠିକ୍ ହେବ ବୋଲି ମନେକରି ଡାକ୍ତର କହିଲେ, ''ଆଜ୍ଞା, ସେମାନେ ଆପଣଙ୍କୁ ବିଦାୟ ଜଣାଇବାକୁ ଆସିଛନ୍ତି !''

''ବିଦାୟ ?'' ଡିକ୍‌ଟେଟର୍ ସାମାନ୍ୟ ବିରକ୍ତ ହୋଇ ପଚାରିଲେ, ''କାହିଁକି ? ସେମାନେ କୁଆଡ଼େ ଯିବାକୁ ବାହାରିଛନ୍ତି କି ?''

ଏହାହିଁ ସମ୍ଭବତଃ ଥିଲା ଡିକ୍‌ଟେଟର୍‌ଙ୍କ ସର୍ବଶେଷ ଉଚ୍ଚାରଣୀ ।

ମଣିଷର ଏହି ନିଦାରୁଣ ଅଚେତନତାକୁ ପୋଥିପୁରାଣ ନାନାଦି ଦୃଷ୍ଟାନ୍ତ ମାଧ୍ୟମରେ ବିଦ୍ରୂପ କରିଛି; ଚେତାବନୀ ଦେଇଛି । ବାଇବେଲର 'ବୁକ୍ ଅଫ୍ ଡାନିଏଲ୍' ଦେଖନ୍ତୁ । ସୁପ୍ରାଚୀନ ରାଜ୍ୟ କାଲ୍‌ଡ଼ିଆ (ଆଧୁନିକ ଭୂଗୋଳରେ ଦକ୍ଷିଣ ଇରାକ) ସେତେବେଳେ ବେଲ୍‌ସାଜାର୍ ନାମକ ଦୁର୍ଦ୍ଦାନ୍ତ ନରପତିଙ୍କ ଅଧୀନରେ । ଅରାଜକତାହିଁ ତାଙ୍କ ରାଜୁତି; ଯଥେଚ୍ଛା ଭୋଗବିଳାସ ତାଙ୍କ ଜୀବନ । ତାଙ୍କ ସଭାରେ ଥିଲେ ଡାନିଏଲ୍ ନାମକ ଜ୍ଞାନୀ । ଦିନେ ରାତିରେ ପ୍ରାସାଦରେ ଚାଲିଛି ଭୋଜନ ଓ ମଦ୍ୟପାନ । ଉନ୍ମତ୍ତ କୋଳାହଳରେ ବ୍ୟାପୃତ ରାଜାଙ୍କର ପାତ୍ରମିତ୍ରବୃନ୍ଦ । ହଠାତ୍ ପ୍ରାଚୀର ଗାତ୍ରରେ ଫୁଟି ଉଠିଲା କୌଣସି ରହସ୍ୟମୟ ଅଙ୍ଗୁଳି ଚାଳିତ ଲେଖନୀର କିଛି ପ୍ରୋଜ୍ଜ୍ୱଳ ଲିପି । ସମସ୍ତେ ବିସ୍ମିତ । ଡାନିଏଲ୍‌ଙ୍କୁ ଡକାଗଲା । ସେ କଲେ ପାଠୋଦ୍ଧାର : ରାଜାଙ୍କର କାଳ ହୋଇ ଆସିଲାଣି । ରାଜ୍ୟ ଖଣ୍ଡ-ବିଖଣ୍ଡ ହୋଇ ଅନ୍ୟମାନଙ୍କ ଶାସନକୁ ଚାଲିଯିବ ଯଥାଶୀଘ୍ର ।

ସେ ଯଥାଶୀଘ୍ର ଯେ ଏଡ଼େ ଶୀଘ୍ର, ଏକଥା ବେଲ୍‌ସାଜାର୍ ଅଥବା ତାଙ୍କ ଦୁର୍ମତି ସଖାମାନେ ଜାଣି ନଥିଲେ । ସେହି ରାତ୍ରରେହିଁ ନରପତି ହେଲେ ନିହତ । ପୂର୍ବରୁ ସେଦିଗରେ ବହୁ ସଙ୍କେତ ସେ ଅଗ୍ରାହ୍ୟ କରିଥିଲେ ।

ବିଳାସ-ମଜ୍ଜିତ ମଣିଷକୁ ଏସବୁ ଏହି ବାର୍ତ୍ତା ଦିଏ ଯେ କାଳ ସହ ଯଥେଚ୍ଛା ଆଚରଣ କରନା ! ଯିଏ ଭାଗ୍ୟବାନ୍, ସିଏ ଏଭଳି ଚେତାବନୀ ଦ୍ୱାରା ଉପକୃତ ହୋଇଥାଏ ।

ଥିଲେ ଜଣେ ବେପରୁଆ ରାଜପୁତ୍ର । ପିତାଙ୍କ ଅନ୍ତେ ସେ ସିଂହାସନ ଆରୋହଣ କରି ବିଳାସ-ବ୍ୟସନରେ ସମୟ ବିତାଇବା ସଙ୍ଗେ ସଙ୍ଗେ ପ୍ରଜାବର୍ଗଙ୍କ ପ୍ରତି ତାଚ୍ଛଲ୍ୟଭାବ ପୋଷଣ କରୁଥା'ନ୍ତି ଏବଂ ଶୁଭେଚ୍ଛୁମାନଙ୍କ ପ୍ରତି କ୍ରୂର ଆଚରଣ କରୁଥା'ନ୍ତି ।

ଏମନ୍ତ ନୂଆ ରାଜାଙ୍କ ପ୍ରାସାଦରେ ଦିନେ ଆସି ଉପନୀତ ହେଲେ ପିତୃଗୁରୁ, ଜଣେ ଋଷିତୁଲ୍ୟ ମହାପୁରୁଷ । ସେ ପରଲୋକଗତ ରାଜାଙ୍କର ଥିଲେ ପୂଜ୍ୟ; ନୂଆ ରାଜା ଆବାଲ୍ୟ ତାଙ୍କୁ ଭୟ କରୁଥା'ନ୍ତି – ତାଙ୍କ ଯୋଗବିଭୂତିରେ ଥିଲା ଯୁବକଙ୍କର ଅକାଟ୍ୟ ବିଶ୍ୱାସ ।

ପିତୃଗୁରୁ ଯେଉଁ ସପ୍ତାହଟି ପ୍ରାସାଦରେ ରହିଲେ, ନୂଆ ରାଜା ସେ ସପ୍ତାହକାଳ ସମ୍ଭ୍ରାନ୍ତ ଓ ସଂଯତ ଆଚରଣ କଲେ । କିନ୍ତୁ ଗୁରୁଙ୍କୁ ଗୋପନରେ ଅମାତ୍ୟମାନେ ରାଜାଙ୍କ ଚରିତ୍ରର ବିବରଣୀ ଦେବାରେ ହେଳା କଲେ ନାହିଁ ।

ଗୁରୁ ବିଦାୟ ନେବାବେଳେ ଏକାନ୍ତରେ ରାଜା ତାଙ୍କୁ ପ୍ରଣାମ କଲେ ଓ ସୌଜନ୍ୟ ବଶତଃ କହିଲେ, ''କିଛି ଉପଦେଶ ଦେବେ ଗୁରୁଦେବ !''

''ଦେଇ ଆଉ କ'ଣ ହେବ ବାବା ! ଉପଦେଶ ପାଳନ କରିବାକୁ ତୁମର ଆଉ କେତେ ବା ବେଳ ଅଛି !'' ଗମ୍ଭୀର ଭାବରେ କହିଲେ ଗୁରୁ ।

''ମାନେ ? ମୋର ଆୟୁ ସରି ଆସିଲାଣି ?'' କାନ୍ଦ କାନ୍ଦ ହୋଇ ପଚାରିଲେ ଯୁବକ-ରାଜା !

''ମଣିଷ-ଜୀବନ ତ ପଦ୍ମପତ୍ରରେ ଜଳବିନ୍ଦୁ ଭଳି !'' ମନ୍ତବ୍ୟ ଦେଇ ଚାଲିଗଲେ ଗୁରୁ ।

ଦିନଯାକ ସ୍ତବ୍ଧ ରହିଲେ ଯୁବକ-ରାଜା । ପରଦିନଠାରୁ ତାଙ୍କ ଆଚାର-ବ୍ୟବହାରରେ ଦେଖାଦେଲା ଅପ୍ରତ୍ୟାଶିତ ପରିବର୍ତ୍ତନ । ସେ ହେଲେ ବିନୟୀ ଏବଂ ଭଦ୍ର । ଦିନଯାକ ରାଜ୍ୟର ହିତରେ ଧ୍ୟାନ ଦେଇ ସନ୍ଧ୍ୟା ହେଲେ ହେଉଥା'ନ୍ତି ଧ୍ୟାନସ୍ଥ ।

ପାଞ୍ଚବର୍ଷ ଅନ୍ତେ ଗୁରୁଙ୍କର ହେଲା ପୁନରାବିର୍ଭାବ । ତାଙ୍କୁ ପାଇ ରାଜାଙ୍କ ଆନନ୍ଦ କହିଲେ ନସରେ । ଗୁରୁ ବିଦାୟ ନେବା ଦିନ ରାଜା ଏକାନ୍ତରେ ତାଙ୍କୁ କହିଲେ, ''ଭାବିଥିଲି, ମୋର ଆଉ ଅଧିକ ଦିନ ନାହିଁ ! ମୃତ୍ୟୁ ଆସନ୍ନ ।''

''ରାଜା ! ପାଞ୍ଚବର୍ଷ ତଳର ଉଦ୍ଧତ ରାଜାର କ'ଣ ମୃତ୍ୟୁ ହୋଇ ନାହିଁ ? ତୁମେ କ'ଣ ସେହି ମଣିଷ ? ଦୀର୍ଘଜୀବୀ ହୁଅ ।'' ଗୁରୁ କରୁଣାର ହସ ହସି ବିଦାୟ ନେଲେ ।

ଟିକିଏ ଉନ୍ନତ ଚେତନାସମ୍ପନ୍ନ ମଣିଷ ଭିତରେ ମୃତ୍ୟୁ-ସଚେତନତା ଏମିତି ଶୁଭଙ୍କର ଭୂମିକା ତୁଲାଇପାରେ; ସମସ୍ତଙ୍କ ଭିତରେ ନୁହେଁ ।

ଏମିତି ଭାବରେ ଅଜ୍ଞାନକୁ ମାଧ୍ୟମ କରି ପ୍ରକୃତି ମଣିଷକୁ ମୃତ୍ୟୁ-ସଚେତନାଠାରୁ ଦୂରେଇ ରଖି କର୍ମ ଜରିଆରେ ଅଭିଜ୍ଞତା-ସଞ୍ଚୟର ସୁଯୋଗ ଦିଏ । ଅପର ପକ୍ଷରେ ପ୍ରାଜ୍ଞ ପୁରୁଷ ନିଜକୁ ଅମର ବୋଲି ଜାଣିଥିବାରୁ ସେ ବି କର୍ମବିରତ ରହେ ନାହିଁ ।

ଆତ୍ମାର ଉପଲବ୍ଧିହିଁ ଅମରତ୍ୱର ଉପଲବ୍ଧି । ତାହାହିଁ ମୃତ୍ୟୁଭୟର ଚୂଡ଼ାନ୍ତ ପ୍ରତିକାର ।

ତେବେ ନିଜର ସୁସ୍ଥ ସାଧାରଣ ଜ୍ଞାନ ପ୍ରୟୋଗ କରି ଆମେ ନିଜକୁ ଅନ୍ତତଃ ଏତକ ବୁଝାଇ ପାରିବା ଉଚିତ ଯେ ଅଦ୍ୟାବଧି ସମସ୍ତେ ଯେଉଁ ମୃତ୍ୟୁ ଭିତରକୁ ପ୍ରସ୍ଥାନ କରିଛନ୍ତି, କେହି ବାଦ୍ ପଡ଼ିବାର ଜଣା ନାହିଁ, ସେ ଅନିବାର୍ଯ୍ୟ ପରିଣତି ପାଇଁ ଭୟର ଯାଥାର୍ଥ୍ୟ କ'ଣ ? ଯେଉଁ ମୃତ୍ୟୁ ପ୍ରତି ମୋର ଭୟ, ସେହି ମୃତ୍ୟୁହିଁ ତ ଆଜିର ଏ ଜୀବନ ପାଇଁ ଦାୟୀ । ଅର୍ଥାତ୍ ପୂର୍ବଜନ୍ମର ମୃତ୍ୟୁହିଁ ଏ ଜନ୍ମ ମୋତେ ଯୋଗାଇ ଦେଇଛି । ଯଦି ମୁଁ ଏ ଚଳିତ ଜୀବନର ପ୍ରେମରେ ପଡ଼ିଯାଇଛି, ଆଗାମୀ ମୃତ୍ୟୁ ଯେଉଁ ଜୀବନ ଆଣିଦେବ, ତା' ପ୍ରେମରେ ପଡ଼ିବି ନାହିଁ କାହିଁକି ?

ସମସ୍ତ ପ୍ରକାର ଭୟର ଉତ୍ସ ଅହଂଭାବ । ଅବଶ୍ୟ ତାହା ଅନ୍ୟ ଏକ ବିଷୟ । ତେବେ ଜଣେ ସଚେତନ ମଣିଷ ନିଜ ଜୀବନର ପରିଣତି ନିୟତି ଉପରେହିଁ ଛାଡ଼ିଦେବ । ଜୀବନକୁ ସଂକ୍ଷିପ୍ତ କରିବା ଦିଗରେ ଆଗ୍ରହ ଅନୁଭବ କରିବା ଯେପରି ଭୁଲ୍, ଜୀବନ-ଦୀପ ଲିଭିଗଲେ ହେବ କ'ଣ, ସେଦିଗରେ ଉତ୍କଣ୍ଠା ମଧ୍ୟ ସେମିତି ଭୁଲ୍ ଆବେଗ ।

('*ଜୀବନ ଜିଜ୍ଞାସା ଓ ସ୍ମରଣିକା ସ୍ତବକ*'ରୁ ସଂଗୃହୀତ) ❖

କିନ୍ତୁ ଲୋକମାନେ ଏଡ଼େ ମୂର୍ଖ । ମୃତ୍ୟୁ ସଂପର୍କରେ ସେମାନେ ଏପରି ବିବ୍ରତ, ବ୍ୟତିବ୍ୟସ୍ତ ହୋଇ କୋଳାହଳ କରନ୍ତି, ସତେ ଯେପରି ଏହାହିଁ ହେଉଛି ସବୁ କିଛିର ଶେଷ — 'ମୃତ୍ୟୁ' ଏହି ଶବ୍ଦଟି ଏଡ଼େ ଉଦ୍ଭଟ । ମୁଁ ଦେଖେ ଏହା କେବଳ ଗୋଟିଏ ଗୃହରୁ ଅନ୍ୟ ଏକ ଗୃହକୁ ଚାଲିଯିବା ବା ଗୋଟିଏ ପ୍ରକୋଷ୍ଠରୁ ଚାଲିଯାଇ ଅନ୍ୟ ଏକ ପ୍ରକୋଷ୍ଠରେ ପ୍ରବେଶ କରିବା । ତୁମେ ଏକ ସହଜ ପଦକ୍ଷେପ ନେଇ ଏରୁଣ୍ଡି ବନ୍ଧଟି ଅତିକ୍ରମ କରିଗଲ ଏବଂ ପହଞ୍ଚିଗଲ ଅପର ପାର୍ଶ୍ୱରେ — ଏବଂ ତା'ପରେ ତୁମେ ସେଠାରୁ ଫେରିଆସ ।

ଏବଂ ତୁମେ ଯେତେବେଳେ ତୁମ ଅନ୍ତରାତ୍ମାରେ ବାସ କର ସେତେବେଳେ ଏକ କ୍ରମିକ ନିରବଚ୍ଛିନ୍ନତା ରହିଥାଏ, କାରଣ ଅନ୍ତରାତ୍ମାର ସବୁ ସ୍ମରଣ ରହେ, ସମସ୍ତ ସ୍ମୃତି ଏହା ଧରି ରଖେ, ସମସ୍ତ ଘଟଣାକୁ ଏହା ମନେ ରଖେ, ଏପରିକି ଏହା ଜଡ଼ିତ ହୋଇଥିବା ସମସ୍ତ ବାହ୍ୟ ଘଟଣାବଳୀ, ସମସ୍ତ ବାହ୍ୟ ଗତିବୃତ୍ତିକୁ ଏହା ମନେ ରଖେ । ତେଣୁ ଏହା ଏଠାରୁ ସେଠାକୁ, ଗୋଟିଏ ପ୍ରକୋଷ୍ଠରୁ ଆଉ ଗୋଟିଏ ପ୍ରକୋଷ୍ଠକୁ, ଗୋଟିଏ ଜୀବନରୁ ଆଉ ଗୋଟିଏ ଜୀବନକୁ ଏକ ଧାରାବାହିକ ବିରାମହୀନ ଗତିବୃତ୍ତି ।

— ଶ୍ରୀମା

# ମୃତ୍ୟୁ ପରବର୍ତ୍ତୀ ଜୀବନ

## ମମତା ଦାଶ

''ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥
(ଶ୍ରୀମଦ୍ ଭଗବଦ୍ ଗୀତା, ଦ୍ୱିତୀୟ ଅଧ୍ୟାୟ, ଶ୍ଳୋକ - ୨୭)

ଅର୍ଥାତ୍, ''ଜନ୍ମ ହୋଇଥିବା ବ୍ୟକ୍ତିର ମୃତ୍ୟୁ ଅବଶ୍ୟମ୍ଭାବୀ ଏବଂ ମୃତ ବ୍ୟକ୍ତିର ଜନ୍ମ ଅବଶ୍ୟମ୍ଭାବୀ । ତେଣୁ ଏହି ଅପରିହାର୍ଯ୍ୟ ବିଷୟରେ ଶୋକ କରିବା ତୁମ ପକ୍ଷରେ ଉଚିତ ନୁହେଁ ।''

ମହାଭାରତ ଯୁଦ୍ଧ ଆରମ୍ଭ ହେବା ସମୟରେ ନିଜର ବନ୍ଧୁ, କୁଟୁମ୍ବମାନଙ୍କୁ ହତ୍ୟା କରିବାକୁ ଅନିଚ୍ଛୁକ ହୋଇ ଶୋକଗ୍ରସ୍ତ ହେବାରୁ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହି ଉପଦେଶ ଦେଇଥିଲେ । ଏହି ସୃଷ୍ଟିର ସବୁକିଛି ଅନିବାର୍ଯ୍ୟ ଭାବରେ ମରଣଶୀଳ, ସୃଷ୍ଟି ହେବା ଦିନଠାରୁ ଏହି ନିୟମର ବ୍ୟତିକ୍ରମ ହୋଇ ନାହିଁ । କିନ୍ତୁ ଏହି ଶରୀରର ବିନାଶ ପରେ ଏକ ଅବିନାଶୀ ସ୍ଫୁଲିଙ୍ଗ ଅବଶିଷ୍ଟ ରହେ । ତାହା ସୃଷ୍ଟିକର୍ତ୍ତା ପରମାତ୍ମାଙ୍କ ଦ୍ୱାରା ଏହି ପୃଥିବୀପୃଷ୍ଠକୁ ପ୍ରକ୍ଷେପିତ ଆତ୍ମା । ଏହି ଆତ୍ମା ଅକ୍ଷୟ, ଅମର । ଶ୍ରୀକୃଷ୍ଣ ପୁଣି କହିଛନ୍ତି ଯେ ଶରୀରର ମୃତ୍ୟୁ ଶେଷ କଥା ନୁହେଁ । କିନ୍ତୁ ଆମେ ପାର୍ଥିବ ଜୀବମାନେ ମନେକରୁ, ଯେହେତୁ ଶରୀର ନଷ୍ଟ ହୋଇଗଲା, ତେଣୁ ଆଉ କିଛି ବାକି ରହିଲା, ନ ରହିଲା ସେଥିରେ କ'ଣ ଯାଏ ଆସେ ? ଆମର କି କାମରେ ଲାଗିବ ଏହି ଆତ୍ମା ? ଆତ୍ମା କ'ଣ ଆମର ସ୍ନେହ, ମମତା, ଆବଶ୍ୟକତାକୁ ବୁଝିପାରିବ ? ସାଧାରଣ ଦୃଷ୍ଟିରେ ଜଣକର ମୃତ୍ୟୁ ପରେ ଆମେ ତାକୁ ହରାଇ ବସୁ । ସେଥିପାଇଁ ଆମେ ଶୋକଗ୍ରସ୍ତ ହୋଇଥାଉ । ଶ୍ରୀକୃଷ୍ଣ ପୁନର୍ବାର କହିଛନ୍ତି,

''ନ ଜାୟତେ ମ୍ରିୟତେ ବା କଦାଚିନ୍ -
ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ।
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ
ନ ହନ୍ୟତେ ହନ୍ୟମାନେ ଶରୀରେ ॥''
(ଶ୍ରୀମଦ୍ ଭଗବଦ୍ ଗୀତା, ଦ୍ୱିତୀୟ ଅଧ୍ୟାୟ, ଶ୍ଳୋକ - ୨୦)

''ଏହି ଆତ୍ମା କେତେବେଳେ ହେଲେ ଜନ୍ମ ନିଅନ୍ତି ନାହିଁ କିଂବା ମରନ୍ତି ନାହିଁ । ଅନ୍ୟାନ୍ୟ ଲୌକିକ ବସ୍ତୁ ପରି ଆତ୍ମା ଜନ୍ମ ହୋଇ ଅସ୍ତିତ୍ୱ ଲାଭ କରନ୍ତି ନାହିଁ; ଏହା ଜନ୍ମ ରହିତ, ନିତ୍ୟ ଓ ଶାଶ୍ୱତ ଏବଂ ପୁରାତନ ଶରୀର ହତ ହେଲେ ମଧ୍ୟ ସେ ହତ ହୁଅନ୍ତି ନାହିଁ ।''

ଆମର ହିନ୍ଦୁଧର୍ମରେ ମୃତ୍ୟୁ ସମ୍ବନ୍ଧରେ ଏହି ବିଶ୍ୱାସହିଁ ଶେଷ କଥା । ଆମେ ଯେମିତି ଜୀର୍ଣ୍ଣ ବସ୍ତ୍ରଟିଏ ପରିତ୍ୟାଗ କରି ନୂଆ ବସ୍ତ୍ର ପିନ୍ଧୁ, ଆତ୍ମା ସେହିପରି ଅଭିଜ୍ଞତା ନିମିତ୍ତ ଶରୀରକୁ ପରିଧାନ କରନ୍ତି ଏବଂ ଆବଶ୍ୟକ ହେଲେ ପରିତ୍ୟାଗ କରି ନୂଆ ଶରୀର ଧାରଣ କରନ୍ତି ।

ଏପରି ଧାରଣା ଅନୁସାରେ ମୃତ୍ୟୁକୁ ବିଶେଷ ପ୍ରାଧାନ୍ୟ ଦିଆଯିବା କଥା ନୁହେଁ । କାରଣ ଆତ୍ମାହିଁ ଶେଷ କଥା, ଶରୀର ନୁହେଁ । ଏହି ଆତ୍ମାତତ୍ତ୍ୱ ହିନ୍ଦୁଧର୍ମ ବ୍ୟତୀତ ଆଉ କୌଣସି ଧର୍ମରେ ନାହିଁ । କେତେକ ପାଶ୍ଚାତ୍ୟ ଗୁହ୍ୟ ଦର୍ଶନରେ 'Spirit' ଶବ୍ଦଟି ବ୍ୟବହାର କରାଯାଏ, କିନ୍ତୁ ତାହା ଆତ୍ମା ସହିତ ସମାନ ନୁହେଁ । 'ଆତ୍ମା' ହେଉଛନ୍ତି ପରମାତ୍ମାଙ୍କର ଏକ ସ୍ଫୁଲିଙ୍ଗ ଯାହା ଜଡ଼ ଜଗତରେ ଅବତରଣ କରି ପାର୍ଥିବ ଅଭିଜ୍ଞତା ଲାଭ କରନ୍ତି । କିନ୍ତୁ ଶ୍ରୀମାଶ୍ରୀଅରବିନ୍ଦ ଏହି ବିବର୍ତ୍ତନଶୀଳ ସତ୍ତାଟିକୁ 'ଚୈତ୍ୟସତ୍ତା' ବା 'Psychic Being' ନାମ ଦେଇଛନ୍ତି । ଏହି ଅଂଶଟି ଧୀରେ ଧୀରେ ଅଭିଜ୍ଞତା ପରିପୁଷ୍ଟ ହୋଇ ପରିପକ୍ୱ ହୁଏ, ତା'ର ମୂଳ ଉତ୍ସ ସମ୍ବନ୍ଧରେ ସଚେତନ ହୋଇଥାଏ ।

ଚୈତ୍ୟସତ୍ତାଙ୍କର ଏହି ଅଭିବୃଦ୍ଧି ସହିତ ତାଳ ମିଳାଇ ଚାଲି ନପାରିଲେ ଶରୀରର ବିଲୟର ଆବଶ୍ୟକତା ପଡ଼େ । ଶ୍ରୀମା କହିଛନ୍ତି, ''ଦେଶ ବିଦେଶରେ ବୈଜ୍ଞାନିକମାନଙ୍କ ଭିତରେ ବର୍ତ୍ତମାନ ଏହି ଧାରଣା ସ୍ଥାନ ପାଇବାକୁ ଆରମ୍ଭ କଲାଣି ଯେ ମୃତ୍ୟୁର କୌଣସି ପ୍ରୟୋଜନୀୟତା ନାହିଁ । କିନ୍ତୁ ସମଗ୍ର ମାନବସମାଜ ଦୃଢ଼ ଭାବରେ ବିଶ୍ୱାସ କରେ ଯେ ମୃତ୍ୟୁ ସୁନିଶ୍ଚିତ, କୁହାଯାଇପାରେ ଯେ ଏହା ହେଉଛି ଦୀର୍ଘକାଳ ଧରି ଏକ ଅପରିବର୍ତ୍ତନୀୟ ଅନୁଭୂତି ଉପରେ ପ୍ରତିଷ୍ଠିତ ଏକ ମାନବୀୟ ଧାରଣା ଓ ପ୍ରସ୍ତାବନା । ଯଦି ଏହି ବିଶ୍ୱାସଟିକୁ ପ୍ରଥମେ ସଚେତନ ମନ ଭିତରୁ, ତା'ପରେ ପ୍ରାଣିକ-ପ୍ରକୃତି ଏବଂ ଅବଚେତନ ଦୈହିକ ସ୍ତରଗୁଡ଼ିକରୁ କାଢ଼ି ଫିଙ୍ଗି ଦିଆଯାଏ, ତା'ହେଲେ ମୃତ୍ୟୁ ଆଉ ଅନିବାର୍ଯ୍ୟ ହୋଇ ରହିବ ନାହିଁ ।

''ପୃଥିବୀପୃଷ୍ଠରେ ଜଡ଼ ଯେଉଁ ଅବସ୍ଥାରେ ରହିଥିଲା,

ତାହାହିଁ ମୃତ୍ୟୁକୁ ଅପରିହାର୍ଯ୍ୟ କରି ରଖିଲା । ଜଡ଼ର ବିବର୍ତ୍ତନର ସମଗ୍ର ଅର୍ଥ ହେଉଛି ଅଚେତନାର ପ୍ରାଥମିକ ଅବସ୍ଥାରୁ ଏକ କ୍ରମବିବର୍ତ୍ତନ ଚେତନା ଦିଗରେ ବିକାଶ ଓ ଅଭିବୃଦ୍ଧି । ତେଣୁ ଅଭିବୃଦ୍ଧିର ଏହି ପ୍ରକ୍ରିୟାରେ ଆକୃତିଗୁଡ଼ିକର ବିଲୁପ୍ତି ଏକ ଅନିବାର୍ଯ୍ୟ ଆବଶ୍ୟକତା ରୂପେ ଦେଖା ଦେଲା । ଏବଂ ପ୍ରକୃତରେ ତାହାହିଁ ଘଟିଚାଲିଛି । କାରଣ ଏକ ସଙ୍ଗଠିତ ବ୍ୟକ୍ତି ଚେତନାକୁ ଅନିବାର୍ଯ୍ୟ ଏକ ସ୍ଥିର ଆଧାର ମିଳିବା ପାଇଁ ପ୍ରୟୋଜନ ହେଲା, ସେହିପରି ଏକ ସ୍ଥିର ନିଶ୍ଚିତ ଆକୃତି ମଧ୍ୟ । କିନ୍ତୁ ଆକୃତିର ଏହି ସ୍ଥିରତା ଫଳରେହିଁ ମୃତ୍ୟୁ ଅନିବାର୍ଯ୍ୟ ହୋଇ ଉଠିଲା ।... କାରଣ ବ୍ୟକ୍ତି ରୂପଟି ରହିଥାଏ, ମାତ୍ର ତାହା ଅତ୍ୟଧିକ ସ୍ଥିରତା ଭିତରେ ବାନ୍ଧି ହେଉଥିବା ଏକ ଢାଞ୍ଚା ଉପରେ ରହିଥାଏ । ତେଣୁ ତାହା ଶକ୍ତିମାନଙ୍କର ଗତିବୃତ୍ତିଗୁଡ଼ିକୁ ଆଉ ସ୍ୱଚ୍ଛନ୍ଦ ଭାବରେ ଅନୁସରଣ କରିପାରେ ନାହିଁ । ବିଶ୍ୱାତ୍ମକ ଗତିଶୀଳତାରେ ଘଟୁଥିବା ପ୍ରଗତିଶୀଳ ପରିବର୍ତ୍ତନଗୁଡ଼ିକ ସହ ସମାନ ଛନ୍ଦ ଓ ସୁସମଞ୍ଜସତା ରକ୍ଷା କରି ନିଜକୁ ପରିବର୍ତ୍ତିତ କରିପାରେ ନାହିଁ, ବିଶ୍ୱ-ପ୍ରକୃତିର ଦାବିକୁ ଏହା କ୍ରମାଗତ ଭାବରେ ପୂରଣ କରିପାରେ ନାହିଁ, ତାହା ସଙ୍ଗେ ତାଳ ମିଳାଇ ଚାଲିପାରେ ନାହିଁ, ଏହା ସେହି ସ୍ରୋତରୁ ବାହାରିଯାଏ । ଏହିପରି ଭାବରେ ରୂପ ବା ଆକୃତି ଏବଂ ପରିବର୍ତ୍ତନ ପାଇଁ ତାହା ଉପରେ ଚାପ ଦେଉଥିବା ଶକ୍ତି — ଏହି ଉଭୟ ଭିତରେ ଗଢ଼ି ଉଠୁଥିବା ବ୍ୟବଧାନ ଓ ଅସମଞ୍ଜସତାର ଗୋଟିଏ ବିନ୍ଦୁରେ ସେହି ରୂପ ବା ଆକୃତିର ସମ୍ପୂର୍ଣ୍ଣ ବିଲୁପ୍ତିକୁ ଆଉ ଏଡ଼ି ଦେବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼େ ।

''ଏହି ନୂତନ ଆକୃତିର ଗଠନ ଆବଶ୍ୟକ, ଏକ ନୂତନ ସମଞ୍ଜସତା ଓ ବିଶୁଦ୍ଧିକୁ ରୂପ ଦେବାକୁ ହେବ । ଏହାହିଁ ହେଉଛି ମୃତ୍ୟୁର ପ୍ରକୃତ ତାତ୍ପର୍ଯ୍ୟ ଏବଂ ବିଶ୍ୱପ୍ରକୃତି ପାଇଁ ଏହାହିଁ ହେଉଛି ତା'ର ଉପଯୋଗିତା । କିନ୍ତୁ ରୂପ ବା ଆକୃତିଟି ଯଦି ଅଧିକ ବେଗକ୍ଷମ ହୁଏ, ଅଧିକ ନମନୀୟ ହୁଏ ଏବଂ ଯଦି ଚେତନାର ପରିବର୍ତ୍ତନ ଅନୁଯାୟୀ ଶରୀରର ଦେହକୋଷଗୁଡ଼ିକ ମଧ୍ୟ ପରିବର୍ତ୍ତନ ପାଇଁ ଜାଗରିତ ହୁଅନ୍ତି, ତା'ହେଲେ ଏକ ଦାରୁଣ ବିଲୁପ୍ତିର ଆଉ କୌଣସି ପ୍ରୟୋଜନ ରହିବ ନାହିଁ ଓ ମୃତ୍ୟୁ ଆଉ ଅନିବାର୍ଯ୍ୟ ହୋଇ ରହିବ ନାହିଁ ।''

(M.C.W., Vol. 3, P. 36 - 37) — ଶ୍ରୀମା

''ମୃତ୍ୟୁ ଆଉ ଅନିବାର୍ଯ୍ୟ ହୋଇ ରହିବ ନାହିଁ ।'' — ଏହି ଘୋଷଣା ପୃଥିବୀର ଆଧ୍ୟାତ୍ମିକ ଇତିହାସର ପ୍ରଥମ ଦୁଃସାହସିକ ଘୋଷଣା । ଏହା ସାଧାରଣ ଭାବରେ ବିଶ୍ୱାସଯୋଗ୍ୟ ନୁହେଁ । ବିଜ୍ଞାନ ଦ୍ୱାରା ଯଦିଓ ମନୁଷ୍ୟର ଆୟୁଷକୁ ପ୍ରଲମ୍ବିତ କରି ହେଉଛି, କିନ୍ତୁ ମୃତ୍ୟୁକୁ ଜୟ କରିବାର କୌଶଳ ଏପର୍ଯ୍ୟନ୍ତ ଆବିଷ୍କାର ହୋଇପାରି ନାହିଁ । ବିଜ୍ଞାନ ସେହି ଗୋଟିଏ ବିନ୍ଦୁରେ ଅଟକି ରହୁଛି । ଯେତେ ଚେଷ୍ଟା କଲେ ମଧ୍ୟ କାହିଁକି ଯେ ମୃତ୍ୟୁ ଅବଶ୍ୟମ୍ଭାବୀ ହୋଇପଡ଼େ, ପୁଣି ବେଳେବେଳେ ମଣିଷ ଶରୀର ଏକ ଯନ୍ତ୍ରଣାକ୍ଲିଷ୍ଟ ଅବସ୍ଥାରେ ରହି ବା କୋମାରେ ରହି ମଧ୍ୟ ମୃତ୍ୟୁଲାଭ କରିପାରେ ନାହିଁ । ବେଳେବେଳେ ଅଲୌକିକ ଭାବରେ ଆସନ୍ନ ମୃତ୍ୟୁରୁ ମଧ୍ୟ ମଣିଷ ରକ୍ଷା ପାଇଯାଏ । ମୃତ୍ୟୁ ମଣିଷ ଜୀବନରେ ଏକ ଦାରୁଣ ରହସ୍ୟ ।

ଜଣେ ଈଶ୍ୱରଙ୍କୁ ଅବିଶ୍ୱାସ କରିପାରେ, କିନ୍ତୁ ମୃତ୍ୟୁକୁ ଅବିଶ୍ୱାସ କରିବାର ପ୍ରଶ୍ନ ଉଠୁ ନାହିଁ । ଏହା ଏକମାତ୍ର ରହସ୍ୟ ଯାହା ଏହି ସୃଷ୍ଟିକୁ ବିଚିତ୍ର ଓ ଅଦ୍ଭୁତ କରିଦେଇଛି । ଏହି କ୍ଷଣରେ ଆମେ ଜଣକ ସହିତ କଥାବାର୍ତ୍ତା ହେଉଥାଉ, ବୁଲୁଥାଉ, ହଠାତ୍ ହୁଏତ ହାର୍ଟ ଆଟାକ୍‌ରେ ସେ ସଙ୍ଗେ ସଙ୍ଗେ ମୃତ୍ୟୁ ବରଣ କରେ । ଆମର ପ୍ରାଣ ଓ ମନ ହାହାକାର କରିଉଠେ । ଲୋକଟି କେଉଁଠାକୁ ଗଲା, କାହିଁକି ହଠାତ୍ ତାହାର ଶରୀର ନିର୍ଜୀବ ହୋଇଗଲା — ଏତେ ଦାୟିତ୍ୱବୋଧ, ସ୍ନେହ, ମମତା, ମୋହ, ସୁଖ, ଦୁଃଖ ସବୁ ହଠାତ୍ ଛାଡ଼ିଦେଇ ସେ କେମିତି ଚାଲିଯାଇ ପାରିଲା ? ଏତେ ବର୍ଷର ପାର୍ଥିବ ଜୀବନ କ'ଣ ତେବେ ଅର୍ଥହୀନ ? ଶିଶୁଟିଏ ଜନ୍ମ ହେଉ ହେଉ ବା ତିନି, ଚାରି ବର୍ଷର ଶୈଶବରେ ଲୀଳାଖେଳା କରୁ କରୁ, ଦୁରାରୋଗ୍ୟ ବ୍ୟାଧିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରେ । ଅଥଚ ଜରାଗ୍ରସ୍ତ, ରୋଗଗ୍ରସ୍ତ ଭିକ୍ଷୁକଟିଏ ରାସ୍ତାରେ ଘୁଷୁରି ଘୁଷୁରି ଯାଉଥାଏ, ମରଣ ତା'ର ପାଖ ମାଡ଼େ ନାହିଁ । ଏହାହିଁ ମୃତ୍ୟୁର ଅଲୌକିକତା, ଦାରୁଣ ରହସ୍ୟ — କୌଣସି ପ୍ରକାର ନୀତି, ନିୟମ, ଭଲପଣିଆ, ଉଦାରତା କି ଶଠତା ମୃତ୍ୟୁର ସମୟକୁ ପ୍ରଭାବିତ କରିବା ଭଳି ଜଣାଯାଏ ନାହିଁ । ଏଥିରୁ ଏତିକି ଜଣାଯାଏ ଯେ ମୃତ୍ୟୁ ଭାଗ୍ୟ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ତା'ପରେ ଏହି ଭାଗ୍ୟବାଦ, କର୍ମଫଳ ଇତ୍ୟାଦିର ତତ୍ତ୍ୱ ପ୍ରତି ଆମର ଅନୁସନ୍ଧିତ୍ସା ଜାଗିଉଠେ ।

ମା' କୌଣସି ଦିନ ଶରୀରର ମୃତ୍ୟୁକୁ ସାଂଘାତିକ ଘଟଣା ବୋଲି କହୁ ନଥିଲେ । ଆଶ୍ରମରେ କାହାର ମୃତ୍ୟୁ ହେଲେ ଭୟଭୀତ ହେବା ପାଇଁ ବାରଣ କରୁଥିଲେ । ଶ୍ରୀମା ଆଶ୍ରମକୁ ଆସିବାର ବହୁ ପୂର୍ବରୁ ଆଲ୍‌ଜେରିଆର ଟ୍ଲେମ୍‌ସେନ୍‌ରେ

ମ୍ୟାକ୍ସ ତେଓଁ ନାମରେ ଜଣେ ଗୁହ୍ୟବିଦ୍ୟାବିଦ୍‌ଙ୍କ ଠାରୁ ଗୁହ୍ୟବିଦ୍ୟା ଶିକ୍ଷା କରିଥିଲେ । ତାଙ୍କୁ ଦେଖିବା ମାତ୍ରେ ଶ୍ରୀମା ଜାଣିଥିଲେ ସେ ''ମୃତ୍ୟୁର ପ୍ରଭୁ''ଙ୍କର ଜଣେ ବିଭୂତି । ତେଓଁଙ୍କର ପତ୍ନୀ ମାଦାମ୍ ତେଓଁ ଶ୍ରୀମା'ଙ୍କୁ ଦେଖିବା ମାତ୍ରେ କହିଥିଲେ ଯେ, ''ତାଙ୍କ ନିକଟରେ ଆଶ୍ରିତ ବ୍ୟକ୍ତିମାନଙ୍କୁ ମୃତ୍ୟୁ ପରବର୍ତ୍ତୀ ସମୟରେ ସାହାଯ୍ୟ କରିବାର କ୍ଷମତା ରହିଛି । ବାସ୍ତବିକ ମା'ଙ୍କର ଏହି ବିଶେଷ କ୍ଷମତା ରହିଥିଲା ବୋଲି ସେ ମଧ୍ୟ କହିଥିଲେ ।

''ଏସବୁ କଥା ଖୁବ୍ ଆକର୍ଷଣୀୟ । ମୁଁ ପୃଥିବୀକୁ ଯେଉଁ କର୍ମ କରିବାକୁ ଆସିଛି ଏହା ତା'ର ଅଂଶ ବିଶେଷ ।... ମୁଁ ଯେତେବେଳେ ତେଓଁଙ୍କର ଶିକ୍ଷା ସମ୍ବନ୍ଧରେ ଜାଣିଲି, ମୁଁ ପୂର୍ବରୁ ଜାଣି ନଥିବା ଅନେକ କଥା ପଢ଼ିଲି ଓ ବୁଝିଲି, ବେଶ୍ ଶୃଙ୍ଖଳିତ ଭାବରେ ଏସବୁ କାମ କରିବାକୁ ଆରମ୍ଭ କଲି । ପ୍ରତି ରାତିରେ, ସମାନ ସମୟରେ ମୁଁ ଗୋଟିଏ ପଥ ତିଆରି କରିବାରେ ଲାଗୁଥିଲି । ଚୈତ୍ୟ ଜଗତ୍ ଓ ସଂପୂର୍ଣ୍ଣ ପାର୍ଥିବ ଜଗତ୍ ମଧ୍ୟରେ, ପ୍ରାଣ ଜଗତ୍ ମଧ୍ୟଦେଇ ଯାଉଥିବା ଏକ ସୁରକ୍ଷାର ପଥ । ଯେପରି କି ଲୋକମାନଙ୍କୁ ଆଉ ପ୍ରାଣ ଜଗତ୍ ଭିତର ଦେଇ ଯିବାକୁ ହେବ ନାହିଁ । (ଯେଉଁମାନେ ସଚେତନ କିନ୍ତୁ ସେମାନଙ୍କର ଏହି ଜ୍ଞାନ ନାହିଁ, ସେମାନଙ୍କ ପାଇଁ ଏହା ଖୁବ୍ ଭୟଙ୍କର ଏକ ବାଟ – ନାରକୀୟ) । ମୁଁ ଏ ପଥଟି ତିଆରି କରୁଥିଲି । ଏହି କାମ କରୁଥିଲି (ଏହା ୧୯୦୩ ବା ୧୯୦୪ ସମୟର କଥା, ମୋର ଠିକ୍ ମନେ ନାହିଁ ) । ମାସ ମାସ ଧରି, ମାସ ମାସ ଧରି । ସେହି ସମୟରେ ଅନେକ ଅଲୌକିକ ଘଟଣା ଘଟୁଥିଲା । ଏବଂ ତା'ପରେ ମୁଁ ଟ୍ଲେମ୍‌ସେନ୍‌ରେ ମାଦାମ୍ ତେଓଁଙ୍କୁ ଏ ସମ୍ବନ୍ଧରେ କହିଲି, ସେ କହିଲେ, ''ତୁମେ ଯେଉଁ କାମ କରିବାକୁ ଏ ପୃଥିବୀକୁ ଆସିଛ, ଏହା ତା'ର ଅଂଶବିଶେଷ । ଯେଉଁ ବ୍ୟକ୍ତିର ସାମାନ୍ୟ ଜାଗ୍ରତ ଚୈତ୍ୟସତ୍ତା ଥିବ, ଯେ ତୁମର ଆଲୋକକୁ ଦେଖି ପାରୁଥିବ, ସେ ମୃତ୍ୟୁ ସମୟରେ ତୁମର ଆଲୋକ ଭିତରକୁ ଚାଲିଯିବ । ସେ ଯେଉଁଠାରେ ବି ପ୍ରାଣ ତ୍ୟାଗ କରିଥାଉ ନା କାହିଁକି ଓ ତୁମେ ସେମାନଙ୍କୁ ଏହି ଜଗତକୁ ଅତିକ୍ରମ କରିବାରେ ସାହାଯ୍ୟ କରିବ ।''

(ଜୁନ୍ ୨୪, ୧୯୬୧)

ଏହା ଆମମାନଙ୍କ ପାଇଁ ଏକ ନିଶ୍ଚିତ ଆଶ୍ୱାସନା ।

ଆହୁରି ଗୋଟିଏ କଥା ମା' କହିଛନ୍ତି, ଯାହା ଆମକୁ ମୃତ୍ୟୁର ଏକ ଦାରୁଣ ଓ ନିଷ୍ଠୁର ଅବବୋଧଠାରୁ ଉର୍ଦ୍ଧ୍ୱକୁ ନେଇଯିବାକୁ ସମର୍ଥ । ''ମୃତ୍ୟୁ କହିଲେ ସାଧାରଣ ଭାବରେ ଚେତନାକୁ ହରାଇବା ବୋଲି ବୁଝାଯାଏ ।... କିନ୍ତୁ ଏହା ଏକ ଭୟାବହ କଥା । ଏହା ସମ୍ଭବ ନୁହେଁ; ତୁମର ଚେତନା କେବେ ବି ନଷ୍ଟ ହୁଏ ନାହିଁ, ତାହା ସମ୍ଭବ ନୁହେଁ । ପୃଥିବୀର ସମସ୍ତ ମୃତ୍ୟୁ ଏହାକୁ ତୁମ ପାଖରୁ ନେଇଯାଇ ପାରିବ ନାହିଁ ।... ଚେତନା ଶାଶ୍ୱତ, ଦିବ୍ୟ, ଏହାକୁ କିଛି ବି ନଷ୍ଟ କରିପାରିବ ନାହିଁ । କେବଳ ଅଚେତନାହିଁ ନଷ୍ଟ ହୋଇଯାଏ, ଚେତନା ନୁହେଁ । ତେଣୁ ଏସବୁ ହେଉଛି ନାଟକ, ସବୁ ଦୁଃଖାତ୍ମକ ନାଟକ, ସମସ୍ତ ଭୟାବହତା, ଆତଙ୍କ, ସବୁ କିଛି ପ୍ରାଣିକ ସ୍ପନ୍ଦନ । ଯେଉଁମାନେ ଭଗବାନଙ୍କର ଯୋଦ୍ଧା ସେମାନେ ଏହା ଦ୍ୱାରା ପ୍ରଭାବିତ ହେବାକୁ ଅନୁମତି ଦିଅନ୍ତି ନାହିଁ । କେବଳ ହସିବାକୁ ହୁଏ, କହିବାକୁ ହୁଏ 'ହଁ, ତୁ ଖୁବ୍ ବଡ଼ ନାଟକ କରିପାରୁ, ଆମେ ଖାତିର କରୁ ନାହୁଁ, ଯଦି ତୁ ଉପଭୋଗ କରୁଛୁ, ତେବେ ଆଗେଇ ଚାଲ – ଆମ ପାଇଁ ଏହା ଏକ ଦେଖାଣିଆ ନାଟକ – କୁତ୍ସିତ ନାଟକ । ଏହା ଆଦୌ ସୁନ୍ଦର ନୁହେଁ, ଦେଖାଣିଆ ନାଟକଟିଏ ମାତ୍ର ।''

(୧୦ ଡିସେମ୍ବର, ୧୯୬୫)

କିନ୍ତୁ ପୃଥିବୀ ବର୍ତ୍ତମାନ ଯେପରି ଅବସ୍ଥାରେ ରହିଛି, ବିରୋଧିଶକ୍ତି, ଆସୁରୀ ଶକ୍ତିସବୁ ମଣିଷର ଶରୀର ମାଧ୍ୟମରେ ସାରାବିଶ୍ୱକୁ ଧ୍ୱଂସ କରିବାରେ ପ୍ରବୃତ୍ତ ହେଉଛନ୍ତି । ସେହି ସମୟରେ ମରଣ ଉପରେ ବିଜୟ ହାସଲ କରିବାରେ ଲାଭ ହେବ ନାହିଁ, ବରଂ ଏହା କ୍ଷତିକାରକ ହେବ । ଆଲୋକ ଅନୁଯାୟୀ, ଅତିମାନସ ଯୋଗର ସାଧକମାନଙ୍କୁ ଏହି ଲକ୍ଷ୍ୟ ଦିଆଯାଇଛି । କାରଣ ପୃଥିବୀପୃଷ୍ଠରେ ଯେଉଁ ଅତିମାନସିକ ସତ୍ତା ଆବିର୍ଭୂତ ହେବ ତାହାର ଶରୀର ଭିନ୍ନ ପ୍ରକାରର ହେବ । ଏହି ପ୍ରଜାତିର ଆବିର୍ଭାବ ନିମିତ୍ତ ଶ୍ରୀମାଶ୍ରୀଅରବିନ୍ଦ ପୂର୍ଣ୍ଣଯୋଗର ପ୍ରବର୍ତ୍ତନ କରିଥିଲେ । ଏବଂ ଆମେମାନେ ସେମାନଙ୍କୁ ଅନୁସରଣ କରି, ବିଶ୍ୱାସ କରି ଏହି ଯୋଗ ପଥରେ ପାଦ ଦେଇଛୁ । ଆମେ ଆମର ମନ, ପ୍ରାଣ ଓ ଶେଷରେ ଶରୀରର ରୂପାନ୍ତର ନିମିତ୍ତ ସାଧନା କରୁଛୁ । ଏହି ଜୀବନରେ ଥିବାବେଳେ ଆମେ ଯଦି ଆମ ଶରୀରର ଜୀବକୋଷମାନଙ୍କୁ ସେମାନଙ୍କର ଅମରତ୍ୱ ସମ୍ବନ୍ଧରେ, ସାରତତ୍ତ୍ୱ ସମ୍ବନ୍ଧରେ ସଚେତନ କରିପାରୁ, ତେବେ ଆମର ଏ ଜନ୍ମର ଶରୀର-ସାଧନା ମୃତ୍ୟୁ ପରେ ନଷ୍ଟ ହୋଇଯିବ ନାହିଁ – ସଚେତନ ଜୀବକୋଷମାନେ ପର ଜନ୍ମରେ ପୁଣି ସଚେତନ ଭାବରେ ଯୋଗସାଧନା କରିଚାଲିବେ । ଏହିପରି ଜନ୍ମଜନ୍ମାନ୍ତର ସାଧନା ପରେ ଶରୀର ଧୀରେ ଧୀରେ ରୂପାନ୍ତର

ହେବ ଏବଂ ଅତିମାନସ ଶକ୍ତିକୁ ଧାରଣ କରିବା ନିମିତ୍ତ ଉପଯୁକ୍ତ ଶରୀର ନିର୍ମିତ ହେବ । ଏଥିପାଇଁହିଁ ପୂର୍ଣ୍ଣଯୋଗର ସାଧକ, ସାଧିକାମାନଙ୍କର ଗୋଟିଏ ଲକ୍ଷ୍ୟ ହେଲା ମୃତ୍ୟୁ ଉପରେ ବିଜୟ ହାସଲ କରିବା ।

ଏଥିପାଇଁ ଆମେ ପ୍ରଥମେ ମୃତ୍ୟୁର ଭୟରୁ ମୁକ୍ତ ହେବା । ମୃତ୍ୟୁକୁ ଇଚ୍ଛା କରିବା ନାହିଁ କିଂବା ମୃତ୍ୟୁ ପ୍ରତି ଘୃଣା ବା ଭୟ ରଖିବା ନାହିଁ । ଏହି ପୃଥିବୀ ନୂତନ ପ୍ରଜାତି ନିମିତ୍ତ ପ୍ରସ୍ତୁତ ହେଉଛି । ତେଣୁ ମୃତ୍ୟୁର ଶାସନକାଳ ମଧ୍ୟ ଶେଷ ହୋଇ ଆସୁଛି, ଯଦିଓ ଆମେ ଏହାକୁ ଉପଲବ୍ଧି କରିପାରୁ ନାହିଁ । କିନ୍ତୁ, ଆମକୁ ଏଥିରେ ଗଭୀର ବିଶ୍ୱାସ ରଖିବାକୁ ହେବ । ଶ୍ରୀମା' ମୃତ୍ୟୁ ସମ୍ବନ୍ଧରେ ଅନେକ ଆକର୍ଷଣୀୟ କଥା କହିଛନ୍ତି । ମୃତ୍ୟୁକୁ ପରାଜିତ କରିବା ପାଇଁ :

''...the essential condition even to prepare for it [the earthly immortality] is to completely abolish all fear of death.

"You must neither fear it nor desire it.

"Stand above it, in an absolute tranquillity neither fear it nor desire it.''

(CWM, Vol. 3 p.188) – The Mother

ଅର୍ଥାତ୍ : ''ଏଥିନିମିତ୍ତ (ପାର୍ଥିବ ଅମରତ୍ୱ) ପ୍ରସ୍ତୁତ ହେବା ପାଇଁ ଆବଶ୍ୟକୀୟ ସର୍ତ୍ତ ହେଉଛି, ''ମୃତ୍ୟୁ ନିମିତ୍ତ ସମସ୍ତ ଭୟକୁ ମୂଳପୋଛ କରିଦେବା ।

''ତୁମେ ମୃତ୍ୟୁକୁ କାମନା କରିବ ନାହିଁ କି ଭୟ କରିବ ନାହିଁ ।

''ଏହାର ଊର୍ଦ୍ଧ୍ୱରେ ଠିଆ ହୁଅ, ପୂର୍ଣ୍ଣ ସ୍ଥିରତାର ସହିତ ଏହାକୁ କାମନା କର ନାହିଁ କିଂବା ଭୟ କର ନାହିଁ ।''

— ଶ୍ରୀମା

ଆମ ଜୀବନର ନିଷ୍ଠୁରତମ ଦୁର୍ଘଟଣା ''ମୃତ୍ୟୁ'' ସମ୍ବନ୍ଧରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ଉପଲବ୍ଧି ଓ ଉପଦେଶ ସମ୍ବନ୍ଧରେ ସଚେତନ ହେଲେ ଆମେ ନିଶ୍ଚିତ ଭାବରେ ଅନ୍ୟ ଗୋଟିଏ ଆୟତନରେ ପ୍ରବେଶ କରୁ । ଯେଉଁଠାରେ ଜୀବନ ଓ ମୃତ୍ୟୁ ସମ୍ବନ୍ଧରେ ଏକ ଭିନ୍ନ ଅବବୋଧ ଆମର ସତ୍ତାକୁ ଆଲୋକିତ କରିଦିଏ । ଆମେ ଅଜ୍ଞତାରୁ ମୁକ୍ତ ହୋଇଯାଉ ଏବଂ ଆମର ଲକ୍ଷ୍ୟ ପୂର୍ଣ୍ଣ ହେବାକୁ ଯେତେ କାଳ ଲାଗିଲେ ମଧ୍ୟ ସେଥିରେ କିଛି ଯାଏ ଆସେ ନାହିଁ । ମୃତ୍ୟୁ ଦ୍ୱାରା ଆମର ଶରୀର ନଷ୍ଟ ହେଲେ ମଧ୍ୟ ଚେତନା ନଷ୍ଟ ହେବ ନାହିଁ । ଆମେ ଯଦି ଏହି ଜନ୍ମରେ ଶରୀର ଜୀବକୋଷର ଯୋଗ ଆରମ୍ଭ କରିଥାଉ, ତେବେ ସେହି ଜୀବକୋଷମାନେ ମଧ୍ୟ ପରଜନ୍ମର ଶରୀର ମଧ୍ୟକୁ ସଞ୍ଚରିତ ହୋଇଯିବେ । ❖

ତୁମେ କହୁଛ ତୁମେ ଏକ ଅଧ୍ୟାତ୍ମିକ ଜୀବନଯାପନ କରିବାକୁ ଚାହଁ, କିନ୍ତୁ ସେଥିପାଇଁ ତୁମେ ବୁଝିବା ଉଚିତ ଯେ ଏଥିପାଇଁ ପ୍ରଥମ ସର୍ତ୍ତ ହେଲା ସମସ୍ତ ନିମ୍ନତର ଗତିବୃତ୍ତି, ସମସ୍ତ ଆକର୍ଷଣ, ସମସ୍ତ ଆସକ୍ତିକୁ ଅତିକ୍ରମ କରିବା, କାରଣ ଏଗୁଡ଼ିକ ଆଧ୍ୟାତ୍ମିକ ଜୀବନର ପୂରାପୂରି ବିପରୀତ ।

ଆଧ୍ୟାତ୍ମିକ ଜୀବନ ଦାବି କରେ ଯେ ଜଣେ ପୂରାପୂରି ଭଗବାନଙ୍କର ଓ କେବଳ ଭଗବତ୍ ଅଭିମୁଖୀ ହେବା । ଜଣେ ଯାହାକିଛି କରିବ, ତାହା କେବଳ ଭଗବାନଙ୍କ ପାଇଁ କରାଯିବା ଉଚିତ । ସମସ୍ତ କର୍ମ, ସମସ୍ତ ଅଭୀପ୍ସା, କୌଣସି କିଛିକୁ ବାଦ୍ ଦେଇ ନୁହେଁ, ସମଗ୍ର ସତ୍ତାର ପୂର୍ଣ୍ଣ ସମର୍ପଣ ସହିତ କେବଳ ଭଗବାନଙ୍କ ଦିଗରେ ଚାଳିତ ହେବା ଉଚିତ ।

ମୁଁ ଜାଣେ ଏହା ଗୋଟିଏ ଦିନରେ ହୋଇଯିବ ନାହିଁ । କିନ୍ତୁ ଏପରି କରିବାର ନିଷ୍ପତ୍ତି ନେବାକୁ ହେବ ଅବିଚଳିତ ଭାବରେ । କେବଳ ଏହି ସର୍ତ୍ତରେ ମୁଁ ତୁମକୁ ଆଧ୍ୟାତ୍ମିକ ଜୀବନ ପାଇଁ ଗ୍ରହଣ କରିପାରେ ।

*୨୯ ଜୁଲାଇ, ୧୯୬୦* — ଶ୍ରୀମା

# ପୂଜ୍ୟ : ପ୍ରଣାମ*

## ଶ୍ରୀ ବିମଳ ପ୍ରସନ୍ନ ଦାସ

ଓଡ଼ିଆ ସାହିତ୍ୟ ଜଗତର ଅନନ୍ୟ ରୂପକାର, ବାଗ୍ମୀ, ସୁଚିନ୍ତକ, ମାନବପ୍ରେମୀ, ଅତିମାନସ ଚେତନାର ବରେଣ୍ୟ ସାଧକ, ପୁନର୍ଜନ୍ମରେ ବିଶ୍ୱାସ ରଖୁଥିବା ଜଣେ ନିରହଂକାର କର୍ମଯୋଗୀ ଥିଲେ ମୋର ପରମ ପୂଜ୍ୟ ତଥା ପ୍ରଜ୍ଞାପୁରୁଷ, ମନୋଜ୍ଞ ମନୋଜ ଦାସ । ବହିର୍ଜୀବନର ଅନ୍ତରାଳରେ ଥିବା ଅନ୍ତର୍ଜୀବନ ବା ଦିବ୍ୟ ଜୀବନର ଉତ୍ତରଣହିଁ ଥିଲା ତାଙ୍କ ବିରଳ ବ୍ୟକ୍ତିତ୍ୱର ଜୀବନାଦର୍ଶ । ଏହା ପ୍ରତିଫଳିତ ହୋଇଛି ତାଙ୍କ ବିପୁଳ ସୃଷ୍ଟି ସମ୍ଭାରରେ ।

ତାଙ୍କ ବ୍ୟକ୍ତିତ୍ୱର ଆକର୍ଷଣୀୟ ଦିଗ ଏପରି ଥିଲା, ଯେକୌଣସି ବ୍ୟକ୍ତି ସେହି ବରେଣ୍ୟ ସାଧକଙ୍କ ସହିତ ଆଳାପରେ ଏକ ସସ୍ନେହ ଅନ୍ତରଙ୍ଗତାର ସ୍ପର୍ଶ ଅନୁଭବ କରି ଆପ୍ଲୁତ ହୋଇଯାଏ । ସେ ଥିଲେ ଆମ ବୌଦ୍ଧିକ ଉପତ୍ୟକାର ଉଷ୍ମ ସୂର୍ଯ୍ୟରଶ୍ମି, ଶୀତଳ ଜ୍ୟୋତ୍ସ୍ନା, ପୁଣି ଚୈତ୍ରର ଚଇତାଳି । ସେ ମଧ୍ୟ ଆମ ଚେତନାର ଉଦ୍‌ଗମୀଷା, ଊର୍ଦ୍ଧ୍ୱଉଡ଼ାଣର ଆମନ୍ତ୍ରଣ । ସେ ଆଜି ନାହାନ୍ତି । ତାଙ୍କ ଅବର୍ତ୍ତମାନରେ ଯେଉଁ ଶୂନ୍ୟତା ସୃଷ୍ଟି ହୋଇଛି ତାହା ଆଉ ପୂରଣ ହେବାର ଆଶା ନାହିଁ ।

ବିଶ୍ୱ କଥା ସାହିତ୍ୟର ଯଶସ୍ୱୀ ରୂପକାର, ଭାରତୀୟ ସଂସ୍କୃତି ତଥା ଜୀବନ ଚଳଣିର ବିଶ୍ୱସ୍ତ ଉପସ୍ଥାପକ, କୋଟି ହୃଦୟର ପ୍ରିୟ କଥାକାର ମନୋଜ ସାର୍ । କଥା ସାହିତ୍ୟର ଏକ ରସନିପୁଣ ଶୈଳୀ ଓ ଭାବଗର୍ଭକ ଆବେଦନ, ପ୍ରବନ୍ଧ ରଚନାରେ ନିଜର ସ୍ୱତନ୍ତ୍ର ବିଶ୍ଳେଷଣ ଓ ବକ୍ତବ୍ୟ, କବିତା ସୃଜନରେ ଗଭୀର ଆତ୍ମିକ ଅନ୍ୱେଷାବୋଧ ଓ ଛନ୍ଦ ବିଳାସ, ଉପନ୍ୟାସରେ ସଚରାଚର ଅନାଲୋଚିତ ବହୁ ଦିଗନ୍ତ ଓ ପରିଧିର ରୂପାୟନ କରି ସେ ସୃଷ୍ଟି କରି ଯାଇଛନ୍ତି ଏକ ଶ୍ରଦ୍ଧାଶୀଳ ପାଠକ ଗୋଷ୍ଠୀ ।

ପ୍ରାଚୀନ କଥା ପରମ୍ପରାର ନବୀନତମ ଉଦ୍‌ଗାତା ଭାବରେ ସେ ଯେମିତି ସାରା ଦେଶରେ ପରିଚିତ, ଆଧୁନିକ ଭାରତବର୍ଷରେ ଅପ୍ରତିଦ୍ୱନ୍ଦ୍ୱୀ ଗଳ୍ପ ଲେଖକ ଭାବରେ ସେ ସେମିତି ଆନ୍ତର୍ଜାତୀୟ ସ୍ତରରେ ସମ୍ମାନିତ ଓ ସ୍ୱୀକୃତ । ଦୀର୍ଘ ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ନିରବଚ୍ଛିନ୍ନ ଭାବରେ ଲେଖନୀ ଚାଳନା ପୂର୍ବକ ଅଜସ୍ର ଗଳ୍ପ, କବିତା, ରମ୍ୟରଚନା, ପ୍ରବନ୍ଧ, ଭ୍ରମଣକାହାଣୀ, ତଥା କିଶୋର ସାହିତ୍ୟ ସୃଷ୍ଟି କରି ସାରସ୍ୱତ ମନ୍ଦିରକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ଜଣେ ଦ୍ୱିଭାଷିକ ଲେଖକ ଭାବରେ ଓଡ଼ିଆ ସାହିତ୍ୟକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପରିଚିତ ତଥା ପ୍ରଂଶସିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରଜ୍ଞାପୁରୁଷ ମନୋଜ ସାର୍ ତାଙ୍କ ଅଲିଭା ଆଲେଖ୍ୟ କାଳ କାଳକୁ ଛାଡ଼ି ଯାଇଛନ୍ତି । ଏହି ସାହିତ୍ୟ ସନ୍ନ୍ୟାସୀଙ୍କ ଚିର ବିଦାୟ ସହିତ ଯେମିତି କକ୍ଷଚ୍ୟୁତ ହୋଇଯାଇଛି ସାହିତ୍ୟାକାଶର ଉଜ୍ଜ୍ୱଳତମ ଜ୍ୟୋତିଷ୍କ ।

୨୦୨୧ ଫେବ୍ରୁଆରୀ ୨୭ ତାରିଖରେ ତାଙ୍କର ଶତାଅଶୀତମ ଜନ୍ମଦିନ ପାଳନ ହୋଇଥିଲା, ମାତ୍ର ସେତେବେଳକୁ ସେ ଶ୍ରୀଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଚିକିତ୍ସାଧୀନ ଥିଲେ । ଭାଗ୍ୟର ବିଡ଼ମ୍ବନା, ସେହି ଅବସ୍ଥାରେ ୨୭ ଏପ୍ରିଲ ରାତି ୮ଟା ୧୦ରେ ମୃତ୍ୟୁ ତାଙ୍କର ପାର୍ଥିବ ଶରୀରକୁ କୋଳେଇ ନେଇଛି ସତ, ମାତ୍ର ତାଙ୍କ ସାହିତ୍ୟ ପୃଥିବୀର ଅଗଣିତ ପାଠକ ପାଠିକାଙ୍କ ହୃଦୟରେ ବସା ବାନ୍ଧିଥିବା ସବୁରି ପ୍ରିୟ ଲେଖକ ମନୋଜ ସାର୍ (ମନୋଜ ଦାସ) ସତେ ଯେପରି ମୃତ୍ୟୁଞ୍ଜୟୀ ପାଲଟି ଯାଇଛନ୍ତି । ତାଙ୍କ ଜନ୍ମସ୍ଥାନ ଶଂଖାରୀରୁ ସାଧନା ପୀଠ ପଣ୍ଡିଚେରୀ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ଝୁରୁଛନ୍ତି । ସବୁରି ମୁହଁରେ ଗୋଟିଏ କଥା – ଏଭଳି ପୁଣ୍ୟାତ୍ମାଙ୍କ ମୃତ୍ୟୁ ନାହିଁ । ସେ ଚିରଞ୍ଜୀବୀ । ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ମରଶରୀରର ସତ୍କାର କରାଯାଇଥିଲା । ଓଡ଼ିଶା ସରକାରଙ୍କ ତରଫରୁ ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କ ପ୍ରତିନିଧି ଭାବରେ ତାଙ୍କ ଶବାଧାରରେ ଶ୍ରଦ୍ଧା ଓ ସମ୍ମାନର ପୁଷ୍ପ ଅର୍ପଣ କରିଥିଲେ । ତାଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ଅଶୋକ ଦାସଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ ତାଙ୍କୁ ସ୍ୱତନ୍ତ୍ର ବିମାନରେ ଓଡ଼ିଶା ସରକାରଙ୍କ ଖର୍ଚ୍ଚରେ ଅନ୍ୟ କୌଣସି

* ଶ୍ରୀଯୁକ୍ତ ମନୋଜ ଦାସଙ୍କ ଶ୍ରାଦ୍ଧ-ବାର୍ଷିକୀରେ ଏକ ଶ୍ରଦ୍ଧାଞ୍ଜଳି ।

ହସପିଟାଲକୁ ନିଆଯାଉ । କିନ୍ତୁ ଆଶ୍ରମ ଛାଡ଼ି ସେ ଯାଇ ନାହାନ୍ତି ।

ଚାହୁଁ ଚାହୁଁ ଗୋଟିଏ ବର୍ଷ ଅତିକ୍ରାନ୍ତ ହୋଇଗଲା । ତାଙ୍କ ସହିତ ମୋର ସମ୍ପର୍କ ଛାତ୍ରାବସ୍ଥାରୁ । ସେ ଖ୍ରୀଷ୍ଟ କଲେଜରେ ଇଂରାଜୀ ସାହିତ୍ୟର ଅଧ୍ୟାପକ ଥିଲେ ଓ ମୁଁ ତାଙ୍କର ଛାତ୍ର ଥିଲି ଦୁଇବର୍ଷ କାଳ । ସେତେବେଳେ ମୁଁ ଓ ମୋର ସହପାଠୀ ସୌଭାଗ୍ୟ ଖ୍ରୀଷ୍ଟ କଲେଜର ଛାତ୍ର । କୌଣସି କାରଣରୁ ଆମ ଦୁଇଜଣଙ୍କୁ ସାର୍ ସ୍ୱତନ୍ତ୍ର ଦୃଷ୍ଟିରେ ଦେଖୁଥିଲେ । ସେ ଆମ ଦୁହିଁଙ୍କୁ ତାଙ୍କ ''ଦିଗନ୍ତ'' ପ୍ରେସ୍‌କୁ ଯିବାକୁ କହିବାରୁ ଆମେ ଗଲୁ । ନବପ୍ରକାଶିତ ବହି ଯାହା ତାଙ୍କ ପାଖକୁ ଯାଏ, ସେଥିରୁ ଗୋଟିଏ ଲେଖାଏଁ ଆମକୁ ଦେଇ ସେ ବହି ସମ୍ପର୍କରେ ମତାମତ ସଂକ୍ଷେପରେ ଲେଖିବାକୁ କହନ୍ତି । ଆମେ ଦୁହେଁ ଲେଖା ଦେବା ପରେ ସେ ଆବଶ୍ୟକୀୟ ସଂଶୋଧନ କରି ତାଙ୍କ ସମ୍ପାଦିତ ''ଦିଗନ୍ତ'' ପତ୍ରିକାରେ ପ୍ରକାଶ କରନ୍ତି । ସୌଭାଗ୍ୟ ମିଶ୍ର ଆଜି କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ କରିଛି । ସାର୍ ଘଟଣାକ୍ରମରେ ତାଙ୍କ ଦିଗନ୍ତ ପ୍ରେସ୍ କବି ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଦେଇ ୧୯୬୩ ରେ ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ ଚାଲିଗଲେ । ଏ ସମ୍ବାଦ ମୁଁ ଖ୍ରୀଷ୍ଟ କଲେଜର ଅନ୍ୟ ଜଣେ ଇଂରାଜୀ ଅଧ୍ୟାପକଙ୍କୁ ପଚାରି ବୁଝିଥିଲି ।

ତାଙ୍କର ଉଦାର ହୃଦୟ ଓ ସମ୍ବେଦନଶୀଳ ବିଚାରବୋଧ ମୁଁ ଅନେକ ଘଟଣାରେ ଅନୁଭବ କରିଛି । ମୁଁ ତାଙ୍କ ପାଇଁ ଥିଲି ଖଣ୍ଡେ ଖୋଲା ବହି । ସେ ମୋ ଜୀବନର ଶୂନ୍ୟତାବୋଧ ଅନୁଭବ କରି ଅନେକ ଥର ମୋତେ ଆଶୀର୍ବାଦ ଦେଇ କହିଛନ୍ତି ତୁମେହିଁ ତୁମର ପରିଚୟ । ମୁଁ Odisha Administrative Serviceରେ ଯୋଗ ଦେବା ପରେ ତାଙ୍କୁ ଜଣାଇବାରୁ ମୋତେ କହିଲେ କେବେ ଏଠାକୁ ଆସୁଛ ? ତା'ପରେ ମୋର ଦୁଇବର୍ଷ ପ୍ରୋବେସନ ସମୟରେ ହାଇଦ୍ରାବାଦକୁ Development Administration ସମ୍ପର୍କରେ ତାଲିମ ପାଇଁ ରାଜ୍ୟ ସରକାର ପଠାଇଲେ । ସେଠାରୁ ମୁଁ ସାର୍‌ଙ୍କୁ ଚିଠିଟିଏ ଦେଇଥିଲି ଯେ ପୂଜା ଛୁଟିରେ ଅନ୍ୟ ରାଜ୍ୟରୁ ଆସିଥିବା ଅଫିସରମାନେ ଯିଏ ଯାହା ଘରକୁ ଗଲେ । ମୁଁ କିନ୍ତୁ ପଣ୍ଡିଚେରୀ ଚାରିଦିନ ପାଇଁ ଯିବି । ମୁଁ ଯାଇ ନବଜ୍ୟୋତି କାର୍ଯ୍ୟାଳୟରେ ନିଜର ପରିଚୟ ଦେବାରୁ କାର୍ଯ୍ୟାଳୟରେ କର୍ମରତ ଜଣେ ସାଧକ ମୋତେ କହିଲେ ତୁମ ବିଷୟରେ ମନୋଜ ବାବୁ ଆମକୁ କହିବା ସହିତ ତୁମ ଚେହେରା ମଧ୍ୟ ବର୍ଣ୍ଣନା କରିଛନ୍ତି । ମୋର ଓଡ଼ିଶା ଗେଷ୍ଟ ହାଉସ୍‌ରେ ରହିବା ବ୍ୟବସ୍ଥା ହୋଇଥାଏ । ସେ ଜଣେ ପିଲା ସହିତ ମୋତେ ସେଠାକୁ ପଠାଇ ଦେଲେ । ସେ ମଧ୍ୟ ସାଉଥ୍ ଇଣ୍ଡିଆନ୍ ହୋଟେଲକୁ ନେଇଗଲେ । ସେଠାରେ ଖାଇସାରି ମୋତେ ମନୋଜ ସାରଙ୍କ ବାସଭବନ (ଭଡ଼ାଘରେ)ରେ ଛାଡ଼ି ଫେରିଗଲେ ।

ସାର୍ ମୋତେ କହିଲେ, କାଲି ଦଶହରା, ତୁମର ଜନ୍ମଦିନ । ରାତିରେ ଆଶ୍ରମ ଭୋଜନାଳୟରେ ଖାଇବାର କାର୍ଡ଼ ସାର୍ ଆଣିଥିବାରୁ ତାକୁ ମଧ୍ୟ ମୋତେ ଦେଲେ । କହିଲେ କାଲି ସକାଳେ ତୁମେ ଡାଇନିଂ ପରେ ଆଶ୍ରମରେ ଥିବ । ମୁଁ ''ସମାଧି''ରେ ଅନ୍ୟମାନଙ୍କ ସହ ପ୍ରଣାମ କରିସାରି ଅପେକ୍ଷା କରିଥାଏ – ସାର୍ ଆସିଲେ ଓ କହିଲେ ଗୋଟିଏ ଗୋଲାପ ବୁକେ କିଣି ଆଣ – ତୁମେ ଶ୍ରୀମା'ଙ୍କ ସାକ୍ଷାତ୍ ଦର୍ଶନ ପାଇଁ ଯିବ । ତାହାହିଁ ହେଲା । ମୁଁ ଗୋଲାପ ତୋଡ଼ାଟି ନେଇ ମା'ଙ୍କ କକ୍ଷକୁ ଗଲି । ସେଠାରେ ମା'ଙ୍କ ପାଖରେ ଚମ୍ପକଲାଲ ଥିଲେ । ପରେ ଜାଣିଲି ସେ ମା'ଙ୍କ ସିଂହ (The Lion of The Mother) । ସେ ଠାରିଲେ ଆଣ୍ଠେଇ ପଡ଼ । ଶ୍ରୀମା'ଙ୍କ ଆଖିକୁ ଅନାଇବା ପାଇଁ ମନୋଜ ସାର୍ କହିଥିବା ବେଳେ ଶ୍ରୀମା ମୋ ମଥାକୁ କୋଳକୁ ନେଇ ଆଉଁଶିବାକୁ ଲାଗିଲେ । ମା ହାତ ଅପସାରଣ କଲା ମାତ୍ରେ ଚମ୍ପକଲାଲ ନିର୍ଦ୍ଦେଶ ଦେଲେ ଯିବାକୁ । ମା ତାଙ୍କ ଆଡ଼କୁ ହାତ ବଢ଼ାଇବାରୁ ସେ ମା'ଙ୍କୁ ଗୋଟିଏ ବଡ଼ ରଜନୀ ଗନ୍ଧା ତୋଡ଼ା ଦେଲେ ଓ ସେ ଗୋଟିକୁ ମାଆ ମୋତେ ଦେଲେ । ମୁଁ ମା'ଙ୍କୁ ପ୍ରଣାମ ଜଣାଇ ଆସିଲି । ମନୋଜ ସାର୍ ପ୍ରାର୍ଥନା କକ୍ଷରେ ମୋତେ ଅପେକ୍ଷା କରିଥା'ନ୍ତି । ମୁଁ ଆସି ସାରଙ୍କ ପାଦ ଛୁଇଁ ପ୍ରଣାମ କଲି । ସାର୍ କହିଲେ ''ବିମଳ ତୁମେ ଭାଗ୍ୟବାନ୍'' । କହିଲି ସାର୍ ଆପଣ ମୋ ଜୀବନର କେଉଁ ପୃଷ୍ଠା ପଢ଼ି ନାହାନ୍ତି ଯେ ମୋତେ ଆଜି ଭାଗ୍ୟବାନ୍ କହୁଛନ୍ତି । ଏତିକି କହିଲା ବେଳେ ମୁଁ ଅଶ୍ରୁଳ ହୋଇ ଯିବାରୁ ସାର୍ ମୋ ଆଖିରୁ ଲୁହ ପୋଛି ଦେଇ କହିଲେ – ଏ ରଜନୀଗନ୍ଧା ଫୁଲର ମହତ୍ତ୍ୱ ହେଉଛି ଶ୍ରୀମା ତୁମର ଅନ୍ତରାତ୍ମାକୁ ଦେଖିଛନ୍ତି ଓ ଜାଣିଛନ୍ତି ତୁମେ ତାଙ୍କ ନୂତନ ସୃଷ୍ଟିର (New Creation) ଅଂଶ ବିଶେଷ । ସାର୍ କହିଲେ ତୁମେ ଗୋଟିଏ ବ୍ୟାଗ୍ କିଣି ଏ ଫୁଲକୁ ସାଥୀରେ ନେଇ ଫେରିଯିବ, ଘରେ ଯତ୍ନରେ ରଖି ଶୁଖି ଗଲେ ତାକୁ ସମୁଦ୍ରରେ ବିସର୍ଜନ କରିଦେବ ।

ଏହିପରି ଅନେକ କଥା । ସାର୍ ମୋ ଅନୁରୋଧରେ ସମ୍ବଲପୁର ଜିଲ୍ଲାର ଉପାନ୍ତ ଅଞ୍ଚଳ କୁଚିଣ୍ଡା ମଧ୍ୟ ଆସିଛନ୍ତି । ମୁଁ

ସେଠାରେ ବି.ଡ଼ି.ଓ ଥାଏ । କୁଚିଣ୍ଡା ମହାବିଦ୍ୟାଳୟ, ବାଳକ ଓ ବାଳିକା ମଧ୍ୟଇଂରାଜୀ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, କଲେଜର ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ''ପଦ୍ମଫୁଲ'' (LOTUS) ସମ୍ପର୍କରେ ଦୀର୍ଘ ଦୁଇଘଣ୍ଟା ଭାଷଣ ଦେଇଛନ୍ତି । ଏହିପରି ଆହୁରି ଅନେକ ଘଟଣା । ସାର୍ କହିଥିଲେ ପ୍ରଶାସନିକ କାର୍ଯ୍ୟ ସହିତ ତୁମେ ଏଣିକି ମା'ଙ୍କ କାମ କରିବ – ଏହାହିଁ ମା'ଙ୍କ ଇଚ୍ଛା । ତାହାହିଁ ହୋଇଛି । ମୁଁ ଯେଉଁଠି ଅବସ୍ଥାପିତ ହୋଇଛି ସେଠାରେ ମା'ଙ୍କ ପାଠଚକ୍ର ଓ ସ୍କୁଲ କରିବାରେ ସମ୍ପୃକ୍ତ ହୋଇଛି ।

ସାର୍ ଯେତେବେଳେ ଓଡ଼ିଶା ଆସନ୍ତି ମୁଁ ତାଙ୍କୁ ସାକ୍ଷାତ୍ କରେ, ତାଙ୍କର ରହିବା ପାଇଁ ''ରାଜ୍ୟ ଅତିଥି ଭବନ''ରେ ବ୍ୟବସ୍ଥା କରେ । ଶେଷରେ ସେ ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଘରେ ରହିବାରୁ ସେଠାରେ ତାଙ୍କୁ ଯାଇ ସାକ୍ଷାତ୍ କରେ । ତାଙ୍କ ସହିତ ଶେଷ ସାକ୍ଷାତରେ ସେ ମୋତେ କହିଲେ ମୋ ଆଗରେ ତୁମେ ବାଡ଼ି ଧରି ଚାଲିଲ । ଦୁଃଖ ଲାଗୁଛି । କହିଲି ଆଣ୍ଠୁ ଦୁଇଟି ''ଆର୍ଥରାଇଟ୍'' ହୋଇଗଲା । ଅସ୍ତ୍ରୋପଚାର ପାଇଁ ଡାକ୍ତର ମନା କଲେ । ଶେଷରେ କହିଲି, ''ସାର୍ ! ବ୍ୟାଧି କ'ଣ ବୟସର ବିଚାର କରେ ?'' ମୋ ପାଇଁ ତାଙ୍କର ଦୁଃଖୋକ୍ତି – ସେ ମୋ ଶିକ୍ଷାଗୁରୁ-ଦୀକ୍ଷାଗୁରୁ-ଆଲୋକର ବତୀଘର ।

ଆଜି ସେ ନାହାନ୍ତି । ସେ ମୋର ସ୍ମୃତିର ସମ୍ପଦ । ମାତୃ ବିହାର ଖଣ୍ଡଗିରିରେ ଗୋଟିଏ ଆଧ୍ୟାତ୍ମିକ ସମାବେଶରେ ଉଦ୍‌ବୋଧନ ଦେବା ପୂର୍ବରୁ ସମାଜର ସେତେବେଳର ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମିଶ୍ର ତାଙ୍କୁ ପଚାରିଲେ, ଆପଣ ଶ୍ରୀମା'ଙ୍କୁ ପ୍ରଥମେ ଯେବେ ଦର୍ଶନ କଲେ, ସେ ସମ୍ପର୍କରେ କିଛି କୁହନ୍ତୁ । ସାର୍ କହିଲେ ମୋର ଆଧ୍ୟାତ୍ମିକ ସମ୍ବଳ ଅତ୍ୟନ୍ତ ସୀମିତ । ସେତକ ଖର୍ଚ୍ଚ କରିଦେଲେ ମୁଁ ନିଃସ୍ୱ ହୋଇଯିବି । ଉତ୍ତରରେ ଶ୍ରୀଯୁକ୍ତ ମିଶ୍ର ଅନୁରୋଧ କଲେ ଅନ୍ତତଃ ପାଠକମାନଙ୍କ ପାଇଁ କିଛି କୁହନ୍ତୁ ।

ସାର୍ କହିଲେ, ''ଅନ୍ୟ ଦର୍ଶନାର୍ଥୀଙ୍କ ସହିତ ଠିଆ ହୋଇ ଶ୍ରୀମାଙ୍କୁ ଟେରାସ୍‌ରେ ଦର୍ଶନ କଲାବେଳେ ଦେଖିଲି, ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମହିମା, ଚନ୍ଦ୍ରମାର ଶାନ୍ତ ଶୀତଳ ସ୍ନିଗ୍ଧତା, ଦୂର ଦିଗ୍‌ବଳୟର ଉଦାର ନୀରବତା ଓ ମହାକାଶର ବ୍ୟାପ୍ତି'' – ଗୋଟିଏ ମାନୁଷୀ ମୁଖମଣ୍ଡଳ ଭିତରେ ଏତେ ଦିବ୍ୟ ଐଶ୍ୱର୍ଯ୍ୟ ପୁଞ୍ଜୀଭୂତ ହୋଇପାରେ ! କବିତା ଲେଖୁ ନାହିଁ ବନ୍ଧୁ – ମୋର ଅନୁଭୂତି ପ୍ରକାଶ କରୁଛି । ପଣ୍ଡିଚେରୀରେ ରହି ଅତୀନ୍ଦ୍ରିୟ ସାହିତ୍ୟ ଅଧ୍ୟୟନ କଲା ପରେ ଜାଣିଲି ଏହା ଥିଲା ମୋର ବିରଳ ଅତୀନ୍ଦ୍ରିୟ ଉପଲବ୍ଧି ।''

ଆଜି ତାଙ୍କ ଅବର୍ତ୍ତମାନରେ ମୋ ପରି ଅନେକେ ଏକ ଶୂନ୍ୟତା ଅନୁଭବ କରୁଛନ୍ତି । ସେ ମୋର ପରମ ପୂଜ୍ୟ – ତାଙ୍କୁ କୋଟି ପ୍ରଣାମ । ❖

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

ଶ୍ରଦ୍ଧାଞ୍ଜଳି :

# ଆତ୍ମୀୟତାର ଏକ ମଧୁର ଆଲେଖ୍ୟ – ମଧୁଭାଇନା

ଶ୍ରୀଅରବିନ୍ଦ ଆଶ୍ରମର ଅନ୍ତେବାସୀ, ନବଜ୍ୟୋତି କାର୍ଯ୍ୟାଳୟର ଜଣେ ଦକ୍ଷ କର୍ମୀ ଶ୍ରୀ ମଧୁସୂଦନ ମିଶ୍ର – ଯାହାଙ୍କୁ ଆମେ ସମସ୍ତେ ଆଦର ଓ ସମ୍ମାନର ସହ ଡାକୁ 'ମଧୁ ଭାଇନା' । ସେ ଓଡ଼ିଶା ମାଟିରେ ଭୂମିଷ୍ଠ ହୋଇଥିଲେ ୧୯୩୧ ମସିହା ଜାନୁଆରୀ ୨୫ ତାରିଖରେ । ଓଡ଼ିଶାର ମାତୃଭକ୍ତ ଓ ମାତୃ ପରିବାର ନିକଟରେ ସେ ଥିଲେ ଜଣେ ଶ୍ରଦ୍ଧାମୟ ବ୍ୟକ୍ତିତ୍ୱର ନିଛକ ନମୁନା । ସବୁ ବର୍ଗ ଓ ବୟସର ବ୍ୟକ୍ତିମାନଙ୍କର ସେ ଥିଲେ ପରମ ଆତ୍ମୀୟ । ସେ ଯେମିତି ସରଳ, ତାଙ୍କର ନିକଟ ସାନ୍ନିଧ ଲାଭ କରିବା ସେମିତି ସହଜ । ଜୀବନ ଥିଲା ତାଙ୍କର ମାତୃ-କରୁଣାସିକ୍ତ, ମାତୃସେବା ବ୍ରତରେ ଅନୁପ୍ରାଣିତ । ତାଙ୍କର ମନଖୋଲା ହସ, ପ୍ରାଣୋଚ୍ଛ୍ୱାସଭରା ବକ୍ତବ୍ୟ – କେବଳ ମା'ଙ୍କ ପାଇଁ ବଞ୍ଚିବାର ଦୃଢ଼ ପ୍ରତ୍ୟୟ ଭରି ଦେଉଥିଲା । ଓଡ଼ିଶାରେ ମାତୃକାର୍ଯ୍ୟର ପ୍ରାରମ୍ଭ ତଥା ପାଠଚକ୍ରର ଅୟମାରମ୍ଭରୁ ସେ ତା ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇ ରହିଥିଲେ । କଥା କହୁ କହୁ ସେ କେତେ ଅନୁଭୂତିର ଅବତାରଣା କରନ୍ତି । ସବୁ କଥାର ଅନ୍ତସ୍ୱର କିନ୍ତୁ ଦିବ୍ୟ ଜନନୀଙ୍କ କରୁଣାରେ ଝଲସୁ ଥାଏ । ତାଙ୍କ ବକ୍ତବ୍ୟର କେନ୍ଦ୍ରବିନ୍ଦୁ ହେଉଛନ୍ତି ସ୍ୱୟଂ 'ମାଆ'; ସବୁ ଭିତରେ ମାତୃକାର୍ଯ୍ୟର ଅବତାରଣା । ସେସବୁ ଅଭିବ୍ୟକ୍ତିର ମର୍ମବାଣୀ ଥିଲା, ଯୁଗ୍ମାବତାର ଦିବ୍ୟଜନନୀ ଓ ପରମ ପ୍ରଭୁଙ୍କ ପ୍ରଦର୍ଶିତ ତଥା ନିର୍ଦ୍ଦେଶିତ ମାର୍ଗରେ ଜୀବନ ନିର୍ବାହ କରିବାରେ ସାର୍ଥକ ଜୀବନର ମନ୍ତ୍ର ନିହିତ ହୋଇ ରହିଛି । ଅନ୍ୟସବୁ ଅସାର, ମୂଲ୍ୟହୀନ ।

ଜୀବନକୁ ନେଇ ମଧୁଭାଇନାଙ୍କ ବହୁବିଧ ଚମକପ୍ରଦ ପରୀକ୍ଷା ନିରୀକ୍ଷା - ଯାହାକୁ ସେ ନିଜେ ଲେଖିଯାଇଛନ୍ତି ମୁଦ୍ରଣ ଅପେକ୍ଷାରେ ଥିବା ତାଙ୍କର ଆତ୍ମ ଜୀବନୀ 'ମାତୃକୃପା ଅହେତୁକୀ'ରେ । ସାଧାରଣ ଗତାନୁଗତିକ ଜୀବନ ଗୁଳାରେ ଚାଲିବାର ପ୍ରବଣତା ତାଙ୍କର ନଥିଲା । ଶିକ୍ଷାଲାଭ, ଚାକିରି, ବିବାହ – ସବୁ ତାଙ୍କର ଜୀବନରେ ଯଥା ସମୟରେ ସଂଗଠିତ ହୋଇଥିଲେ ବି ଜୀବନ ତାଙ୍କର ଆଉ କିଛି ଖୋଜି ବୁଲୁଥିଲା ।

ସମାଜ ସେବାଠାରୁ ତନ୍ତ୍ର ସାଧନା ତଥା ସରକାରୀ ଚାକିରି, ସବୁ ଭିତରେ ତାଙ୍କର ସୃଜନୀ ପ୍ରତିଭା ତାଙ୍କୁ ଆଗକୁ ବାଟ କଢ଼େଇ ନେଇଛି । ତେବେ ସବୁ କାର୍ଯ୍ୟରେ ଭିନ୍ନ ସ୍ୱାଦର ଅନୁଭୂତି । ଜୀବନର ଉଠାଣି-ଗଡ଼ାଣି, ସୁଯୋଗ-ଦୁର୍ଯୋଗ, ସଂପଦ-ବିପଦ ସବୁ ଭିତରେ ଗୋଟାଏ ଦିବ୍ୟ ସାନ୍ନିଧର ସ୍ପର୍ଶ – ନିଜର ଅଜାଣତରେ ସେ ସାଧନାର ରାଜପଥର ସନ୍ଧାନରେ ହିଁ ଥିଲେ । ଘଟଣାକ୍ରମେ ତାଙ୍କର ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମ ତଥା ପୂଜ୍ୟ ବାବାଜି ଶ୍ରୀ ରାମକୃଷ୍ଣ ଦାସଙ୍କ ସହ ସମ୍ପର୍କ ସ୍ଥାପନ ହୁଏ । ବାବାଜି ମହାରାଜଙ୍କର ମନ୍ତ୍ରପୂତ ପତ୍ରସବୁ ତାଙ୍କୁ ପୂର୍ଣ୍ଣଯୋଗ ପାଇଁ ଆକୃଷ୍ଟ କରେ । ଜୀବନର ଅନେକ ଅଲୋଡ଼ା ବନ୍ଧନ ହୁଗୁଳି ଯାଏ । ସମ୍ମୁଖରେ ଖୋଲି ଯାଏ ସାଧନାର ସୂର୍ଯ୍ୟଦୀପ୍ତ ପଥ ।

ପ୍ରଥମ ଥର ପାଇଁ ମଧୁଭାଇନା ପଣ୍ଡିଚେରୀରେ ମା'ଙ୍କ ଦର୍ଶନ ଲାଭ ପାଇଁ ଆସନ୍ତି ୧୯୬୫ ମସିହା ଅଗଷ୍ଟ ୧୪ ତାରିଖରେ । ମା'ଙ୍କର ପ୍ରଥମ ଦର୍ଶନର ଅନୁଭୂତି ତାଙ୍କର ଅବର୍ଣ୍ଣନୀୟ । ତାଙ୍କ ଭାଷାରେ – ପଣ୍ଡିଚେରୀର ମାଟି, ପାଣି, ପବନ ଭିତରେ ଅପୂର୍ବ ଶିହରଣ । ମହା ସମାଧି, ସମୁଦ୍ର, ଆଶ୍ରମର ସାଧକବୃନ୍ଦ, ବିଦ୍ୟାଳୟର ଛୋଟ ଛୋଟ ଶିକ୍ଷାର୍ଥୀ – ସବୁକିଛି ତାଙ୍କୁ ନେଇଯାଉଥାଏ କେଉଁ ଅତୀନ୍ଦ୍ରିୟ ରାଜ୍ୟକୁ । ନବଜ୍ୟୋତି କାର୍ଯ୍ୟାଳୟ ତାଙ୍କୁ ଲାଗୁଥାଏ ନିଜର ଜନ୍ମ ସ୍ଥାନ ଭଳି । ବାବାଜିଙ୍କର ଶିଶୁସୁଲଭ ହସ, ଅକପଟ ଅନାବିଳ ସ୍ନେହ, କରୁଣାଭରା ଉପଦେଶ ତାଙ୍କର ଚଲାପଥର ପାଥେୟ ଭଳି ପ୍ରତୀତ ହେଲା । ବାବାଜି ଶ୍ରୀ ରାମକୃଷ୍ଣ ଦାସ ହୋଇ ଉଠିଲେ ତାଙ୍କର ସାଧନା ପଥର ଦିଶାରୀ, ପଥ ପ୍ରଦର୍ଶକ । ପରବର୍ତ୍ତୀ ସମୟରେ ସେ ବାରଂବାର ଆଶ୍ରମ ଆସିବାକୁ ଲାଗିଲେ ।

ଚାକିରିରୁ ସ୍ୱେଚ୍ଛାକୃତ ଭାବେ ଅବ୍ୟାହତି ନେଲା ପରେ ସେ ଓଡ଼ିଶାରେ ସଂଗଠିତ ମାତୃକାର୍ଯ୍ୟରେ ନିଜକୁ ସମ୍ପୂର୍ଣ୍ଣ ନିୟୋଜିତ କରି ରଖିଲେ । କର୍ମଭୂମି ଓଡ଼ିଶାରେ ପ୍ରପତ୍ତିଙ୍କ ନିର୍ଦ୍ଦେଶ ଓ ବ୍ୟକ୍ତିଗତ ସାଧନା କ୍ଷେତ୍ରରେ ବାବାଜି ଶ୍ରୀ ରାମକୃଷ୍ଣ ଦାସଙ୍କର ଆତ୍ମିକ ପ୍ରେରଣା, ପରାମର୍ଶ ତାଙ୍କର ଜୀବନ ଯାତ୍ରାର ପାଥେୟ ହୋଇ ଉଠିଲା ।

ସାଂଗଠନିକ କାର୍ଯ୍ୟରେ ଦକ୍ଷତା ତାଙ୍କର ସହଜାତ । ନିଜର ସରକାରୀ ଚାକିରି ଠାରୁ ଆରମ୍ଭ କରି ମାତୃକାର୍ଯ୍ୟ ପର୍ଯ୍ୟନ୍ତ

ସେ ସଫଳତାର ସହ ତା'ର ପ୍ରୟୋଗ କରିଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଙ୍କର ଅଧିକ ରୁଚି, ନାଟକ ଓ ସଙ୍ଗୀତ ରଚନା, ପାଲା, ଦାସକାଠିଆ ଓ ବକ୍ତୃତା ପ୍ରଭୃତି ଭିତରେ ସେ ନିଜକୁ ଅଧିକ ନିଖୁଣ ଓ ପ୍ରାଞ୍ଜଳ ଭାବରେ ଅଭିବ୍ୟକ୍ତ କରି ପାରୁଥିଲେ ।

ପତ୍ନୀ ଓ ସନ୍ତାନସନ୍ତତିଙ୍କୁ ନେଇ ତାଙ୍କର ଏକ ପରିପୂର୍ଣ୍ଣ ସଂସାର । କିନ୍ତୁ ଅହରହ ମଧୁଭାଇନାଙ୍କ ହୃଦୟରେ ଗୁଞ୍ଜରିତ ହୋଇ ଉଠୁଥିଲା ସରକାରୀ ଚାକିରିରେ ସଫଳତା, ଅର୍ଥ ଉପାର୍ଜନ, ପଦପଦବୀ, ପଦୋନ୍ନତି – ଏସବୁ କ'ଣ ତାଙ୍କ ଜୀବନର ଲକ୍ଷ୍ୟ ? ହଠାତ୍ ଦିନେ ତାଙ୍କର ଜୀବନର ଋତୁ ବଦଳିବାର ସମୟ ଆସିଲା – ଉଚ୍ଚ ପାହିଆକୁ ପ୍ରମୋସନ ପାଇବା ସମୟରେ ହିଁ ସେ ଚାକିରିରୁ ଇସ୍ତାଫା ଦେଇଦେଲେ । ଚାକିରି ଛାଡ଼ି ଦାରିଦ୍ର୍ୟ, ଅନଟନରେ ଜୁଡୁବୁଡୁ ସେ । ତେବେ ମାତୃକାର୍ଯ୍ୟର ଆନନ୍ଦ ଓ ଐଶ୍ୱର୍ଯ୍ୟ ସେସବୁ ଅକ୍ଲେଶରେ ଉଡ଼ାଇ ଦେଉଥାଏ । ତାଙ୍କର ଜୀବନ କାହାଣୀ ସେସବୁର ଏକ ମଧୁର ଆଲେଖ୍ୟ ।

ପରବର୍ତ୍ତୀ ସମୟରେ ବାବାଜି ମହାରାଜଙ୍କ ସହାୟତା ଓ ନିର୍ଦ୍ଦେଶ କ୍ରମେ ସେ ସପରିବାରେ ଶ୍ରୀଅରବିନ୍ଦ ଆଶ୍ରମକୁ ଚାଲି ଆସିଲେ । ପ୍ରପତ୍ତିଙ୍କ ସିଧାସଳଖ ତତ୍ତ୍ୱାବଧାନରେ ଅଳ୍ପ କେତେକ ଅଗ୍ରଣୀ ମାତୃପ୍ରେମୀଙ୍କ ସହ ଶ୍ରୀଅରବିନ୍ଦ ଆକ୍‌ସନ ପ୍ରୋଗ୍ରାମରେ ସାମିଲ ହେଲେ । ମାତ୍ର ପରିବାରର ଆବଶ୍ୟକତା ମେଣ୍ଟାଇବାକୁ ତାଙ୍କର ସମ୍ବଳ ନଥାଏ । ଚାରିଟି ସନ୍ତାନର ଜନନୀ ପ୍ରଭାତୀ ଦେବୀଙ୍କର ଦାୟିତ୍ୱ ଅନେକ ପରିମାଣରେ ବଢ଼ିଗଲା । ମା' କରୁଣାମୟୀ । ତାଙ୍କର କୃପା ପଣତ ତଳେ କେହି ଅସୁଖୀ ହୋଇ ରହି ପାରେନା । ସମୟ କ୍ରମେ ପିଲାମାନେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟୟନ କରି ଉଚ୍ଚଶିକ୍ଷା ପ୍ରାପ୍ତ ହେଲେ ଏବଂ ନିଜେ ଚୟନ କଲେ ନିଜର ଜୀବନ ବଞ୍ଚିବାର ଶୈଳୀ । ଅବଶ୍ୟ ସଫଳ ଭାବେ ପରିବାରର କର୍ତ୍ତବ୍ୟ ସମ୍ପାଦନ କରି ପିଲାମାନଙ୍କୁ ଉପଯୁକ୍ତ ଭାବେ ଗଢ଼ି ତୋଳିବାର ସମସ୍ତ ଶ୍ରେୟ ମଧୁଭାଇନା ଦିଅନ୍ତି ପ୍ରଭାତୀ ଦେବୀଙ୍କୁ ।

୧୯୬୪ ମସିହାରେ କୌଣସି ଏକ ସମୟରେ ବାବାଜି ମହାରାଜ ମଧୁଭାଇନାଙ୍କ ନିକଟକୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଥିଲେ, ''... ମା'ଙ୍କ କାର୍ଯ୍ୟ କରିବା ପାଇଁ ଆପଣଙ୍କର ଜନ୍ମ ।...'' ବାସ୍ତବିକ ତାଙ୍କ ଜୀବନରେ ଅକ୍ଷରେ ଅକ୍ଷରେ ତାହାହିଁ ଘଟିଛି । ଚାକିରି ଅବସ୍ଥାରୁ ହିଁ ସେ ମାତୃକାର୍ଯ୍ୟରେ ତଥା ପାଠଚକ୍ର ପ୍ରେମରେ ପଡ଼ିସାରିଥିଲେ । ଜୀବନର ମୂଳ ମନ୍ତ୍ର ଓ ସାଧନାର ମୂଳ ସୂତ୍ର ହୋଇ ଉଠିଥିଲା ପାଠଚକ୍ର । କହିବାକୁ ଗଲେ ପାଠଚକ୍ର, ଶିବିର, ସମ୍ମିଳନୀର ମୋହ ତାଙ୍କୁ ଆଚ୍ଛନ୍ନ କରି ରଖିଥିଲା । ସହଯାତ୍ରୀମାନେ ମଧ ତାଙ୍କର ବେଶ୍ ଦକ୍ଷ ଓ ପ୍ରବୀଣ; କିଏ ଭାଷଣରେ ତ କିଏ ଯୋଗ ଓ ଆସନ ଶିଖାଇବାରେ । ବିଶେଷ କରି ସେସମୟରେ ଆୟୋଜିତ ଶିବିରମାନଙ୍କରେ ତାଙ୍କ ସହ ସହଯୋଗ କରୁଥିବା ମାତୃ ସନ୍ତାନମାନଙ୍କ ମଧ୍ୟରୁ ଅନ୍ୟତମା ଥିଲେ ନାରୀ କବି ବିଦ୍ୟୁତ୍‌ପ୍ରଭା । ସେମାନଙ୍କର କର୍ମଭୂମି ହୋଇ ଉଠିଥାଏ ସମଗ୍ର ଓଡ଼ିଶା – କଳାହାଣ୍ଡି ଠାରୁ କେନ୍ଦ୍ରାପଡ଼ା ଯାଏ ।... ଏହି ମାତୃପ୍ରେମୀମାନଙ୍କର ପଦଚିହ୍ନ ଏବେ ବି ଓଡ଼ିଶା ମାଟିରେ ଫିକା ପଡ଼ି ଯାଇନି । ୧୯୭୦ ମସିହା ବେଳକୁ ବହୁ ସଂଖ୍ୟକ ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ର ସମାଜ, ଶିବିର, ସେମିନାର ସହ ତାଳ ମିଳାଇ ଆରମ୍ଭ ହୋଇଗଲା 'ପୂର୍ଣ୍ଣାଙ୍ଗ ଶିକ୍ଷା'ର ଆନ୍ଦୋଳନ ।

୧୯୭୦ ମସିହାର ଶେଷାର୍ଦ୍ଧରେ ବାବାଜି ମହାରାଜ ଓ ପ୍ରପତ୍ତିଙ୍କ ନେତୃତ୍ୱରେ ମଧୁଭାଇନା ନବଜ୍ୟୋତି କାର୍ଯ୍ୟାଳୟର ପ୍ରତିନିଧି ରୂପେ ଓଡ଼ିଶାର ସଂଗଠନ କାର୍ଯ୍ୟରେ ମନ, ପ୍ରାଣ ଢାଳି ଦେଇଥିଲେ । ଧୀରେ ଧୀରେ ସେହି ସଂଗଠନ କାର୍ଯ୍ୟର ରୂପରେଖ ପରିବର୍ତ୍ତିତ, ପରିମାର୍ଜିତ ହେବାକୁ ଲାଗିଲା । ଅନେକ ନୂତନ ଉତ୍ସାହୀ ରାଜ୍ୟ ସଂଗଠକମାନେ ସହଯୋଗ କରିବାକୁ ଆରମ୍ଭ କଲେ । ୧୯୮୬ -୮୭ ବେଳକୁ ଜୁଲାଇ ଗସ୍ତ କାର୍ଯ୍ୟକ୍ରମରେ ଅନାଦି ଭାଇ ଓ ଭଜ ଭାଇ ପ୍ରମୁଖ ମିଳିତ ଭାବେ କାର୍ଯ୍ୟ କରିବାକୁ ଆରମ୍ଭ କରି ସାରିଥିଲେ ।

ଓଡ଼ିଶାର କୋଣ ଅନୁକୋଣରେ ଝଙ୍କୃତ ହୋଇ ଉଠୁଥିଲା ନବ ଚେତନାର ବୀଜ ମନ୍ତ୍ର । କେଉଁ ଅଦୃଶ୍ୟ ତପସ୍ୱୀଙ୍କର ସାଧନାର ଫଳ ସ୍ୱରୂପ ମୁକୁଳିତ ହେବାକୁ ଆରମ୍ଭ କଲା 'ସାଧନାଳୟ'ସବୁ । ସେସବୁ ସାଧନାଳୟର ଅଗ୍ରଣୀ ପାହାଡ଼ ଜଙ୍ଗଲ ଘେରା ଡାଳିଯୋଡ଼ାର ତପୋଭୂମି 'ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର' । ଏହା ଗଢ଼ି ଉଠିଥିଲା ପୂଜ୍ୟ ବାବାଜି ମହାରାଜ ଓ ଶ୍ରୀ ପ୍ରପତ୍ତିଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ । ୧୯୭୪ ମସିହା ଜୁନ୍ ୩୦ ତାରିଖରେ ଶ୍ରୀ ପ୍ରପତ୍ତି ୨୧ ଜଣ ମାତୃକର୍ମୀଙ୍କୁ ଧରି ସେଠାରେ ଉପସ୍ଥିତ ହେଲେ । ସେଦିନ ମିଳିତ ଧ୍ୟାନ ଓ ପ୍ରାର୍ଥନା ସହ ସର୍ବସମ୍ମତି କ୍ରମେ ସେଠାରେ ଏକ ଆଶ୍ରମ କରିବାର ସିଦ୍ଧାନ୍ତ ନିଆଯାଇଥିଲା । ମଧୁଭାଇନା ସେଠାରେ ୧୯୭୪ ମସିହାରୁ ୧୯୮୬ ପର୍ଯ୍ୟନ୍ତ ଅନ୍ତେବାସୀ ରୂପେ କାର୍ଯ୍ୟ କରିଛନ୍ତି ।

ସେଠାକାର ଅନ୍ତେବାସୀ ସାଧକମାନଙ୍କର ଶ୍ରମ ଓ ସାଧନା, ଶ୍ରୀ ପ୍ରପତ୍ତିଙ୍କର ଉଦ୍ୟମ, ବାବାଜି ମହାରାଜଙ୍କର ଆସ୍ପୃହା ସର୍ବୋପରି ଦିବ୍ୟଜନନୀଙ୍କର କୃପା ଓ ଆଶୀର୍ବାଦରେ ଡାଳିଯୋଡ଼ା ଏକ ସଫଳ ସାଧନାଳୟ ହେବାକୁ ଆରମ୍ଭ କଲା । ୧୯୭୮ ମସିହା ଏପ୍ରିଲ ୪ ତାରିଖରେ ସେଠାରେ ପରମ ପ୍ରଭୁଙ୍କ ଦେହାଂଶ ପ୍ରତିଷ୍ଠା ହେଲା । ସେ ଭୂମି ଆହୁରି ମହିମାଦୀପ୍ତ ହୋଇ ଉଠିଲା । ମଧୁ ଭାଇନାଙ୍କ ଭାଷାରେ ଡାଳିଯୋଡ଼ାରେ ୧୨ ବର୍ଷ ରହଣି କାଳ ଭିତରେ ଦିବ୍ୟ ଜନନୀ ତାଙ୍କୁ ଅନେକ ଅମୂଲ୍ୟ ଅନୁଭୂତିମାନ ଦେଇଛନ୍ତି । ବ୍ୟକ୍ତିଗତ ସାଧନାକୁ କରିଛନ୍ତି ଅନ୍ତର୍ମୁଖୀ ।

୧୯୮୬ ମସିହାରୁ ମଧୁଭାଇନା ସ୍ଥାୟୀ ଭାବରେ ରହିଲେ ଶ୍ରୀଅରବିନ୍ଦ ଆଶ୍ରମରେ, କାର୍ଯ୍ୟ ତାଙ୍କର ନବଜ୍ୟୋତି କାର୍ଯ୍ୟାଳୟରେ । ୧୯୯୨ ପ୍ରାରମ୍ଭରେ ସେ ହୋଇଗଲେ ଆଶ୍ରମ ଅନ୍ତେବାସୀ । ଶାରୀରିକ ଅସୁସ୍ଥତା ସତ୍ତ୍ୱେ ସେ ଲେଖାଲେଖିରେ ବ୍ରତୀ ଥିଲେ । ବାବାଜି ମହାରାଜ ଓ ପ୍ରପତ୍ତିଙ୍କ ଚିଠିପତ୍ରର ଉତ୍ତର ଦେବା ତାଙ୍କର ମୁଖ୍ୟକାର୍ଯ୍ୟ ଥିଲା । ପରବର୍ତ୍ତୀ ସମୟରେ ବାବାଜି ମହାରାଜ ଓ ପ୍ରପତ୍ତିଙ୍କ ଜୀବନୀକୁ ସଂକ୍ଷେପରେ ଲିପିବଦ୍ଧ କରିବା କାର୍ଯ୍ୟ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଛି ।

ନବଜ୍ୟୋତି କାର୍ଯ୍ୟାଳୟର ସେ ଥିଲେ ଜଣେ କର୍ତ୍ତବ୍ୟନିଷ୍ଠ, ନିରଳସ, ନିୟମିତ କର୍ମୀ । ଶରୀର ଅସୁସ୍ଥ ହେବାର କିଛି ବର୍ଷ ପୂର୍ବରୁ କାର୍ଯ୍ୟାଳୟରେ ତାଙ୍କର ଉପସ୍ଥାନ ଥିଲା ସର୍ବ ପ୍ରଥମ । ପ୍ରାୟତଃ କାର୍ଯ୍ୟାରମ୍ଭର ପ୍ରଥମ ଘଣ୍ଟାଟି ସେ କିଛି ଲେଖାଲେଖିରେ ନିବିଷ୍ଟ ହୁଅନ୍ତି । ଓଡ଼ିଶାର ଦର୍ଶନାର୍ଥୀ ସମସ୍ତେ ତାଙ୍କର ଆତ୍ମିକ ପରିବାର । ଆଶ୍ରମ ଭୋଜନାଳୟରେ ପ୍ରାତଃ ଭୋଜନ ପରେ ଅନେକ ମାତୃକର୍ମୀ ତାଙ୍କର ସାକ୍ଷାତ୍ ପାଇଁ ଆସି କାର୍ଯ୍ୟାଳୟରେ ଭିଡ଼ ଜମାନ୍ତି । କେବେ କେବେ ନବଜ୍ୟୋତି ବାରଣ୍ଡାରେ ବେଶ୍ ବଡ଼ ଗ୍ରୁପ୍ ବସିଯାଆନ୍ତି ମଧୁ ଭାଇନାଙ୍କ ଠାରୁ କିଛି ଶୁଣିବା ପାଇଁ । ତାଙ୍କର ବକ୍ତବ୍ୟ କାହାଣୀଧର୍ମୀ । ବେଶ୍ ରସେଇ ମଜେଇ ଖୋଲି ବସନ୍ତି ତାଙ୍କର ଅନୁଭୂତିର ଗନ୍ତାଘର । ତେବେ ସେ କାହାଣୀ ତ ଆଉ ପରୀ ରାଇଜର କାହାଣୀ ନୁହେଁ – ଏଇ ମାଟି, ପାଣି, ପବନ ଭିତରେ ହଜି ଭିଜି ରହିଥିବା ଅଙ୍ଗେ ନିଭେଇବାର କଥା ଯେଉଁଥିରେ ଉଦ୍ଦୀପ୍ତ ହୋଇ ରହିଥାଏ ଦିବ୍ୟ ଜନନୀଙ୍କର ଅହେତୁକୀ କୃପାର ପ୍ରଲେପ – ଯାହାର ମଧୁର ଶୀତଳ ସ୍ପର୍ଶ ଦେହ, ମନକୁ ଛୁଇଁ ଯାଏ – କେଉଁ ଅତିନ୍ଦ୍ରୀୟ ରାଜ୍ୟର ଯାତ୍ରୀ ହେବା ପାଇଁ ଆମନ୍ତ୍ରଣ ଜଣାଏ ।

ବାସ୍ତବିକ୍, ଆମର ଜୀବନ କ'ଣ ସେଇ ଦିବ୍ୟ ଜୀବନର ଅଧିକାରୀ ହେବା ପାଇଁ ଉଦ୍ଦିଷ୍ଟ ନୁହେଁ କି ! ଅନ୍ତରର ଗହନ ଗୋପନରେ ସେ ଆଲୋକର ଉଦ୍‌ଭାସ ତା'ର ସମସ୍ତ ଐଶ୍ୱର୍ଯ୍ୟ ନେଇ ଆମକୁ ସତତ ଅପେକ୍ଷା କରି ରହିଛି, ଆମନ୍ତ୍ରଣ ଜଣାଉଛି ତା'ର ସହଯାତ୍ରୀ ହେବା ପାଇଁ । ତେବେ ଯାତ୍ରାରେ ବିଳମ୍ବ କାହିଁକି ? ଏଇ ମୁହୂର୍ତ୍ତ ଆମର ସେଇ ପରମ ବାଞ୍ଛନୀୟ ଅଧ୍ୟାତ୍ମ ଯାତ୍ରାର ଶୁଭ ମୁହୂର୍ତ୍ତ ହେଉ – ଏତିକି ପ୍ରାର୍ଥନା ।

(ଉପସ୍ଥାପନା : **ଜୟନ୍ତୀ**) ✣

*ପ୍ରଶ୍ନ : 'ସମର୍ପଣ' ଓ 'ଚେତନାର ପ୍ରତ୍ୟେକ ସ୍ତର'ର ଅର୍ଥ କ'ଣ ?*

ଶ୍ରୀମା : ଏହାର ଅର୍ଥ ହେଉଛି ଦେହର ସମର୍ପଣ, ପ୍ରାଣର ସମର୍ପଣ, ମନର ସମର୍ପଣ, ଚୈତ୍ୟସତ୍ତାର ସମର୍ପଣ । ଏବଂ ତୁମେ ଯଦି ତୁମ ସତ୍ତାର ଅନ୍ୟାନ୍ୟ ଅଂଶଗୁଡ଼ିକ ସଂପର୍କରେ ସଚେତ ଥାଅ... ତୁମକୁ ପ୍ରଥମେ ତୁମ ସତ୍ତାର ବିଭିନ୍ନ ଅଂଶଗୁଡ଼ିକ ଭିତରେ ଥିବା ପାର୍ଥକ୍ୟ ଜାଣିବାକୁ ହେବ, ଏବଂ ଯେତେବେଳେ ତୁମେ ସ୍ପଷ୍ଟ ଭାବରେ ସେଗୁଡ଼ିକୁ ପରସ୍ପରଠାରୁ ପୃଥକ୍ କରିପାରିବ ସେତେବେଳେ ଗୋଟିକ ପରେ ଗୋଟିକୁ ଭଗବାନଙ୍କ ପାଖରେ ନିବେଦନ କରିବାକୁ ହେବ ।

ସାଧନା-ପରମ୍ପରା :

# ବୌଦ୍ଧମାର୍ଗରେ ଶ୍ୱାସ-ପ୍ରଶ୍ୱାସର ସାଧନା

ସାଢ଼େ ତିନି ହାତ ପରିମାଣ ଏହି ଶରୀରରେ ଯେଉଁଠି ଚୈତନ୍ୟ ଓ ମନ ରହିଛି, ସେଇ ସ୍ଥାନରେ ଜଗତର ସୃଷ୍ଟି, ସ୍ଥିତି ଓ ପ୍ରଳୟ ହେଉଛି ଏବଂ ଏହି ସଂସାର ଆବର୍ତ୍ତ ଭିତରୁ ପରିନିର୍ବାଣର ପଥ ମଧ୍ୟ ରହିଛି ।

ସାଧକ ଅରଣ୍ୟରେ, ବୃକ୍ଷ ମୂଳରେ ଅଥବା କୌଣସି ଉପାଧିଶୂନ୍ୟ ନିର୍ଜନ ସ୍ଥାନରେ ବସି ପଦ୍ମାସନରେ ଦେହ ସରଳ ଓ ସିଧା ରଖି ନାସିକାର ଅଗ୍ରଭାଗରେ ଚିତ୍ତ ସ୍ଥିର କରି ସାଧନର ବିଷୟ ବା ଧ୍ୟେୟ ବସ୍ତୁରେ ମନ ସଂଯୋଗ କରିବେ । ତା'ପରେ ବିଶେଷ ଧୈର୍ଯ୍ୟର ସହ ଅଭିନିବେଶ ପୂର୍ବକ ପ୍ରତ୍ୟେକଟି ଶ୍ୱାସ ପ୍ରଶ୍ୱାସ ଦିଗରେ ଲକ୍ଷ୍ୟ ରଖି ନିମ୍ନ ପ୍ରକାରରେ ସାଧନା କରିବେ ।

(୧) ସେ ସ୍ମୃତିଶୀଳ ହୋଇ ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗ କରନ୍ତି । ଅର୍ଥାତ୍ ଶ୍ୱାସ ଗ୍ରହଣ ସମୟରେ ତାଙ୍କର ପରିଷ୍କାର ଅନୁଭୂତି ହେବ ଯେ ସେ ଶ୍ୱାସ ଗ୍ରହଣ କରୁଛନ୍ତି, ଏବଂ ପ୍ରଶ୍ୱାସ ତ୍ୟାଗ ସମୟରେ ସେ ଜାଣୁଥିବେ ଯେ ସେ ପ୍ରଶ୍ୱାସ ତ୍ୟାଗ କରୁଛନ୍ତି । ଏହି ଭାବରେ ସ୍ମୃତିଶୀଳ ହୋଇ ଅର୍ଥାତ୍ ଅତୀତ ଓ ଭବିଷ୍ୟତ୍ ପ୍ରତି ଦୃଷ୍ଟି ନ ରଖି କେବଳ ବର୍ତ୍ତମାନ ଉପରେ ଏକାଗ୍ର ହୋଇ ଶ୍ୱାସ ଗ୍ରହଣ ଓ ତ୍ୟାଗ କରିବେ ।

(୨) ଶ୍ୱାସ ପ୍ରଶ୍ୱାସର ଟାଣ ଯଦି ଲମ୍ବା ହୁଏ, ତେବେ ସେ ଜାଣିବେ ସେ ଦୀର୍ଘ ଶ୍ୱାସ ପ୍ରଶ୍ୱାସ ଗ୍ରହଣ ଓ ତ୍ୟାଗ କରୁଛନ୍ତି । ହ୍ରସ୍ୱ ହେଲେ ମଧ୍ୟ ସେସମ୍ପର୍କରେ ସେ ଅବହିତ ରହିବେ ।

(୩) ସେ ସର୍ବାଙ୍ଗରେ ଶ୍ୱାସ ପ୍ରଶ୍ୱାସର ସ୍ପନ୍ଦନ ବା କମ୍ପନ ବା ଟାଣ ଅନୁଭବ କରୁଛନ୍ତି, ଏହି ଭାବରେ ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗକୁ ଅନୁଭବ କରିବେ । ଏଠାରେ ସର୍ବାଙ୍ଗର ଅର୍ଥ ବୁଦ୍ଧ ଘୋଷଙ୍କ ମତରେ ନାଭିଠାରୁ ନାସାଗ୍ର ପର୍ଯ୍ୟନ୍ତ । ଯେହେତୁ ଶ୍ୱାସ ପ୍ରଶ୍ୱାସର ଉତ୍ପତ୍ତି ଓ ଅବସାନ ନାଭିଠାରୁ ନାସାଗ୍ର ପର୍ଯ୍ୟନ୍ତ ।

(୪) ଶ୍ୱାସ ପ୍ରଶ୍ୱାସ ପ୍ରତି ଲକ୍ଷ୍ୟ ରଖି ଦେହର ସଂସ୍କାର ପ୍ର-ସ୍ତମ୍ଭିତ ବା ବିଲୁପ୍ତ ହେଉ, ଏହି ଭାବରେ ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗ କରିବେ ।

ଏହି ଚାରିଟି ଶ୍ଳୋକ ହେଲା ପ୍ରଥମ ଚତୁଷ୍କ । ଏହାର ପ୍ରଥମଟିରେ ଶ୍ୱାସ ପ୍ରଶ୍ୱାସ ଚଳିବାର ଜ୍ଞାନ, ୨ୟଟିରେ ଶ୍ୱାସ ପ୍ରଶ୍ୱାସ ଦୀର୍ଘ ଓ ହ୍ରସ୍ୱ ହେବାର ଜ୍ଞାନ, ତୃତୀୟରେ ସର୍ବ ଶରୀର ବ୍ୟାପୀ ଶ୍ୱାସ ପ୍ରଶ୍ୱାସର କାର୍ଯ୍ୟ ହେବାର ଜ୍ଞାନ ଏବଂ ଚତୁର୍ଥଟିରେ ଦେହ ସଂସ୍କାର ତ୍ୟାଗ ନେଇ ନିରୋଧାଭିମୁଖୀ ହୋଇବାର ଜ୍ଞାନ ସୂଚିତ ହେଉଛି ।

(୫) ପ୍ରତି ଶ୍ୱାସ ପ୍ରଶ୍ୱାସହିଁ ପ୍ରୀତି ଉନ୍ମେଷକ, ଏହି ଭାବରେ ଶ୍ୱାସ ପ୍ରଶ୍ୱାସ ଗ୍ରହଣ ଓ ତ୍ୟାଗ କରିବେ ।

(୬) ପ୍ରତି ଶ୍ୱାସ ପ୍ରଶ୍ୱାସରେ ସୁଖ ଉତ୍ପତ୍ତି ହେଉଛି, ଏହି ଭାବ ନେଇ ଶ୍ୱାସ ପ୍ରଶ୍ୱାସ ଗ୍ରହଣ ଓ ତ୍ୟାଗ କରିବେ ।

(୭) ପ୍ରତି ଶ୍ୱାସ ପ୍ରଶ୍ୱାସରେହିଁ ଚିତ୍ତ ସଂସ୍କାରର ଅର୍ଥାତ୍ ଉପେକ୍ଷା ବେଦନା ଇତ୍ୟାଦିର ଉନ୍ମେଷ ହେଉଛି, ଏହି ପ୍ରକାର ଅନୁଭବ କରିବାକୁ ଚେଷ୍ଟା କରିବେ ।

(୮) ଚିତ୍ତ ସଂସ୍କାର ପ୍ରଶମିତ, ଦମିତ, ଶାନ୍ତ ଓ ନିରୋଧ କରି କରି ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗ କରିବେ ।

ପଞ୍ଚମରୁ ଅଷ୍ଟମ ପର୍ଯ୍ୟନ୍ତ ଚାରିଟି ସୂତ୍ର ନେଇ ଦ୍ୱିତୀୟ ଚତୁଷ୍କ କରାହୋଇଛି । ଏହି ଦ୍ୱିତୀୟ ଚତୁଷ୍କରେ କୁହାଯାଇଛି ଦେହର ସଂସ୍କାର ତ୍ୟାଗ କରି ପାରିଲେ ମନ ଅନ୍ତର୍ମୁଖୀ ହୁଏ, ବିକ୍ଷିପ୍ତତା କମିଯାଏ, ଏକାଗ୍ରତା ବୃଦ୍ଧି ପାଏ ଓ ତହିଁରେ ପ୍ରୀତି, ସୁଖ ପ୍ରଭୃତି ଭାବର ଉଦ୍ରେକ ହୁଏ । ତା'ପରେ ପୁଣି ଏହି ଚତୁଷ୍କର ଶେଷ ଭାଗରେ ଏହି ଚିତ୍ତବୃତ୍ତିଗୁଡ଼ିକର ନିରୋଧ କରିବା କଥା କୁହାଯାଇଛି । ଶ୍ୱାସ ପ୍ରଶ୍ୱାସ ଅବଲମ୍ବନରେ ଭିତରର ପ୍ରତ୍ୟେକଟି ଭାବ ପ୍ରଥମେ ଜାଗ୍ରତ୍ କରି ତା'ପରେ ତଦ୍ଦ୍ୱାରା ସମୂଳ ଉତ୍ପାଟନର କୌଣସି କଥା କୁହାଯାଇଛି ।

(୯) ଉପରୋକ୍ତ ଉପାୟରେ ଚିତ୍ତ ବୃତ୍ତିହୀନ ହେଲେ ପ୍ରତି ଶ୍ୱାସ ପ୍ରଶ୍ୱାସରେ ସେହି ଚିତ୍ତର ବିକାଶ ହୁଏ । ଏହି ଭଳି ବୃତ୍ତିବିହୀନ ଚିତ୍ତକୁ ପ୍ରକଟ କରି କରି ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗ କରିବାକୁ ହେବ ।

(୧୦) ପ୍ରତି ଶ୍ୱାସ ପ୍ରଶ୍ୱାସରେ ଚିତ୍ତ ଅଭି-ପ୍ରମୋଦିତ ଅର୍ଥାତ୍ ଆନନ୍ଦମୟ ହେଉଛି, ଏହି ଭାବରେ ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗ କରିବାକୁ ଶିକ୍ଷା କରିବାକୁ ହେବ ।

(୧୧) ପ୍ରତି ଶ୍ୱାସ ପ୍ରଶ୍ୱାସରେ ଚିତ୍ତ ସମଭାବାପନ୍ନ ଓ ସମାହିତ ହେଉଛି, ଏହି ଭାବରେ ଚିତ୍ତକୁ ସମ୍ୟକ୍ ସମାନ ଭାବରେ ସ୍ଥାପନ କରି କରି ସମାହିତ ବା ସମାଧିଯୁକ୍ତ କରି କରି ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗ କରିବାକୁ ହେବ ।

(୧୨) ପ୍ରତି ଶ୍ୱାସ ପ୍ରଶ୍ୱାସକୁ 'ପଞ୍ଚ ନିବାରକ' ଅର୍ଥାତ୍ ନିର୍ବାଣର ପାଞ୍ଚଟି ପ୍ରତିବନ୍ଧକ ଯଥା : ଅବିଦ୍ୟା, ଅସ୍ମିତା, ଆନନ୍ଦ ପ୍ରଭୃତି ପଞ୍ଚଭାବରୁ ସମ୍ପୂର୍ଣ୍ଣ ବିମୁକ୍ତ ହୋଇ ଶୁଦ୍ଧ ହେବା । ବୁଦ୍ଧାବସ୍ଥାପନ୍ନ ହେଉଛି, ଏହି ଭାବରେ ସାଧକ ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗ କରିବାକୁ ଶିକ୍ଷା କରିବେ ।

ନବମରୁ ଦ୍ୱାଦଶ ପର୍ଯ୍ୟନ୍ତ, ଏହି ଚାରିଟି ସୂତ୍ର ନେଇ ତୃତୀୟ ଚତୁଷ୍କ କରାହୋଇଛି । ତୃତୀୟ ଚତୁଷ୍କରେ ଏହା ବିଶେଷ ଭାବରେ କୁହାଯାଇଛି ଯେ ଚିତ୍ତର ବୃତ୍ତି ନିରୋଧ ହେଲେ ମଧ୍ୟ ମୂଳ ଚିତ୍ତଟି ରହିଯାଏ । ସୁତରାଂ ପ୍ରଥମରେ ତାହାକୁ ଆହୁରି ପରିସ୍ଫୁଟ କରି ନେବାକୁ ହେବ, ତହିଁରେ ଆନନ୍ଦ ଅବସ୍ଥା ଲାଭ ହେବ । ଆନନ୍ଦର ଆତିଶଯ୍ୟରେ ଚିତ୍ତ ସମ୍ପୂର୍ଣ୍ଣ ଏକାଗ୍ର ହେବ । ଏହା ପରେ ତୀକ୍ଷ୍ଣ ଏକାଗ୍ରତା ସହକାରେ ପରୀକ୍ଷା କରି, ଚିତ୍ତର ଗୁପ୍ତ ସଂସ୍କାର ଆଦି ଯାହା କିଛି ଥିବ, ସେଗୁଡ଼ିକୁ ଦୂରୀଭୂତ କରିବାକୁ ହେବ । ସୁଖ, ପ୍ରୀତି, ଆନନ୍ଦ ସବୁ କିଛିହିଁ ନିର୍ବାଣର ବିରୋଧୀ । ଏହି ସମସ୍ତକୁ ନିର୍ମୂଳ କରି ଶୁଦ୍ଧ, ବୁଦ୍ଧ, ମୁକ୍ତ ଅବସ୍ଥାରେ ଉପନୀତ ହେବାକୁ ହେବ ।

ସର୍ବଶେଷରେ 'ଚତୁର୍ଥ ଚତୁଷ୍କ'ରେ 'ଆନା ପାନା ସତି' ଅର୍ଥାତ୍ ଶ୍ୱାସ ପ୍ରଶ୍ୱାସ ଅବଲମ୍ବନରେ ସାଧନାର ସହିତ 'ବିଦର୍ଶନ ଭାବନା' କରିବା ପାଇଁ ଉପଦେଶ ଦିଆଯାଇଛି । ପୂର୍ବୋକ୍ତ ପ୍ରଣାଳୀରେ ସାଧନ ଦ୍ୱାରା ଚିତ୍ତର ଯେଉଁ ବିଶୁଦ୍ଧି ଆସେ ତାହା ସାମୟିକ ଓ ଅସମ୍ପୂର୍ଣ୍ଣ । ଯେପରି ପୁଷ୍କରିଣୀରେ ଢେଲାଟିଏ ନିକ୍ଷେପ କଲେ କିଛି ସମୟ ପାଇଁ ତାହା ଏକ ଶୂନ୍ୟ ସ୍ଥାନ ସୃଷ୍ଟି କରି ପରେ ପୁଣି ତାହା ଲୋପ ହୋଇଯାଏ, ସାଧନା ଦ୍ୱାରା ଚିତ୍ତ ସର୍ବସଂସ୍କାର ରହିତ ହେଲେ ମଧ୍ୟ ସଂସ୍କାରର ମୂଳ ରହିଯାଏ । ସୁଯୋଗ ପାଇଲେ ଏହା ପୁଣି ଉଠିଆସି ଚେତନାକୁ ଆଚ୍ଛନ୍ନ କରି ଦିଏ । ଏହାକୁ ସମ୍ପୂର୍ଣ୍ଣ ନିର୍ମୂଳ କରିବାକୁ ହେଲେ ଶ୍ୱାସ ପ୍ରଶ୍ୱାସରେ 'ଅନିତ୍ୟ, ଦୁଃଖ, ଅନ୍ୟତମ' ବୋଲି ପ୍ରତ୍ୟୟ ଆଣିବାକୁ ହେବ । ସେତେବେଳେ ବୈରାଗ୍ୟର ଉଦୟ ହେବ । କୌଣସି ଅବସ୍ଥାରେ ଆବଦ୍ଧ ରହିବାକୁ ଇଚ୍ଛା ହେବ ନାହିଁ । ଏହି ଭାବରେ ନିରୋଧ ଦିଗରେ ଯେତେ ଅଗ୍ରସର ହେବ, ସେତେହିଁ ସମସ୍ତ ସଂସ୍କାର ନିସର୍ଜିତ ବା ପରିତ୍ୟକ୍ତ ହେବ । ସେତେବେଳେ ନିର୍ବାଣ ଲାଭ ହେବ ।

ସାଧକ ତୃତୀୟ ଚତୁଷ୍କର ଅବସ୍ଥାରେ ପହଞ୍ଚିବା ପୂର୍ବରୁ 'ବିଦର୍ଶନ ଭାବନା' ସମ୍ଭବପର ହୁଏ ନାହିଁ । ନାନାପ୍ରକାର କଳ୍ପନା-ଜଳ୍ପନା, ବିବାଦ-ବିତର୍କ, ଭୁଲ୍-ଭ୍ରାନ୍ତି, ସୁଖ ସମୃଦ୍ଧି, ଆମୋଦ ପ୍ରମୋଦ ପ୍ରଭୃତି ମନର ଭାବ ରହିଥିବାରୁ ସଂସାର ଚକ୍ରରେ ପୁନଃ ପୁନଃ ଜନ୍ମ, ମୃତ୍ୟୁ, ଜରା, ବ୍ୟାଧିର ଯନ୍ତ୍ରଣା ଭୋଗ କରିବାକୁହିଁ ହେବ । ସତ୍ୟମିଥ୍ୟା, ପାପ-ପୁଣ୍ୟ, କର୍ତ୍ତବ୍ୟାକର୍ତ୍ତବ୍ୟ ବୁଦ୍ଧି ସଂସ୍କାର ମାତ୍ର । ବାସ୍ତବିକ ଏଗୁଡ଼ିକର କୌଣସି ଅସ୍ତିତ୍ୱ ନାହିଁ । କାରଣ ମୁଁ ଯାହାକୁ ପାପ ବୋଲି ମନେ କରେ, ଅନ୍ୟ ଜଣେ ଠିକ୍ ତାହାକୁହିଁ ପୁଣ୍ୟ ବୋଲି ମନେ କରେ । ଏହି ସମସ୍ତ ସଂସ୍କାର ଯୋଗୁଁ ଆମର ମିଥ୍ୟା ଧାରଣା ଜନ୍ମିଛି । ଆମେ କ୍ଷଣସ୍ଥାୟୀ ସଂସାରକୁ ସତ୍ୟ ବୋଲି ଭାବୁଛୁ । ଅନିତ୍ୟ, ଦୁଃଖଦ, ଅନାତ୍ମ ଜଗତକୁ ନିତ୍ୟ, ସୁଖପ୍ରଦ ଓ ପରମାତ୍ମାର ପ୍ରକାଶମାନ ଅବସ୍ଥା ବୋଲି ମନେ କରୁଛୁ । ଏହି ସମସ୍ତ ଭ୍ରାନ୍ତି ଦୂର ନ ହେଲେ ଶୁଦ୍ଧ, ବୁଦ୍ଧ ଓ ମୁକ୍ତ ଅବସ୍ଥା ଲାଭ ହୁଏ ନାହିଁ । ତେଣୁ ଯେପରି ବଡ଼ ଗଛର ପ୍ରଥମେ ଡାଳ କାଟି, ଗଣ୍ଡି କାଟି ଶେଷରେ ମାଟିତଳୁ ଚେର ମୂଳ ଉପାଡ଼ି ଦେଉ, ସେହିପରି ପ୍ରଥମେ ଉପରର ଭସା ଭସା ସଂସ୍କାରଗୁଡ଼ିକ ଲୋପ କରି କ୍ରମେ ଅନ୍ତରର ଅନ୍ତସ୍ଥଳରେ ପ୍ରବେଶ କରି ସମସ୍ତ ସଂସ୍କାରକୁ ଉଚ୍ଛେଦ କରି ପାରିଲେ ପୂର୍ବୋକ୍ତ 'ବିଦର୍ଶନ ଭାବନା' ସ୍ୱତଃ ଜାଗ୍ରତ୍ ହୁଏ । କାରଣ ସେତେବେଳେ କେବଳ ଶ୍ୱାସ ପ୍ରଶ୍ୱାସହିଁ ଅନୁଧ୍ୟାନର ବିଷୟ ହୋଇଥାଏ । କିନ୍ତୁ ଏହି ଶ୍ୱାସ ପ୍ରଶ୍ୱାସ କୌଣସି ମୁହୂର୍ତ୍ତରେ ସ୍ଥିର ରହେ ନାହିଁ । ଏହା ନିୟତ ଗତିମାନ ଓ ପରିବର୍ତ୍ତନଶୀଳ ବୋଲି ସମସ୍ତହିଁ ଅନିତ୍ୟ ବୋଧହୁଏ ।

ଏହି ସମୟରେ ଶ୍ୱାସ ପ୍ରଶ୍ୱାସହିଁ ସମସ୍ତ ଦୁଃଖର କାରଣ ଓ ଏହା ଆତ୍ମା ନୁହେଁ, ଏହି ବିଶ୍ୱାସ ଆସିବ । ଏଥିପାଇଁ ଶ୍ୱାସ ପ୍ରଶ୍ୱାସହିଁ ଅନିତ୍ୟ, ଦୁଃଖଦ ଓ ଅନାତ୍ମ ବୋଲି ପ୍ରତୀତି ଆସେ । କିନ୍ତୁ 'ବିଦର୍ଶନ ଭାବନା' ସ୍ଥାନରେ ଆମେ ପ୍ରଥମରୁ ଗୁରୁଦତ୍ତ ଅପ୍ରାକୃତ ଶକ୍ତିଯୁକ୍ତ ନାମ କରୁ । ସର୍ବସଂସ୍କାର ରହିତ ହୋଇଥିବାରୁ ଶ୍ୱାସ ପ୍ରଶ୍ୱାସରେ ଏକାଗ୍ରତା ସମ୍ପୂର୍ଣ୍ଣ ରୂପେ ନିବନ୍ଧ ହୋଇଥାଏ । ସେତେବେଳେ 'ବିଦର୍ଶନ ଭାବନା' ହେଉ ବା ନାମ ହେଉ ତାହା ଶ୍ୱାସ ପ୍ରଶ୍ୱାସରେ ମିଳି ଏକ ହୋଇଯାଏ । 'ବିଦର୍ଶନ ଭାବନା' ବେଳେ ସବୁକିଛି ଅନିତ୍ୟ ମନେ ହୁଏ । ଶ୍ୱାସ ପ୍ରଶ୍ୱାସକୁ ଲକ୍ଷ୍ୟ ରଖି ନାମ କରିଲେ ଧ୍ୟାନର ଚରମ ଅବସ୍ଥାରେ ଶ୍ୱାସ ପ୍ରଶ୍ୱାସହିଁ ନାମ, ନାମହିଁ ଶ୍ୱାସ ପ୍ରଶ୍ୱାସ ଏହି ପରି ଅନୁଭୂତି ଜନ୍ମିଥାଏ । ସେତେବେଳେ ନାମରେ କୌଣସି ଅର୍ଥବୋଧ ଜନ୍ମାଏ ନାହିଁ, କୌଣସି ରୂପ ସଂସ୍କାର ଆସେ ନାହିଁ । ଅଧିକନ୍ତୁ ସ୍ୱାଭାବିକ ଭାବରେ ନାମ ଆପଣାଛାଏଁ ହୁଏ, ସାଧକ ନିଶ୍ଚେଷ୍ଟ ଦର୍ଶକ ଭାବରେ ତାହା କେବଳ ଅନୁଭବ ମାତ୍ର କରେ ।

ଏହି ଅବସ୍ଥାକୁ ଭାଷାରେ ପ୍ରକାଶ କରିବା ଅସମ୍ଭବ । ଆର୍ଯ୍ୟଋଷିମାନେ ଏହାକୁ 'ଅବାଙ୍ ମାନସ ଗୋଚର' କହିଛନ୍ତି । ବୁଦ୍ଧଦେବ କହିଛନ୍ତି 'ଅଚିନ୍ତେୟାନି ଓ ଅଚିନ୍ତିତ ବ୍ୟାନି' ଚିନ୍ତାର ବିଷୟ ନୁହେଁ, ଚିନ୍ତା କରି ମଧ୍ୟ ହୁଏ ନାହିଁ । ଆହୁରି ମଧ୍ୟ କହିଛନ୍ତି ରାଗଦ୍ୱେଷଯୁକ୍ତ ଅଜ୍ଞାନ ବ୍ୟକ୍ତି ସୃଷ୍ଟି ପ୍ରବାହର ଅନ୍ତର୍ନିହିତ ସୂକ୍ଷ୍ମ ଗଭୀର ସତ୍ୟ ଦେଖି ପାରନ୍ତି ନାହିଁ । ଜ୍ଞାନୀମାନେ ଦେଖିଲେ ମଧ୍ୟ ପ୍ରକାଶ କରିପାରନ୍ତି ନାହିଁ ।

— କୁଳଦାନନ୍ଦ ❖

*ପ୍ରଶ୍ନ : ମା', ଆମର ସମର୍ପଣ କିପରି ଏକ ସାନନ୍ଦ ସମର୍ପଣ ହେବ ?*

**ଶ୍ରୀମା :** ଏହା ଆନ୍ତରିକ ହେବା ଉଚିତ । ଏହା ଯଦି ଯଥାର୍ଥରେ ଆନ୍ତରିକ ହୋଇଥାଏ ତେବେ ଏହା ଆନନ୍ଦମୟ ହେବ । ଯେପର୍ଯ୍ୟନ୍ତ ଏହା ଆନ୍ତରିକ ହୋଇ ନ ଥାଏ – ତୁମେ ବିଷୟଟିକୁ ଓଲଟାଇ କହିପାର – ଯେପର୍ଯ୍ୟନ୍ତ ଏହା ଆନନ୍ଦମୟ ହୋଇ ନ ଥାଏ, ତୁମେ ନିଶ୍ଚିତ ହୋଇପାର ଯେ ଏହା ସଂପୂର୍ଣ୍ଣ ଆନ୍ତରିକ ନୁହେଁ, କାରଣ ଯଦି ଏହା ସଂପୂର୍ଣ୍ଣ ଆନ୍ତରିକ ହୋଇଥାଏ, ତେବେ ଏହା ବରାବର ଆନନ୍ଦମୟ ହେବ । ଯଦି ସମର୍ପଣଟି ସାନନ୍ଦ ନ ହୁଏ ତେବେ ତାହାର ଅର୍ଥ ହେଉଛି ତୁମ ଭିତରେ ଏପରି କିଛି ଅଛି ଯାହା ନିଜକୁ ପଛକୁ ଧରି ରଖୁଛି, ଏପରି କିଛି ଅଛି ଯାହା ଜିନିଷସବୁ ଅନ୍ୟ ପ୍ରକାରେ ଘଟୁ ବୋଲି ଚାହୁଁଛି, ଏପରି କିଛି ରହିଛି ଯାହାର ନିଜସ୍ୱ ଏକ ସଂକଳ୍ପ ଅଛି, ନିଜସ୍ୱ କିଛି କାମନା ରହିଛି, ନିଜର କିଛି ଉଦ୍ଦେଶ୍ୟ ରହିଛି ଏବଂ ତାହା ସନ୍ତୁଷ୍ଟ ନୁହେଁ; ତେଣୁ ତାହା ନିଜକୁ ପୂର୍ଣ୍ଣ ଭାବରେ ସମର୍ପଣ କରି ନାହିଁ, ନିଜ ସମର୍ପଣରେ ସଂପୂର୍ଣ୍ଣ ଆନ୍ତରିକ ନୁହେଁ । କିନ୍ତୁ ଜଣେ ଯଦି ନିଜର ସମର୍ପଣରେ ସଂପୂର୍ଣ୍ଣ ଆନ୍ତରିକ ହୁଏ ତେବେ ସେ ତହିଁରୁ ପୂର୍ଣ୍ଣ ଆନନ୍ଦ ଲାଭ କରିବ, ଆପଣାଛାଏଁ ଏହା ହେବ, ବରଂ ଆପଣାଛାଏଁ, ସ୍ୱତଃସ୍ଫୂର୍ତ୍ତ ଭାବରେ ସେ ଏକ ଅନିର୍ବଚନୀୟ ଆନନ୍ଦ ଅନୁଭବ କରିବ । ତେଣୁ ଯେପର୍ଯ୍ୟନ୍ତ ସେହି ଅନିର୍ବଚନୀୟ ଆନନ୍ଦ ଅନୁଭବ କରି ନାହଁ, ଏହା ଏକ ନିଶ୍ଚିତ ସୂଚନା ଯେ ତୁମେ ପୂରା ଆନ୍ତରିକ ହୋଇ ନାହଁ, ତୁମ ସତ୍ତାରେ ଏପରି କିଛି ଅଛି; ତୁମ ସତ୍ତାର କୌଣସି ଏକ ଅଂଶ, ତାହା ବଡ଼ ଆକାରରେ ହେଉ ବା ଛୋଟ ହେଉ, ଆନ୍ତରିକ ନୁହେଁ ।

*ପ୍ରଶ୍ନ : ମା, ଏହି ଅଂଶଟିକୁ ଖୋଜି ବାହାର କରିବୁ କିପରି ?*

**ଶ୍ରୀମା :** ସେଥିପାଇଁ ଅଭୀପ୍ସା କର, ଜିଦ୍ କର, ତା' ଉପରେ ଆଲୋକ ପକାଅ, ଆବଶ୍ୟକ ହେଲେ ପ୍ରାର୍ଥନା କର । ଅନେକ ବାଟ ରହିଛି । କେତେକ ସମୟରେ ବିଶେଷ ଧରଣର ସ୍ୱତନ୍ତ୍ର ପ୍ରକ୍ରିୟାର ଆବଶ୍ୟକତା ରହିଛି, ଆରୋଗ୍ୟ ପାଇଁ କ୍ଷତ ସ୍ଥାନରେ ଉତ୍ତପ୍ତ ଲୌହ ଖଣ୍ଡ ପ୍ରୟୋଗ କରିବା ପରି, ଯେତେବେଳେ ଏକ ଭୟଙ୍କର ବଥ ଫାଟେ ନାହିଁ ସେଠାରେ ଯେପରି ଏକ ଲାଲ ତତଲା ଲୁହା ଖଣ୍ଡ ମାଡ଼ି ଦିଆଯାଏ ।

('ମା' ବହି ପ୍ରସଙ୍ଗରେ, ପୃଷ୍ଠା : ୧୧୭ - ୧୧୮)

অন্তরাল জগত্ :

# ମୃତ୍ୟୁ ପରେ ?

## ଶ୍ରୀମା

ମୃତ୍ୟୁ ପରେ କ'ଣ ହୁଏ ? ପୁଣି କିପରି ମନୁଷ୍ୟ ଦେହଧାରଣ କରିଥାଏ ? କହିବା ବାହୁଲ୍ୟ ଯେ ଏ ବିଷୟରେ ଗ୍ରନ୍ଥ ପରେ ଗ୍ରନ୍ଥ ରଚନା କରାଯାଇପାରେ । ତେବେ ଏ ବିଷୟରେ ମୌଳିକ ବିଷୟଟିଏ ମନେ ରଖିବା ଉଚିତ ଯେ ବିଶ୍ୱ-ବ୍ରହ୍ମାଣ୍ଡର କୌଣସି ଦୁଇଟି ଜିନିଷ କେବେହେଲେ ସମାନ ହୋଇପାରେ ନାହିଁ ।

ପାର୍ଥିବ ଦୈହିକ ଜୀବନରେ ସବୁ ଜିନିଷ ସମ୍ଭବ ହୁଏ । ମୃତ୍ୟୁର ପରପାରରେ ମଧ୍ୟ ସବୁ ଜିନିଷ ସେହିପରି ସମ୍ଭବ ହୋଇପାରେ । ଏ ବିଷୟକୁ ସାର୍ବଜନୀନ ଭାବରେ ଗ୍ରହଣ କରାଯାଇପାରେ ନାହିଁ; କିନ୍ତୁ ଏ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇପାରେ ।

ବର୍ତ୍ତମାନ ପ୍ରଶ୍ନ ହେଉଛି ଯେକୌଣସି ଉନ୍ନତ ଆତ୍ମା ଯେତେବେଳେ ଦେହତ୍ୟାଗ କରେ ସେତେବେଳେ ସୂକ୍ଷ୍ମ ଦେହକୋଷଟି କ'ଣ ତା' ସହିତ ଯାଇଥାଏ ? ପୁଣି ପୁନର୍ଜନ୍ମ ସମୟରେ ସେ ନୂତନ ଦେହରେ ପ୍ରବେଶ କରେ କିପରି ?

ଏ ବିଷୟରେ ଘଣ୍ଟା ଘଣ୍ଟା ଧରି ଆଲୋଚନା କରାଯାଇପାରେ ଓ ବିରାଟ ବିରାଟ ଗ୍ରନ୍ଥ ରଚନା କରାଯାଇପାରେ । ଏ ସମ୍ପର୍କରେ ବୃହଦାରଣ୍ୟକ ଉପନିଷଦ୍‌ର ପ୍ରାଜ୍ଞ ରାଜା ପ୍ରବହନଙ୍କର ଗୁହ୍ୟତତ୍ତ୍ୱ ପ୍ରଣିଧାନ ଯୋଗ୍ୟ ।

ଜୀବନରେ ସତ୍ କର୍ମ କରିଥିବା ବ୍ୟକ୍ତି ମୃତ୍ୟୁ ପରେ ପିତୃଯାନ ଆରୋହଣପୂର୍ବକ ପିତୃପୁରୁଷମାନଙ୍କ ପଥରେ ଧୂଆଁ ବା ଅନ୍ଧକାରରେ ରୂପାନ୍ତରିତ ହୋଇ ପିତୃଲୋକକୁ ଗମନ କରେ ଏବଂ ସେଠାରୁ ଚାନ୍ଦ୍ର ସ୍ୱର୍ଗକୁ ଯାତ୍ରା କରେ । ବ୍ରାହ୍ମସୂତ୍ର ଅନୁସାରେ ଆତ୍ମା ତା'ର ସୂକ୍ଷ୍ମ ଦେହର ଉପାଦାନଗୁଡ଼ିକ ସଙ୍ଗରେ ନେଇ ଯାଇଥାଏ ଏବଂ ପରଜନ୍ମରେ ସେଗୁଡ଼ିକ ବ୍ୟବହାର କରେ । ବର୍ତ୍ତମାନ ସ୍ୱତଃ ପ୍ରଶ୍ନ ଉଠୁଛି ଯେ ସେଇ ସୂକ୍ଷ୍ମ ଦେହ କ'ଣ ସେ ସମ୍ବନ୍ଧରେ ସଚେତନ ଥାଏ ? ଏ ପ୍ରଶ୍ନର ଉତ୍ତର ପରେ ଆଲୋଚନା କରାଯିବ । ଉପନିଷଦ୍‌ରେ ଆହୁରି ବର୍ଣ୍ଣନା କରାଯାଇଛି ଯେ ସତ୍ କର୍ମର ଫଳ ଯେତେବେଳେ ନିଃଶେଷ ହୋଇଯାଏ ସେତେବେଳେ ସେହି ଆତ୍ମା ଚାନ୍ଦ୍ର ସ୍ୱର୍ଗ ପରିତ୍ୟାଗ କରି ଆକାଶ, ପବନ ଓ ମେଘ ମଧ୍ୟକୁ ଅବତରଣ କରେ । ତା'ପରେ ତତ୍ ପ୍ରକୃତି ବହନ କରି ବର୍ଷା ରୂପରେ ପୁନରାୟ ପୃଥିବୀକୁ ଓହ୍ଲାଇ ଆସେ ଏବଂ ଯେକୌଣସି ଶସ୍ୟ ବୀଜ ମଧ୍ୟରେ ପ୍ରବେଶ କରି ଖାଦ୍ୟ ରୂପରେ ପିତୃ ଶରୀରରେ ସ୍ଥାନ ପାଏ । ତା'ପରେ ସଦ୍ୟଜାତ ଶିଶୁର ଦେହ ଗଠନ କରାଯାଏ ।

ଉପନିଷଦ୍‌ର ଏହି ଜଟିଳ ତଥ୍ୟ ପ୍ରକାଶ କରିବା ପରେ ଅନେକଗୁଡ଼ିଏ ପ୍ରଶ୍ନ ମନକୁ ଆସି ଯାଉଛି । ଏହି ଗୋଳମାଳିଆ ଓ ବିଘ୍ନଯୁକ୍ତ ପ୍ରଣାଳୀ ମାଧ୍ୟମରେ କ'ଣ ଆତ୍ମାକୁ ଗତି କରିବାକୁ ହେବ ? ଆତ୍ମା କ'ଣ ତା'ର ସୂକ୍ଷ୍ମ ଦେହର ମନ, ପ୍ରାଣ ଓ ଦେହସତ୍ତା ନେଇ ସିଧାସଳଖ ପରଜନ୍ମର ଜୀବନ ମଧ୍ୟରେ ପ୍ରବେଶ କରିପାରେ ନାହିଁ ? ଯଦି ପାରେ, ତା'ହେଲେ ସେତେବେଳର ବଂଶଧାରା ସହିତ କିପରି ସଂହତି ରକ୍ଷା କରି ପାରିବ ? ସେଥିପାଇଁ କ'ଣ ସେ ପିତୃ ଶରୀର ମାଧ୍ୟମରେ ଆସିବାକୁ ବାଧ୍ୟ ହୁଏ ?

ଏ ପ୍ରସଙ୍ଗରେ ମୁଁ ଏତିକି କହିପାରେ ଯେ ହଁ, ଏଭଳି ମଧ୍ୟ ହୋଇପାରେ । ଏହି ବର୍ଣ୍ଣନା ଯେଉଁ ମହାତ୍ମା କରିଛନ୍ତି, ସେ ହୁଏତ ନିଜେ ତାହା ଲକ୍ଷ୍ୟ କରି ଅଛନ୍ତି । କାରଣ ଏହା ଉଦ୍ଭଟ ବା କଳ୍ପନାର ବିଷୟ ନୁହେଁ । ଏହା ସହିତ କେତେଗୁଡ଼ିଏ ବାସ୍ତବ ସମସ୍ୟା ମଧ୍ୟ ଜଡ଼ିତ ଅଛି । ଏହି ତଥ୍ୟକୁ ବିଶ୍ୱାସ କରିବା କଷ୍ଟ ଯେ ଆତ୍ମା ବର୍ଷା ରୂପରେ ବୀଜ ମଧ୍ୟରେ ପ୍ରବେଶ କରି ଗଛଲତା ସୃଷ୍ଟି କଲା, ତା' ପୁଣି ଖାଦ୍ୟ ରୂପରେ ପାକ ହୋଇ ପିତା ଗର୍ଭକୁ ଗଲା ଏବଂ ସେଠାରୁ ପୁଣି ମାତୃଗର୍ଭରେ ସ୍ଥାନ ପାଇଲା । ଏହା ଯେ ଏକାବେଳକେ ଅସମ୍ଭବ, ତା' ନହେଲେ ବି କଥାଟା ଖୁବ୍ ସହଜବୋଧ ନୁହେଁ ।

ମୁଁ ଅନେକ ଉନ୍ନତ ଆତ୍ମାମାନଙ୍କ ସତ୍ତାଲାଭ ପୂର୍ବରୁ ବା ଜନ୍ମଲାଭ ପରେ ଲକ୍ଷ୍ୟ କରି ଦେଖିଛି । ପ୍ରତ୍ୟେକଙ୍କ ବିଷୟ ପୃଥକ୍ ମନେ ହୋଇଥିଲା । ସବୁକିଛି ମନସ୍ତାତ୍ତ୍ୱିକ ସଂସ୍ଥାନ ଓ ପାର୍ଥିବ ଅବସ୍ଥା ଉପରେ ନିର୍ଭର କରେ । ଯେଉଁ ଚୈତ୍ୟ ସତ୍ତା ଜନ୍ମ ନେବାକୁ ଆସିଛି, ସେ ଉନ୍ନତି ପଥରେ କେତେଦୂର ଅଗ୍ରଗତି କରିଛି ତା' ଉପରେ ମଧ୍ୟ ଅନେକ ନିର୍ଭର କରାଯାଏ । ଏଠାରେ ଚୈତ୍ୟ ଅର୍ଥରେ ଆତ୍ମା ଶବ୍ଦ ବ୍ୟବହାର କରା ଯାଉଅଛି । ତା' ଛଡ଼ା ନୂତନ ଜନ୍ମ ସ୍ଥାନର ପରିବେଶ ଏବଂ

କେଉଁ ଉଦ୍ଦିଷ୍ଟ କର୍ମ ପାଇଁ ସେ ଆତ୍ମା ଜନ୍ମଲାଭ କରୁଛି ତା' ଉପରେ ମଧ ଅନେକ ନିର୍ଭର କରାଯାଏ । ତା'ଛଡ଼ା ମାତାପିତାଙ୍କ ଚେତନାର ଅବସ୍ଥା ଉପରେ ଏହି ନବଜନ୍ମ ଅନେକ ପରିମାଣରେ ନିର୍ଭର କରିଥାଏ । କାରଣ ଏଥିରେ କୌଣସି ଭୁଲ୍ ନାହିଁ ଯେ ଇଚ୍ଛା ଓ ସଚେତନ ଆସ୍ପୃହା ନେଇ ଏବଂ ଆଧ୍ୟାତ୍ମିକ ଆବେଦନ ସହ ଅଦୃଶ୍ୟ ଜଗତକୁ ପ୍ରାର୍ଥନା କରି ସନ୍ତାନ ଜନ୍ମ ଦେବା ଭିନ୍ନ କଥା, ବିନା କାମନାରେ କିଂବା ଅବାଞ୍ଛିତ ମନେକରି ସନ୍ତାନ ଜନ୍ମ ଦେବା ଭିନ୍ନ କଥା । ତଦ୍ଦ୍ୱାରା ଯେ କୌଣସି ଚୈତ୍ୟସତ୍ତାର ଆଗମନ ହେବ ନାହିଁ ତା' କହିହେବ ନାହିଁ, ମାତ୍ର ତାହା ଗର୍ଭାଧାନ ସଙ୍ଗେ ସଙ୍ଗେ ନ ଆସି ଅନେକ ପରେ ପ୍ରବେଶ କରିଥାଏ ।

ଯଦି ଗର୍ଭଧାରଣ ସଙ୍ଗେ ସଙ୍ଗେ ଆତ୍ମା ଶରୀର ମଧ୍ୟରେ ପ୍ରବେଶ କରେ, ତା'ହେଲେ ଜନ୍ମ ହେଉଥିବା ଶିଶୁର ଗଠନ କ୍ରିୟା ସେହି ଆତ୍ମାର ଚେତନା ଦ୍ୱାରାହିଁ ନିୟନ୍ତ୍ରିତ ହୁଏ । ସେଥିରେ କି କି ଉପାଦାନ ରହିବ, କେଉଁ ଶକ୍ତିମାନଙ୍କୁ ନିର୍ଦ୍ଧାରଣ କରାଯିବ, ଏପରିକି କେଉଁ ଜଡ଼ ଉପାଦାନଗୁଡ଼ିକ ଏହି ଦେହ ଗଠନରେ ପ୍ରାଧାନ୍ୟ ଦିଆଯିବ ତା' ମଧ୍ୟ ନିରୂପିତ କରାଯାଏ । ସୁତରାଂ ଏହାଦ୍ୱାରା ପୂର୍ବାପେକ୍ଷା ଏକ ବିଶେଷ ଧରଣରେ ଶିଶୁର ଶରୀର ଗଢ଼ିଉଠେ ଏବଂ ତଦନୁସାରେ ଜନ୍ମ ପୂର୍ବରୁ ତା'ର ଏକ ସୁସଙ୍ଗତ ବିକାଶ ଆରମ୍ଭ ହୁଏ । ବିରଳ ହେଲେ ମଧ୍ୟ ଏହି ପ୍ରକ୍ରିୟା ସଂଘଟିତ ହୁଏ ।

ଏପରି ମଧ୍ୟ ପ୍ରାୟ ହୋଇଥାଏ ଯେ ଶିଶୁ ଯେତେବେଳେ ଭୂମିଷ୍ଠ ହୋଇ ମୁକ୍ତ ହୃଦ୍‌ଯନ୍ତ୍ରର ପ୍ରଥମ କ୍ରିୟାରେ ପଞ୍ଚମ ସ୍ୱରରେ କାନ୍ଦିଉଠେ, ସେହି ମୁହୂର୍ତ୍ତର ଆକୁଳ ଓ ଆନ୍ତରିକ ଆହ୍ୱାନ ଶୁଣି କୌଣସି କୌଣସି ଚୈତ୍ୟସତ୍ତା ସହଜ ଓ ସାର୍ଥକ ଭାବରେ ଅବତରଣ କରି ଆସିଥା'ନ୍ତି ।

ଆଉ କେତେକ କ୍ଷେତ୍ରରେ ଅନେକ ଦିନ, ଅନେକ ମାସ ଅତିବାହିତ ହୋଇଯାଏ, ଧୀରେ ଧୀରେ ଗୋଟାଏ ପ୍ରସ୍ତୁତି ଚାଲିଥାଏ ଏବଂ ପରିଶେଷରେ ଚୈତ୍ୟସତ୍ତା ଏଭଳି ଧୀର ଓ ସୂକ୍ଷ୍ମ ଭାବରେ ଦେହ ମଧ୍ୟରେ ପ୍ରବେଶ କରେ ଯେ ତାହା କାହାରି ପକ୍ଷରେ ଜାଣିବା ସମ୍ଭବ ହୁଏ ନାହିଁ ।

କେତେକ କ୍ଷେତ୍ରରେ କିଛି କାଳ ପରେ ଶିଶୁ ଯେତେବେଳେ ନିଜେ ସଚେତନ ହୋଇ ଉପର ସହିତ ଗୋଟାଏ ଘନିଷ୍ଠ ସମ୍ପର୍କ ଅନୁଭବ କରେ, ବହୁ ଊର୍ଦ୍ଧ୍ୱରୁ ଯେପରି କୌଣସି ପ୍ରଭାବ ଆସି ତାକୁ ଆଚ୍ଛନ୍ନ କରିଦିଏ, ସେତେବେଳେ ସେ ଏହି ଅଜ୍ଞାତ ଶକ୍ତି ସହିତ ସମ୍ପର୍କ ସ୍ଥାପନ କରିବାକୁ ଚାହେଁ । କିଛି ନ ବୁଝି ସେ ଊର୍ଦ୍ଧ୍ୱସ୍ଥ ସେହି ଅଜ୍ଞାତ ଶକ୍ତି ପ୍ରତି ଆକୃଷ୍ଟ ହୁଏ ଓ ସେହି ଆସ୍ପୃହା ଦ୍ୱାରା ଚୈତ୍ୟ ତା' ମଧ୍ୟକୁ ଓହ୍ଲାଇ ଆସେ ।

ନିଜେ ଅନୁଭବ କରିଥିବା ଏହା କେତୋଟି ଦୃଷ୍ଟାନ୍ତ ମାତ୍ର । କେବେ କେବେ ଜନ୍ମଲାଭ କରିବାକୁ ଯାଉଥିବା ଆତ୍ମା ତା'ର ଭବିଷ୍ୟତ୍ ଦେହାଧାରଟିକୁ ବାଛି ନେଇ ପୃଥିବୀର ଖୁବ୍ ନିକଟକୁ ଓହ୍ଲାଇ ଆସି ଉଚ୍ଚମାନସ ସ୍ତରରେ ରହିଯାଏ କିଂବା ଆହୁରି ତଳକୁ ଖସି ଆସି ପ୍ରାଣ ସ୍ତରରେ ଅବସ୍ଥାନ କରେ ଅଥବା ସୂକ୍ଷ୍ମ ଶରୀରରେ ଆସି ଖୁବ୍ ନିକଟରୁ ଭବିଷ୍ୟତ୍ ଶିଶୁ ଦେହ ଗଠନ ପ୍ରକ୍ରିୟାକୁ ନିୟନ୍ତ୍ରଣ କରେ ।

ବର୍ତ୍ତମାନ ଦେହତ୍ୟାଗ କରିବା ବିଷୟରେ ଆଲୋଚନା କରାଯାଉ । ଉନ୍ନତିର ଅବସ୍ଥା, ମୃତ୍ୟୁକାଳୀନ ଅବସ୍ଥା, ବିଶେଷ କରି ଦେହତ୍ୟାଗ ସମୟରେ ସତ୍ତାର ମନୋଭାବ ଓ ବିଶ୍ୱସତ୍ତା ସହିତ ଏକୀଭୂତ ହୋଇ ପାରିବା ଉପରେ ଏହା ନିର୍ଭର କରେ । ସମ୍ପୂର୍ଣ୍ଣ ଉନ୍ନତ ଚୈତ୍ୟସତ୍ତା ବିଷୟରେହିଁ ଏପର୍ଯ୍ୟନ୍ତ ଆଲୋଚନା କରାଯାଇଅଛି । ଯେଉଁମାନେ ସ୍ଥୂଳ ଦେହରୁ ଯୋଗ ଦ୍ୱାରା ଉନ୍ନତ ହୋଇ ପାରିଛନ୍ତି ସେମାନଙ୍କ କଥା ସମ୍ପୂର୍ଣ୍ଣ ଭିନ୍ନ । ମାତ୍ର ସାଧାରଣ ଭାବରେ ଏହା ଆଭ୍ୟନ୍ତରୀଣ ଉନ୍ନତି ଓ ଏକୀକରଣ ଉପରେ ନିର୍ଭର କରେ ।

(ସତ୍ୟଶ୍ରୀ, ୧୦ମ ବର୍ଷ, ଜୁନ୍ -୧୯୮୧ରୁ ସଂଗୃହୀତ)

*

*''ପୁନର୍ଜନ୍ମରେ ଯେଉଁ ବାହ୍ୟ ସତ୍ତାଟି ମାତାପିତା, ପରିବେଶ ଓ ପରିସ୍ଥିତି ଦ୍ୱାରା ଗଠିତ ହୋଇଥାଏ ସେହି ମାନସିକ, ପ୍ରାଣିକ ଓ ଦୈହିକ ସତ୍ତା ପୁଣି ଥରେ ଜନ୍ମଗ୍ରହଣ କରେ ନାହିଁ; କେବଳ ଚୈତ୍ୟସତ୍ତାହିଁ ଗୋଟିଏ ଶରୀର ତ୍ୟାଗ କରି ଅନ୍ୟ ଏକ ଶରୀର ଗ୍ରହଣ କରେ । ତେଣୁ ଯୁକ୍ତି ଦୃଷ୍ଟିରୁ ଦେଖିଲେ ମାନସିକ ସତ୍ତା ବା ପ୍ରାଣିକ ସତ୍ତା ପୂର୍ବଜନ୍ମକୁ ସ୍ମରଣ କରିପାରିବ ନାହିଁ, ଅମୁକ ବା ସମୁକ ବ୍ୟକ୍ତିର ଜୀବନ ଓ ଚରିତ୍ର ଭିତରେ ନିଜକୁ ଚିହ୍ନି ପାରିବ ନାହିଁ । କେବଳ ଚୈତ୍ୟସତ୍ତାହିଁ ସ୍ମରଣ କରିପାରେ; ଏବଂ ଆମ ଚୈତ୍ୟସତ୍ତା ସଂପର୍କରେ ଆମେ ସଚେତ ହୋଇ ପାରିଲେ ତହିଁ ସଙ୍ଗେ ସଙ୍ଗେ ଆମର ଗତ ଜନ୍ମଗୁଡ଼ିକ ସଂପର୍କରେ ନିର୍ଭୁଲ ଧାରଣା ପାଇପାରିବୁ ।*

*''ତା'ଛଡ଼ା ଆମର ମନୋଯୋଗ ଦେବା ଉଚିତ ଯେ ଆମେ କ'ଣ ହେବାକୁ ଚାହୁଁ, ଅତୀତରେ କ'ଣ ହୋଇଥିଲୁ, ତା'ଉପରେ ନୁହେଁ।''*

(Words of the Mother, CWM, Vol. 15, p. 124)

*ପ୍ରଶ୍ନ : ଯଦି ମନ, ପ୍ରାଣ ବା ଦେହର ସତ୍ତା ନୁହେଁ କେବଳ ଚୈତ୍ୟସତ୍ତାହିଁ ପୁନର୍ଜନ୍ମ ଗ୍ରହଣ କରେ, ତା'ହେଲେ ପୂର୍ବଜନ୍ମରେ ପ୍ରାଣ ଓ ମନର ଯେଉଁ ଅଗ୍ରଗତି ହୋଇଥାଏ, ପରଜନ୍ମରେ ତା'ର ତ କୌଣସି ମୂଲ୍ୟ ନାହିଁ ?*

ଶ୍ରୀମା : ଏହିସବୁ ଅଂଶଗୁଡ଼ିକର ଅଗ୍ରଗତି ଯେତିକି ପରିମାଣରେ ଏଗୁଡ଼ିକୁ ଚୈତ୍ୟସତ୍ତାର ନିକଟବର୍ତ୍ତୀ କରାଇ ଥାଏ ତାହାର ମୂଲ୍ୟ କେବଳ ସେତିକି ଅଛି; ଅର୍ଥାତ୍ ସତ୍ତାର ଯେଉଁସବୁ ଅଂଶଗୁଡ଼ିକ ପର୍ଯ୍ୟାୟକ୍ରମେ ଚୈତ୍ୟସତ୍ତାର ପ୍ରଭାବ ଅଧୀନକୁ ଆସିଥାଏ, ସେହି ପରିମାଣରେହିଁ ସେଗୁଡ଼ିକର ଅଗ୍ରଗତି ହୋଇଥାଏ। କାରଣ ଯେଉଁ ଅଂଶଗୁଡ଼ିକ ଚୈତ୍ୟସତ୍ତାର ପ୍ରଭାବର ଅଧୀନ ହୋଇ ରହିଥାଏ, ତାହା ସହ ଏକ ହୋଇ ଯାଇଥାଏ ସେହିଗୁଡ଼ିକହିଁ ଅଗ୍ରଗତି କରି ଚାଲିଥାଏ। କିନ୍ତୁ ଯଦି ଚୈତ୍ୟସତ୍ତାହିଁ ଜଣକର ଜୀବନ ଓ ଚେତନାର କେନ୍ଦ୍ର ହୁଏ, ଏବଂ ଯଦି ସମଗ୍ର ସତ୍ତା ସେହି ଚୈତ୍ୟକେନ୍ଦ୍ରର ଚାରିପଟେ ସଂଗଠିତ ହୋଇଥାଏ, ଯଦି ସମଗ୍ର ସତ୍ତା ଚୈତ୍ୟସତ୍ତାର ପ୍ରଭାବାଧୀନ ହୋଇ ରହେ ଓ ତା' ସହ ମିଳିତ ହୋଇ ଏକ ହୋଇଯାଏ, ତା'ହେଲେ ତାହାର ଅଗ୍ରଗତି ବରାବର ସେହିପରି ଚାଲିଥିବ – ଯଦି ସେପରି ଚାଲିରହିଥିବା ତା' ପାଇଁ ଆବଶ୍ୟକ ହୁଏ। ଅବଶ୍ୟ ଅଗ୍ରଗତି ପାଇଁ ଓ ଊର୍ଦ୍ଧ୍ୱକୁ ଉତ୍ତରଣ ପାଇଁ ଚୈତ୍ୟସତ୍ତାର ଯେଉଁ ସାମର୍ଥ୍ୟ ଅଛି, ଯଦି କୌଣସି ସ୍ଥୂଳ ଶରୀରକୁ ସେହି ସାମର୍ଥ୍ୟ ଓ ସେହି ଗତିବୃତ୍ତି ଦିଆଯାଏ, ତା'ହେଲେ ତା'ର ଶରୀର ତ୍ୟାଗ ବା ଶରୀର କ୍ଷୟର କୌଣସି ପ୍ରୟୋଜନ ନାହିଁ, କିନ୍ତୁ ଠିକ୍ ତାହାହିଁ ହେଉଛି ସବୁଠାରୁ ଦୁଃସାଧ୍ୟ।

କେବଳ ସେହି ଅଂଶଗୁଡ଼ିକ ଯାହା ଚୈତ୍ୟସତ୍ତା ସହ ସଂଯୋଗ ରଖିଥାଏ ତାହାହିଁ ସ୍ଥାୟୀ ହୋଇ ରହିପାରେ, ଏବଂ ଯାହା ସ୍ଥାୟୀ ହୋଇ ରହିଥାଏ ତାହାହିଁ ସ୍ମରଣ କରିପାରେ, କାରଣ ବାକିସବୁ ତିରୋହିତ ହୋଇ ଯାଆନ୍ତି, ପୁଣିଥରେ ଛୋଟ ଛୋଟ ଅଂଶରେ ମିଳାଇଯାଇ ଅନ୍ୟ ସ୍ଥାନରେ ସେଗୁଡ଼ିକର ବିନିଯୋଗ ହୁଏ – ଯେପରି ଶରୀର ପୁଣି ଥରେ ଧୂଳିମାଟିରେ ପରିଣତ ହୁଏ ଓ ଅନ୍ୟତ୍ର ତାହାର ବିନିଯୋଗ ହୁଏ। ଶରୀର ପୁଣି ମାଟିରେ ମିଶିଯାଏ, ସେହି ମାଟିରୁ ସାର ସଂଗ୍ରହ କରି ଉଦ୍ଭିଦମାନେ ବଢ଼ି ଉଠନ୍ତି ଓ ମନୁଷ୍ୟମାନେ ପୁଣି ସେହି ଉଦ୍ଭିଦକୁ ନିଜର ଆହାର ରୂପେ ଗ୍ରହଣ କରନ୍ତି। ଏହି ଭାବରେହିଁ ବରାବର ଚାଲିଥାଏ। ମାଟିରୁ ଉତ୍ପନ୍ନ ହୋଇ ପୁଣି ସବୁ କିଛି ମାଟିକୁ ଫେରିଆସେ ଓ ପୁଣି ଥରେ ଏହାର ପୁନରାବର୍ତ୍ତନ ଆରମ୍ଭ ହୁଏ। ଏହି ଭାବରେହିଁ ବିଶ୍ୱପ୍ରକୃତି ଅଗ୍ରଗତି କରି ଚାଲିଥାଏ। ନିଜର ଅଗ୍ରଗତି ପାଇଁ ଏହା ଗଦା ଗଦା ରୂପ ବା ଆକାର ସୃଷ୍ଟି କରେ, ପୁଣି ଯେତେବେଳେ ଦେଖେ ସେଗୁଡ଼ିକର କାମ ଶେଷ ହୋଇଯାଇଛି, ତା'ପାଇଁ ସେଗୁଡ଼ିକର ଆଉ କୌଣସି ପ୍ରୟୋଜନ ନାହିଁ, ଆଉ କୌଣସି ଗୁରୁତ୍ୱ ନାହିଁ, ସେତେବେଳେ ସେ ସେଗୁଡ଼ିକୁ ଭାଙ୍ଗି ନଷ୍ଟ କରିଦିଏ, ତହିଁରେ ଥିବା ଉପାଦାନସବୁକୁ, ତାହା ରାସାୟନିକ ହେଉ ବା ଅନ୍ୟ କିଛି ହେଉ, ସେ ପୁଣିଥରେ ଗ୍ରହଣ କରିନିଏ ଓ ସେଗୁଡ଼ିକୁ ଅନ୍ୟରୂପ ଦେଇ ନୂଆ କରି ଗଠନ କରେ; ଏହିପରି ଭାବରେ ଅନବରତ ଏହା ଏହିପରି ବଦଳି ଚାଲିଥାଏ, ଯାଉଥାଏ ପୁଣି ଆସୁଥାଏ, ନୂଆ ନୂଆ ରୂପରେ ସେହି ଯିବା ଆସିବା ବରାବର ଲାଗି ରହିଥାଏ। ବିଶ୍ୱପ୍ରକୃତିକୁ ଏହା ଖୁବ୍ ଭଲ ଲାଗେ, କାରଣ ସେ ବହୁତ ଦୂରକୁ ଦେଖିପାରେ, ତା'ର କାମ ଶତାବ୍ଦୀ ଶତାବ୍ଦୀ ଧରି, କଳ୍ପ କଳ୍ପ ଧରି ପ୍ରସାରିତ ଏବଂ ତା' ପାଇଁ ଗୋଟିଏ କ୍ଷୁଦ୍ର ମଣିଷର ଜୀବନକାଳ କିଛି ନୁହେଁ, ଚିରନ୍ତନ କାଳରେ ତାହା ଗୋଟିଏ ନିଃଶ୍ୱାସ ମାତ୍ର। ଏହିପରି ଭାବରେ ସେ କିଛିକୁ ଗ୍ରହଣ କରେ, ତାକୁ ରୂପ ଦିଏ, ଏଥିପାଇଁ କିଛି ସମୟ ନିଏ, ତା' ପାଇଁ ଏହା ଏକ ଖେଳ-କୌତୁକର ଜିନଷ, ତାହାକୁ ଏହା ଖୁବ୍ ଭଲ ଲାଗେ, ତା'ପରେ ଯେତେବେଳେ ଏହା ତାକୁ ଆଉ ସେତେ ଭଲ ଲାଗେ ନାହିଁ, ସେ ତାହାକୁ ଭାଙ୍ଗିଦିଏ,– ପୁଣି ଆଉ କିଛି ଗ୍ରହଣ କରେ, ସବୁକୁ ପୁଣି ମିଶାଇ ଆଉ କିଛି ଆରମ୍ଭ କରେ, ଅନ୍ୟ କିଛି ଗଠନ କରେ। ଏବଂ ସମ୍ଭବତଃ ଏହି ପ୍ରକ୍ରିୟା ଦ୍ୱାରା ଯାହାକି ସ୍ପଷ୍ଟତଃ ଖୁବ୍ ମନ୍ଥର, ସମଗ୍ର ଜଡ଼ର ଅଗ୍ରଗତି ସାଧିତ ହୋଇଥାଏ। ବରାବର ଏହି ଭାବରେହିଁ ଏହା ସମ୍ଭବ ହୋଇ ଆସିଛି, ବିଭିନ୍ନ ଉପାଦାନକୁ ନେଇ ପରସ୍ପର ସହିତ ଏକତ୍ର ମିଶାଇବା, ସେଗୁଡ଼ିକୁ ଭାଙ୍ଗି ଦେବା, ପୁଣି ନୂଆ କରି ମିଶାଇବା, ପୁଣି ଭାଙ୍ଗି ଦେବା। ସାରମର୍ମରେ ଏହା ହେଉଛି ଯେପରିକି ତୁମେ ଗୁଡ଼ିଏ ଛୋଟ

ଛୋଟ ଜିନିଷର ଏକ ଗଦା ତିଆରି କଲ, ଏବଂ ତା'ପରେ ତାକୁ ଭାଙ୍ଗି ଧୂଳିସାତ୍ କରିଦେଲ, ପୁଣି ସେହି ଧୂଳିରୁ ନୂଆ ନୂଆ ଖେଳଣା ତିଆରି କଲ, ପୁଣି ସେଗୁଡ଼ିକୁ ଭାଙ୍ଗି ଦେଲ ଏବଂ ତହିଁରୁ ପୁଣି ଅନ୍ୟ ଖେଳଣା ସବୁ ତିଆରି କଲ । ପ୍ରତ୍ୟେକ ଥର ତହିଁରେ ଆଉ କିଛି ଜିନିଷ ଯୋଗ କର ଯେପରିକି ମିଶ୍ରଣର କାମଟି ଭଲ ଭାବରେ ହୋଇ ପାରିବ । ଏବଂ ତା'ପରେ ଦିନେ ହୁଏତ ସେସବୁଥିରୁ ଉତ୍ତମ କିଛିର ଉତ୍ପାଦନ ସମ୍ଭବ ହେବ । ସେ ଯାହାହେଉ ବିଶ୍ୱପ୍ରକୃତି କେବେ ତରବର ହୁଏ ନାହିଁ । ଏବଂ ଆମେ ଯେତେବେଳେ ତରବର ହେଉ ସେ କହେ, ''ତୁମେ କାହିଁକି ଏପରି ତରବର ହେଉଛ ? ଦିନେ ଏହା ନିଶ୍ଚୟ ଘଟିବ । ସେ ବିଷୟରେ ତୁମେ ଚିନ୍ତା କରିବାର ଆବଶ୍ୟକତା ନାହିଁ, ଏହା ନିଶ୍ଚିତ ରୂପେ ଘଟିବ । ଧୀରସ୍ଥିର ଭାବରେ ଅପେକ୍ଷା କର ।'' ସେତେବେଳେ ଆମେ ତାକୁ କହୁ ''କିନ୍ତୁ ଯେ ଅପେକ୍ଷା କରିବ ସେ ତ ମୁଁ ନୁହେଁ ।'' ''ଆଃ, ଯାହା ଆସେ ଏବଂ ଚାଲିଯାଏ ତାହାକୁହିଁ ତୁମେ 'ମୁଁ' ବୋଲି କହୁଥିବାରୁ ଏପରି ଭାବୁଛ । ତୁମେ ଯଦି ସେହି ଚେତନାକୁ, ସେହି ଏକ ଶାଶ୍ୱତ ଓ ଦିବ୍ୟ-ଚେତନାକୁ 'ମୁଁ' ବୋଲି କୁହ ତା'ହେଲେ ତୁମେ ସବୁକିଛି ଦେଖିପାରିବ, ସବୁକିଛି ଭିତରେ ତୁମେ ଉପସ୍ଥିତ ରହିପାରିବ । ଏହା କରିବାରେ ତୁମର କିଛି ବାଧା ନାହିଁ । ଯେହେତୁ ତୁମେ କେବଳ ଏହା (ସ୍ଥୂଳ ଶରୀରକୁ ଅଙ୍ଗୁଳି ନିର୍ଦ୍ଦେଶ କରି) ସହିତ ନିଜକୁ ଏକ ବୋଲି ଭାବୁଛ, ତେଣୁ ଏପରି ହେଉଛି । ସେହି ସ୍ଥୂଳ ଶରୀର ସଙ୍ଗେ ନିଜକୁ ଏକ ବୋଲି ଭାବିବାକୁ ବନ୍ଦ କରି ଦେବାକୁ ହେବ ।''

(M.C.W. Vol. V, pp. 358 - 360)


Let us do our best in all circumstances, leaving the result to the Divine's decision.

(CWM. Vol. 14, p. 109) – THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

**ଶେଷ ପୃଷ୍ଠା :**

# ନୂଆ ଯୁଗରେ ଶାସନ


## ଶ୍ରୀ ବିଶ୍ୱମ୍ଭର ସାମନ୍ତ


ଯେଉଁ ନୂଆ ଯୁଗର ଆଗମନୀ ବିଷୟରେ ଆମେ କହୁ, ଯେଉଁ ଯୁଗରେ କି ମଣିଷର ଭିତର ଓ ବାହାରର ସମସ୍ତ କ୍ରିୟାକଳାପ କ୍ରମଶଃ ଅଧିକରୁ ଅଧିକ ସତ୍ୟ-ଚେତନା ଦ୍ୱାରା ଚାଳିତ ହେବ, ସେ ଯୁଗରେ ଶାସନର ଚାଳନା ନିୟମିତ ହେବ କେଉଁ ଶକ୍ତି ଦ୍ୱାରା ? ଏ ସମ୍ପର୍କରେ ଆମ ମନରେ ନାନା ପ୍ରଶ୍ନ ଓ କୌତୂହଳ ଉଠିବା ସ୍ୱାଭାବିକ ।

ଶାସନ କହିଲେ ଆମେ ସାଧାରଣତଃ ବୁଝୁ କ୍ଷମତା ଓ ବଳ ପ୍ରୟୋଗର ଅଧିକାର, ଆଇନ କାନୁନ ପ୍ରଣୟନ, ଶାସ୍ତିବିଧାନ ଓ ଦମନ ଆଦିର ଯନ୍ତ୍ର ଉପରେ କର୍ତ୍ତୃତ୍ୱ । 'ଶାସନ' ଶବ୍ଦ ଆମ ମନରେ ଆଣିଦିଏ କୋର୍ଟ କଚେରି, ଜେଲ, ପୁଲିସ ଓ ସେନାବାହିନୀର ଚିତ୍ର । ଏପରିକି କମ୍ୟୁନିଷ୍ଟ ତତ୍ତ୍ୱରେ ରାଷ୍ଟ୍ରର ସଂଜ୍ଞା ହେଉଛି ଏକ ଦମନ ଓ ପେଷଣର ଯନ୍ତ୍ର । ସେଇଥି ପାଇଁ ସମାଜରେ ନ୍ୟାୟ, ସତ୍ୟ ଓ ସ୍ୱାଧୀନତାର ପ୍ରତିଷ୍ଠା ଦିଗରେ ଯେଉଁସବୁ ବଡ଼ ବଡ଼ ବିପ୍ଳବ ଓ ଜନଜାଗରଣ ହୋଇଛି, ଯେଉଁସବୁ ସାମାଜିକ ଆଦର୍ଶବାଦ ମୁଣ୍ଡ ଟେକିଛନ୍ତି – ସମସ୍ତେ ଏହି ଶାସନର ଦିଗଟି କିପରି ଅଧିକ ମହତ୍, ଉଦାର, ଜନପ୍ରିୟ ହେବ ଏବଂ ଶାନ୍ତି, ସ୍ୱାଧୀନତା ଓ ମୈତ୍ରୀ ଆଦି ଭାବର ପରିପୋଷକ ହେବ, ତା' ଉପରେ ଜୋର୍ ଦେଇଛନ୍ତି । ଏପରିକି କମ୍ୟୁନିଷ୍ଟ ସମାଜର ଉଚ୍ଚତମ ଅବସ୍ଥାରେ ଓ ଗାନ୍ଧିଜୀଙ୍କର ସର୍ବୋଦୟ ସମାଜରେ ଶାସନର ସମ୍ପୂର୍ଣ୍ଣ ବିଲୋପର ସ୍ୱପ୍ନ ଦେଖା ହୋଇଛି ।

କିନ୍ତୁ ଆଜି ପର୍ଯ୍ୟନ୍ତ ଜନସମାଜର ସର୍ବୋତ୍ତମ ମଙ୍ଗଳ ସାଧନ କରୁଥିବା ଆଦର୍ଶ ଶାସନ ପ୍ରତିଷ୍ଠା ଦିଗରେ କୌଣସି ଗୋଟିଏ ହେଲେ ବ୍ୟବସ୍ଥା କୃତକାର୍ଯ୍ୟ ହୋଇପାରି ନାହିଁ । ସେ ରାଜତନ୍ତ୍ର ହେଉ ବା ଗଣତନ୍ତ୍ର ହେଉ ବା ସମାଜତନ୍ତ୍ର ହେଉ, ଆଦର୍ଶ ଶାସନ ପ୍ରତିଷ୍ଠା ଦିଗରେ ସମସ୍ତଙ୍କର ସ୍ୱପ୍ନ ବ୍ୟର୍ଥ ହୋଇଛି । କାରଣ ରାଷ୍ଟ୍ରୀୟ ପଦ୍ଧତି ବା ପ୍ରଣାଳୀର କୌଣସି ବାହ୍ୟ ପରିବର୍ତ୍ତନ ମଣିଷର ଚେତନାକୁ ବଦଳାଇ ପାରି ନାହିଁ । ଶାସନ କଳର ପରିଚାଳନା ହାତକୁ ନେଇ କ୍ଷମତାରେ ବସିଥିବା ବ୍ୟକ୍ତି ବା ଗୋଷ୍ଠୀ ନିଜର ବ୍ୟକ୍ତିଗତ ବା ଗୋଷ୍ଠୀଗତ ସ୍ୱାର୍ଥକୁହିଁ ପ୍ରାଧାନ୍ୟ ଦେଇଛନ୍ତି ଓ ନିଷ୍କଣ୍ଟକ ଭାବରେ ସେହି ସ୍ୱାର୍ଥର ସେବା କରିବା ପାଇଁ ଜନସାଧାରଣଙ୍କର ବ୍ୟାପକତମ ଅଂଶ ଉପରେ ଲଦି ଦେଇଛନ୍ତି ଶାସନର ଦୃଢ଼ ଶିକୁଳି ଓ ଅର୍ଗଳ । ବିପ୍ଳବ ପରେ ବିପ୍ଳବ ହୋଇଛି, ଶାସନ ପରେ ଶାସନ ଭାଙ୍ଗି ପଡ଼ିଛି, ଗୋଟିଏ ରାଷ୍ଟ୍ର ବ୍ୟବସ୍ଥା ସ୍ଥାନରେ ଅନ୍ୟ ଏକ ବ୍ୟବସ୍ଥା ଛିଡ଼ା ହୋଇଛି କିନ୍ତୁ ଶାସନର ମୂଳ ଚରିତ୍ରରେ କିଛି ପରିବର୍ତ୍ତନ ଆସି ନାହିଁ । ଏହାର କାରଣ ହେଉଛି ଶାସକ ଓ ଶାସିତ ଉଭୟଙ୍କର ଚେତନାରେ କିଛି ପରିବର୍ତ୍ତନ ଆସି ନାହିଁ, ତାହା ରହିଯାଇଛି ସେହି କାମନା, ବାସନାର ଅଜ୍ଞାନ ଅନ୍ଧକାରରେ ।

ତେଣୁ ଶାସନଗତ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ହେବ ଏକମାତ୍ର ସତ୍ୟ ଚେତନାର ରାଜୁତି ଦ୍ୱାରା । ଏ ସମ୍ପର୍କରେ କହିବାକୁ ଯାଇ ଶ୍ରୀମା ଥରେ ସୂଚାଇ ଥିଲେ, "The only thing that could be competent is the Truth-Consciousness, which would choose instruments and express itself through a certain number of instruments in the absence of one – 'one' is not enough either, 'one' would necessarily have to choose a group."

(CWM : Vol. 13, p. 274)

ଅର୍ଥାତ୍ – ''ଏ ଦିଗରେ ଏକମାତ୍ର ସମର୍ଥ ହୋଇ ପାରିବ ସତ୍ୟ ଚେତନା ଯାହାକି ନିଜର ମାଧ୍ୟମ ଓ ଯନ୍ତ୍ର ବାଛି ନେବ ଏବଂ ଅଳ୍ପ କେଇଜଣଙ୍କ ଭିତର ଦେଇ ନିଜକୁ ଅଭିବ୍ୟକ୍ତ କରିବ ଯଦି ସେପରି ଜଣେ କେହି ବ୍ୟକ୍ତି ନ ବାହାରନ୍ତି (ଜଣେ ମଧ୍ୟ ଯଥେଷ୍ଟ ନୁହନ୍ତି କାରଣ ସେହି '**ଜଣ**'ଙ୍କୁ ମଧ୍ୟ ଏକ ଗୋଷ୍ଠୀ ବାଛିବାକୁ ପଡ଼ିବ) ।''

ତେଣୁ ନୂଆ ଯୁଗରେ ଆଦର୍ଶ ଶାସନର ପ୍ରଥମ କଥା ହେଲା ଶାସନର ସର୍ବୋଚ୍ଚ ଆସନରେ ଯେଉଁ ବ୍ୟକ୍ତିମାନେ ରହିବେ – ଚେତନାର ସର୍ବୋଚ୍ଚ ସ୍ତର ସହିତ, ସତ୍ୟର ସର୍ବୋତ୍ତମ ପ୍ରକାଶ ସହିତ ସେମାନଙ୍କର ନିବିଡ଼, ସଚେତ ଓ ଜୀବନ୍ତ ସଂଯୋଗ ରହିବା ଆବଶ୍ୟକ । ଶାସନରେ ଆସନର ସୋପାନ ବିନ୍ୟାସ (Hierarchy) ମଧ୍ୟ ହେବା ଉଚିତ ଚେତନାର ସୋପାନ ବିନ୍ୟାସ ଅନୁଯାୟୀ । ଅନ୍ୟ କଥାରେ କହିଲେ ଶାସନକଳକୁ ଚଳାଉଥିବା କ୍ଷମତାରେ ଆସୀନ ବ୍ୟକ୍ତିମାନେ

ସ୍ୱୟଂ ସତ୍ୟ ଚେତନା ଦ୍ୱାରା ଚାଳିତ ନହେଲେ ସେ ରାଷ୍ଟ୍ରକୁ ନୂଆ ଯୁଗର ରାଷ୍ଟ୍ର ବୋଲି କୁହାଯାଇ ପାରିବ ନାହିଁ । ସେହିଭଳି ରାଷ୍ଟ୍ରରେ, ଶ୍ରୀମା'ଙ୍କ କଥାରେ,

"It is individuals who have reached a higher consciousness that have the right to rule – not others – it does not matter to which class the individual belongs."

ଅର୍ଥାତ୍, ''ଯେଉଁ ବ୍ୟକ୍ତିମାନେ ଉଚ୍ଚତର ଏକ ଚେତନାରେ ପହଞ୍ଚି ପାରିଛନ୍ତି ସେହିମାନଙ୍କର କେବଳ ଶାସନ କରିବାର ଅଧିକାର ରହିଛି, ଅନ୍ୟମାନଙ୍କର ନୁହେଁ,— ସେମାନେ ଯେଉଁ ଶ୍ରେଣୀରୁ ଆସି ଥାଆନ୍ତୁ ନା କାହିଁକି ।''

ଏଠାରେ ଆଉ ଗୋଟିଏ କଥା ମନେ ରଖିବାକୁ ହେବ ଯେ ଏପର୍ଯ୍ୟନ୍ତ ଏକ ବଦ୍ଧମୂଳ ସଂସ୍କାର ରହି ଆସିଛି ଯେ ଉଚ୍ଚତର ଆଧ୍ୟାତ୍ମିକ ଚେତନା କେବଳ ଉଚ୍ଚତର ବିଷୟରେ ବ୍ୟାପୃତ ରହିବ; ତା'ର ଏହି ନିମ୍ନତର ଜଗତ୍ ଓ ସଂସାରର ବୈଷୟିକ, ବ୍ୟାବହାରିକ ବ୍ୟାପାର ସଙ୍ଗେ କିଛି ସମ୍ପର୍କ ନାହିଁ । ଯୋଗୀ ଓ ସାଧୁସନ୍ଥମାନେ କେବଳ ଜପ, ତପ, ଧ୍ୟାନ, ଧାରଣାରେ ବୁଡ଼ି ରହିବେ; କିନ୍ତୁ ରାଷ୍ଟ୍ରଚାଳନାର ଦାୟିତ୍ୱ ନ୍ୟସ୍ତ ରହିବ ସେହି ଲୋକମାନଙ୍କ ହାତରେ ଯେଉଁମାନଙ୍କର ଚେତନା ଆଧ୍ୟାତ୍ମିକତା ଠାରୁ ଦୂରରେ । କାରଣ କେବଳ ଜାଗତିକ ଜଡ଼-ମନ-ପ୍ରାଣ ପ୍ରଧାନ ଶକ୍ତିହିଁ ସଫଳ ଭାବରେ ଜାଗତିକ ସମସ୍ୟାର ସମାଧାନ ଆଣିବା ପାଇଁ ସମର୍ଥ । କିନ୍ତୁ ଭାରତୀୟ ପରମ୍ପରାର ଜନକ ଆଦି ରାଜର୍ଷିବୃନ୍ଦଙ୍କ ଇତିହାସ ଏକ ଭିନ୍ନ ସାକ୍ଷ୍ୟ ଦିଏ । ଶ୍ରୀମା ଓ ଶ୍ରୀଅରବିନ୍ଦ ମଧ୍ୟ ବରାବର କହି ଆସିଛନ୍ତି ଯେ ଏହା ଏକ ସମ୍ପୂର୍ଣ୍ଣ ଭୁଲ୍ ଧାରଣା ଓ ଜଗତର ବର୍ତ୍ତମାନ ଦୂରବସ୍ଥା ପାଇଁ ଏହି ଦୃଷ୍ଟିଭଙ୍ଗୀହିଁ ଦାୟୀ । ଶ୍ରୀମା ଓ ଶ୍ରୀଅରବିନ୍ଦ ଯେଉଁ ଅତିମାନସ ସତ୍ୟ ଚେତନା ବିଷୟରେ କହିଛନ୍ତି, ସେହି ଅନୁସାରେ ଶ୍ରୀମାଙ୍କ ଭାଷାରେ, "...that this power is capable of ordering material things in a way that is truer, happier and better for everyone than any material power."

(CWM : Vol. 13, p. 272)

ଅର୍ଥାତ୍, ''ଯେକୌଣସି ଭୌତିକ ଜାଗତିକ ଶକ୍ତି ଅପେକ୍ଷା ଏହି ଶକ୍ତି ଜାଗତିକ ବିଷୟସବୁକୁ ଅନେକ ଅଧିକ ସତ୍ୟମୂଳକ, ଅନେକ ଅଧିକ ସନ୍ତୋଷଜନକ ଓ ସମସ୍ତଙ୍କ ପାଇଁ କଲ୍ୟାଣକର ଭାବେ ଶାସନ କରିବା ପାଇଁ ସମର୍ଥ ।''

ସେଥିପାଇଁ ଯେତେ ଦୀର୍ଘ ଦିନ ଲାଗୁ ପଛେ, କେବଳ ସର୍ବୋଚ୍ଚ ସତ୍ୟ ଚେତନା, ଅତିମାନସ ଚେତନାର ସ୍ପର୍ଶ ପାଇବା ଦ୍ୱାରା ଓ ତାହା ସହିତ ସଂଯୁକ୍ତ ହେବା ଦ୍ୱାରାହିଁ ମଣିଷକୁ ମିଳିବ ଶାସନ ଆଦି ସଂସାର ଓ ଜୀବନର ସମସ୍ତ ଜାଗତିକ ସମସ୍ୟାର ସମାଧାନର ଚାବିକାଠି । କାରଣ କେବଳ ସେହିଠାରେହିଁ ଆମେ ଦେଖି ପାରିବୁ ସଂସାର ଓ ଜୀବନ ପଛରେ, ଶାସନ ଆଦି ତା'ର ନାନା ବିଭାବ ପଛରେ ରହିଥିବା ଭାଗବତ ଯୋଜନାର ପ୍ରକୃତ ଉଦ୍ଦେଶ୍ୟ । ବ୍ୟକ୍ତି ଓ ବସ୍ତୁମାନଙ୍କ ଭିତରେ ଆପାତ ଦୃଷ୍ଟିରେ ପାରସ୍ପରିକ ଯେତେ ବିରୋଧିତା ଥିଲେ ମଧ୍ୟ ସେହିଠାରେହିଁ ଏକ ସର୍ବାଙ୍ଗୀନ ସମନ୍ୱୟର ସତ୍ୟରେ ସେମାନଙ୍କର ଯଥାର୍ଥ ସ୍ଥାନ ଓ ଭୂମିକା ନିରୂପିତ ହୋଇଛି । ସେହି ସତ୍ୟଦୃଷ୍ଟି ଲାଭ ଫଳରେହିଁ ମଣିଷ କେବଳ ଜ୍ଞାନ ନୁହେଁ ତହିଁ ସଙ୍ଗେ ସଙ୍ଗେ ଶକ୍ତି ମଧ୍ୟ ପାଇବ ଜୀବନ ଓ ଜଗତର ବାସ୍ତବ ସମସ୍ୟାର ସମାଧାନ ପାଇଁ । ଶ୍ରୀମା ତେଣୁ କହିଥିଲେ ଯେ ଏହି ଚେତନା ଲାଭ କରିଛି ବୋଲି କେହି ଛଳନା କରିବାର ଅବକାଶ ରହିବ ନାହିଁ । କାରଣ ଜଣେ ହୁଏତ ସେହି ଚେତନାରେ ପହଞ୍ଚିଛି କିଂବା ପହଞ୍ଚି ନାହିଁ । ଯଦି ପହଞ୍ଚି ଥାଏ ତେବେ ତା' ପାଇଁ ସମାଧାନ ନ ହେବା ଭଳି କୌଣସି ସମସ୍ୟା ରହିବ ନାହିଁ । ତା' ଭିତରେ ଫୁଟି ଉଠିବ ସମନ୍ୱୟମୂଳକ ସମାଧାନ ପାଇଁ ଜ୍ଞାନ ଓ ଶକ୍ତିର ଦିବ୍ୟ ପ୍ରକାଶ । ତା' ଆଗରେ ସମସ୍ୟାଗୁଡ଼ିକ ଉପସ୍ଥାପିତ ହେବା ମାତ୍ରେ ରୂପାନ୍ତରକାରୀ ଅତିମାନସ ଚେତନାର ଦିବ୍ୟ ସ୍ପର୍ଶରେ କୌଣସି ବିରୋଧ, ସଂଘର୍ଷ, ଉତ୍ତେଜନା ବା ଅସନ୍ତୋଷର ଅବକାଶ ନ ରଖି ଏକ ସଙ୍ଗତି, ସୌହାର୍ଦ୍ଦ୍ୟ ଓ ସମନ୍ୱୟର ବାତାବରଣ ଭିତରେ ସେଗୁଡ଼ିକର ସମାଧାନ ହେବ ସହଜ ସ୍ୱତଃସ୍ଫୂର୍ତ୍ତ ଭାବରେ ।

ତେଣୁ ଅତିମାନସ ସତ୍ୟ ଚେତନାହିଁ ହେବ ନୂଆ ଯୁଗରେ ଶାସନର କର୍ଣ୍ଣଧାର ଓ ତାହାର ସ୍ପର୍ଶଲାଭ କରିଥିବା ବ୍ୟକ୍ତିମାନେ ହୋଇ ଉଠିବେ ତା'ର ସଚେତ ଯନ୍ତ୍ର । ✤

Statement about ownership and other particulars about the newspaper (NAVAJYOTI) to be published in the first issue of every year after the last day of February.

## Form – IV

(See Rule 8)

| | | |
|---|---|---|
| 1. Place of Publication | ··· | Sri Aurobindo Ashram, Pondicherry - 605 002 |
| 2. Periodicity of its Publication | ··· | Quarterly |
| 3. Printer's Name | ··· | Swadhin Chatterjee |
| Nationality | ··· | Indian |
| Address | ··· | Sri Aurobindo Ashram Press, Pondicherry - 605 002 |
| 4. Publisher's Name | ··· | Manoj Das Gupta |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 5. Editor's Name | ··· | Biswambhara Samanta |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 6. Name and Address of individuals who own the newspaper and partners or shareholders holding more than one percent of the total capital. | ··· | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.

(Sd/) Manoj Das Gupta


*Date : 25.04.2022* *Signature of Publisher*

Vol. LXV, No. 2, NAVAJYOTI – 24 April, 2022, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**